# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୦/୨୦୨୬ (୧୬ ପୃଷ୍ଠା) | Bhubaneswar, Tuesday, January 20/2026 | Page 16 | ₹ 7.00

୫୨ଶ ଭାଗ ୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 58 | ମୂଲ୍ୟ ₹୭/-






Celebrating
60
Years of
Anokha Swad
KP GROUP
DIAMOND JUBILEE
KAMLA PASAND
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୦/୨୦୨୬ | Bhubaneswar, Tuesday, January 20/2026






# ବଡ଼ବିଲରେ ବଡ଼ ବ୍ୟାଙ୍କ ଡକାୟତି

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରୁ ଲୁଟିନେଲେ ୭.୫ କୋଟିର ସୁନା ଅଳଙ୍କାର

**ବ୍ୟାଙ୍କରେ ସୁନା ଅଳଙ୍କାର ଦେଇ ଲୋକମାନେ ଋଣ ନେଉଛନ୍ତି। ଏପରି କି ଅନେକେ ବ୍ୟାଙ୍କକୁ ସୁରକ୍ଷିତ ସ୍ଥାନ ମନେକରି ନିଜର ସୁନାଅଳଙ୍କାରକୁ ବ୍ୟାଙ୍କ ଲକରରେ ରଖୁଛନ୍ତି। ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅବହେଳା ଏବଂ ସୁରକ୍ଷା ଅଭାବରୁ ବିଭିନ୍ନ ସମୟରେ ବ୍ୟାଙ୍କ ଲୁଟ୍ ହେଉଛି। ସୋମବାର କେନ୍ଦୁଝର ଜିଲା ବଡ଼ବିଲ୍‌ସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ସଶସ୍ତ୍ର ଡକାୟତି ହୋଇଛି। ୫ରୁ ୬ ମୁଖାପିନ୍ଧା ଦୁର୍ବୃତ୍ତ ବନ୍ଧୁକ ମୁନରେ ୭.୫୦ କୋଟି ଟଙ୍କାର ସୁନା ଅଳଙ୍କାର ଏବଂ ୪.୩୪ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ବଡ଼ବିଲରୁ ରାଜ୍ୟର ସବୁଠୁ ବଡ଼ ବ୍ୟାଙ୍କ ଡକାୟତି ବୋଲି କୁହାଯାଉଛି। ବ୍ୟାଙ୍କରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଏବଂ ଏସ୍‌ଓପି ପାଳନ କରାଯାଇ ନ ଥିବାରୁ ଦୁର୍ବୃତ୍ତମାନେ ଡକାୟତି କରି ଫେରାର ହେବାରେ ସଫଳ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଦୁର୍ବୃତ୍ତଙ୍କୁ ଧରିବାକୁ ଏବେ ସୀମା ସିଲ୍ କରି ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ ଚାଲିଥିବା ଏସ୍‌ପି କହିଛନ୍ତି।**

ବଡ଼ବିଲ,୧୯।୧(ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲ ସବ୍‌ଡିଭିଜନାଲ ପୋଲିସ ଅଫିସର (ଏସ୍‌ଡିପିଓ)ଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୨ ଶହ ମିଟର ଦୂରରେ ଥିବା ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ବଡ଼ବିଲ ଶାଖାରେ ସୋମବାର ସଶସ୍ତ୍ର ଡକାୟତି ହୋଇଛି। ୫ ରୁ ୬ ଦୁର୍ବୃତ୍ତ ବ୍ୟାଙ୍କ ଭିତରେ ପଶି ବନ୍ଧୁକ ମୁନରେ ଷ୍ଟ୍ରଙ୍ଗ୍‌ରୁମ୍‌ରୁ ପ୍ରାୟ ୭.୫୦ କୋଟିର ସ୍ୱର୍ଣ୍ଣ ଅଳଙ୍କାର ଏବଂ ନଗଦ ପ୍ରାୟ ୪.୩୪ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଘଟଣାସ୍ଥଳରେ କେନ୍ଦୁଝର ଏସ୍‌ପିଙ୍କ ସମେତ ପୋଲିସ ଅଧିକାରୀ ପହଞ୍ଚି ତନାଘନା ଆରମ୍ଭ କରିଛନ୍ତି। ରାଜ୍ୟ ସୀମାନ୍ତକୁ ସିଲ୍ କରି ଖାନ୍‌ତଲାସି ଜାରି ରହିଥିବା ବଡ଼ବିଲ ଥାନା ଅଧିକାରୀ ଅଶୋକ ନାୟକ କହିଛନ୍ତି। ବ୍ୟାଙ୍କ ଏସ୍‌ଓପି ପାଳନ କରି ନ ଥିବା ଓ ସୁରକ୍ଷାକର୍ମୀ ନ ଥିବାରୁ ପୋଲିସ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଛି।

ସୂଚନା ଅନୁଯାୟୀ, ବଡ଼ବିଲ-କଳିଙ୍ଗନଗର ରାସ୍ତାରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ବଡ଼ବିଲ ଶାଖା ରହିଛି। ସୋମବାର ଅପରାହ୍ନରେ ୫ରୁ ୬ ବନ୍ଧୁକଧାରୀ ଦୁର୍ବୃତ୍ତ ମୁଖା, ହେଲମେଟ୍ ପିନ୍ଧି ବ୍ୟାଙ୍କ ଭିତରକୁ ପ୍ରବେଶ ☞ ପୃଷ୍ଠା-୨



## ରୁଷିଆରେ ପ୍ରବଳ ତୁଷାରପାତ: ୧୩୦ ବର୍ଷର ରେକର୍ଡ ଭାଙ୍ଗିଲା

ରୁଷିଆର ଦୂର ପ୍ରାଚ୍ୟରେ ଅବସ୍ଥିତ କାମଚାଟକା ଉପଦ୍ୱୀପରେ ପ୍ରବଳ ତୁଷାରପାତ ଯୋଗୁ ସେଠାକାର ଅନେକ ସହର ବରଫ ତଳେ ଏକପ୍ରକାର ପୋତି ହୋଇଯାଇଛି। ଏଭଳି ତୁଷାରପାତ ଗତ ପ୍ରାୟ ୧୩୦ ବର୍ଷର ରେକର୍ଡ ଭାଙ୍ଗିଥିବା କେତେକ ରିପୋର୍ଟ ଦର୍ଶାଉଛି। ସେଠାକାର ରାଜଧାନୀ ପେଟ୍ରୋପାଭଲୋଭସ୍କ-କାମଚାଟସ୍କିରେ ୧୦ରୁ ୪୦ ଫୁଟ ଯାଏ ବରଫ ଜମିଯାଇଛି। ଫଳରେ ୪ ମହଲା କୋଠା ପର୍ଯ୍ୟନ୍ତ ବରଫ ମାଡ଼ି ଯାଇଛି। ଏହା ସମ୍ପୂର୍ଣ୍ଣ ଯୋଗାଯୋଗ ବ୍ୟବସ୍ଥାକୁ ଅଚଳ କରିଦେଇଥିବାବେଳେ କୋଠା ଛାତରୁ ବଡ଼ ବଡ଼ ବରଫ ଖସି କେତେଜଣ ଲୋକଙ୍କ ମୃତ୍ୟୁ ଘଟିଛି।

## ୨ ହାଇସ୍ପିଡ୍ ଟ୍ରେନ୍ ମଧ୍ୟରେ ଧକ୍କା: ୩୯ ମୃତ

ଆଡାମୁଜ୍(ସ୍ପେନ୍),୧୯।୧

ସ୍ପେନ୍‌ର ଦକ୍ଷିଣ ଭାଗରେ ଏକ ହାଇସ୍ପିଡ୍ ଟ୍ରେନ୍ ରବିବାର ରାତିରେ ଲାଇନଚ୍ୟୁତ ହୋଇ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ଟ୍ରେନ୍‌କୁ ଧକ୍କା ଦେବାରୁ ଅନ୍ୟୂନ ୩୯ ଜଣଙ୍କ ମୃତ୍ୟୁ ଘଟିବା ସହ ୧୫୯ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୮ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ୧୨ ଜଣଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ରଖାଯାଇଛି। ୨୦୧୩ ପରେ ଦେଶରେ ଏହା ସବୁଠୁ ମର୍ମନ୍ତୁଦ ରେଳ ଦୁର୍ଘଟଣା। କେତେଜଣ ଆହତ ଯାତ୍ରୀଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ☞ ପୃଷ୍ଠା-୨

## ନୀତିନ ନବୀନ ଭାଜପା ଅଧ୍ୟକ୍ଷ ନିର୍ବାଚିତ

ନୂଆଦିଲ୍ଲୀ,୧୯।୧



ଭାଜପା ନେତା ନୀତିନ ନବୀନ ସୋମବାର ନିର୍ଦ୍ୱନ୍ଦ୍ୱରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ମଙ୍ଗଳବାର ସେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିବେ। ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ଦଳ ମୁଖ୍ୟାଳୟଠାରେ ପଦବୀ ହସ୍ତାନ୍ତର ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଦଳର ଅନ୍ୟ ବରିଷ୍ଠ ନେତାମାନେ ଯୋଗଦେବେ। ଭାଜପାର ୩୬ ସାଂଗଠନିକ ରାଜ୍ୟରୁ ୩୦ଟିରେ ସଭାପତି ନିର୍ବାଚନ ଶେଷ ହେବା ପରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ବୋଲି ☞ ପୃଷ୍ଠା-୨

**ଆଜିର ସମ୍ପାଦକୀୟ** କୁଲି, ମୂଲିଆଙ୍କ ଦେଶ

# ଯୁବକଙ୍କୁ ଗୁଳିକରି ହତ୍ୟା

ଖୋର୍ଦ୍ଧା/ବେଗୁନିଆ,୧୯।୧(ପ୍ରଭାତ ପାଣିଗ୍ରାହୀ/ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଦଲକ ଗ୍ରାମ ନିକଟ ପାହାଡ଼ ପାଦଦେଶରେ ସୋମବାର ରାତିରେ ଜଣେ ଯୁବକଙ୍କୁ ଗୁଳି କରି ହତ୍ୟା କରାଯାଇଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ଦେଉଳି ପଞ୍ଚାୟତ ଜାମୁସାହି ଗ୍ରାମର ଗୁଟୁ ଓରଫ ବାସୁଦେବ ପରିଡ଼ା(୪୨)। ଦୁର୍ବୃତ୍ତମାନେ ବାସୁଦେବଙ୍କୁ ଦଲକ ଗାଁ ନିକଟ ରାସ୍ତାରୁ ଉକ୍ତ ପାହାଡ଼ ପାଦଦେଶକୁ ଡାକିନେଇ ତାଙ୍କ ମୁଣ୍ଡ ଏବଂ ଛାତିକୁ ଗୁଳିମାଡ଼ କରିଥିବା ଜଣାପଡ଼ିଛି। ତେବେ ଗୁଳିମାଡ଼ର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୂର୍ବ ଶତ୍ରୁତା ଏବଂ ଖଣି ବ୍ୟବସାୟକୁ ନେଇ ଏଭଳି ଘଟଣା ଘଟିଛି ବୋଲି ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ଏହି ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଛି। ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ ସଦଳବଳ ପହଞ୍ଚି ତଦନ୍ତ ଚଳାଇବା ସହ ଘଟଣାସ୍ଥଳରୁ ୨ଟି ଖୋକା ☞ ପୃଷ୍ଠା-୨


SIKSHA 'O' ANUSANDHAN

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 10th Best in Law Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through CLAT 2026, Please visit: www.soa.ac.in




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ପକ୍ଷରୁ ବ୍ୟାଙ୍କନାଳ ଭେଣ୍ଡର ଡେ ପାଳନ ଅବସରରେ ପଦଯାତ୍ରା, ସ୍ଥାନ: ବିଏମ୍‌ସି ଅଫିସ, ସମୟ: ସକାଳ ୯ଟା, ରାଜ୍ୟପାଳଙ୍କ କାର୍ଯ୍ୟାଳୟ, ସ୍ଥାନ: ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର, ୟୁନିଟ୍-୪, ସମୟ: ପୂର୍ବାହ୍ନ ୧୦ଟା।
- ବହ୍ନି ଜଗନ୍ନାଥ ଇଂଲିଶ ମିଡିୟମ ସ୍କୁଲ ପକ୍ଷରୁ ବାର୍ଷିକ ପ୍ରଦର୍ଶନୀ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ମେନ୍ ବୁକ୍, ଆଉଟିଓ ଗ୍ରାଉଣ୍ଡ, ସମୟ: ସକାଳ ୯ଟା ୩୦।
- ଓଡ଼ିଶା ରିଓପ୍ରମା ଇଂଜିନିୟର୍ସ ସେବାସଂଘ ପକ୍ଷରୁ ବାର୍ଷିକ ସମ୍ମିଳନୀ, ସ୍ଥାନ: ଓଡ଼ିଶା ଭବନ, ୭ ଖାରବେଳ, ସମୟ: ପୂର୍ବାହ୍ନ ୧୧ଟା।
- କଳିଙ୍ଗ ସେନା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସୂଚନାଭବନ, ସମୟ: ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ରାଜ୍ୟସରୀ ଭଠାକୋଳୀ ମହାସଂଘ ପକ୍ଷରୁ ସମସ୍ତ ଭଠାକୋଳୀ, ଗେଞ୍ଜି ତୋଳା ଓ ଗିଲ୍ଲେସ ବନ୍ଦ ଦାବୀରେ ଏବଂ ରାଜ୍ୟସ୍ତରୀୟ ସମାବେଶ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୧ଟା ୨୦।
- ବିପ୍ଳବୀ ତରୁଣ ଇଣ୍ଡିଆ ପକ୍ଷରୁ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ସୂଚନାଭବନ, ସମୟ: ସନ୍ଧ୍ୟା ୬ଟା।
- ମନନ ନାଟ୍ୟ ସଂସ୍ଥା ପକ୍ଷରୁ ଫାଉଣ୍ଡେସନ୍ ଡେ ପାଳନ ଅବସରରେ ଡ୍ରାମା ଫେଷ୍ଟିଭାଲ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ତ୍ରିବେଣୀ ମହୋତ୍ସବ, ସ୍ଥାନ: ତ୍ରିବେଣୀ ପଡ଼ିଆ, ଅଭଦେବୀ ପୀଠ ନିକଟ, ବନମାଳୀପୁର, ସମୟ: ସନ୍ଧ୍ୟା ୬ଟା।

**କଟକ**
- ଉତ୍କଳ ରଜକ କଲ୍ୟାଣ ସମାଜ ପକ୍ଷରୁ ପୋଙ୍ଗଲ ପୂଜା ଓ ପ୍ରତିଷ୍ଠା ଦିବସ, ସ୍ଥାନ: କମ୍ୟୁନିଟି ସେଣ୍ଟର, ବିଦ୍ୟାଧରପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକାଦଶ ଦିବସ, ସ୍ଥାନ: ରେଭେନ୍ସା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସିଂଘଲ ପରିବାର ପକ୍ଷରୁ ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞର ଷଷ୍ଠ ଦିବସ, ସ୍ଥାନ: ଜେବିଏସ ଗାର୍ଡେନ, ତୁଳସୀ ପୁର, ସମୟ: ଅପରାହ୍ନ ୩ଟା।
- ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- କବୟିତ୍ରୀ କବିତା ମିଶ୍ରଙ୍କ ମଧରେଖା କବିତା ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: କାଳୀ ଭବନ, ଖାନନଗର, ସମୟ: ଅପରାହ୍ନ ୫ଟା।
- କଳିଙ୍ଗ ଭାରତୀ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ଗୁରୁ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ଜୟନ୍ତୀରେ ସାରସ୍ୱତ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ଭଞ୍ଜ ମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**
- ଖୋର୍ଦ୍ଧା ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା, ସ୍ଥାନ: ବିଡିଏ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜଟଣୀ ପୌରପରିଷଦ ସ୍ତରୀୟ ସାମୂହିକ ବନ୍ଦେ ମାତରମ୍ ଗାନ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ୍, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାପା ମା' ସେବାଶ୍ରମ ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବ, ସ୍ଥାନ: ସେବାଶ୍ରମ ପରିସର, ତିଗିରିଆ, ରାଣୀପୁର, ଜଟଣୀ, ସମୟ: ଅପରାହ୍ନ ୧ଟା।
- ବିଶ୍ୱଶାନ୍ତି ଯଜ୍ଞର ପୂର୍ଣ୍ଣାହୁତି, ମା' ତାରିଣୀ ମନ୍ଦିର, ନୟାପଲ୍ଲୀ ରୋଡ, ସମୟ: ଅପରାହ୍ନ ୫ଟା।

**ପୁରୀ**
- ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମେଳଣପଡ଼ିଆ, ଖଡ଼ିପଦା, ସମୟ: ଅପରାହ୍ନ ୩ଟା ୩୦।
- ନୀଳାଚଳ ସାରସ୍ୱତ ସଂଘ ପକ୍ଷରୁ ବୈଠକ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ଅପରାହ୍ନ ୪ଟା।
- ପୁରୀ ଜିଲ୍ଲା ଓକିଲ ସଂଘ ପକ୍ଷରୁ ପିକେଟିଂ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ହସ୍ପିଟାଲ ଛକ, ଭିଆଇପି ରୋଡ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଛିନ୍ନ ସନ୍ତିଳା, ସ୍ଥାନ: ରାମ ମନ୍ଦିର, ଷ୍ଟେସନ ରୋଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହରିହର ମିଶ୍ର ଭଉଣୀ ଅବସରରେ ନାଟକ 'ସୁଖବାସୀ', ସ୍ଥାନ: ଅନ୍ନପୂର୍ଣ୍ଣା ଥିଏଟର, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ, ସ୍ଥାନ: ବାହାନଗାର୍ଡ଼ନ, ବାଲେଶ୍ୱର, ସମୟ: ସକାଳ ୮ଟା।
- କଂଗ୍ରେସ ପକ୍ଷରୁ ଘେରାଉ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ମେଗା ରକ୍ତଦାନ ଶିବିର, ସ୍ଥାନ: ଜୁଲସୀ ନଗର, ସମୟ: ସକାଳ ୮ଟା।

**ଗଞ୍ଜାମ**
- ବେଠିଆବୋରଡା ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: କୁତୁରା ବ୍ଲକ୍, ବେଠିଆବୋରଡା ସ୍କୁଲ, ସମୟ: ପୂର୍ବାହ୍ନ ୧୦ ଟା।
- ନିଷ୍ଠ ବିଶ୍ୱବିଦ୍ୟାଳୟର ୨୯ ପ୍ରତିଷ୍ଠା ଦିବସ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ ଟା।

**ଢେଙ୍କାନାଳ**
- ପଲ୍ଲିଶ୍ରୀ ମେଳା ୨୦୨୫-୨୦୨୬, ସ୍ଥାନ: ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ, ସମୟ: ସକାଳ ୯ଟା।
- ଢେଙ୍କାନାଳ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ ମହିଷାପାଟ ପଲ୍ଲିଶ୍ରୀ ମେଳାପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ ବାରାଦା ମାତୃଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- କୋଷ୍ଟଗାର୍ଡର ୫୦ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।
- ପାରାଦୀପ ପୌରପରିଷଦ ପକ୍ଷରୁ ବନ୍ଦେ ମାତରମ ୧୫୦ତମ ପୂର୍ତ୍ତି ଉପଲକ୍ଷେ ସାଧାରଣ ସଭା ଓ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ,ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

**କେନ୍ଦ୍ରାପଡ଼ା**
- ସାର୍ବଜନିନ ଗଙ୍ଗା ପୂଜା, ମକର ମେଳା ଓ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତୀ, ମହାକାଳପଡା, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଢ଼ୋଲ, ଜମରା, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ଖଣ୍ଡପଡା ବିଧାୟକଙ୍କ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଭାପୁର ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ:ପୂର୍ବାହ୍ନ ୧୦ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନମେଣ୍ଟର ୫ମ ଦିବସ ମ୍ୟାଚ ଗୋପୀନାଥପୁର ବନାମ କଣ୍ଟିଲୋ ଲାଇଫଟାଇମ କ୍ରିକେଟ କ୍ଲବ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।

**ରାୟଗଡ଼ା**
- ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମ୍ ୧୫୦ ବର୍ଷ ପାଳନ, ସ୍ଥାନ: ଗୁଡାରି ନିଘାମନ ସାହି କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।
- ବ୍ଲକ କଂଗ୍ରେସର ମିଶ୍ରଣ ପର୍ବ, ସ୍ଥାନ: ଇରିପିଗୁଟ, କଲ୍ୟାଣସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ସାମୁହିକ ବନ୍ଦେ ମାତରମ୍ ଗାନ, ସ୍ଥାନ: ଉମରକୋଟ ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- କୋଟପାଡ଼ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, କୋଟପାଡ଼, ସମୟ: ପୂର୍ବାହ୍ନ ୧୧ଟା।

**ମାଲକାନଗିରି**
- ବିଜ୍ଞାନ ମେଳା, ସ୍ଥାନ: ଲକ୍ଷ୍ମଣ ନାୟକ ଇଂଲିଶ ମିଡିୟମ ସ୍କୁଲ, କାଲିମେଲା, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ, କାଲିମେଲା, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ସମ୍ବଲପୁରୀ ଧନୁଯାତ୍ରାର ନନ୍ଦ ଉତ୍ସବ କାର୍ଯ୍ୟକ୍ରମ, ସ୍ଥାନ : ଚାଉଁରପୁର ଗ୍ରାମ, ସମୟ : ସକାଳ ୯ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ କଂସ ମହାରାଜଙ୍କ ନଗର ପରିକ୍ରମା, ସ୍ଥାନ : କ୍ଷେତରାଜପୁର ଅଞ୍ଚଳ, ସମୟ : ଅପରାହ୍ନ ୩ଟା।

**ବଲାଙ୍ଗୀର**
- ବଲାଙ୍ଗୀର ଲୋକ ଉତ୍ସବର ଦ୍ୱିତୀୟ ଦିନ, ଜିଲାସ୍ତରୀୟ ଲୋକଗୀତ ପ୍ରତିଯୋଗିତା, ସ୍ଥାନ: ପୁରୁଣା ମଞ୍ଚ, କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ବଲାଙ୍ଗୀର ଲୋକସଂସ୍କୃତିରେ ଲୋକନୃତ୍ୟ ନଚନିଆଁ ସମ୍ମାନ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ୍ ବାଳିକା ହାଇସ୍କୁଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଲୋଇସିଂହା ବ୍ଲକ୍‌ସ୍ତରୀୟ ବନ୍ଦେମାତରମ୍ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

**ସୁନ୍ଦରଗଡ଼**
- ମହାବୀର ସେବା ଟ୍ରଷ୍ଟ ପକ୍ଷରୁ ନୂତନ ହନୁମାନ ମନ୍ଦିରର ତିନି ଦିବସୀୟ ପ୍ରତିଷ୍ଠା ଉତ୍ସବ, ରତ୍ନ ମୁଦ ପୂଜା, ସ୍ଥାନ: ଅଟଳ ଛକ, ସମୟ: ସକାଳ ୯ଟା ୩୦।
- ଅଙ୍କୁରାରୋପଣ ଓ କଳସ ଅଧିବାସ, ଭଜନ ସନ୍ଧ୍ୟା, ସ୍ଥାନ: ଅଟଳ ଛକ, ସମୟ:ଅପରାହ୍ନ ୪ଟା୩୦।

**ବରଗଡ଼**
- ଧାନବିକ୍ରି ଅବ୍ୟବସ୍ଥା ନେଇ କଂଗ୍ରେସର ଚାଷୀ ସମାବେଶ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପିଏମଶ୍ରୀ ଉତ୍ସବ, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ବନ୍ଦେ ମାତରମ୍ ସାମୂହିକ ଗାନ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଭବାନୀପାଟଣା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବନ୍ଦେ ମାତରମ କାର୍ଯ୍ୟକ୍ରମ, ସ୍ଥାନ: କେସିଙ୍ଗା ସହରସ୍ଥିତ ସରକାରୀ ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୧ଟା।

**ବୌଦ୍ଧ**
- ନବମ ଗଡ଼ଜାତ ଲୋକ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆ, ବୀରନରସିଂହପୁର, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ଦେବଗଡ଼**
- ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଉତ୍ସବ ପ୍ରଧାନପାଟ ୨୦୨୬ ତୃତୀୟ ସନ୍ଧ୍ୟା, ସ୍ଥାନ: ପ୍ରଧାନପାଟ ରୋଡ୍ ବଡବଗିଚା, ସମୟ: ଅପରାହ୍ନ ୫ଟା।

**ସୁବର୍ଣ୍ଣପୁର**
- ତରଭା ବ୍ଲକସ୍ତରୀୟ ୱାଟରସେଡ୍ ମହୋତ୍ସବ, ସ୍ଥାନ: କମସରା ଫୁଟବଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

**ନୂଆପଡ଼ା**
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପନ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଦା ଗୋଡ଼େ ଭୁଞ୍ଜିବ**
**ଓଦା ଗୋଡ଼ଟିରେ ଶୋଇଲେ**
**ମହାଦୋଷ ଥାଏ ଏ ମହୀରେ ।**

ହାତଗୋଡ଼ ଧୋଇକରି ଭୋଜନକରିବା ଦ୍ୱାରା ମଣିଷ ଦୀର୍ଘାୟୁ ହୋଇଥାଏ। ପରନ୍ତୁ ଓଦା ଗୋଡ଼ରେ ଶୋଇଲେ ମହାପାତକ ଲାଗୁଥିବାର ଜଣାଯାଇଥାଏ। ତେଣୁ ସର୍ବଦା ଓଦାଗୋଡ଼ ପୋଛି ଶୟନ କରିବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଓଳି ତଳେ**
**ଠିଆ ନ ହେବ ସନ୍ଧ୍ୟାକାଳେ ।**

ସାଧାରଣତଃ ସନ୍ଧ୍ୟା ସମୟରେ ବିଭିନ୍ନ ଜନ୍ତୁଙ୍କ ଆତଯାତ ହୋଇଥାଏ। ତେଣୁ ସୁରକ୍ଷା ଦୃଷ୍ଟିରୁ ସନ୍ଧ୍ୟା ସମୟରେ ଓଳି ତଳେ ଠିଆ ନ ହେବା ଲାଗି ଏଠାରେ ପରାମର୍ଶ ଦିଆଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ବଡ଼ବିଲରେ ବଡ଼...

କରିଥିଲେ। ଏହି ସମୟରେ ବ୍ୟାଙ୍କ ବିଏମ୍ (ବ୍ରାଞ୍ଚ ମ୍ୟାନେଜର) ପଙ୍କଜ ବର୍ଣ୍ଣୱାଲ ଏବଂ କ୍ୟାଶିୟର ଦାୟିତ୍ୱରେ ଥିବା ବ୍ୟାଙ୍କର ଏବିଏମ୍ ପ୍ରିୟମ ରଞ୍ଜନ ହୋତା କାର୍ଯ୍ୟରତ ଥିଲେ। ଭିତରେ ୪ରୁ ୫ ଜଣ ଗ୍ରାହକ ମଧ୍ୟ ଥିଲେ। ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୨ ବ୍ୟାଙ୍କ ଅଧିକାରୀ ଓ ଗ୍ରାହକଙ୍କୁ ଭୟଭୀତ କରି ସମସ୍ତଙ୍କ ନିକଟରୁ ପ୍ରଥମେ ମୋବାଇଲ ନେଇଯାଇଥିଲେ। ଏହି ସମୟରେ ବ୍ୟାଙ୍କ ଭିତରକୁ ଏକ ସଂସ୍ଥାର ଆକାଉଣ୍ଟାଣ୍ଟ ସୁବାସ ଅଧିକାରୀ ପ୍ରବେଶ କରୁଥିବାବେଳେ ତାଙ୍କୁ ମଧ୍ୟ ଦୁର୍ବୃତ୍ତ କଲାର ଧରି ଟାଣି ନେଇ ମୋବାଇଲ ଛଡ଼ାଇ ନେଇଥିଲେ। ପରେ ସମସ୍ତଙ୍କୁ ଏକ ରୁମ୍‌ରେ ଭର୍ତ୍ତି କରି ବନ୍ଦ କରିଦେଇଥିଲେ। ବ୍ୟାଙ୍କର ୨ ଅଧିକାରୀଙ୍କୁ ନେଇ ଷ୍ଟ୍ରଙ୍ଗ୍ ରୁମ୍ ଖୋଲି ପ୍ରାୟ ୫ କିଲୋଗ୍ରାମ ସ୍ୱର୍ଣ୍ଣ ଅଳଙ୍କାର ଏବଂ ନଗଦ ପ୍ରାୟ ୪.୩୪ ଲକ୍ଷ ଟଙ୍କା ନେଇଯାଇଥିଲେ। ଲୁଟ୍ ହୋଇଥିବା ଅଳଙ୍କାରର ଆନୁମାନିକ ମୂଲ୍ୟ ପ୍ରାୟ ୭.୫୦ କୋଟି ଟଙ୍କା ହେବ ବୋଲି ପୋଲିସ କହିଛି। ଦୁର୍ବୃତ୍ତମାନେ ପ୍ରାୟ ୨୦ରୁ ୨୫ ମିନିଟ୍ ଧରି ବ୍ୟାଙ୍କ ଭିତରେ ରହି ଆତଙ୍କ ଖେଳାଇଥିବା ବେଳେ ଅପରାହ୍ନ ୨ଟା ୩୦ରେ ସେଠାରୁ ପଳାଇଥିଲେ। ଖବର ପାଇ କେନ୍ଦୁଝରର ଏସ୍‌ପି ନୀତିନ କୁଶଲକର ଦାଗୁଡୁ, ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ବଡ଼ବିଲ ଆଇଆଇସି ନାୟକ ଓ ଯୋଡ଼ା ଆଇଆଇସି ପ୍ରଶାନ୍ତ କୁମାର ସାମଲ ସଦଳବଳ ପହଞ୍ଚିଥିଲେ। ବ୍ୟାଙ୍କ ତଥା ଆଖପାଖ ଅଞ୍ଚଳରେ ଥିବା ସିସି କ୍ୟାମେରାଗୁଡ଼ିକୁ ଯାଞ୍ଚ କରିଥିଲେ। ଏଥିସହ ପୋଲିସ ବିଭିନ୍ନ ସ୍ଥାନରେ ଯାନବାହନଗୁଡ଼ିକର ଖାନ୍‌ତଲାସି ଜାରି ରଖିବା ସହ ରାଜ୍ୟ ସୀମାନ୍ତକୁ ସିଲ୍ କରି ତଦନ୍ତ କରୁଛି। ଡକାୟତି ସମୟରେ ବ୍ୟାଙ୍କର ସାଇରନ କାହିଁକି ବାଜିଲା ନାହିଁ, ବ୍ୟାଙ୍କର ତଳିଆ କର୍ମଚାରୀଙ୍କ ଅନୁପସ୍ଥିତି, କ୍ୟାଶିୟର ଛୁଟିରେ ଥିବାବେଳେ ଡକାୟତି ଘଟଣାକୁ ପୋଲିସ ତଦନ୍ତ ପରିସରକୁ ଆଣି ବ୍ୟାଙ୍କର କର୍ମଚାରୀଙ୍କୁ ପଚରାଉଚରା କରୁଛି। ବ୍ୟାଙ୍କରୁ ଡକାୟତି ଖବର ଚାରିଆଡ଼େ ପ୍ରଚାରିତ ହେବା ପରେ ସୁନା ଅଳଙ୍କାର ବନ୍ଧା ପକାଇ ଋଣ ନେଇଥିବା ଲୋକେ ବ୍ୟାଙ୍କ ସମ୍ମୁଖରେ ପହଞ୍ଚି କିଭଳି ସୁନା ଅଳଙ୍କାର ଫେରିପାଇବେ ସେ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ଦୁର୍ବୃତ୍ତଙ୍କ ଟେର୍ ପାଇବାରେ ବିଫଳ ହୋଇଛି।

ଥାନା ଅଧିକାରୀ ନାୟକ କହିଛନ୍ତି, ପୋଲିସ ଖବର ପାଇବା ମାତ୍ରେ ଘଟଣାସ୍ଥଳରେ ପହଞ୍ଚିଛି। ଗତ ଅକ୍ଟୋବରରେ ସମସ୍ତ ବ୍ୟାଙ୍କକୁ ନେଇ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ସେଥିରେ ବ୍ୟାଙ୍କରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ବିଭିନ୍ନ ଏସ୍‌ଓପି(ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର) ଲାଗୁ କରାଯାଇଥିଲା। ମାତ୍ର ଲୁଟ୍ ହୋଇଥିବା ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି ଗୋଟିଏ ହେଲେ ଗାଇଡ୍‌ଲାଇନ ପାଳନ କରିନାହାନ୍ତି। ଠିକ୍ ନଗଦ ଟଙ୍କା ଓ ସ୍ୱର୍ଣ୍ଣ ଅଳଙ୍କାରର ହିସାବ ଚାଲିଥିବାରୁ ବ୍ୟାଙ୍କର କର୍ତ୍ତୃପକ୍ଷ ଏତଲା ଦେଇ ନ ଥିବା ଥାନା ଅଧିକାରୀ କହିଛନ୍ତି। ସୂଚନାଥାଉକି, ବ୍ୟାଙ୍କରେ ମୋଟ କର୍ମଚାରୀ ସଂଖ୍ୟା ୪ ଥିବା ବେଳେ ତନ୍ମଧ୍ୟରୁ ଜଣେ ବିଏମ୍, ଜଣେ ଏବିଏମ୍, ଜଣେ କ୍ୟାଶିୟର ଓ ଜଣେ ତଳିଆ କର୍ମଚାରୀ। ସୋମବାର କ୍ୟାଶିୟର ଛୁଟିରେ ଥିବାବେଳେ ଏବିଏମ କ୍ୟାଶିୟର ଦାୟିତ୍ୱରେ ଥିଲେ। ବ୍ୟାଙ୍କରେ ସୁରକ୍ଷାକର୍ମୀ ଆଦୌ ନ ଥିବା ଯୋଗୁ ପୋଲିସ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଯୋଡ଼ା ସହରର ମୁଖ୍ୟ ବଜାରରେ ଥିବା ଓଡ଼ିଶା ଗ୍ରାମ୍ୟବ୍ୟାଙ୍କରୁ ଦୁର୍ବୃତ୍ତ ୨୦୨୫ ଜୁନ୍ ୧୨ରେ ଲୁଟ୍ କରିଥିଲେ। ଦୁର୍ବୃତ୍ତ ପ୍ରାୟ ୧୦ ଲକ୍ଷ ଟଙ୍କା ଓ କେତେକ ସୁନା ପ୍ୟାକେଟ ନେଇଯାଇଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ହେଁ ଅଦ୍ୟାବଧି କୌଣସି ଅଭିଯୁକ୍ତ ଗିରଫ ହୋଇନାହାନ୍ତି।

## ୨ ହାଇସ୍ପିଡ୍ ଟ୍ରେନ୍...

୩୦୦ ଯାତ୍ରୀଙ୍କୁ ନେଇ ମାଲାଗାରୁ ରାଜଧାନୀ ମାଡ୍ରିଡ୍ ଯାଉଥିବା ଉକ୍ତ ଟ୍ରେନ୍ ରବିବାର ରାତି ୭ଟା ୪୫ ମିନିଟ୍ ସମୟରେ ଲାଇନଚ୍ୟୁତ ହୋଇଥିଲା। ଏହି ସମୟରେ ପାଖ ଲାଇନ୍‌ରେ ମାଡ୍ରିଡ୍‌ରୁ ହୁଏଲ୍‌ଭା ଯାଉଥିବା ଅନ୍ୟ ଏକ ଟ୍ରେନ୍‌କୁ ଏହା ଧକ୍କା ଦେଇଥିଲା। ଉକ୍ତ ଟ୍ରେନ୍‌ର ସମ୍ମୁଖ ଭାଗ ବଗିରେ ପ୍ରାୟ ୨୦୦ ଯାତ୍ରୀ ଥିବାବେଳେ ସେମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ପରିବହନ ମନ୍ତ୍ରୀ ଓସ୍କାର ପୁଏଣ୍ଟେ କହିଛନ୍ତି। ଲାଇନଚ୍ୟୁତ ଟ୍ରେନ୍ ଦ୍ୱିତୀୟ ଟ୍ରେନ୍‌ର ପ୍ରଥମ ୨ଟି ବଗି ସହ ଧକ୍କା ହେବା ଫଳରେ ସେଗୁଡ଼ିକ ୪ ମିଟର ତଳକୁ ଖସିପଡ଼ିଥିଲେ। ଦୁର୍ଘଟଣାସ୍ଥଳକୁ ସିଙ୍ଗଲ୍ ଟ୍ରାକ୍ ରାସ୍ତା ଥିବାରୁ ଉଦ୍ଧାର କାର୍ଯ୍ୟରେ ସମସ୍ୟା ସୃଷ୍ଟି ହୋଇଥିଲା। ଆମ୍ବୁଲାନ୍ସ ଯିବା ଆସିବା କରିବାରେ ଅସୁବିଧା ହୋଇଥିଲା। ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ଏବଂ ପରିବହନ ମନ୍ତ୍ରୀ ପୁଏଣ୍ଟେ ଦୁର୍ଘଟଣାସ୍ଥଳକୁ ଯାଇଛନ୍ତି। ଦୁର୍ଘଟଣାଗ୍ରସ୍ତ ବଗିଗୁଡ଼ିକ ମୋଡ଼ିହୋଇ ପଡ଼ି ରହିଥିବା ଫଟୋ ଓ ଭିଡିଓରୁ ଦେଖିବାକୁ ମିଳିଛି। କେତେଜଣ ଟ୍ରେନ୍ ବଗିର ଭାଙ୍ଗିଯାଇଥିବା ଝରକାରେ ଚଢ଼ିଥିବାବେଳେ ଝରକା କାଚ ଭାଙ୍ଗିବାକୁ କେତେଜଣ ଜରୁରୀ ହାତୁଡ଼ି ବ୍ୟବହାର କରୁଥିବା ଦେଖାଯାଇଛି। ଦୁର୍ଘଟଣାବେଳେ ଭୂକମ୍ପ ଭଳି ଅନୁଭୂତ ହୋଇଥିଲା ବୋଲି ଜଣେ ସ୍ଥାନୀୟ ଖବରଦାତା କହିଛନ୍ତି।

## ଯୁବକଙ୍କୁ ଗୁଳିକରି...

ଏବଂ ଏକ ବୁଲେଟ ମୋଟର ସାଇକେଲ୍(ଓଡି ୩୩-ଏକ୍ସ- ୯୯୮୬) ଜବତ ହୋଇଛି। ସୂଚନା ମୁତାବକ, ବାସୁଦେବ ସନ୍ଧ୍ୟା ସମୟରେ ଶୌଚ ପାଇଁ ଯାଇଥିଲେ। ଉକ୍ତ ସମୟରେ ରାସ୍ତା ଶୂନଶାନ ରହିଥିଲା। ପରେ ଗାଁ ମୁଣ୍ଡ ଏକ ଘର ନିକଟରେ ସେ କାହାକୁ ଅପେକ୍ଷା କରିଥିଲେ। ଏହି ସମୟରେ ଦୁଇଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ପହଞ୍ଚି ତାଙ୍କୁ ଡାକିବା ସହ ଉକ୍ତ ପାହାଡ଼ ପାଦଦେଶ ଅଞ୍ଚଳକୁ ଯାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ହଠାତ୍ ବାସୁଦେବଙ୍କ ମୁଣ୍ଡ ଓ ଛାତିକୁ ଗୁଳିମାଡ଼ କରିଥିଲେ। ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଆସିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରେ ବୁଲେଟ୍ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ଖବରପାଇ ପରିବାର ଏବଂ ସ୍ଥାନୀୟ ଲୋକେ ବାସୁଦେବଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି, ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ମେଡିକାଲରେ ପହଞ୍ଚିଥିଲେ। ପରେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ପହଞ୍ଚି ପରିବାର ଓ ପୋଲିସ ସହ ଆଲୋଚନା କରିଛନ୍ତି। ଏନେଇ ବିଧାୟକ ସାହୁ କହିଛନ୍ତି, ବେଗୁନିଆରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। କେତେଜଣ ଅସାମାଜିକ ବ୍ୟକ୍ତି ବେଗୁନିଆ ଅଞ୍ଚଳକୁ ଅଶାନ୍ତ କରିବାକୁ ଚାହୁଁଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ସେ ଦାବି କରିଛନ୍ତି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ପୋଲିସ ୨ଜଣଙ୍କୁ ଅଟକ ରଖିଛି। ଅତିରିକ୍ତ ଏସ୍‌ପି ମହାନ୍ତିଙ୍କ ତତ୍ତ୍ୱାବଧାନରେ ଗଠିତ ୩ଟି ଟିମ୍ ତଦନ୍ତ ଚଳାଇଛି।

## ନୀତିନ ନବୀନ...

ଦଳର ରିଟର୍ନିଂ ଅଫିସର ଡ. କେ. ଲକ୍ଷ୍ମଣ କହିଛନ୍ତି। ଏଥିପାଇଁ ଗତ ୧୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତଦନୁଯାୟୀ ସୋମବାର ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ନାମାଙ୍କନପତ୍ର ଦାଖଲ ସମ୍ପୂର୍ଣ୍ଣ ହୋଇଥିଲା। ନବୀନଙ୍କ ସପକ୍ଷରେ ୩୭ ସେଟ୍ ନାମାଙ୍କନପତ୍ର ଦାଖଲ ହୋଇଥିବାବେଳେ ଯାଞ୍ଚ ପରେ ସବୁଗୁଡ଼ିକ ବୈଧ ରହିଥିଲା। ନାମାଙ୍କନପତ୍ର ପ୍ରତ୍ୟାହାର ସମୟସୀମା ଶେଷ ହେବା ପରେ କେବଳ ନବୀନ ଏକମାତ୍ର ପ୍ରାର୍ଥୀ ରହିଥିବାରୁ ତାଙ୍କୁ ଭାଜପାର ଜାତୀୟ ଅଧ୍ୟକ୍ଷ ପଦ ପାଇଁ ଲକ୍ଷ୍ମଣ ପ୍ରସ୍ତାବ ରଖିଥିଲେ।



ନୂଆଦିଲ୍ଲୀସ୍ଥିତ ଭାଜପାର ସେଣ୍ଟ୍ରାଲ ଅଫିସ୍‌ରେ ଦଳର ରାଷ୍ଟ୍ରୀୟ ସଭାପତି ନିର୍ବାଚନ ପାଇଁ ସୋମବାର ଅନୁଷ୍ଠିତ ନାମାଙ୍କନ ପ୍ରକ୍ରିୟାରେ ସାମିଲ ହୋଇଥିବା କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ଜେ.ପି. ନଡ୍ଡା, ରାଜନାଥ ସିଂ ଓ କିରେନ ରିଜିଜୁ ପ୍ରମୁଖ।

# ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନରେ ସାମିଲ ହେଲେ ଓଡ଼ିଶା ଭାଜପା ନେତା

ଭୁବନେଶ୍ୱର, ୧୯।୧(ସୁନିତ୍ ମିଶ୍ର)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ନୀତିନ ନବୀନ ନୂଆ ଦାୟିତ୍ୱ ଗ୍ରହଣ କରିବେ। ଏନେଇ କେବଳ ବିଧିବଦ୍ଧ ଘୋଷଣା ବାକିଅଛି। ଏକମାତ୍ର ପ୍ରାର୍ଥୀ ଭାବେ ନବୀନ ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ଲାଗି ନାମାଙ୍କନ ଭରିଛନ୍ତି। ତାଙ୍କ ନାମାଙ୍କନ ପତ୍ରକୁ ସମର୍ଥନ ଦେବା ଲାଗି ରାଜ୍ୟର ବହୁ ଶୀର୍ଷ ନେତୃତ୍ୱ ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ, ଜାତୀୟ ପଦାଧିକାରୀ, ରାଜ୍ୟ ନିର୍ବାଚନ ଅଧିକାରୀ ଏବଂ ସହଅଧିକାରୀ, ଦଳୀୟ ପଦାଧିକାରୀ, କେନ୍ଦ୍ର ମନ୍ତ୍ରୀ ଏବଂ କେତେଜଣ ଏମ୍‌ପି ଓ ଏମ୍‌ଏଲଏ ଯିବାର ବ୍ୟବସ୍ଥା ରହିଛି। ଏ ସମସ୍ତେ ନୂଆଦିଲ୍ଲୀ ଗସ୍ତ କରି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି।




ନୂଆଦିଲ୍ଲୀଠାରେ ସୋମବାର ଅନୁଷ୍ଠିତ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନରେ ସାମିଲ ହୋଇଥିବା ଓଡ଼ିଶାର ନେତୃବୃନ୍ଦ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅନୁକୂଳ ଗ୍ରହ ପ୍ରଭାବରୁ ସ୍ଥଗିତ କାର୍ଯ୍ୟାରମ୍ଭ, ଆର୍ଥିକ ଉନ୍ନତି, ସାମାଜିକ ସ୍ତରରେ ସମ୍ମାନିତ ହେବେ। ଯାନବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପ ଏବଂ ଛୋଟ ଦୋକାନ କାରବାରରୁ ଲାଭବାନ୍ ହେବେ। ଅଶ୍ୱିନୀ ନକ୍ଷତ୍ରର ସନ୍ଦେହ ଏବଂ ଭୁଲ୍ ବୁଝାମଣା ହେତୁ ପାରିବାରିକ ଅଶାନ୍ତି ସୃଷ୍ଟି ହୋଇପାରେ।

**ବୃଷ**
କର୍ମକ୍ଷେତ୍ରର ବିବାଦୀୟ ସ୍ଥିତି ପ୍ରଶମିତ ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ରୋହିଣୀ ନକ୍ଷତ୍ର ସକାଶେ ବନ୍ଧୁଙ୍କ ମଧ୍ୟସ୍ଥତା ଫଳରେ ପାରିବାରିକ ସ୍ଥିତିରେ ଉନ୍ନତି ହେବ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାର ନିଷ୍ପତ୍ତି ନେବେ। ସାଧାରଣ କଥାକୁ କେନ୍ଦ୍ରକରି ବିରକ୍ତିଭାବ ସୃଷ୍ଟି ହେବ। ଆଜିର ଯାତ୍ରାରେ ଆଦର, ଗୌରବ ପାଇପାରନ୍ତି।

**ମିଥୁନ**
ଆଜି ମୃଗଶିରା ନକ୍ଷତ୍ରର ଅର୍ଥଲାଭର ପ୍ରଚେଷ୍ଟା ନିରର୍ଥକ ହେବନାହିଁ। ପଡ଼ୋଶୀଙ୍କ ସାହାଯ୍ୟରେ କାମ ହାସଲକରିବା ଫଳରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମକରି ଅନୁତପ୍ତ ହୋଇପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ଅନୁକୂଳ ପରିସ୍ଥିତି ସତ୍ତ୍ୱେ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ପୁଷ୍ୟା ନକ୍ଷତ୍ର ପର କଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ ଦ୍ୱାରା ଅପଦସ୍ଥ ହେବେ। ସଭାସମିତିରେ ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ କାମ ହାସଲ କରିବା ପାଇଁ ଚେଷ୍ଟା କରିପାରନ୍ତି।

**ସିଂହ**
ପାରିବାରିକ ସମସ୍ୟା ସମାଧାନକରି ଆଶ୍ୱସ୍ତି ଲଭିବେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଅସମର୍ଥିତ ସୂତ୍ରରୁ ପ୍ରାପ୍ତ ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବ୍ୟବସାୟରେ ମାନ୍ଦାର ଦେଖାଦେବ। ସ୍ୱାର୍ଥ ହାସଲର ଆଶା ନିରର୍ଥକ ମନେକରି ମିତ୍ର କେହି ଛଳନାକରି ଦୂରେଇଯାଇ ପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ର ସନ୍ତୋଷଜନକ ରହିବ।

**କନ୍ୟା**
କର୍ମକ୍ଷେତ୍ରରେ ବିଜାତୀୟ ବ୍ୟକ୍ତି ସମସ୍ୟା ସୃଷ୍ଟିକରିପାରନ୍ତି। ଶିଳ୍ପ, ବାଣିଜ୍ୟ, ସାହିତ୍ୟ ଗବେଷଣା, ସାମ୍ବାଦିକତା ତଥା ଏଜେନ୍ସିପରେ ଆଶାଜନକ ସୁଫଳ ମିଳିବ। କଠିନ ପରିଶ୍ରମଜନିତ ଆକସ୍ମିକ ଭାବରେ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। ହସ୍ତା ନକ୍ଷତ୍ର ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ଭ୍ରାତୃବିବାଦର ସମ୍ମୁଖୀନ ହୋଇପାରନ୍ତି।

**ତୁଳା**
ନିଜର ବିଚାରବୁଦ୍ଧି ବିନିଯୋଗକରି ପରିସ୍ଥିତିକୁ ସଜାଡ଼ି ନେବେ। ଘରୋଇ ସମସ୍ୟା ସମାଧାନରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଗୁରୁତ୍ୱପୂର୍ଣ୍ଣ କାମରେ ଆତ୍ମୀୟଙ୍କ ଉପରେ ଭରସାକରି ନିରାଶ ହେବେ। ବିଶାଖା ନକ୍ଷତ୍ର ସକାଶେ ସାହିତ୍ୟ, ସଙ୍ଗୀତ ତଥା ସଭାସମିତିରେ ସୁନାମ ମିଳିବ। ଆଲୋଚନାରେ ନିଜକୁ ସଙ୍କୁଚିତ ରଖିବେ।

**ବିଛା**
ପ୍ରତ୍ୟେକ କାମ ନିର୍ଦ୍ଦିଷ୍ଟ ସମୟରେ ନ ହେବାରୁ ଅବସାଦ ଲାଗି ରହିବ। ଆଜି ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ଦୀର୍ଘଦିନରୁ ଅଟକି ରହିଥିବା କାମ କିମ୍ବା ପାଇ ନ ଥିବା ଅର୍ଥପ୍ରାପ୍ତିରେ ଆନନ୍ଦ ଅନୁଭବ କରିପାରନ୍ତି। ଅନୁରାଧା ନକ୍ଷତ୍ର କର୍ମକ୍ଷେତ୍ରରେ ବୃଥାଶଙ୍କାକରି ସୁଯୋଗକୁ ହାତଛଡ଼ା କରିବା ସୂଚନା ରହିଛି।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ଉଭେଇ ଯିବା ଅନୁଭବ କରିବେ। ମତଭେଦ କାରଣରୁ ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଫଳରେ କାମ ସୁବିଧାରେ ସମ୍ପନ୍ନ ହେବ । ଉତ୍ତରାଷାଢ଼ା ନକ୍ଷତ୍ରର ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା ପ୍ରତି ଆଗ୍ରହ ବଢ଼ିପାରେ।

**ମକର**
ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ ଓ ପ୍ରିୟଜନଙ୍କ ସାନ୍ନିଧ୍ୟ ଲାଭକରି ଆନନ୍ଦ ଅନୁଭବ କରିବେ। ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ ପରୋକ୍ଷ ସାହାଯ୍ୟ ଲାଭକରି କାମ ହାସଲ କରିବେ। ଅନ୍ୟମନସ୍କରୁ ଦ୍ରବ୍ୟ ନଷ୍ଟହେବା ଆଶଙ୍କା ଦେଖାଦେବ। ଦର୍ଶନୀୟ ସ୍ଥାନ ଭ୍ରମଣ, ଆମଦାନୀ କାରବାର, ବନ୍ଧୁସମ୍ପର୍କରେ କିଛିଟା ସମସ୍ୟା ଆସିପାରେ।

**କୁମ୍ଭ**
ଶତଭିଷା ନକ୍ଷତ୍ରର ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣରେ ରହିବ। କେତେକ କ୍ଷେତ୍ରର ବିବାଦୀୟ ସ୍ଥିତି ସମ୍ପର୍କରେ ଜାଣିଥିଲେ ମଧ୍ୟ ଚୁପ୍ ରହିବେ। ବାଣିଜ୍ୟ, ବ୍ୟବସାୟ ତଥା ନିର୍ମାଣ କାମ ଧିମେଇଯିବାରୁ ସାମୟିକ ବ୍ୟସ୍ତତା ଅନୁଭବ କରିପାରନ୍ତି। ଆଜିର ଯାତ୍ରାରେ ବିଭିନ୍ନ ପ୍ରକାର ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବାର ଆଶଙ୍କା ଉପୁଜିପାରେ।

**ମୀନ**
ରେବତୀ ନକ୍ଷତ୍ରର ମନ ଅନୁଯାୟୀ କାମ ହାସଲ କରିବାରେ ପୂର୍ବାହ୍ନଟି ପ୍ରୀତିପ୍ରଦ ରହିବ। ନିଜ ପରିସରରେ ରହୁଥିବା କୌଣସି ବିଜାତୀୟ ବ୍ୟକ୍ତି କାମରେ ଅସହଯୋଗ କରିବା ଆଶଙ୍କା ରହିଛି। ଅର୍ଥନୈତିକ କାରବାର, ଜମିଜମା ସମସ୍ୟା, ବ୍ୟବସାୟ ଓ ପରିବହନର ପ୍ରତିବନ୍ଧକ ଦୂରେଇବାରେ ସମର୍ଥ ହେବେ।

ଆଜି ଜାନୁଆରୀ ୨୦ ତାରିଖ, ମାଘ ଶୁକ୍ଳ ଦ୍ୱିତୀୟା ମଙ୍ଗଳବାର। ରାଶିନକ୍ଷତ୍ର- ଦିବା ଘ.୦୧।୦୬ ପର୍ଯ୍ୟନ୍ତ ଶ୍ରବଣା/ମକର, ତତ୍ପରେ ଧନିଷ୍ଠା ନକ୍ଷତ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ତଥା ପୂର୍ଣ୍ଣିମାର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୧୨ ଗତେ ଘ.୧୦।୫୧ ମଧ୍ୟେ, ଘ.୦୧।୦୩ ଗତେ ଘ.୦୧।୨୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୪୨ ଗତେ ଘ.୦୪।୦୫ ମଧ୍ୟେ ରାହୁକାଳ।

# ବିଧାନ ପରିଷଦ ସୁନିଶ୍ଚିତ

**ଭୁବନେଶ୍ୱର, ୧୯।୧ (ସୁନିତ୍ ମିଶ୍ର)**

ରାଜ୍ୟରେ ବିଧାନ ପରିଷଦ ଗଠନ ହେବ, ଏହାଦ୍ୱାରା ଯୁବ ସମର୍ଥକଙ୍କୁ ସୁଯୋଗ ମିଳିବ, ଏହି କଥା କହି ୨୦୧୪ ଏବଂ ୨୦୧୯ ନିର୍ବାଚନ ସମୟରେ ଏକାଧିକ ଟିକେଟ ଆଶାୟୀଙ୍କୁ ବୁଝାଇବାରେ ବିଜେଡି ସଫଳ ହୋଇଥିଲା। ସେହି ଯୁବଗୋଷ୍ଠୀ ବିଳମ୍ବରେ ବୁଝିଲେ ଯେ ତାହା ଏକ ଥୋପ ଥିଲା। ୨୦୧୮ ଅଗଷ୍ଟ ୨୪ରେ ବିଜେଡି ସରକାର ବିଧାନ ପରିଷଦ ସମ୍ପର୍କିତ ପ୍ରସ୍ତାବ କ୍ୟାବିନେଟ୍‌ରେ ପାରିତ କରାଇ ଯୁବ ନେତାମାନଙ୍କ ଭିତରେ ଥଇଥାନ କରାଇବାର ବିଶ୍ୱାସ ଜନ୍ମାଇବାକୁ ଚେଷ୍ଟା କରିଥିଲେ। ସେତେବେଳେ ବିଜେଡି ସତରେ ଚାହିଁଥିଲେ ରାଜ୍ୟରେ ବିଧାନ ପରିଷଦ ଗଠନ ଲାଗି କେନ୍ଦ୍ରର ଅନୁମୋଦନ ମଧ୍ୟ ଆଣିପାରିଥାଆନ୍ତା, ସେଥିପାଇଁ ଅନେକ ସୁଯୋଗ ମଧ୍ୟ ଥିଲା। ହେଲେ ତାହା ନ କରିବା ଦ୍ୱାରା ଜଣାପଡ଼ିଲା ଯେ, ବିଜେଡିର ବିଧାନ ପରିଷଦ ଗଠନ ତାହା ମିଛ ଥିଲା।

ଏବେ ୭୧ ଏକର ଜମିରେ ନୂତନ ଲୋକସେବା ଭବନ ଏବଂ ନୂଆ ବିଧାନସଭା ନିର୍ମାଣ ହେବାକୁ ଥିବାବେଳେ ଗତ ୧୨ ତାରିଖରେ ଏହାର ଭିତ୍ତିପ୍ରସ୍ତର ପଡ଼ିଲା। ଯାହାସବୁ ନୂଆ ନିର୍ମାଣ ହେବ ତା'ର ବିସ୍ତୃତ ତଥ୍ୟ ଜାଣିବା ପାଇଁ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ତ୍ତମାନ ଯେଉଁ ବିଧାନସଭା ରହିଛି ତାହା ଭଙ୍ଗାଯିବ ନାହିଁ, ବରଂ ତାହା ମ୍ୟୁଜିୟମ ଭାବେ ରହିବ। ଭବିଷ୍ୟତରେ ବିଧାନ ପରିଷଦ ଗଠନ ହେଲେ ସେହି ବିଲ୍ଡିଂ ବ୍ୟବହାର କରାଯିବ। ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ପରେ ଏକପ୍ରକାର ବୁଝାପଡୁଛି ଯେ, ସରକାର ଦୂରଦୃଷ୍ଟି ରଖିକି ବିଧାନସଭାର ନୂଆ ବିଲ୍ଡିଂ ନିର୍ମାଣ କରୁଛନ୍ତି। ଅର୍ଥାତ୍ ଜଣେ ମନ୍ତ୍ରୀଙ୍କ ଦ୍ୱାରା ଇଙ୍ଗିତ ବିଧାନ ପରିଷଦ ଗଠନ ସମ୍ପର୍କିତ ପ୍ରସଙ୍ଗକୁ ଗୁରୁତ୍ୱର ସହ ନିଆଯିବା ଦରକାର। ଚର୍ଚ୍ଚା ଓ ଆଲୋଚନା ନ କରି ଜଣେ ଦାୟିତ୍ୱସମ୍ପନ୍ନ ମନ୍ତ୍ରୀ ବିଧାନ ପରିଷଦ ଗଠନ ନେଇ ଉଲ୍ଲେଖ କରି ନ ଥାନ୍ତେ। ଜାଣିବା ଶୁଣିବା ମହଲରେ ଅନେକଙ୍କ କହିବା କଥା, ଭାଜପା ଶାସନରେ ମନ୍ତ୍ରୀମାନେ କେନ୍ଦ୍ର ସରକାରଙ୍କ ସହ ବିଚାରବିମର୍ଶ କରିବା ପୂର୍ବରୁ ଏତେ ବଡ଼ ଘୋଷଣା କରିପାରିବେ ନାହିଁ। କାରଣ ମନ୍ତ୍ରୀଙ୍କ ମନ୍ତବ୍ୟ ପରଠାରୁ ବହୁ ଯୁବ ସମର୍ଥକ ଶାସକ ଦଳ ପ୍ରତି ଆକୃଷ୍ଟ ହେବା ସହିତ ବିଧାନ ପରିଷଦରେ ସ୍ଥାନ ପାଇବା ଆଶାରେ ଭାଜପା ଆଡ଼କୁ ଢଳିଲେଣି। ପୂର୍ତ୍ତ ମନ୍ତ୍ରୀଙ୍କ



ଏହି ବିବରଣୀ ଅଧିକ ବିଶ୍ୱସନୀୟ ହେଉଛି, କାରଣ ଏବେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଥିବାରୁ ରାଜ୍ୟ ନେତାମାନଙ୍କ ପ୍ରତ୍ୟେକଟି ଇଚ୍ଛା ସମ୍ପୂର୍ଣ୍ଣ ଭାବେ ସାକାର ହେବାର ସୁଯୋଗ ରହିଛି। ତେଣୁ ମନ୍ତ୍ରୀଙ୍କ କହିବାନୁଯାୟୀ ଓଡ଼ିଶାରେ ବିଧାନ ପରିଷଦ ହେବା ସୁନିଶ୍ଚିତ।

ସୂଚନାଯୋଗ୍ୟ, ଦେଶରେ ଏବେ ୨୮ ରାଜ୍ୟ ଏବଂ ୮ଟି କେନ୍ଦ୍ରଶାସିତ ଅଞ୍ଚଳ ରହିଛି। ସେଗୁଡ଼ିକ ମଧ୍ୟରୁ ୧୯ ରାଜ୍ୟ ଏବଂ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ଭାଜପା ନେତୃତ୍ୱାଧୀନ ସରକାର ରହିଛି। ବର୍ତ୍ତମାନ ଆନ୍ଧ୍ରପ୍ରଦେଶ, ବିହାର, କର୍ନାଟକ, ମହାରାଷ୍ଟ୍ର, ତେଲଙ୍ଗାନା ଏବଂ ଉତ୍ତରପ୍ରଦେଶ ଭଳି ୬ଟି ରାଜ୍ୟରେ ବିଧାନ ପରିଷଦ ଅଛି। ଏହି ୬ ରାଜ୍ୟ ମଧ୍ୟରୁ ୪ଟି ସ୍ଥାନରେ ଏନ୍‌ଡିଏ ସରକାର ଥିବାବେଳେ କର୍ନାଟକ ଏବଂ ତେଲଙ୍ଗାନାରେ କଂଗ୍ରେସ ଶାସନ ଚାଲିଛି। ଦେଶର ବାକି ୧୩ ରାଜ୍ୟ ଓ ୨ କେନ୍ଦ୍ରଶାସିତ ରାଜ୍ୟରେ ବିଧାନ ପରିଷଦ ଗଠନ ଦିଗରେ ଭାଜପା ସରକାର ସେଭଳି ଚିନ୍ତା କଲାଭଳି ମନେହେଉନାହିଁ। ବିଧାନ ପରିଷଦ ସଦସ୍ୟମାନଙ୍କ ଲାଗି ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପ୍ରକାର ଦରମା ବ୍ୟବସ୍ଥା ରହିଥାଏ। ଯେଉଁସବୁ ରାଜ୍ୟରେ ବିଧାନ ପରିଷଦ ସଦସ୍ୟ ରହିଛନ୍ତି, ସେମାନେ ଉକ୍ତ ରାଜ୍ୟଗୁଡିକର ବିଧାୟକମାନଙ୍କ ଭଳି ଦରମା ଏବଂ ଭତ୍ତା ପାଉଛନ୍ତି। ସେମାନଙ୍କ କାର୍ଯ୍ୟକାଳ ସରିବା ପରେ ପେନସନ୍ ସୁବିଧା ମଧ୍ୟ ମିଳିଥାଏ। ଅନେକ ରାଜ୍ୟ ବିଚାର କରୁଛନ୍ତି, ବିଧାନ ପରିଷଦ ଗଠନର କୌଣସି ଆବଶ୍ୟକତା ନାହିଁ। ବିଧାନ ପରିଷଦ ରହିଥିବା ୬ ରାଜ୍ୟରେ ସେଭଳି କିଛି ଅଧିକ ବିକାଶ ହୋଇଯାଇନାହିଁ ବୋଲି ଜାତୀୟସ୍ତରରେ ଅନେକ ସମୟରେ ଆଲୋଚନା ହୋଇଥାଏ। ବିଧାନ ପରିଷଦ ଦ୍ୱାରା ରାଜ୍ୟ ସରକାରଙ୍କ ଉପରେ ଅନେକ ଶହ କୋଟି ଟଙ୍କାର ଆର୍ଥିକ ବୋଝ ରହିବ। ଏଠାରେ ଉଲ୍ଲେଖ କରାଯାଇପାରେ, ନରେନ୍ଦ୍ର ମୋଦି ସରକାରଙ୍କ ପ୍ରଥମ ୨ଟି ପାଳି ସମୟରେ ରାଜ୍ୟ ସଭା ବାରମ୍ବାର ଏକ ଅସୁବିଧାର କାରଣ ସାଜିଥିଲା। ରାଜ୍ୟସ୍ତରରେ ବିଧାନ ପରିଷଦର ଯେଉଁଭଳି କାର୍ଯ୍ୟ ଥାଏ, ଦିଲ୍ଲୀରେ ରାଜ୍ୟ ସଭା ସହିତ ଏହାର ଅନେକ ସାମଞ୍ଜସ୍ୟ ରହିଛି। ତେବେ ସମ୍ବିଧାନ ଅନୁଯାୟୀ ରାଜ୍ୟ ସଭା ଏବଂ ରାଜ୍ୟରେ ବିଧାନ ପରିଷଦର ଅନେକ କର୍ତ୍ତବ୍ୟ ରହିଛି।

ଯଦି ଓଡ଼ିଶାରେ ବିଧାନ ପରିଷଦ ଗଠନ ହୁଏ, ତାହାହେଲେ ୨୦୧୮ ଅଗଷ୍ଟ ୨୪ରେ ବିଜେଡି ସରକାରଙ୍କ ଦ୍ୱାରା କ୍ୟାବିନେଟ୍ ମଞ୍ଜୁରୀ ପାଇଥିବା ବିଧାନ ପରିଷଦ ସମ୍ପର୍କିତ ପ୍ରସ୍ତାବର ତଥ୍ୟ ଅନୁଯାୟୀ, ବିଧାନସଭା ସଂଖ୍ୟାର ଏକ ତୃତୀୟାଂଶ ଆସନକୁ ନେଇ ବିଧାନ ପରିଷଦ ଗଠନ ହେବ। ଏବେ ରାଜ୍ୟରେ ୧୪୭ ଆସନ ବିଶିଷ୍ଟ ବିଧାନସଭା ରହିଥିବା ବେଳେ ଏହାର ଏକ ତୃତୀୟାଂଶ ଦେଖିଲେ ସେହି ସଂଖ୍ୟା ୪୯ ହେଉଛି। ଅର୍ଥାତ୍ ବର୍ତ୍ତମାନ ରାଜ୍ୟରେ ବିଧାନ ପରିଷଦ ଗଠନ ହେଲେ ସେଥିରେ ୪୯ ଜଣ ସଦସ୍ୟ ରହିବେ। ସେଥିମଧ୍ୟରୁ ୧୬ ଜଣଙ୍କୁ ରାଜ୍ୟର ବିଧାୟକ ଏବଂ ୧୬ ଜଣ ରାଜ୍ୟର ଜିଲା ପରିଷଦ ସଦସ୍ୟ ଓ ପଞ୍ଚାୟତର ସମିତି ସଭ୍ୟଙ୍କ ଦ୍ୱାରା ନିର୍ବାଚିତ ହେବେ। ୯ ଜଣଙ୍କୁ ରାଜ୍ୟପାଳ ମନୋନୀତ କରିବେ। ଏହାଛଡା ୪ ଜଣ ଶିକ୍ଷକ ଏବଂ ୪ ଜଣ ଗ୍ରାଜୁଏଟ୍ ବିଧାନ ପରିଷଦକୁ ନିର୍ବାଚିତ ହେବେ। ଆହୁରି ଗୋଟିଏ କଥା ମନେ ପକାଇଦେବାକୁ ଚାହୁଁ କି, କିଛିଦିନ ତଳେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଭାଜପା, ବିଜେଡି ଓ କଂଗ୍ରେସ ମିଳିତ ଭାବେ ନିଷ୍ପତ୍ତି କରି ବିଧାନସଭାରେ ବିଧାୟକ, ମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତିଙ୍କ ସମେତ ପୂର୍ବତନ ବିଧାୟକ ଓ ମନ୍ତ୍ରୀ ସମସ୍ତଙ୍କ ଦରମା ବୃଦ୍ଧି ସମ୍ପର୍କିତ ବିଲ୍‌କୁ ଗୃହରେ ପାରିତ କରାଇଦେଲେ। ଏହି ସମୟରେ ସବୁ ଦଳ ଖୁସିରେ ଏକାଠି ମଧ୍ୟ ହୋଇଗଲେ। ମାତ୍ର ଏହି ଦରମା ବୃଦ୍ଧି ପ୍ରସଙ୍ଗକୁ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରଥମେ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟର ଲୋକମାନଙ୍କ ମଧ୍ୟରେ ଅହେତୁକ ଭାବେ ବିଧାୟକମାନଙ୍କ ଭତ୍ତା ବୃଦ୍ଧିକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଲା। ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଥିବାବେଳେ ତାଙ୍କ ଦଳର ବିଧାୟକ ଓ ମନ୍ତ୍ରୀମାନେ ଦରମା ବୃଦ୍ଧି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ଲାଗି ଦାବିପତ୍ର ପ୍ରଦାନ କଲେ। ବିଜେଡି ଏବଂ କଂଗ୍ରେସ ପକ୍ଷରୁ ମଧ୍ୟ ଏହି ନିଷ୍ପତ୍ତି ପ୍ରତ୍ୟାହାର ଲାଗି କୁହାଗଲା। ତେଣୁ ବିଧାନ ପରିଷଦ ଗଠନ ହେଲେ ବିଧାନସଭା ଭଳି ଅତିରିକ୍ତ ଖର୍ଚ୍ଚର ଏକ ବୋଝ ରାଜ୍ୟକୁ ସହିବାକୁ ପଡ଼ିପାରେ।

# ବେଆଇନ ଭାବେ ଭୂତଳ ଜଳ ଶୋଷୁଛି ଜେଏସ୍‌ଡବ୍ଲ୍ୟୁ କମ୍ପାନୀ

**କୁଜଙ୍ଗ, ୧୯।୧ (ମନୋଜ ପ୍ରଧାନ)**



ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ବୋରୱେଲ ଖନନ କରାଯାଉଛି।

- ମଧୁର ପାନୀୟ ଜଳ ପାଇବାରୁ ବଞ୍ଚିତ ହେବା ଆଶଙ୍କାରେ ଢିଙ୍କିଆ ଚାରିଦେଶବାସୀ
- ୩୦୦ରୁ ଊର୍ଦ୍ଧ୍ୱ ବୋରୱେଲ ଖନନ କରାଯାଇ କାରଖାନା ନିର୍ମାଣରେ ବ୍ୟବହାର କରାଯାଉଛି
- କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ, ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ

ଭୂତଳ ଜଳର ସଂରକ୍ଷଣ ପାଇଁ ସରକାରୀସ୍ତରରେ ବ୍ୟାପକ ପଦକ୍ଷେପ ନିଆଯାଉଥିବାବେଳେ ଏହାକୁ ଉତ୍ତୋଳନ ପାଇଁ କଟକଣା ଜାରି କରାଯାଇଛି। ଏଭଳିସ୍ଥଳେ ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ଚାରିଦେଶ(ଢିଙ୍କିଆ, ଗଡ଼କୁଜଙ୍ଗ, ନୂଆଗାଁ ପଞ୍ଚାୟତ)ରେ ନିର୍ମାଣାଧୀନ ଥିବା ଜେଏସ୍‌ଡବ୍ଲ୍ୟୁ ଇସ୍ପାତ ପ୍ରକଳ୍ପରେ ବେଆଇନ ଭାବେ ଭୂତଳ ଜଳର ବହୁଳ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ଏହାର କୁପରିଣାମ ସ୍ଥାନୀୟ ବାସିନ୍ଦାଙ୍କୁ ଆଗାମୀ ଦିନରେ ଭୋଗିବାକୁ ପଡ଼ିବ ବୋଲି ଆଶଙ୍କା କରଯାଉଛି। ଏନେଇ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଆଗାମୀ କିଛି ବର୍ଷ ମଧ୍ୟରେ ଅଞ୍ଚଳବାସୀଙ୍କୁ ମଧୁର ଜଳ ମିଳିବ ନାହିଁ ବୋଲି କ୍ଷୋଭ ପ୍ରକାଶ ପାଇଛି।

ଢିଙ୍କିଆ ଚାରିଦେଶରେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନିର୍ମାଣ ନିମନ୍ତେ ପ୍ରାଥମିକ ପର୍ଯ୍ୟାୟରେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ୩ଟି ବୋରୱେଲ ଖୋଳିବାକୁ ଅନୁମତି ଦେଇଛି। ମାତ୍ର ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ବେଆଇନ ଭାବେ ୩୦୦ରୁ ଊର୍ଦ୍ଧ୍ୱ ବୋରୱେଲ ଖନନ କରାଯାଇ ଭୂତଳ ଜଳକୁ କାରଖାନା ନିର୍ମାଣରେ ବ୍ୟବହାର କରାଯାଉଛି। ଏ ସମ୍ପର୍କରେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡରେ ଅଭିଯୋଗ ହେଲାପରେ କମ୍ପାନୀ କର୍ତ୍ତୃପକ୍ଷ ସମ୍ପୃକ୍ତ ବୋରୱେଲଗୁଡ଼ିକର ଉପର ପାଇପ୍‌ଗୁଡ଼ିକୁ ଖୋଲି ଦେଇଥିଲେ। ଏବେ କିନ୍ତୁ ଲେବର କଲୋନୀ ଓ ବ୍ୟାଚିଂ ପ୍ଲାଣ୍ଟକୁ ଜଳ ଯୋଗାଣ ନିମନ୍ତେ ସେଠାରେ ପୁନର୍ବାର ବୋରୱେଲ ଖନନ କରାଯାଉଥିବା ଅଭିଯୋଗ ହୋଇଛି। ପୂର୍ବରୁ ୧ ହଜାର ଫୁଟରୁ ଊର୍ଦ୍ଧ୍ୱ ଗଭୀରର ଅନେକ ବୋରୱେଲ ଖୋଳାଯାଇ କାର୍ଯ୍ୟକ୍ଷମ ହୋଇଛି। ଏଭଳିସ୍ଥିତିରେ ଢିଙ୍କିଆ ଚାରିଦେଶ ଅଞ୍ଚଳରେ ଥିବା ଅଗଭୀର ଟ୍ୟୁବ୍‌ୱେଲ୍‌ରୁ ଆଗାମୀ ଦିନରେ ଲୁଣାପାଣି ନିର୍ଗତ ହେବାର ଆଶଙ୍କା କରାଗଲାଣି। ଏହାଦ୍ୱାରା ପାନୀୟ ଓ ବ୍ୟବହାର ଉପଯୋଗୀ ଜଳ ସଙ୍କଟ ମଧ୍ୟକୁ ଢିଙ୍କିଆ ଚାରିଦେଶ ଠେଲି ହୋଇଯିବ। ଏହାସତ୍ତ୍ୱେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଓ ଜିଲା ପ୍ରଶାସନ ପକ୍ଷରୁ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ ବୋଲି ଦୀନଦୟାଲ ପାରାଦୀପ ଇଣ୍ଡଷ୍ଟ୍ରିଆଲ ୱାର୍କର୍ସ ୟୁନିୟନ ସଭାପତି କ୍ଷୀରୋଦ ଚନ୍ଦ୍ର ପରିଡ଼ା ଏବଂ ଜିନ୍ଦଲ ପ୍ରଭାବିତ ଢିଙ୍କିଆ ଚାରିଦେଶ ଉନ୍ନୟନ ସମିତି ଆବାହକ ବିଜୟ କେତନ ସାହୁ ପ୍ରେସ ବିଜ୍ଞପ୍ତିରେ ଜରିଆରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନେ ସେଥିରେ ଉଲ୍ଲେଖ କରିଛନ୍ତି ଯେ, ଶିଳ୍ପାୟନ ନାଁରେ ମଣିଷ ଜୀବନକୁ ମରଣ ମୁହଁକୁ ଠେଲି ଦିଆ ନ ଯାଉ। କମ୍ପାନୀ ପକ୍ଷରୁ ମହାନଦୀର ଯୋବ୍ରା ଆନିକଟରୁ ପାଇପ୍ ଯୋଗେ ପାଣି ଆଣି ନିର୍ମାଣ ଓ ଅନ୍ୟାନ୍ୟ କାର୍ଯ୍ୟରେ ଲଗାଇବା ପାଇଁ ଚୁକ୍ତି ହୋଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ସେଥିପାଇଁ ବ୍ୟବସ୍ଥା ହୋଇନାହିଁ। ଏହାର ତଦନ୍ତ କରାଗଲେ ସମସ୍ତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ପରିଡ଼ା ଓ ସାହୁ ଦାବି କରିଛନ୍ତି। ଏ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପର ଲୋକ ସମ୍ପର୍କ ଓ ସୂଚନା ଅଧିକାରୀ ମିତ୍ରଭାନୁ ଚୌଧୁରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ୍ ଫୋନ ଉଠାଇ ନ ଥିଲେ।

## ପାରଦ ଉପରମୁହାଁ, ୨୪ ପର୍ଯ୍ୟନ୍ତ କୁହୁଡ଼ି

**ଭୁବନେଶ୍ୱର, ୧୯।୧ (ବନ୍ଦନା ସେଠୀ):** ରାଜ୍ୟରେ ଏବେ ଋତୁ ବଦଳୁଛି। ରାତିରେ ଶୀତ କମିଥିବାବେଳେ ଦିନରେ ଖରାତାତି ବଢୁଛି। ତେବେ ଭୋର୍ ସମୟରେ ଶୀତ ଲହରି ଜାରି ରହିଥିଲେ ମଧ୍ୟ ଦିନସାରା ବସନ୍ତ ଋତୁର ପବନ ନିଆରା ଅନୁଭବ ଦେଉଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ପାରଦ ଏବେ ଉପରମୁହାଁ ହୋଇଛି। ତାପମାତ୍ରା ବୃଦ୍ଧି ପାଇବା ସହ ଶୀତ କମିଛି। ସେହିପରି ଆଗାମୀ ୫ଦିନ ଅର୍ଥାତ୍ ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଦେଖାଦେବା ନେଇ ଆକଳନ କରାଯାଇଛି।

# କଳଙ୍କ, କନ୍ଦଳରୁ କେବେ ମୁକୁଳିବ କଂଗ୍ରେସ

**ଭୁବନେଶ୍ୱର, ୧୯।୧ (ରବିନାରାୟଣ ଜେନା)**

ରାଜ୍ୟରେ ଗୋଟିଏ ପରେ ଗୋଟିଏ ସାଧାରଣ ନିର୍ବାଚନ, ରାଜ୍ୟ ସଭା ନିର୍ବାଚନ, ଉପନିର୍ବାଚନ ଓ ଅନ୍ୟାନ୍ୟ ନିର୍ବାଚନ ଯାଉଛି ଏବଂ ଆସୁଛି। ହେଲେ ଦୀର୍ଘ ୨୬ବର୍ଷ ଧରି ଜାତୀୟ କଂଗ୍ରେସ କେବଳ ସଂଘର୍ଷ କରି ଚାଲିଛି, ମାତ୍ର ସଫଳତାର ସ୍ୱାଦ ପାଇପାରୁ ନାହିଁ। କଂଗ୍ରେସ ଶାସନରେ ୧୯୮୪ରେ ହୋଇଥିବା ଛବିରାଣୀ ହତ୍ୟାକାଣ୍ଡ ଓ ପରେ ୧୯୯୯ ଜାନୁଆରୀ ୯ରେ ହୋଇଥିବା ଅଞ୍ଜନା ମିଶ୍ର ଗଣବଳାତ୍କାରର କଳଙ୍କ ପାଇଁ ଦଳ ଆଗକୁ ବଢ଼ି ପାରୁନାହିଁ। କଂଗ୍ରେସ ଶାସନର ସେହି କଳଙ୍କିତ ଇତିହାସ ପାଇଁ ଦଳର ନେତା ଓ କର୍ମୀଙ୍କ ମନୋବଳ ଦିନକୁ ଦିନ କ୍ଷୀଣ ହୋଇଯାଉଛି। ହେଲେ କଂଗ୍ରେସକୁ ଭଲ ପାଉଥିବା ଲୋକେ ଏବେ ବି ରାଜ୍ୟରେ କିଭଳି ଦଳ କ୍ଷମତାକୁ ଫେରିବ ସେନେଇ ସ୍ୱପ୍ନ ଦେଖୁଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ନିଜର ନୀତି ଓ ଆଦର୍ଶକୁ ନେଇ ଆଗକୁ ଯିବା ପରିବର୍ତ୍ତେ ସେଇ କଳଙ୍କିତ ଇତିହାସକୁ ମୁଣ୍ଡାଇ ବର୍ଷସାରା ବୁଲିବାକୁ ବାହାରିଛି। ଏହା ସମସ୍ତ କଂଗ୍ରେସପ୍ରେମୀଙ୍କୁ ହତୋତ୍ସାହ କରୁଛି।

ସେହିପରି ଦଳ ଭିତରେ ସବୁବେଳେ ଶୃଙ୍ଖଳାର ପାଠପଢ଼ା ଯାଉଛି। ହେଲେ ଦଳର ଛାମୁଆ ନେତାମାନେ ସମୟେ ସମୟେ ଏମିତି କନ୍ଦଳ କାଢ଼ି ଦେଉଛନ୍ତି ଯେ, ପରବର୍ତ୍ତୀ ସମୟରେ ଦଳ ଉପରକୁ ଉଠିବା ପାଇଁ ରାହା ପାଉନାହିଁ; ଯେଉଁଥିପାଇଁ ନିକଟରେ ପୂର୍ବତନ ବିଧାୟକ ମହମ୍ମଦ



ମୋକିମଙ୍କୁ ବିଦା କରିବା ପର୍ଯ୍ୟନ୍ତ କଥା ଯାଇଛି। ମୋକିମଙ୍କ ବହିଷ୍କାର ରାଜ୍ୟ କଂଗ୍ରେସରେ ସୁଧାର ଆଣିବ ନା ଦଳକୁ ରସାତଳକୁ ନେଇଯିବ, ତାହା ସମୟ କହିବ। ହେଲେ ଭକ୍ତଙ୍କ କଠୋର ଆଭିମୁଖ୍ୟକୁ ନେଇ ଦଳରେ ଏବେ ବି ଗୁଞ୍ଜରଣ ଲାଗି ରହିଛି।

ଇତିମଧ୍ୟରେ ରାଜ୍ୟ କଂଗ୍ରେସର ମଙ୍ଗ ବହୁ ବରିଷ୍ଠ ନେତାମାନେ ଧରିଛନ୍ତି, ହେଲେ ଯଥା ପୂର୍ବଂ ତଥା ପରମ୍ ନ୍ୟାୟରେ କଂଗ୍ରେସର ଗତି ମନ୍ଥର ରହିଛି। ଓଡ଼ିଶାରେ କଂଗ୍ରେସ କିଭଳି କ୍ଷମତାକୁ ଫେରିବ ତାକୁ ନେଇ ଏଆଇସିସି ପକ୍ଷରୁ ୨୦୨୫ ଫେବୃଆରୀରେ ସଂଗ୍ରାମୀ ନେତା ଭକ୍ତ ଚରଣ ଦାସଙ୍କୁ ପିସିସି ସଭାପତି ଆସନରେ ବସାଗଲା। ଏଠାରେ ମନେପକାଇ ଦିଆଯାଇପାରେ ଯେ, ପୂର୍ବରୁ କେଉଁଭଳି ଭାବେ କଂଗ୍ରେସର ହାଇକମାଣ୍ଡ ଓଡ଼ିଶାକୁ ଏକ ଏକ୍ସପେରିମେଣ୍ଟ ଭାବେ ବ୍ୟବହାର କରୁଥିଲେ। ଦିଲ୍ଲୀରୁ ନିଯୁକ୍ତି ପାଇ ଭୁବନେଶ୍ୱର ମାଟି ଛୁଇଁବା ମାତ୍ରେ ନୂଆ ରାଜ୍ୟ କଂଗ୍ରେସ କମିଟି ସଭାପତିଙ୍କୁ ବିରୋଧ ଆରମ୍ଭ କରି ଦିଆଯାଉଥିଲା। ଗୋଟିଏ ପରିବାରର ବ୍ୟବସାୟିକ ସ୍ୱାର୍ଥକୁ ସୁହାଉ ନ ଥିବା ବ୍ୟକ୍ତି କଂଗ୍ରେସର ସଭାପତି ଭାବେ ତିଷ୍ଠିବାର ଅସଫଳ ହେଉଥିଲେ। ଦଳକୁ ବାରମ୍ବାର ବିକ୍ରି କରି ଯେଉଁ ପରିବାର ଲାଭ ଉଠାଉଥିଲା, ତାହାକୁ ଆଜି ଭକ୍ତଙ୍କ ଦ୍ୱାରା ଦମନ କରାଯାଇଛି। ଏହି ପରିସ୍ଥିତିରେ ଭକ୍ତ ଦଳକୁ ଶୃଙ୍ଖଳିତ କରିବା ସହିତ ଆଗକୁ କିଭଳି ବଢ଼ିବ ସେଥିନେଇ ବିଭିନ୍ନ ପ୍ରକାର ରଣକୌଶଳ ପ୍ରୟୋଗ କରି ଚାଲିଛନ୍ତି। ହେଲେ ନିକଟରେ ନୂଆପଡ଼ାରେ ହୋଇଥିବା ଉପନିର୍ବାଚନରେ ଦଳକୁ ସେତେଟା ସଫଳତା ମିଳିପାରିଲା ନାହିଁ। ଯଦିଓ ସଂଖ୍ୟା ଦୃଷ୍ଟିରୁ ନୂଆପଡ଼ାରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଲା, ତଥାପି ପୂର୍ବ ନିର୍ବାଚନରେ ଯେତିକି ପରିମାଣର ଭୋଟ ମିଳିଥିଲା ତାହା ବଜାୟ ରଖିପାରିଲା ନାହିଁ। ଏହି ଉପନିର୍ବାଚନ ଭକ୍ତଙ୍କ ପାଇଁ ଅଗ୍ନି ପରୀକ୍ଷା ରହିଥିଲେ ହେଁ ସେ ସଫଳ ହୋଇପାରି ନ ଥିଲେ।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସଭାରେ ଓଡ଼ିଶାର ୪ଟି ଆସନ ଖାଲି ହେବାକୁ ଯାଉଛି। ଏ ସମସ୍ତ ଆସନ ଏବେ ବିଜେଡି ଖାତାରେ ରହିଥିବାବେଳେ ଅଙ୍କ ଦୃଷ୍ଟିରୁ ଏସବୁ ଆଉ ପୁନର୍ବାର ବିଜେଡି ଖାତାକୁ ଫେରିବ ନାହିଁ। ରାଜନୀତି ପାଣିପାଗ କହୁଛି ଯେ, ସେଥିରୁ ଭାଜପା ୨ଟି ଏବଂ ବିଜେଡି ଗୋଟିଏ ଆସନ ପାଇବେ। ଅବଶିଷ୍ଟ ଆସନଟି ପାଇଁ ବିଜେଡି-ଭାଜପା ମଧ୍ୟରେ ଅଙ୍କକଷା ଜୋରଦାର ଚାଲିଛି। ନିକଟରେ ବିଜେଡିରୁ ଦୁଇ ବିଧାୟକ ସଦସ୍ୟ ନିଲମ୍ବନ ହେବା ପରେ ଦଳରେ ହଟଚମଟ ଲାଗି ରହିଛି।

ଭାଜପା ଏବଂ ବିଜେଡି ରାଜ୍ୟ ସଭା ଦୌଡ଼ରେ ରହିଥିବାବେଳେ ଏସବୁ ଦୌଡ଼ରେ କଂଗ୍ରେସ ନାହିଁ। ସଂଖ୍ୟା ଦୃଷ୍ଟିରୁ ବହୁ ପଛରେ ରହିଥିବାରୁ କେତେକ ସଦସ୍ୟ କେବଳ କିଣାବିକା ପାଇଁ ସଜବାଜ ହେଉଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହା କଂଗ୍ରେସର ଛବିକୁ ପୁଣିଥରେ ମଳିନ ଯେ ନ କରିବ ତାକୁ ନେଇ ଏବେଠାରୁ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ଆଗକୁ ୨୦୨୭ରେ ରହିଛି ପଞ୍ଚାୟତ ନିର୍ବାଚନ। ଯଦି କଂଗ୍ରେସ ଏବେଠାରୁ ଘର ନ ସଜାଡ଼େ ତେବେ ଏହା ପୁନର୍ବାର ଦଳ ପାଇଁ ଘାତକ ସାବ୍ୟସ୍ତ ହେବ। ଯେଉଁ ପାପକୁ ଧୋଇବା ପାଇଁ ଭକ୍ତଙ୍କୁ ଦାୟିତ୍ୱ ଦିଆଯାଇଛି ଯଦି ସେ ପୁଣି ଥରେ ସେଥିରେ ଘାଣ୍ଟି ହେବେ ଏବଂ କଂଗ୍ରେସର କଳଙ୍କିତ ଅଧ୍ୟାୟକୁ ସାଙ୍ଗରେ ଧରି ବୁଲିବେ ତେବେ ଦଳର କ୍ଷମତା ଆଶା ମଉଳିଯିବ ବୋଲି ବିଶିଷ୍ଟ ରାଜନେତାମାନେ ବିବେଚନା କରୁଛନ୍ତି।

# ଭଦ୍ରକ ଡାକ୍ତରଖାନା ବାଥ୍‌ରୁମ୍‌ରୁ ମିଳିଲା ମୃତଦେହ

**ଭଦ୍ରକ, ୧୯।୧ (ସନାତନ ରାଉତ)**

## ପୁଣି ଅଲୋଡ଼ା ଶିଶୁକନ୍ୟା

ପୁଣି ଅଲୋଡ଼ା ହେଲା ନବଜାତ ଶିଶୁକନ୍ୟା। ଡାକ୍ତରଖାନା ବାଥ୍‌ରୁମ୍‌ରୁ ମିଳିଛି ଏକ ନବଜାତ ଶିଶୁକନ୍ୟାର ମୃତଦେହ। ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଡାକ୍ତରଖାନାର ମହିଳା ୱାର୍ଡ ବାଥ୍‌ରୁମ୍‌ରେ ନବଜାତ ଶିଶୁକନ୍ୟା ପଡ଼ିଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ ଦେଖିବା ପରେ ଘଟଣା ସାମ୍ନାକୁ ଆସିଛି। କେହି ଜଣେ ସଦ୍ୟ ପ୍ରସବା ଏହି ନବଜାତ ଶିଶୁକନ୍ୟାକୁ ବାଥ୍‌ରୁମ୍‌ରେ ପକାଇ ଚିକିତ୍ସାଳୟରୁ ପଳାଇ ଯାଇଥିବା ଏବଂ ପରେ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ତେବେ ଡାକ୍ତରଖାନା କର୍ମଚାରୀ କିମ୍ବା ଏପରିକି ସେହି ୱାର୍ଡରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀ, ଷ୍ଟାଫ୍‌ନର୍ସ ଓ ସୁରକ୍ଷା କର୍ମୀ ଘଟଣା ବିଷୟରେ କିପରି ଜାଣିପାରିଲେ ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଏ ଓ କେଉଁ ପରିସ୍ଥିତିରେ ଏପରି ପିଲା ଜନ୍ମ କରି ଛାଡ଼ି ଚାଲି ଯାଇଛନ୍ତି, ତାହାକୁ ନେଇ ମେଡିକାଲ କର୍ତ୍ତୃପକ୍ଷ ଖୋଳତାଡ଼ ଆରମ୍ଭ କରିଛନ୍ତି। ତେବେ ନୂତନ ଭାବେ ଯୋଗଦେଇଥିବା ନୂତନ ଭାବେ ଯୋଗ ଦେଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।



ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡ଼ିକୁ ମାନିବାକୁ ତତ୍ପର ହେଉଥାଅ- ଜାଣିରଖ ଯେ, ତୁମେ ତତ୍କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ। ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ। -ଶ୍ରୀମା

-ଦ୍ୱିତୀୟାର ଚନ୍ଦ୍ର ଦର୍ଶନ



# କୁଳି, ମୂଳିଆଙ୍କ ଦେଶ

ପାଖାପାଖି ୧୫୦ କୋଟି ଲୋକସଂଖ୍ୟା ବିଶିଷ୍ଟ ଭାରତରେ ଯୁବଶକ୍ତିର କେତେ ବେରୋଜଗାର ଅଛନ୍ତି ତାହାର ବାସ୍ତବ ସଂଖ୍ୟା ଜାଣିବା ଅସମ୍ଭବ। ଏଇଥିପାଇଁ ଅସମ୍ଭବ କୁହାଯାଉଛି ଯେ, କାରଣ ଏବକାର ପରିସ୍ଥିତିରେ କୌଣସି ସରକାରୀ କଳ ଦ୍ୱାରା ସଂଗୃହୀତ ତଥ୍ୟ ଉପରେ ଭରସା କରାଯାଇପାରିବ ନାହିଁ। ତେବେ ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍ଓ) ଏବଂ ଇନ୍ଷ୍ଟିଚ୍ୟୁଟ ଅଫ୍ ହ୍ୟୁମାନ ଡେଭଲପ୍ମେଣ୍ଟ (ଆଇଏଚ୍ଡି) ୨୦୨୪ରେ ଏକ ରିପୋର୍ଟ ପ୍ରକାଶ କରିଥିଲେ, ଯେଉଁଥିରେ ଦର୍ଶାଯାଇଥିଲା ଯେ ନିଯୁକ୍ତିବିହୀନ ଭାରତୀୟଙ୍କ ମଧ୍ୟରେ ରହିଛନ୍ତି ୮୩ ପ୍ରତିଶତ ଯୁବବର୍ଗ। ଅର୍ଥାତ୍ ଭାରତରେ ଯୁବ ବେକାର ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିଚାଲିଛି। ଏବେ ଚକିତ କଲାଭଳି ଏକ ରିପୋର୍ଟ 'ୱାର୍କଇଣ୍ଡିଆ' ପକ୍ଷରୁ ପ୍ରକାଶ ପାଇଛି। ଭାରତରେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଆଶାୟୀ ଓ ନିଯୁକ୍ତିଦାତାଙ୍କ ମଧ୍ୟରେ ଘଟସୂତ୍ର ସ୍ଥାପନ କରିବା ଦିଗରେ କାର୍ଯ୍ୟ କରୁଥିବା ଏହି ଅନ୍ଲାଇନ୍ ଜବ୍ ପୋର୍ଟାଲ କହିଛି ଯେ, ଦେଶରେ ବହୁ ଚାକିରି ଦଶମ ଶ୍ରେଣୀ ତଳକୁ ପଢ଼ିଥିବା ବର୍ଗକୁ ପସନ୍ଦ କରୁଛି। ଏହାର ଅର୍ଥ ବୁଝାଯିବା କଥା ନୁହେଁ ଯେ, ଦଶମ ପରେ ଅର୍ଜନ କରାଯାଇଥିବା ଡିଗ୍ରୀର ମାନେ କିଛି ନାହିଁ। କିନ୍ତୁ ଦେଶର ଶ୍ରମ ବଜାର କିଭଳି ଦିଗରେ ଗତି କରୁଛି ତାହାକୁ ଲକ୍ଷ୍ୟ କରିବା କଥା। କମ୍ ଶିକ୍ଷାଗତ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତି କିଭଳି ନିଯୁକ୍ତି ବଜାରରେ ଆଦର ପାଉଛନ୍ତି ତାହାର ସଂଖ୍ୟାତ୍ମକ ରିପୋର୍ଟ ୱାର୍କଇଣ୍ଡିଆ ପ୍ରକାଶ କରିଛି। ୨୦୨୫ରେ ପ୍ରାୟ ୯.୯ ଲକ୍ଷ ନିଯୁକ୍ତିଦାତା ଓ ୧୦ କୋଟିରୁ ଅଧିକ କର୍ମଚାରୀଙ୍କ ନିଯୁକ୍ତି ତଥ୍ୟ ଉପରେ ଆଧାରିତ ରିପୋର୍ଟରେ କୁହାଯାଇଛି ଯେ, ଚାକିରି ପାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଦଶମ ଶ୍ରେଣୀ ତଳେ ରହିଥିବା ବର୍ଗଙ୍କ ସବୁଠାରୁ ଅଧିକ ଚାହିଦା ଥିବା ଯୋଗ୍ୟତା ପାଲଟିଯାଇଛି। ଅନ୍ୟପକ୍ଷରେ କର୍ମଚାରୀ ଓ ମାନବ ସମ୍ବଳ ଦିଗରେ କାର୍ଯ୍ୟରତ 'ଟିମ୍ଲିଜ୍'ର ଏକ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ୭୫ ପ୍ରତିଶତ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଏବେବି ଶିଳ୍ପ ଆବଶ୍ୟକତା ସହ ଅସଙ୍ଗତ ରହିଛନ୍ତି। ଚାକିରି ଓ ଶିକ୍ଷା ବର୍ତ୍ତମାନ ଭିନ୍ନ ପଥରେ ଯାଉଛନ୍ତି, ଯାହା ପୂର୍ବରୁ ହାତେହାତେ ଚାଲୁଥିଲା।

> କାର୍ଯ୍ୟଦକ୍ଷତାର ଘୋର ଅଭାବ ଯୋଗୁ ଭାରତର ଯୁବପିଢ଼ି ନିଯୁକ୍ତିଯୋଗ୍ୟ ହୋଇପାରୁ ନାହାନ୍ତି। ଦଶମ ଶ୍ରେଣୀରୁ ନିମ୍ନ ଥିବା ବ୍ୟକ୍ତିଙ୍କୁ ନିଯୁକ୍ତି ମିଳୁଥିବାର ଅର୍ଥ ହେଉଛି କୁଳି, ମୂଳିଆ ଓ କ୍ଲିନର ଚାକିରି। ଖୁବ୍ଶୀଘ୍ର ଏହି ଦେଶ ଅଳ୍ପ କେତେକ ପୁଞ୍ଜିପତିଙ୍କ ଦ୍ୱାରା ଶାସିତ ହେବ, ଯେଉଁଥିରେ ସାଧାରଣ ଯୁବତୀଯୁବକ କେବଳ ସେହି ଛୋଟକାଟିଆ କାମରେ ନିଯୁକ୍ତ ହେଉଥିବେ।

ଉପରଲିଖିତ ରିପୋର୍ଟ ଦେଖିଲେ ଭାରତରେ ନିଯୁକ୍ତିର ବିଷମ ଦିଗସବୁ ପଦାକୁ ଆସୁଛି। ଏଥିପାଇଁ ଦେଶର ଶିକ୍ଷା ଓ ନିଯୁକ୍ତିଭିତ୍ତିକ ନୀତି ବା ଯୋଜନାକୁ ଇଙ୍ଗିତ କରାଯାଇପାରେ। ଭାରତ ବିକଶିତ ରାଷ୍ଟ୍ର ହେବା ପାଇଁ ସ୍ୱପ୍ନ ଦେଖିବା ସ୍ୱାଗତଯୋଗ୍ୟ। ୫ ଟ୍ରିଲିୟନ ଅର୍ଥନୀତି ପାଇଁ ଆକାଂକ୍ଷା ରଖିବା ଉତ୍ସାହଜନକ। କିନ୍ତୁ ପ୍ରଶ୍ନ ଉଠୁଛି ଯେ, ଏଥିପାଇଁ ଦେଶର ଯୁବଶକ୍ତିକୁ କେତେ ପରିମାଣରେ ପ୍ରସ୍ତୁତ କରାଯାଉଛି। ଗତ ଦଶନ୍ଧି ହେବ ନିଯୁକ୍ତି କ୍ଷେତ୍ରକୁ ବ୍ୟାପକ କରାଯାଉଥିବା ଜୋରଦାର କୁହାଯାଉଛି। ବାସ୍ତବରେ ଦେଖିଲେ କମ୍ ପାଠ ପଢ଼ି କୁଶଳୀ ହେଉଥିବା ବର୍ଗଙ୍କୁ ବିଶେଷ ଅଗ୍ରାଧିକାର ଦିଆଯାଉଛି। କାରଣ ଭାରତରେ ଶିକ୍ଷାଲାଭ କରିଥିବା ଯୁବକ ଯଦି ନିଜକୁ ଉଚ୍ଚଶିକ୍ଷିତ ମନେକରନ୍ତି, ତେବେ ସେମାନେ ନିଜ ହାତରେ କୌଣସି କାର୍ଯ୍ୟ କରିବାକୁ ପସନ୍ଦ କରନ୍ତି ନାହିଁ। ସମସ୍ତଙ୍କୁ ଟେବୁଲରେ ବସା ଚାକିରି ଆବଶ୍ୟକ, ଯେଉଁଥିରେ ମାସ ଶେଷରେ ଦରମା ସୁନିଶ୍ଚିତ ଥିବ। ଯଦି ଦରମା ସହିତ ଉପୁରି ମିଳିପାରିଲା ତେବେ ତାହା ଆକର୍ଷଣୀୟ ଚାକିରି, ଯାହାକୁ ହାସଲ କରିବା ପାଇଁ ଆଶାୟୀ ସମ୍ପତ୍ତି ବିକ୍ରିକରି ଘୁସ୍ ଦେବାପାଇଁ ପ୍ରସ୍ତୁତ ହୋଇଯାଆନ୍ତି। କାର୍ଯ୍ୟରେ ସମୟ ଏବଂ ଗୁଣବତ୍ତାକୁ ଆଖିରେ ରଖିବାର ଚରିତ୍ର ଆମେ ଭାରତୀୟମାନେ ଶିଖିବାକୁ ନାରାଜ। ସମୟ ଥିଲା ଭାରତରୁ ଅନେକ ପୂର୍ଣ୍ଣାଙ୍ଗ ଉତ୍ପାଦ ବିଦେଶକୁ ରପ୍ତାନି ହେଉଥିଲା। ଗତ ଦଶନ୍ଧିର ରେକର୍ଡ ଦେଖିଲେ ମନେହେଉଛି ଏହି ଦେଶରୁ କେବଳ କଞ୍ଚାମାଲ ବିଦେଶକୁ ରପ୍ତାନି ହେଉଛି। ଭାରତୀୟ ଯୁବକ ବାସ୍ତବରେ କାର୍ଯ୍ୟ ନୁହେଁ, ଚାକିରି ଖୋଜିଥାନ୍ତି। ଏହି ଦୁଇଟି ଶବ୍ଦ ମଧ୍ୟରେ ଅନେକ ଅନ୍ତର ରହିଛି। କାର୍ଯ୍ୟଦକ୍ଷତାର ଘୋର ଅଭାବ ଯୋଗୁ ଭାରତର ଯୁବପିଢ଼ି ନିଯୁକ୍ତିଯୋଗ୍ୟ ହୋଇପାରୁ ନାହାନ୍ତି। ଦଶମ ଶ୍ରେଣୀରୁ ନିମ୍ନ ଥିବା ବ୍ୟକ୍ତିଙ୍କୁ ନିଯୁକ୍ତି ମିଳୁଥିବାର ଅର୍ଥ ହେଉଛି କୁଳି, ମୂଳିଆ ଓ କ୍ଲିନର ଚାକିରି। ଖୁବ୍ଶୀଘ୍ର ଏହି ଦେଶ ଅଳ୍ପ କେତେକ ପୁଞ୍ଜିପତିଙ୍କ ଦ୍ୱାରା ଶାସିତ ହେବ, ଯେଉଁଥିରେ ସାଧାରଣ ଯୁବତୀଯୁବକ କେବଳ ସେହି ଛୋଟକାଟିଆ କାମରେ ନିଯୁକ୍ତ ହେଉଥିବେ।

# ଜଳବାୟୁ ବିପଦ ସୂଚକାଙ୍କ ଚେତାବନୀ



ପ୍ରକାଶ ତ୍ରିପାଠୀ

ସମ୍ପ୍ରତି ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ବିପଦପୂର୍ଣ୍ଣ ସ୍ତରରେ ପହଞ୍ଚିଛି। ଏହାଦ୍ୱାରା ଅନେକ ଅଞ୍ଚଳରେ ଜନସାଧାରଣ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି। ଏହାର ମୁଖ୍ୟ କାରଣ ଭାବେ ଯାନବାହନ ଓ ଶିଳ୍ପ ଆଦିରୁ ଧୂଆଁ ନିଷ୍କାସନ, ନିର୍ମାଣ କାର୍ଯ୍ୟ, ଅଳିଆ ଏବଂ ନଡ଼ା ପୋଡ଼ିବାଜନିତ ପ୍ରଦୂଷଣ କୁହାଯାଉଛି। ଏହି ପ୍ରଦୂଷଣର ପ୍ରଭାବ କେବଳ ଦିଲ୍ଲୀ ପର୍ଯ୍ୟନ୍ତ ସୀମିତ ନୁହେଁ; ବିହାର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଚଣ୍ଡିଗଡ଼ ଭଳି ପାହାଡ଼ିଆ ଏବଂ ଅନ୍ୟାନ୍ୟ ରାଜ୍ୟରେ ବାୟୁ ଗୁଣବତ୍ତାକୁ ମଧ୍ୟ ଖରାପ କରୁଛି। ଠିକ୍ ଏହି ସମୟରେ ଜଳବାୟୁ ବିପଦ ସୂଚକାଙ୍କ ୨୦୨୬ର ଏକ ସଦ୍ୟ ରିପୋର୍ଟ ପ୍ରକାଶ ପାଇଛି, ଯାହା କି ଭାରତର ଜଳବାୟୁ ପ୍ରତି ଚରମ ଚେତାବନୀ ଦେଇଛି। ଏହି ରିପୋର୍ଟ ଅନୁଯାୟୀ ୧୯୯୫-୨୦୨୪ ସମୟ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଚରମ ପାଣିପାଗ ଘଟଣା (ବନ୍ୟା, ସାମୁଦ୍ରିକ ଝଡ଼, ଅଂଶୁଘାତ, ମରୁଡି ଇତ୍ୟାଦି) ପାଇଁ ସବୁଠାରୁ ଅଧିକ ସମ୍ବେଦନଶୀଳ ଶୀର୍ଷ ଦଶଟି ଦେଶ ମଧ୍ୟରେ ଭାରତ ସ୍ଥାନ ପାଇଛି। ଏହି ତିରିଶ ବର୍ଷର ସମୟ ମଧ୍ୟରେ, ଭାରତ ପ୍ରାୟ ୪୩୦ଟି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି, ଯେଉଁଥିରେ ପ୍ରାୟ ଅଶୀ ହଜାର ଲୋକଙ୍କ ମୃତ୍ୟୁ ହେବା ସହ ଶହେ କୋଟିରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ଏହି ସମୟରେ ଆନୁମାନିକ ଆର୍ଥିକ କ୍ଷତି ଥିଲା ପ୍ରାୟ ୧୭୦ ବିଲିୟନ । ଏହି ରିପୋର୍ଟ ଆହୁରି ସ୍ପଷ୍ଟ କରିଛି ଯେ ଭାରତ 'ନିରନ୍ତର ବିପଦ' ବର୍ଗରେ ରହି ଆସିଛି ଓ ଦେଶରେ ଜଳବାୟୁ ବିପର୍ଯ୍ୟୟ ଏତେ ନିୟମିତ ଘଟୁଛି ଯେ ଗୋଟିଏ ବିପର୍ଯ୍ୟୟର ପ୍ରଭାବରୁ ସମ୍ପୂର୍ଣ୍ଣ ମୁକୁଳିବା ପୂର୍ବରୁ ଆଉ ଗୋଟିଏ ବିପର୍ଯ୍ୟୟ ଘଟି ଯାଉଛି । ଯଦି ଜଳବାୟୁ-ସ୍ମାର୍ଟ ନୀତି, ବିପର୍ଯ୍ୟୟ ପରିଚାଳନା, ସବୁଜ ଭିତ୍ତିଭୂମି, ଜଳ ସଂରକ୍ଷଣ, ଉପକୂଳ ସୁରକ୍ଷା ଏବଂ ଗ୍ରାମୀଣ ବିକାଶ ଉପରେ ତୁରନ୍ତ ଏବଂ ସକ୍ରିୟ ପଦକ୍ଷେପ ନିଆ ନ ଯାଏ, ତେବେ ଆଗାମୀ ଦଶନ୍ଧିଗୁଡ଼ିକରେ ଭାରତର ଦୁର୍ବଳତା ଆହୁରି ବୃଦ୍ଧି ପାଇପାରେ। ପ୍ରକାଶଯୋଗ୍ୟ ଯେ ଜଳବାୟୁ ବିପଦ ସୂଚକାଙ୍କ ହେଉଛି ଜର୍ମାନୱାଚ ନାମକ ଏକ ଅନ୍ତର୍ଜାତୀୟ ପରିବେଶଭିତ୍ତିକ ସ୍ୱାଧୀନ ସଂଗଠନର ଏକ ବାର୍ଷିକ ପ୍ରକାଶନ। ଏହି ସଂଗଠନ ୨୦୦୬ ମସିହାରୁ ଚରମ ପାଣିପାଗ ଘଟଣାଗୁଡ଼ିକର ମାନବ ଏବଂ ଆର୍ଥିକ କ୍ଷତିକୁ ସର୍ବେକ୍ଷଣ କରିଆସୁଛି।

ବ୍ରାଜିଲର ବେଲେମରେ ଅନୁଷ୍ଠିତ ଜଳବାୟୁ ବିପଦ ସୂଚକାଙ୍କ ସମ୍ମିଳନୀରେ ପ୍ରକାଶିତ ରିପୋର୍ଟ



ପୁଣିଥରେ ବିଶ୍ୱ ସମ୍ମୁଖରେ ସେହି କଠୋର ସତ୍ୟକୁ ଉପସ୍ଥାପନ କରିଛି, ଯାହା ଆମେ ବର୍ଷ ବର୍ଷ ଧରି ଅନୁଭବ କରିଆସୁଛୁ। କିନ୍ତୁ ଏହାର ସମାଧାନ ଖୋଜିବାର ଗତି ଏପର୍ଯ୍ୟନ୍ତ ନଗଣ୍ୟ। ଏହି ରିପୋର୍ଟରେ ଭାରତର ଏକ ଭୟଙ୍କର ଜଳବାୟୁ ଚିତ୍ର ଯେପରି ଦର୍ଶାଯାଇଛି, ତାହାକୁ ଅଣଦେଖା କଲେ ତାହା ଜାତୀୟ ସୁରକ୍ଷା, ଅର୍ଥନୀତି, ଖାଦ୍ୟ ସୁରକ୍ଷା ଏବଂ ମାନବ ଜୀବନ ପାଇଁ ବିପଦପୂର୍ଣ୍ଣ ହେବ। ଯେତେବେଳେ ଭାରତ ବିଶ୍ୱ ପ୍ଲାଟଫର୍ମରେ ବିକାଶକୁ ତ୍ୱରାନ୍ୱିତ କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଭିତ୍ତିଭୂମିରେ ପ୍ରଚୁର ନିବେଶ କରିବା ବିଷୟରେ କଥାବାର୍ତ୍ତା କରୁଛି, ସେତେବେଳେ ଜଳବାୟୁ ସଙ୍କଟ ଆମ ବିକାଶରେ ନୂଆ ନୂଆ ପ୍ରତିବନ୍ଧକ ସୃଷ୍ଟି କରୁଛି। ଭାରତର ଭୌଗୋଳିକ ବିବିଧତା ଏଥିପାଇଁ ସୁଯୋଗ ଏବଂ ଚ୍ୟାଲେଞ୍ଜ ସୃଷ୍ଟି କରୁଛି । ସାମୁଦ୍ରିକ ବାତ୍ୟା/ଘୂର୍ଣ୍ଣିବାତ୍ୟାର ବୃଦ୍ଧି ପାଉଥିବା ତୀବ୍ରତା, କିଛି ଅଞ୍ଚଳରେ ନିରନ୍ତର ମରୁଡ଼ି ଏବଂ ଅନେକ ରାଜ୍ୟରେ ବିନାଶକାରୀ ବନ୍ୟା - ଏହି ତିନୋଟି ମିଳିତ ଭାବରେ ଭାରତ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି, ଯାହା ଖାଦ୍ୟ ଶୃଙ୍ଖଳ, ଜଳ ସୁରକ୍ଷା ଏବଂ ଜୀବିକା ପାଇଁ ଗମ୍ଭୀର ବିପଦ ଆଣିଛି। ଗତ ବର୍ଷର ପ୍ରବଳ ବର୍ଷା ଏବଂ ବନ୍ୟା ପ୍ରାୟ ଆଠ ନିୟୁତ ଲୋକଙ୍କୁ ପ୍ରଭାବିତ କରିଥିଲା । ଏହି ସଂଖ୍ୟା ସୂଚାଇ ଦିଏ ଯେ ପ୍ରତ୍ୟେକ ଜଳବାୟୁ ପ୍ରଭାବ ବର୍ତ୍ତମାନ ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ସିଧାସଳଖ ପ୍ରଭାବିତ କରୁଛି।

୧୪୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ଖାଦ୍ୟ ଯୋଗାଇବା ନିଶ୍ଚିତ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ। ଜଳବାୟୁ ପରିବର୍ତ୍ତନ କୃଷି ଚକ୍ରକୁ ପରିବର୍ତ୍ତନ କରିଛି। କୃଷି ତଥା ଆନୁଷଙ୍ଗିକ କୃଷିକୁ ଅନିଶ୍ଚିତ ପରିସ୍ଥିତିକୁ ଠେଲି ଦେଇଛି। ଋତୁଚକ୍ର ପରିବର୍ତ୍ତନ, ପରିବର୍ତ୍ତନଶୀଳ ତାପମାତ୍ରା, ଅସମୟରେ ବର୍ଷା ଏବଂ ଦୀର୍ଘ ମରୁଡ଼ି ଅନେକ ଫସଲର ଉତ୍ପାଦନକୁ ଗଭୀର ଭାବରେ ପ୍ରଭାବିତ କରିଛି। ତେଣୁ, ଆଜି କେବଳ କୃଷି ପ୍ରଯୁକ୍ତିବିଦ୍ୟା ନୁହେଁ ବରଂ ଚାଷୀ ସ୍ତରରେ ବ୍ୟାପକ ସଚେତନତା, ଫସଲ ବିବିଧତା, ଜଳ ସଂରକ୍ଷଣ ଏବଂ ତାପମାତ୍ରା-ପ୍ରତିରୋଧୀ ବିହନ ଉପରେ ଗବେଷଣା ମଧ୍ୟ ସମାନ ଭାବରେ ଜରୁରୀ। ଭାରତ ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ଏହାର ଜଳବାୟୁ ପ୍ରତିବଦ୍ଧତାକୁ ଗମ୍ଭୀରତାର ସହିତ ଅନୁସରଣ କରିଛି। ନବୀକରଣୀୟ ଶକ୍ତି, ବିଶେଷକରି ସୌର ଶକ୍ତି କ୍ଷେତ୍ରରେ ଭାରତର ଅଗ୍ରଗତି ଉଲ୍ଲେଖନୀୟ। କିନ୍ତୁ କେବଳ ଲକ୍ଷ୍ୟ ସ୍ଥିର କରିବା ଯଥେଷ୍ଟ ନୁହେଁ, ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ତୃଣମୂଳ ସ୍ତରରେ ଏହାର ପ୍ରକୃତ ପ୍ରଭାବ କେତେ ତାହା ନିରୂପଣ ହେବା ଆବଶ୍ୟକ। ତାପମାତ୍ରା ବୃଦ୍ଧି ପାଇଁ ପଦକ୍ଷେପ ହେଉ କିମ୍ବା କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ଯୋଜନା ହେଉ, ସେମାନଙ୍କର ଫଳାଫଳ କେବଳ କାଗଜପତ୍ରରେ ନୁହେଁ ବରଂ ଗ୍ରାମ ଏବଂ ସହରଗୁଡ଼ିକର ପ୍ରକୃତ ପରିସ୍ଥିତିରେ ଦୃଶ୍ୟମାନ ହେବା ଉଚିତ। ଏହାକୁ ହାସଲ କରିବା ପାଇଁ, ଗ୍ରାମ ପଞ୍ଚାୟତଠାରୁ ଆରମ୍ଭ କରି ପୌର ସଂସ୍ଥା ପର୍ଯ୍ୟନ୍ତ ସମସ୍ତଙ୍କୁ ସମାଧାନ ପ୍ରକ୍ରିୟାରେ ସାମିଲ କରିବା ଅତ୍ୟନ୍ତ ଜରୁରୀ। ବିକାଶ ଏବଂ ପରିବେଶ ସୁରକ୍ଷାକୁ ଅସଙ୍ଗତ ବୋଲି ବିଚାର କରିବା ଏକ ଦୀର୍ଘକାଳୀନ ଭୁଲ୍। ପରିବେଶଗତ ଦୃଷ୍ଟିରୁ ଆଜି ସମସ୍ତ ବିକାଶ ମଡେଲ ସମ୍ବେଦନଶୀଳ ହେବା ଆବଶ୍ୟକ। ଯଦି ବିକାଶ ଜଙ୍ଗଲ କଟାର ମୂଲ୍ୟରେ ଆସେ, ତେବେ ଏହାର ଲାଭ କ୍ଷଣସ୍ଥାୟୀ ଏବଂ କ୍ଷତି ଅଧିକ । ଏହା ମଧ୍ୟ ଏକ ସତ୍ୟ ଯେ ବିଶ୍ୱ କାର୍ବନ ନିର୍ଗମନରେ ଯେଉଁ ଦେଶମାନଙ୍କର ଅବଦାନ ନଗଣ୍ୟ, ସେମାନେ ଜଳବାୟୁ ସଙ୍କଟର ଅଧିକ ସମ୍ମୁଖୀନ ହେଉଛନ୍ତି । ବିକାଶଶୀଳ ଦେଶମାନଙ୍କ ପାଖରେ ଜଳବାୟୁ ବିପର୍ଯ୍ୟୟର ମୁକାବିଲା ପାଇଁ ସୀମିତ ସମ୍ବଳ ଏବଂ ସୀମିତ କ୍ଷମତା ଅଛି। ତେଣୁ, ବିକଶିତ ରାଷ୍ଟ୍ରଗୁଡ଼ିକର ଦାୟିତ୍ୱ କେବଳ ଆର୍ଥିକ ସହାୟତାରେ ନୁହେଁ, ବରଂ ସେମାନଙ୍କର କାର୍ବନ ନିର୍ଗମନରେ ଯଥେଷ୍ଟ ଏବଂ ତୁରନ୍ତ ହ୍ରାସ କରିବାରେ ମଧ୍ୟ ରହିଛି। ଭାରତ ପାଇଁ, ଜଳବାୟୁ ପରିବର୍ତ୍ତନ ଆଉ ଏକ ଦୂର ବିପଦ ନୁହେଁ; ଏହା ପ୍ରତିବର୍ଷ, ପ୍ରତ୍ୟେକ ଋତୁରେ ଆମ ଦ୍ୱାରକୁ କରାଘାତ କରୁଛି।

ଏହା କେବଳ ସରକାରୀ ନୀତି, ଶିଳ୍ପ କିମ୍ବା ଅନ୍ତର୍ଜାତୀୟ ଚୁକ୍ତିନାମାର ବିଷୟ ନୁହେଁ, ବରଂ ସମଗ୍ର ସମାଜର ଦାୟିତ୍ୱ। ଯଦି ଏହାର ମୁକାବିଲାର ପ୍ରୟାସକୁ ଯୁଦ୍ଧକାଳୀନ ସ୍ତରରେ କରା ନ ଯାଏ, ତେବେ ଏହି ସଙ୍କଟ ଆଗାମୀ ଦଶନ୍ଧିରେ କେବଳ ମାନବ ସଙ୍କଟକୁ ବୃଦ୍ଧି କରିବ ନାହିଁ ବରଂ ଭାରତର ବିକାଶ ଯାତ୍ରାକୁ ଗୁରୁତର ଭାବରେ ବାଧା ଦେବ। ସାମଗ୍ରିକ ଭାବରେ, ଏହା କୁହାଯାଇପାରେ ଯେ ଜଳବାୟୁ ସଙ୍କଟ ଏକ ବିଶ୍ୱ ସଙ୍କଟ ଏବଂ ଭାରତକୁ ଏହା ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିବ। ଏହା ଏପରି ଏକ ସମସ୍ୟା ଯାହା ଆମ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଖାଦ୍ୟ ପର୍ଯ୍ୟନ୍ତ ସବୁକିଛିକୁ ପ୍ରଭାବିତ କରୁଛି। ତେଣୁ, ଏହାର ଭୟଙ୍କର ପରିସ୍ଥିତିକୁ ବୁଝିବା ଆବଶ୍ୟକ। ଯଦି ଆମେ ସମୟ ମଧ୍ୟରେ ଜାଗ୍ରତ ନ ହେବା, ତେବେ ଏହି ସମସ୍ୟା ଆହୁରି ବଢ଼ିଯିବ। ଏହି ଅର୍ଥରେ, ଜଳବାୟୁ ବିପଦ ସୂଚକାଙ୍କ-୨୦୨୬ କେବଳ ଏକ ପରିସଂଖ୍ୟାନ ନୁହେଁ, ଏହା ଏକ ଚେତାବନୀ। ଏହା ଦର୍ଶାଏ ଯେ ଜଳବାୟୁ ସଙ୍କଟ ଆଉ ଭବିଷ୍ୟତର କଥା ନୁହେଁ, ବରଂ ବର୍ତ୍ତମାନର ଚରମ ବାସ୍ତବତା।

**ମୋ:୯୪୩୭୨୩୨୪୬୩**

# ବୁଦ୍ଧି ବିସ୍ଫୋଟ



ଡ଼. ନରେନ୍ଦ୍ର ସେଠୀ

ବିଜ୍ଞାନ ଦୃଷ୍ଟିରେ ୨୦୨୬କୁ ଏକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣରେ ଦଣ୍ଡାୟମାନ ଥିବାର ଦେଖିବାକୁ ମିଳିଛି। ଏଆଇ ନାମରେ କୃତ୍ରିମ ବୁଦ୍ଧିମତ୍ତା ସମଗ୍ର ବିଶ୍ୱକୁ ବଦଳାଇ ଦେବାର ସାମର୍ଥ୍ୟ ନେଇ ବିଶ୍ୱର ମାନବ ସମ୍ବଳ ଉପରେ କୋପ ଦୃଷ୍ଟି ନିକ୍ଷେପ କରିଛି। ଏଆଇ ଯେତିକି ଦ୍ରୁତ ବେଗରେ ଆମ ଜୀବନ ଶୈଳୀକୁ ପ୍ରଭାବିତ କରୁଛି ଏହା ଦ୍ୱାରା ଏକଥା ସତ୍ୟ ଯେ ଆଗାମୀ ସମୟ ସମ୍ପୂର୍ଣ୍ଣ ରୋବୋ ଦ୍ୱାରା ପରିଚାଳିତ ହେବାକୁ ଯାଉଛି । ବିଶେଷ କରି ହ୍ୟୁମାନୋଏଡ ରୋବୋଗୁଡ଼ିକୁ ନେଇ ବିଜ୍ଞାନ ଅଧିକ ଉତ୍ସାହିତ ଅଛି। ଏହି ହ୍ୟୁମାନୋଏଡ ରୋବୋ କଳକାରଖାନାରୁ ବାହାରି ଆମମାନଙ୍କ ଘର ଓଳେଇବା, ରୋଷେଇ କରିବା, ଜଗୁଆଳି ରହିବା, ଲୁଗାସଫା କରିବା ଇତ୍ୟାଦି ନିତ୍ୟ କାମ କରିବାକୁ ଯାଉଛି ଓ ଏଥିପାଇଁ ଅନେକ ବିଶ୍ୱସ୍ତରୀୟ କମ୍ପାନୀ ଆଗେଇ ଆସିଲେଣି। ଯଦି ଏହା ହୁଏ ତା'ହେଲେ ଅଷ୍ଟାଦଶ ଶତାବ୍ଦୀର ଶିଳ୍ପ ବିପ୍ଳବ ପରେ ଏହା ବିଜ୍ଞାନର ଏକ ବଡ଼ ବିପ୍ଳବ କହିଲେ ଭୁଲ୍ ହେବନାହିଁ। ଏହାକୁ ନେଇ ସବୁଠୁ ବଡ଼ ବିପଦ ମାନବ ସମାଜର ସୁରକ୍ଷା ଉପରେ, ଯାହା 'ଏଆଇ-୨୦୨୭' ନାମକ ରିପୋର୍ଟରେ ସମଗ୍ର ବିଜ୍ଞାନ ଜଗତରେ ଏକ କୋକୁଆ ଭୟ ସୃଷ୍ଟି କରିଛି । ଡାନିଏଲ କୋକୁଟାଯିଲୋ ନାମକ ଜଣେ କମ୍ପ୍ୟୁଟର ବୈଜ୍ଞାନିକ ଏଆଇ -୨ ନାମରେ ଏକ ଗବେଷଣା ରିପୋର୍ଟ ପ୍ରକାଶ କରି ଦାବି କରଛନ୍ତି ଯେ ଆସନ୍ତା କିଛି ବର୍ଷ ଭିତରେ ସମଗ୍ର ମାନବ ସଭ୍ୟତା ଏଆଇ ଯୋଗୁଁ ଲୋପ ପାଇଯିବ । ଏହି ଭବିଷ୍ୟବାଣୀ ପରୀ କାହାଣୀ ପରି ଲାଗୁଥିଲେ ମଧ୍ୟ ଯେଉଁ ଦ୍ରୁତ ଗତିରେ ଏଆଇ ମଣିଷର ଗାଣିତିକ କ୍ଷମତାକୁ ପଛରେ ପକାଇ ମାଡି ଚାଲିଛି, ତାହା ସତ ହୋଇପାରେ। ବିଜ୍ଞାନର ଚମତ୍କାର ଯେଉଁ ଏଆଇକୁ ଜନ୍ମ ଦେଇଛି ତାହା ଦିନକୁ ଦିନ ଅତି ବୁଦ୍ଧିମାନ ଓ ଶକ୍ତିଶାଳୀ ହେବାକୁ ଲାଗିଛି ଯେ ଭବିଷ୍ୟତରେ ମଣିଷ ଏହାର ପ୍ରଥମ ଶିକାର ହୋଇପାରେ । ମଣିଷର ମସ୍ତିଷ୍କ ନିଜର ବିକାଶ ପାଇଁ ଖାଦ୍ୟ ଆବଶ୍ୟକ କରୁଥିବା ବେଳେ ଏହି ଯାନ୍ତ୍ରିକ ବୁଦ୍ଧିମତ୍ତା ନିଜର ବିଚକ୍ଷଣ ବୁଦ୍ଧିକୁ ପ୍ରଖର କରିବା ପାଇଁ ସର୍ବଦା ତଥ୍ୟ ପାଇଁ ଆତୁର ଥାଏ । ତେଣୁ ମଣିଷ ନିଜର ଆତ୍ମ ଚେତନା ବିକାଶ ପାଇଁ ବେଶ୍ ଦୀର୍ଘ ସମୟ ନେଉଥିବା ବେଳେ କୃତ୍ରିମ ବୁଦ୍ଧିମତ୍ତା ସମ୍ପନ୍ନ ଏହି ଯାନ୍ତ୍ରିକ ହ୍ୟୁମାନୋଏଡ ରୋବୋଗୁଡିକ ନିମିଷକେ ଚେତନାପ୍ରାପ୍ତ କରିନେବେ। ଏଆଇର ବିବେକ ଶୂନ୍ୟ ପ୍ରଖର ବୁଦ୍ଧି ଜାଣି ପାରେନା 'ମୁଁ କିଏ ଓ ସେ ମାନବର ଚେତନା ଯୁକ୍ତ ବୁଦ୍ଧିକୁ ନକଲ କରି ଘୋର ବିପର୍ଯ୍ୟୟ ସୃଷ୍ଟି କରିପାରେ। ତେଣୁ ବିଜ୍ଞାନ ଏକ ଏପରି ଚମତ୍କାର ପ୍ରସ୍ତୁତ କରି ସାରିଛି ଯିଏ ମଣିଷକୁ ନକଲ କରି ଧୋକା ଦେବା ସଂଗେ ସଂଗେ ପ୍ରତିରୋଧ ମଧ୍ୟ କରିପାରେ।




ବିଜ୍ଞାନର ଏହି ଜୟଯାତ୍ରା ଯୋଗୁ ୨୦୨୭ ବେଳକୁ ଅନେକ ଦେଶରେ ଏଆଇକୁ ବିରୋଧ କରି ବ୍ୟାପକ ଜନ ଆନ୍ଦୋଳନ ହେବାର କୁହାଯାଉଛି । ବୋଧେ ସେଇଥିପାଇଁ କିଛି ବର୍ଷ ପୂର୍ବରୁ ଏକବିଂଶ ଶତାବ୍ଦୀର ସବୁଠୁ ବିଚକ୍ଷଣ ବୈଜ୍ଞାନିକ ଷ୍ଟିଫେନ ହକିନ୍ସ ଭବିଷ୍ୟବାଣୀ କରିଥିଲେ ଯେ ପୃଥିବୀ ଦିନେ ରୋବୋମାନେ ଅକ୍ତିଆର କରି ମଣିଷକୁ ଦାସ କରିନେବେ। ମାନବ ଅସ୍ତିତ୍ୱର ସମ୍ଭାବ୍ୟ ବିନାଶର କାରଣ ମଧ୍ୟରେ ରୋବୋମାନଙ୍କର ଆଧିପତ୍ୟ ସ୍ଥାପନ କରିବା ମଧ୍ୟ ଏକ ସମ୍ଭାବ୍ୟ କାରଣ ହୋଇପାରେ। ରୋବୋକୁ ବିକଶିତ କରିବାର ପ୍ରଚେଷ୍ଟା ଯଦି ଜାରି ରୁହେ ତା'ହେଲେ ଏହା ଭସ୍ମାସୁର ହୋଇ ମଣିଷକୁ ନାଲିଆଖି ଦେଖେଇ ପାରେ। ତେବେ ଏହି ରୋବୋମାନେ ବରଦାନ ସାବ୍ୟସ୍ତ ହୋଇ ମଣିଷର ଅନେକ କାର୍ଯ୍ୟ କରିପାରୁଛନ୍ତି ଓ ସୂଚନା ବିଜ୍ଞାନ କ୍ଷେତ୍ରରେ ମଣିଷ ପାଇଁ ନୂତନ ନିଯୁକ୍ତି ସୁଯୋଗ ତିଆରି ହୋଇଛି। ଟିକେ ଅଧିକ ବୁଦ୍ଧି ଥିବାରୁ ମଣିଷ ସିମ୍ପାଞ୍ଜିମାନଙ୍କୁ ଛାଡି ଆଜି ଏ ସୋପାନରେ ପହଞ୍ଚିଛି। ଏପର୍ଯ୍ୟନ୍ତ ମଣିଷ ତା'ର ବୁଦ୍ଧିମତ୍ତାକୁ ଆହୁରି ବଢ଼େଇବାକୁ ପ୍ରୟାସ ଜାରିରଖିଛି। ଯାହା ଫଳରେ ଅତି ବୁଦ୍ଧିମାନ ରୋବୋ ତିଆରି କରି ଅନେକ ଆସାଧ୍ୟ କାମକୁ ନିମିଷକେ କରିପାରୁଛି। ଏହି ପରିପ୍ରେକ୍ଷୀରେ ମହାନ୍ ବୈଜ୍ଞାନିକ ଷ୍ଟିଫେନ୍ ହକିନସଙ୍କ ଆକଳନ ଅନୁସାରେ ଭବିଷ୍ୟତରେ ମଣିଷ ଓ ମଣିଷ ତିଆରି ରୋବୋ ମଧ୍ୟରେ ସଂଘର୍ଷ ହେବ ଓ ରୋବାମାନେ ପୃଥିବୀ ଉପରେ ଆଧିପତ୍ୟ ଜମେଇବାର ସମ୍ଭାବନା ଅଛି। ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଅସମ୍ଭବ ନୁହେଁ। ଏହି ସମସ୍ୟାକୁ ବୁଦ୍ଧି ବିସ୍ଫୋଟ କୁହାଯାଉଛି, ଯାହାଫଳରେ ନିଜେ ରୋବୋ ଓ କମ୍ପ୍ୟୁଟରଗୁଡିକ ନିଜ ପାଇଁ ଅତି ପ୍ରଖର ପ୍ରୋଗ୍ରାମ ତିଆରି କରିନେବେ ଏବଂ ମଣିଷକୁ ନିଜର ଦାସ କରିନେବେ। ଯଦିଓ ଏହା ଉପରେ ମାନବ ସମାଜ ଏତେ ଗୁରୁତ୍ୱ ଦେଇନି, ଏହା ଦିନେ ମଣିଷ ଅସ୍ତିତ୍ୱକୁ ସଙ୍କଟରେ ପକାଇ ପାରେ।

ମହାଦେବଙ୍କଠାରୁ ବରପ୍ରାପ୍ତ ହେବା ପରେ ଭସ୍ମାସୁର ପରୀକ୍ଷା କରିବା ପାଇଁ ଶିବଙ୍କୁ ଗୋଡ଼ାଇଥିବାର ଉଦାହରଣ ଆମେ ପୌରାଣିକ କଥାରେ ଶୁଣିଛେ । ଦିନେ ଏହି ଯନ୍ତ୍ର ମାନବ ଅଣ୍ଟି ଛୁରି ତଣ୍ଟି କାଟିବା ଆଳରେ ମଣିଷର ବିନାଶର କାରଣ ନ ହେଉ । ବିଜ୍ଞାନ କେତେଦୂର ଓ କେଉଁ ସୀମା ପର୍ଯ୍ୟନ୍ତ ଯିବା ଉଚିତ ତାହାର କିଛି ମାପଦଣ୍ଡ ନାହିଁ । ଜ୍ଞାନ ପିପାସୁ ମଣିଷର ଜିଜ୍ଞାସାକୁ ବିଜ୍ଞାନ ସର୍ବଦା ଜବକାଚରେ ପରୀକ୍ଷା କରିଛି। ବିଜ୍ଞାନର ଚରମ ଖ୍ୟାତି ଓ ଉନ୍ନତି କେବେ ସଂସାରରେ ମଣିଷର ଆଧିପତ୍ୟକୁ ପ୍ରଶ୍ନ ନ କରୁ। ବିଜ୍ଞାନର ଚମତ୍କାର ସୃଷ୍ଟି ଏଆଇ ବହୁ ଜନ କଲ୍ୟାଣକାରୀ କେମିତି ହେବ ଓ ଭବିଷ୍ୟତରେ ବିପର୍ଯ୍ୟୟ ସୃଷ୍ଟି ନ କରିବ ସେଥିପାଇଁ ଗହନ ଗବେଷଣା ଜରୁରୀ ।

**ମୋ: ୭୦୦୪୦୬୮୧୧୦**

## sudoku | ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | | 1 | | | | 5 | 3 | |
| | 7 | 6 | 9 | 3 | | | | |
| 7 | | 8 | 6 | | | | 4 | |
| | | | 7 | | | | | |
| | 5 | 4 | | | | | 1 | 8 |
| | | | | 7 | | | 8 | |
| | 9 | 3 | | 2 | | | | |
| | | | 1 | | 8 | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 9 | 5 | 1 | 3 | 8 | 2 | 7 |
| 1 | 2 | 8 | 6 | 7 | 4 | 5 | 9 | 3 |
| 7 | 3 | 5 | 2 | 9 | 8 | 4 | 1 | 6 |
| 5 | 8 | 7 | 1 | 3 | 6 | 9 | 4 | 2 |
| 4 | 9 | 6 | 8 | 2 | 7 | 3 | 5 | 1 |
| 3 | 1 | 2 | 4 | 5 | 9 | 7 | 6 | 8 |
| 2 | 7 | 4 | 9 | 8 | 1 | 6 | 3 | 5 |
| 9 | 5 | 3 | 7 | 6 | 2 | 1 | 8 | 4 |
| 8 | 6 | 1 | 3 | 4 | 5 | 2 | 7 | 9 |

ଗତକାଲିର ଉତ୍ତର

## ଏଇ ଭାରତରେ

ଏବେ ବିବାହ ଉତ୍ସବରେ ପରିବେଶ ପ୍ରଦୂଷଣକାରୀ କାର୍ଯ୍ୟ ଦେଖିବାକୁ ମିଳୁଛି। ଖାଦ୍ୟ ନଷ୍ଟ ସହ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ର ବ୍ୟାପକ ବ୍ୟବହାର କରାଯାଉଛି। ହେଲେ ମଧ୍ୟପ୍ରଦେଶରେ ଦେଖିବାକୁ ମିଳିଛି ମୟଙ୍କ ଓ ରାଶିଙ୍କ ମଧ୍ୟରେ ହୋଇଥିବା ଏକ ନିଆରା ବାହାଘର, ଯାହା ବିନା ବର୍ଜ୍ୟରେ ବାହାଘର ଉତ୍ସବକୁ ଉପଭୋଗ କରାଯାଇପାରେ ବୋଲି ବାର୍ତ୍ତା ଦେଇଛି। ଏହି ଉତ୍ସବରେ ୨୫୦୦ ଅତିଥି ଯୋଗଦେଇଥିଲେ। ସାଜସଜ୍ଜାରେ ଜଳ ସଂରକ୍ଷଣ, ରକ୍ତଦାନ ଏବଂ ହେଲ୍ମେଟ୍ ସୁରକ୍ଷା ସମ୍ପର୍କିତ ସଚେତନାତ୍ମକ ବାର୍ତ୍ତା ଭରି ରହିଥିଲା। ଏହି ବାହାଘର ଭୋଜିରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରାଯିବା ସହ ବାଣ ଫୁଟାଯାଇ ନ ଥିଲା। ପତ୍ରଥାଳିରେ ଖାଦ୍ୟ ପରଷାଯାଇଥିଲା। ବାହାଘରରେ କୌଣସି ଅର୍ଥ କିମ୍ବା ଜିନିଷ ଉପହାର ଆକାରରେ ଦିଆଯାଇନାହିଁ, ବରଂ ୨୧ଟି ଚାରା ଗଛ ଉପହାର ଆକାରରେ ଗ୍ରହଣ କରାଯାଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

### ୨୦ ଜାନୁଆରୀ ୧୯୭୬

- ମୌନୀ ଅମାବାସ୍ୟା ଉପଲକ୍ଷେ ଗଙ୍ଗା-ଯମୁନା ସଙ୍ଗମ ସ୍ଥଳରେ ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ପୁରୁଷ, ମହିଳା ଓ ଶିଶୁ ବୁଡ଼ ପକାଇଛନ୍ତି।
- ସମ୍ବିଧାନର ୮୫ ଦଫା ଅନ୍ତର୍ଗତ ୨ୟ ଧାରାର 'ଖ' ଉପଧାରାରେ ନ୍ୟସ୍ତ କରାଯାଇଥିବା କ୍ଷମତା ଅନୁଯାୟୀ ରାଷ୍ଟ୍ରପତି ଫକିରୁଦ୍ଦିନ ଅଲ୍ଲୀ ମହମ୍ମଦ ଲୋକସଭା (୫ମ) ଭାଙ୍ଗି ଦେଇଛନ୍ତି।
- ଶୋଚନୀୟ ବିମାନ ଦୁର୍ଘଟଣାରେ ଯୁଗୋସ୍ଲୋଭିୟାର ପ୍ରଧାନମନ୍ତ୍ରୀ ଡିଜ୍ମାଲ ବିଜେଡିକ୍ଙ୍କ ପରଲୋକ।
- ଭିଏତ୍ନାମର ବିଭିନ୍ନ ରାଜନୈତିକ ଦଳ ମିଶି ଏକ ଜାତୀୟ ମିଳିତ ସାମ୍ମୁଖ୍ୟ ଗଠନ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ମହାନଦୀର ଅସ୍ତିତ୍ୱ ସଙ୍କଟରେ

ମହାଶୟ,

ସମୟ ଥିଲା ମହାନଦୀରେ ଜଳ ପରିପୂର୍ଣ୍ଣ ରହୁଥିଲା। ଗ୍ରୀଷ୍ମକାଳରେ ମଧ୍ୟ ନଦୀ ଶୁଷ୍କ ହେଉ ନ ଥିଲା। ଆଜି ଗ୍ରୀଷ୍ମ ଆସିବା ପୂର୍ବରୁ ଅନେକ ସ୍ଥାନରେ ଜଳଧାରା ସଙ୍କୁଚିତ ହେଉଛି। ଏହା ପଛରେ ଅନେକ କାରଣ ରହିଛି। ଉପର ଅଞ୍ଚଳରେ ଅତ୍ୟଧିକ ବନ୍ଧ ଓ ଜଳାଶୟ ନିର୍ମାଣ, ଅନିୟନ୍ତ୍ରିତ ଜଳ ଉତ୍ତୋଳନ, ଜଙ୍ଗଲ କଟା, ନଦୀକୂଳରେ ଅବୈଧ ବାଲି ଖନନ ଏସବୁ ମିଶି ମହାନଦୀର ସ୍ୱାଭାବିକ ପ୍ରବାହକୁ ଅବରୋଧ କରିଛି। ତା' ସହ ଜଳବାୟୁ ପରିବର୍ତ୍ତନ ଫଳରେ ବର୍ଷାର ଅସମାନ ବଣ୍ଟନ ସମସ୍ୟାକୁ ଗୁରୁତର କରିଦେଇଛି। ମହାନଦୀ ଉପରେ ନିର୍ଭରଶୀଳ ଲକ୍ଷାଧିକ ଚାଷୀ ସିଞ୍ଚନ ଜଳ ଅଭାବରେ ଚିନ୍ତିତ। ପାନୀୟ ଜଳ ସମସ୍ୟା ଧୀରେ ଧୀରେ ଗମ୍ଭୀର ହେଉଛି। ମତ୍ସ୍ୟଜୀବୀ ସମୁଦାୟର ଜୀବିକା ମଧ୍ୟ ଭାରି ସଙ୍କଟରେ। ଏହି ପରିସ୍ଥିତିରେ ମହାନଦୀକୁ ବଞ୍ଚାଇବା ପାଇଁ କେବଳ ସଭା, ସେମିନାର ବା ଆଲୋଚନା ପର୍ଯ୍ୟାପ୍ତ ନୁହେଁ। ଆବଶ୍ୟକ ଗଭୀର, ସମନ୍ୱିତ ଓ ଦୂରଦର୍ଶୀ କାର୍ଯ୍ୟ ପରିକଳ୍ପନା। ନଦୀର ସ୍ୱାଭାବିକ ପ୍ରବାହ ରକ୍ଷା ପାଇଁ ପାରଦର୍ଶୀ ଓ ନ୍ୟାୟସଙ୍ଗତ ଜଳନୀତି ଗଠନ ଅତ୍ୟାବଶ୍ୟକ। ନଦୀକୂଳରେ ଜଙ୍ଗଲ ସୁରକ୍ଷା, ଅବୈଧ ବାଲି ଖନନ ଉପରେ କଠୋର ନିୟନ୍ତ୍ରଣ ଓ ପ୍ରଦୂଷଣମୁକ୍ତ ମହାନଦୀ ଗଠନ ପାଇଁ ସରକାରୀ ପଦକ୍ଷେପ ସହ ସାଧାରଣ ନାଗରିକଙ୍କ ସଚେତନ ଭୂମିକା ଅତ୍ୟନ୍ତ ଜରୁରୀ। ମହାନଦୀ ବଞ୍ଚିଲେ ଓଡ଼ିଶା ବଞ୍ଚିବ। ଏହି ନଦୀକୁ ଅବହେଳା କରିବା ମାନେ ଆମେ ନିଜ ଆଗାମୀ ପିଢ଼ିଙ୍କ ଭବିଷ୍ୟତ ସହ ଖେଳୁଛୁ। ତେଣୁ ଏହା କେବଳ ଏକ ନଦୀକୁ ବଞ୍ଚାଇବାର ଲଢ଼େଇ ନୁହେଁ, ଓଡ଼ିଶାର ଅସ୍ତିତ୍ୱ ଓ ଆଗାମୀକାଲିକୁ ରକ୍ଷା କରିବାର ଜରୁରୀ ଆହ୍ୱାନ।

**-ସିତାଂଶୁ ଶେଖର ମିଶ୍ର, ଶାନ୍ତିନଗର, ସୋନପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କେଉଁ ପଥେ ଚାଲିଛି ମୁଁ
ଜାଣେ ନାହିଁ ନିଜେ,
ଜାଣେ ନାହିଁ ଅଛି ଏଥି
କ୍ଷତି ଲାଭ କି ଯେ !

-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**୨ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କଲେ ବିଇଓ**

ସମ୍ବଲପୁର,(ପ୍ରମୋଦ ବହିଦାର): ସମ୍ବଲପୁର ଜିଲା ବୁର୍ଲା କିର୍ବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗତ ୧୫ ତାରିଖରେ ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ମାରପିଟ ଘଟଣାରେ ଲିପ୍ତ ଦୁଇ ଶିକ୍ଷୟିତ୍ରୀଙ୍କୁ ସୋମବାର ନିଲମ୍ବନ କରାଯାଇଛି। ଧନକଉଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ(ବିଇଓ) କରନ ଶର୍ମା ସେମାନଙ୍କ ବିରୋଧରେ ଓଡ଼ିଶା ପ୍ରଶାସନିକ ସେବା ଅଧିନିୟମ ୧୨ ଅନ୍ତର୍ଗତ ଉପଧାରା 'ଏ' ଅନୁସାରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନସ୍ୱରୂପ ଉଭୟ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବିତ ହୋଇଥିବା ଶିକ୍ଷୟିତ୍ରୀ ହେଲେ ସହକାରୀ ଶିକ୍ଷୟିତ୍ରୀ ଶର୍ମିଷ୍ଠା ପଲେଇ ଓ କସ୍ତୁରୀ ଜେନା। ଏନେଇ ବିଧିବଦ୍ଧଭାବେ ନିଲମ୍ବନର ନୋଟିସ ଜାରି କରିଛନ୍ତି ବିଇଓ।

**ଓଡ଼ିଶାରେ ୭ କୋଟିର ବଡ଼ ବ୍ୟାଙ୍କ ଲୁଟ୍: କେନ୍ଦୁଝର**




# ବାବୁଙ୍କ ଦକ୍ଷତା ମାପିବେ ସରକାର

## ତହସିଲଦାରଙ୍କ ପାଇଁ ଆସିବ ର୍ୟାଙ୍କିଙ୍ଗ ବ୍ୟବସ୍ଥା

ଭୁବନେଶ୍ୱର,୧୯।୧
(ରବିନାରାୟଣ ଜେନା)

ରାଜ୍ୟବାସୀଙ୍କୁ କିଭଳି ହାତ ପାଆନ୍ତାରେ ରାଜସ୍ୱ ସେବା ମିଳିବ ତାକୁ ନେଇ ଗତ ୧୮ମାସ ମଧ୍ୟରେ ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିବିଧ ପ୍ରମାଣପତ୍ର ପ୍ରଦାନ ଓ ପୁରୁଣା ଆଇନକୁ ବନ୍ଦ କରିବା ଭଳି ୧୯ଟି ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ହେଲେ ଏବେ ବି ବିବିଧ ପ୍ରମାଣପତ୍ରଠାରୁ ଆରମ୍ଭ କରି ଦାଖଲ ଖାରଜମାମଲାର ଫଇସଲା ଏବଂ ଅନ୍ୟାନ୍ୟ ରାଜସ୍ୱ ସେବା ପାଇବାରେ ଲୋକେ ହଇରାଣ ହରକତ ହେଉଛନ୍ତି। ଆଗାମୀ ଦିନରେ ଲୋକେ ଯେପରି ରାଜସ୍ୱ ସେବା ପାଇବାରେ କୌଣସି ସମସ୍ୟା ନ ଉପୁଜିବ ତାକୁ ନେଇ ରାଜସ୍ୱ ବିଭାଗ ପକ୍ଷରୁ ତହସିଲଦାର ବାବୁମାନଙ୍କ ଦକ୍ଷତା ମପାଯିବ। କେଉଁ ତହସିଲଦାର କେଉଁସବୁ ମାମଲାକୁ ତ୍ୱରିତ ସମାଧାନ କରୁଛନ୍ତି ଏବଂ ତାହା ମଧ୍ୟରେ କେତେସବୁ ଗୁଣାତ୍ମକ ସେବା ରହିଛି ତାକୁ ଆଧାର କରି ର୍ୟାଙ୍କିଙ୍ଗ ପ୍ରଦାନ କରାଯିବ। ଯେଉଁ ତହସିଲଦାରମାନେ ଅଭ୍ୟାସଗତ ଭାବେ ଠକୁଥିବେ ସେମାନେ ଏହି ର୍ୟାଙ୍କିଙ୍ଗରେ ଧରାପଡ଼ିବେ ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାବାଦ୍ ଯେଉଁ ଅଧିକାରୀମାନେ ଭଲ ପ୍ରଦର୍ଶନ କରିବେ ସେମାନଙ୍କୁ ପ୍ରଶଂସାପତ୍ର ସହିତ ପଦୋନ୍ନତି ଦେବାର ମଧ୍ୟ ବ୍ୟବସ୍ଥା କରାଯିବ। ଏହାସହିତ ରାଜସ୍ୱ ବିଭାଗରେ ଥିବା ପୁରୁଣା ମାମଲା ହଟାଇବା ସହିତ ରାଜସ୍ୱ ସଂସ୍କାରକୁ ଲୋକାଭିମୁଖୀ କରିବାପାଇଁ ବିଭାଗ ଏଭଳି ପଦକ୍ଷେପ ଖୁବ୍‌ଶୀଘ୍ର ନେବ ବୋଲି ଜଣାଯାଇଛି।

ଲୋକସେବା ଭବନରେ ସୋମବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ଓଡ଼ିଶା ସରକାରୀ ଭୂ-ପରିଚାଳନା ଆଇନରେ କେତେକ ସଂସ୍କାର ଅଣାଯିବାପାଇଁ ବିଭାଗ ପକ୍ଷରୁ କେତେକ ଦିଗ ଉପରେ ବିସ୍ତୃତ ଆଲୋଚନା ହୋଇଛି। ଏହାକୁ ନେଇ ଖୁବ୍‌ଶୀଘ୍ର ଏକ ଡ୍ରାଫ୍ଟ ପ୍ରସ୍ତୁତ କରାଯିବ ଏବଂ ଏହାକୁ ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାବିନେଟ୍‌ରେ ଅଣାଯିବ। ଆସନ୍ତା ବଜେଟ ଅଧିବେଶନ ପୂର୍ବରୁ ନୂତନ ଓଡ଼ିଶା ସରକାରୀ ଭୂ-ପରିଚାଳନା ଆଇନ ଆଣିବାକୁ ବିଭାଗ ଉଦ୍ୟମ କରୁଛି ବୋଲି ମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା, ତହସିଲଦାରଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ନିକଟରେ ଅଣାଯାଇଥିବା ବିଭିନ୍ନ ରାଜସ୍ୱ ସେବା ଓ ନୂତନ ଆଇନ କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇବା ପାଇଁ ତାଲିମ ପ୍ରଦାନ କରାଯିବ। ପ୍ରତ୍ୟେକ ଦିନ ଅପରାହ୍ନ ୫ଟାରେ ଜିଲାସ୍ତରୀୟ ତହସିଲଦାର, ଭୂ-ବନ୍ଦୋବସ୍ତ ଅଧିକାରୀ, ଅତିରିକ୍ତ ଜିଲାପାଳ ଏବଂ ଜିଲାପାଳଙ୍କୁ ନେଇ ଏକ ଆଭାସୀ ବୈଠକ କରାଯିବ। ବୈଠକରେ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ଅତିରିକ୍ତ ମୁଖ୍ୟଶାସନ ସଚିବ ତଥା ଉନ୍ନୟନ ଆୟୁକ୍ତଙ୍କ ପର୍ଯ୍ୟନ୍ତ ଅଧିକାରୀ ରହିବେ। କେଉଁ ଦିନ କେଉଁ ଅଧିକାରୀଙ୍କୁ ନେଇ ଆଭାସୀ ବୈଠକ କରାଯିବ ତାହା ନିର୍ଦ୍ଦିଷ୍ଟ କରାଯିବ। ଏନେଇ ଖୁବ୍‌ଶୀଘ୍ର ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହେବ ବୋଲି ବିଭାଗ ପକ୍ଷରୁ ଜଣାଯାଇଛି।

**ଭଦ୍ରକ ଜିଲା ମହୋତ୍ସବର ୨ୟ ସନ୍ଧ୍ୟା**

# ଉତ୍ତେଜନା ଯୋଗୁ କାର୍ଯ୍ୟକ୍ରମ ବନ୍ଦ

## ଷ୍ଟଲ୍ ବଣ୍ଟନରେ ହେରଫେର, ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଙ୍କୁ ନେଇ ଅସନ୍ତୋଷ

ଭଦ୍ରକ,୧୯।୧(ସନାତନ ରାଉତ)

ଭଦ୍ରକ ଜିଲା ମହୋତ୍ସବ 'ଭଦ୍ରାୟଣୀ'ର ସୋମବାର ଥିଲା ୨ୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ କାର୍ଯ୍ୟକ୍ରମ ଆରମ୍ଭ ହେବା ମାତ୍ରେ ଉତ୍ତେଜନା ପ୍ରକାଶ ପାଇବାରୁ ମଞ୍ଚ କାର୍ଯ୍ୟକ୍ରମ ସ୍ଥଗିତ ରହିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ସନ୍ଧ୍ୟା ୬ଟାରେ କେତେଜଣ ଯୁବକ ପହଞ୍ଚି ଷ୍ଟଲ୍ ବଣ୍ଟନରେ ହେରଫେର ହୋଇଥିବା ଅଭିଯୋଗ କରି ହୋହଲ୍ଲା କରିବା ସହ କାର୍ଯ୍ୟକ୍ରମ ବନ୍ଦ କରିଥିଲେ। ଜିଲା ମହୋତ୍ସବରେ ସ୍ଥାନୀୟ ଲୋକଙ୍କୁ ଷ୍ଟଲ୍ ନ ଦେଇ ଅଧିକ ଟଙ୍କା ନେଇ ବାହାର ଲୋକଙ୍କୁ ଷ୍ଟଲ୍ ଦିଆଯାଇଥିବା ସେମାନେ ଅଭିଯୋଗ ଆଣିଛନ୍ତି। ଅପରପକ୍ଷେ ଉଦ୍‌ଘାଟନୀ ସନ୍ଧ୍ୟାରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କୁ କାହିଁକି ମୁଖ୍ୟଅତିଥି ଘୋଷଣା କରାଗଲା ବୋଲି ପ୍ରଶ୍ନ ଉଠାଇ ସେମାନେ ହୋହଲ୍ଲା କରିଥିଲେ। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମ ବନ୍ଦ କରିଥିବା ଯୁବକମାନଙ୍କୁ ବୁଝାଇବା ସହ ଆଲୋଚନା କରିଥିଲେ। ଏହାମଧ୍ୟରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କୌଣସି ସମାଧାନ ବାହାରି ନ ପାରିବାରୁ କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ତେବେ ମେଳାରେ ସ୍ଥାନ ପାଇଥିବା ଷ୍ଟଲ୍ ଖୋଲା ରହିଥିବା ବେଳେ ମଞ୍ଚ କାର୍ଯ୍ୟକ୍ରମ ବନ୍ଦ ରଖାଯାଇଛି।


ଜିଲା ମହୋତ୍ସବ ମଞ୍ଚ ଆଗରେ ଯୁବକମାନେ ହୋହଲ୍ଲା କରୁଛନ୍ତି।

**ଅଟୋ ଚାଳକଙ୍କୁ ହେଲ୍‌ମେଟ୍ ଚାଲାଣ ଘଟଣା**

# ଭୁଲ୍ ଚାଲାଣ ହଟାଇବାକୁ ପ୍ରତିଶ୍ରୁତି

**ଧରିତ୍ରୀ ପ୍ରଭାବ**

ଆଗରପଡ଼ା,୧୯।୧
(ସୁଶାନ୍ତ ଦାସ)

ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବଡ଼ମହିଷଗୋଠ ପଞ୍ଚାୟତ ନିବାସୀ ରାମକୃଷ୍ଣ ନାଥଙ୍କ ଅଟୋରେ ହେଲ୍‌ମେଟ୍ ଚାଲାଣ ସମ୍ପର୍କିତ ଖବର ସୋମବାର ଧରିତ୍ରୀରେ ପ୍ରକାଶ ପରେ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପୋଲିସ ବିଭାଗର ଭୁଲ୍ ଯୋଗୁ ଅଟୋରେ ହେଲ୍‌ମେଟ୍ ଚାଲାଣ କଟିଥିବା ଜଣାପଡ଼ିଥିଲା। ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ପରାମର୍ଶକ୍ରମେ ରାମକୃଷ୍ଣ ସୋମବାର ଏସ୍‌ପିଙ୍କ ଅଫିସରେ ଜଣାଇବା ପରେ ଭୁଲ୍ ଚାଲାଣକୁ ହଟାଇ ଦିଆଯିବ ବୋଲି ତାଙ୍କୁ ପ୍ରତିଶ୍ରୁତି ଦିଆଯାଇଛି। ଧରିତ୍ରୀରେ ଖବର ପ୍ରକାଶ ପରେ ଖୁବ୍‌ଶୀଘ୍ର ତାଙ୍କ ସମସ୍ୟା ସମାଧାନ ହୋଇଥିବାରୁ ସେ କୃତଜ୍ଞତା ଜଣାଇଛନ୍ତି। ସୂଚନାଥାଉ କି, ରାମକୃଷ୍ଣ ନିଜ ଅଟୋର ପଲ୍ୟୁଶନ ନିୟନ୍ତ୍ରଣ ସାର୍ଟିଫିକେଟ୍ ବାହାର କରିବାକୁ ଯାଇଥିବା ବେଳେ ତାଙ୍କର ହେଲ୍‌ମେଟ୍ ଚାଲାଣ କଟିଥିବା ଜାଣିବାକୁ ପାଇଥିଲେ।

# ବଳଦେବଜୀଉ ମନ୍ଦିର ବୋମାରେ ଉଡାଇବାକୁ ଧମକ

## କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ବଳଦେବ ସେନାର ଦାବିପତ୍ର

କେନ୍ଦ୍ରାପଡ଼ା, ୧୯।୧(ଜଗନ୍ନାଥ ଧଳ)

କେନ୍ଦ୍ରାପଡା ସହରର ଇଚ୍ଛାପୁରସ୍ଥ ଶ୍ରୀ ବଳଦେବଜୀଉ ମନ୍ଦିରକୁ ଖୁବ ଶୀଘ୍ର ବୋମାରେ ଉଡାଇ ଦିଆଯିବ। ଏପ୍ରକାର ଏକ ପୋଷ୍ଟ ସାମାଜିକ ଗଣମାଧ୍ୟମରେ ସୋମବାର ଘୂରି ବୁଲୁଛି। ଯାହା ଏବେ ଶ୍ରଦ୍ଧାଳୁଙ୍କ ମନରେ ବିସ୍ମୟ ସୃଷ୍ଟି କରିବା ସହିତ ପୋଷ୍ଟ ପ୍ରତି ଆଶଙ୍କା ପ୍ରକାଶ କରୁଛନ୍ତି। ଏହି ପୋଷ୍ଟ କରିଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ବଳଦେବ ସେନା ପକ୍ଷରୁ ଏସ୍‌ପିଙ୍କୁ ଅଭିଯୋଗପତ୍ର ସୋମବାର ପ୍ରଦାନ କରାଯାଇଛି। ସେନା ସଭାପତି ପପୁନ କୁମାର ସ୍ୱାଇଁ କହିଛନ୍ତି, ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ଏକ ସନାତନୀ ଆଧ୍ୟାତ୍ମସ୍ଥଳୀ। ଏହା ୪୦୦ ବର୍ଷ ପୂର୍ବେ ଇଚ୍ଛାପୁରରେ ସ୍ଥାପିତ ହୋଇଥିବା ବେଳେ ସାରା ଦେଶରୁ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି। ଏହାର ସୁରକ୍ଷା ପ୍ରତି କାହାରି ନଜର ନାହିଁ। ଅପରପକ୍ଷରେ କୌଣସି ଏକ ବ୍ୟକ୍ତି ଛଦ୍ମନାମ ବ୍ୟବହାର କରି ଏହି ମନ୍ଦିର ସହିତ ବହୁ ପୁରାତନ ଲଛମନଜୀଉ ମନ୍ଦିର ବୋମାରେ ଉଡାଇ ଦେବାକୁ ସାମାଜିକ ଗଣମାଧ୍ୟମରେ ଧମକ ଦେଇଛନ୍ତି।

# ଭିତରକନିକାରେ ବଢ଼ିଲେ ୩୨ ବଉଳା କୁମ୍ଭୀର

## ୧୮୫୮ରେ ପହଞ୍ଚିଲା ସଂଖ୍ୟା

ରାଜନଗର,୧୯।୧
(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତ ବର୍ଷ ୩୨ ବଉଳା କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଗତ ବର୍ଷ ଭିତରକନିକା ମଧ୍ୟରେ ଓ ବାହାରେ ଥିବା ନଦୀ, ନାଳଗୁଡିକରେ ୧୮୨୬ଟି ବଉଳାକୁମ୍ଭୀର ଥିଲେ। ଚଳିତବର୍ଷ ଏହି ସଂଖ୍ୟା ୧୮୫୮କୁ ବୃଦ୍ଧି ପାଇଛି। ଅର୍ଥାତ୍ ଗତବର୍ଷଠାରୁ ଚଳିତ ବର୍ଷ ୩୨ କୁମ୍ଭୀର ଅଧିକ ଥିବା ଗଣନା ରିପୋର୍ଟରୁ ଜଣାପଡ଼ିଛି। ଚଳିତ ବର୍ଷ ଭିତରକନିକାରେ ରେଞ୍ଜର ପାଇଁଶାଳାମାଉଥରୁ ଏଫଆରଏଚ୍ ଜେଠି ମଧ୍ୟରେ ୨ଟି, ଏଫଆରଏଚ୍ ଜେଠିରୁ ଖୋଲାମାଉଥ ମଧ୍ୟରେ ଗୋଟିଏ, ଗୁପ୍ତିରୁ ହଂସିଣା ମଧ୍ୟରେ ଗୋଟିଏ ୨୦ଫୁଟରୁ ଅଧିକ ଲମ୍ବର ବଉଳା କୁମ୍ଭୀରକୁ ବନବିଭାଗ ଗଣନା ଟିମ୍ ଠାବ କରିଛନ୍ତି। ଜୟନଗର-ଖୋଲା ମହି ବାଲିପଠା, ଥାନପତିମାଉଥ, ଗଞ୍ଜେଇଖିଆ, ଶୁଆଯୋର, ଗୋଧରାପାଳ ଓ ଗୁମୁରାଗାଁ ନିକଟରେ ୧୫ ଫୁଟରୁ ଅଧିକ ଲମ୍ବର କୁମ୍ଭୀର ଠାବ କରାଯାଇଥିବା ବନବିଭାଗ ସୂତ୍ରରୁ ଜଣାପଡିଛି। ଚଳିତ ମାସ ୮ ତାରିଖରୁ ୧୦ ତାରିଖ ଯାଏ ୩ ଦିନ ଧରି ଏହି କୁମ୍ଭୀର ଗଣନା କରାଯାଇଥିଲା। ବରିଷ୍ଠ ଜୀବବିଜ୍ଞାନୀ ଡକ୍ଟର ଶିବ ପ୍ରସାଦ ପରିଡାଙ୍କ ନେତୃତ୍ୱରେ ୨୨ଟି ଟିମ୍ ଗଣନାରେ ସାମିଲ ହୋଇଥିଲେ।









**ହେଲ୍‌ମେଟ ଦୋକାନୀଙ୍କୁ ଆକ୍ରମଣ ଘଟଣା, ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର,(ସତ୍ୟଜିତ ରାଉତ)- ଶହୀଦନଗରରେ ଓମଫେଡ୍ ବୁଥ ନିକଟରେ ହେଲ୍‌ମେଟ ଦୋକାନ କରିଥିବା ତାରାକାନ୍ତ ବାରିକଙ୍କୁ ଖଣ୍ଡା ଓ ଅନ୍ୟ ମାରାଣାସ୍ତ୍ର ଦେଖାଇ ଆକ୍ରମଣ ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଶହୀଦନଗର ଥାନା ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ଶହୀଦନଗର ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା ଦିଗପହଣ୍ଡିର ବାବୁନି ନାୟକ(୧୯)। କୋର୍ଟ ଚାଲାଣ ପରେ ବାବୁନି ଜେଲ ଯାଇଛନ୍ତି। ଗତ ଡିସେମ୍ବର ୬ ଅପରାହ୍ନରେ ଏହି ଘଟଣା ଘଟିଥିବାବେଳେ ପୋଲିସ ପୂର୍ବରୁ ଅଭିଯୁକ୍ତ ବାବୁନି ନାୟକଙ୍କୁ ଗିରଫ କରିଥିଲା।

# ମଦ ଦୋକାନରେ ଗୋଷ୍ଠୀ ସଂଘର୍ଷ:୨ ଆହତ

ବାରଙ୍ଗ/ତ୍ରିଶୂଳିଆ,୧୯।୧(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା): ଗୋଡ଼ିସାହି ଫାଣ୍ଡି ଅଧୀନ ପୁରୀ ମେନ୍ କେନାଲ କୂଳରେ ଥିବା ଏକ ମଦ ଦୋକାନରେ ସୋମବାର କେତେଜଣ ଯୁବକ ମଦ ପିଇ ଗୋଷ୍ଠୀ ସଂଘର୍ଷ ଘଟାଇଛନ୍ତି। ଏଥିରେ କଟକ ସିଡିଏ ବିଡାନାସୀ ଅଞ୍ଚଳର ୨ଜଣ ଯୁବକ ଆହତ ହୋଇଛନ୍ତି। ପୋଲିସ ଆହତ ଯୁବକ ଦ୍ୱୟଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଛି। ସିସି କ୍ୟାମେରା ଆଧାରରେ ଯାଞ୍ଚ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

ସୋମବାର ରାତିରେ ବିଡାନାସୀ ଅଞ୍ଚଳର କେତେଜଣ ଯୁବକ ଷଣ୍ଢପୁର ନିକଟସ୍ଥ ଏକ ମଦ ଦୋକାନ ଆଗରେ ମଦ ପିଉଥିଲେ। ଏହି ସମୟରେ ସ୍ଥାନୀୟ ଗ୍ରାମର କିଛି ଯୁବକ ସେଠାରେ ପହଞ୍ଚି କାଉଣ୍ଟରରୁ ମଦ ଆଣି ଆସିବା ବେଳେ କୌଣସି କାରଣରୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ସେମାନଙ୍କ ମଧ୍ୟରେ ହାତାହାତି ଆରମ୍ଭ ହୋଇ ଗଣ୍ଡଗୋଳର ରୂପ ନେଇଥିଲା।

# ଡିପ୍ଲୋମା ଇଞ୍ଜିନିୟର ବିକଶିତ ଓଡ଼ିଶାର ଆଦ୍ୟ ବିନ୍ଧାଣି: ପୂର୍ତ୍ତ ମନ୍ତ୍ରୀ

## ଇଂ. ଶ୍ରୀକାନ୍ତ ମହାପାତ୍ର ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ସଭାପତି



ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଅନ୍ୟ ଅତିଥିମାନେ ସଂଘର ମୁଖପତ୍ର 'ଟେକ୍ନୋସ୍କ୍ରାଇବ୍'ର ନୂଆ ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୧୯।୧ (ବନ୍ଦନା ସେଠୀ)

ତୃଣମୂଳସ୍ତରରେ କ୍ଷେତ୍ର କର୍ମଚାରୀ ଭାବରେ ବିକଶିତ ଓଡ଼ିଶାର ଆଦ୍ୟ ବିନ୍ଧାଣି ହେଉଛନ୍ତି ଡିପ୍ଲୋମା ଇଞ୍ଜିନିୟର। ଏମାନେ ନିଷ୍ଠାର ସହ କାର୍ଯ୍ୟ କଲେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ସମ୍ଭବ ହେବ ବୋଲି ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସୋମବାର ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ୮୦ତମ ବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କରି ମନ୍ତ୍ରୀ କହିଲେ, ନିର୍ମାଣ କ୍ଷେତ୍ରରେ ଡିପ୍ଲୋମା ଇଞ୍ଜିନିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ବିନା ସହଯୋଗରେ ରାଜ୍ୟର ପ୍ରଗତି ସମ୍ଭବପର ନୁହେଁ। ଏହି ଅବସରରେ ସଂଘ ମୁଖପତ୍ର 'ଟେକ୍ନୋସ୍କ୍ରାଇବ୍'ର ସ୍ୱତନ୍ତ୍ର ସଂକଳନ ଉନ୍ମୋଚନ ହୋଇଥିଲା। ଏଥିସହ ଆସନ୍ତା ୨ବର୍ଷ ପାଇଁ ସଂଘର କର୍ମକର୍ତ୍ତା ନିର୍ବାଚନ ଫଳାଫଳ ଘୋଷଣା ହୋଇଥିଲା। ଇଂ. ଶ୍ରୀକାନ୍ତ ମହାପାତ୍ର ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ଇଂ. ପ୍ରଭାତ କୁମାର ନାୟକ ସାଧାରଣ ସମ୍ପାଦକ, ଇଂ. ଶ୍ରୀଧର ବାରିକ ଉପଦେଷ୍ଟା, ଇଂ. ସୁଦର୍ଶନ ବେହେରା ଉପସଭାପତି, ଇଂ. ମହେନ୍ଦ୍ର ନାଥ ପ୍ରଧାନ ସଂଘର ଅତିରିକ୍ତ ସାଧାରଣ ସମ୍ପାଦକ ହୋଇଛନ୍ତି। ଦୁଇଦିନ ଧରି ଚାଲିବାକୁ ଥିବା ସମ୍ମିଳନୀରେ ରାଜ୍ୟର ସମସ୍ତ ଜିଲାରୁ ସଂଘ ସଦସ୍ୟଙ୍କ ସମେତ ଅବସରପ୍ରାପ୍ତ ସଦସ୍ୟ ଯୋଗଦେଇଛନ୍ତି। ଇଂ. ଶ୍ରୀକାନ୍ତ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଇଂ. ପ୍ରଭାତ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ଇଂ. ଶ୍ରୀଧର ବାରିକ ସ୍ୱାଗତ ଭାଷଣ ଏବଂ ଉପସଭାପତି ଇଂ. ସୁଦର୍ଶନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ୟୁନିଟ୍-୧ ହାଟରେ ଅଗ୍ନିକାଣ୍ଡ



ଭୁବନେଶ୍ୱର,୧୯।୧ (ସତ୍ୟଜିତ୍ ରାଉତ)

ୟୁନିଟ୍-୧ ହାଟରେ ସୋମବାର ବିଳମ୍ବିତ ରାତିରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି । ଏଥିରେ ଏକାଧିକ ଦୋକାନ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ କଳ୍ପନା ଫାୟାର ଷ୍ଟେଶନ, ସେଣ୍ଟ୍ରାଲ ଷ୍ଟ୍ରାଇକ୍ ଫୋର୍ସ, ତମାଣ୍ଡୋ, ସେକ୍ରେଟାରିଏଟ୍, ବାଲିପାଟଣା, ପାହାଳ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ନିଆଁକୁ

**ଜଳିଗଲା ବହୁ ଦୋକାନ**

ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରାଯାଇପାରି ନ ଥିଲା। ତେଣୁ କ୍ଷୟକ୍ଷତି ସମ୍ପର୍କରେ ବିଶେଷ କିଛି ସୂଚନା ମିଳିପାରିନାହିଁ । ନିଆଁ ଆୟତ୍ତ ପରେ କ୍ଷୟକ୍ଷତି ସମ୍ପର୍କରେ ଜଣାପଡିବ ବୋଲି ପୋଲିସ ସୂଚନା ଦେଇଛି। ଏହି ଅଗ୍ନିକାଣ୍ଡରେ ବହୁ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଜଣାପଡିଛି । ପ୍ରକାଶ ଯେ, ଗତ ୨ ମାସ ତଳେ ୧ନଂ. ପରିବା ହାଟରେ ମଧ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷତି ଘଟିଥିଲା।

# 'ଏନ୍‌ଇପି :ବିକଶିତ ଭାରତ ୨୦୪୭' ଉପରେ ଆଲୋଚନା

ଭୁବନେଶ୍ୱର,୧୯।୧(ସୁଚିସ୍ମିତା ସାହୁ)

ଭାରତୀୟ ଶିକ୍ଷଣମଣ୍ଡଳ ଓଡ଼ିଶା ପୂର୍ବପ୍ରାନ୍ତ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ମିଳିତ ସହଯୋଗରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାର ପ୍ରସଙ୍ଗ ରହିଥିଲା 'ଏନ୍‌ଇପି: ବିକଶିତ ଭାରତ ୨୦୪୭'। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଏସ.ଆର୍. ସଙ୍କରାନନ୍ଦଜୀ ଉପସ୍ଥିତ ଥିଲେ। ଇତିହାସ ବିଭାଗର ମୁଖ୍ୟ ପ୍ରଫେସର ଜୟନ୍ତୀ ଦୋରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ପାରେଶ୍ୱର ସାହୁ ଅତିଥି ପରିଚୟ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଭାରତୀୟ ଶିକ୍ଷଣମଣ୍ଡଳ ଓଡ଼ିଶା ପୂର୍ବପ୍ରାନ୍ତର ପ୍ରଫେସର ଶରତ କୁମାର ଲେଙ୍କା ଏବଂ ସଚିବ ବିଶ୍ୱରଞ୍ଜନ ଘୋଷ ଯୋଗଦେଇ ଭାରତୀୟ ଜ୍ଞାନ ପରମ୍ପରା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଇତିହାସ କଂଗ୍ରେସର ସାଧାରଣ ସଚିବ ସୁବାସ ଚନ୍ଦ୍ର ବାରିକ, ଡ. ଅଜିତ କୁମାର ସାହୁ, ଡ. ଶୁଭଶ୍ରୀ ପାଣିଗ୍ରାହୀ, ଡ. ସୁଶାନ୍ତ କୁମାର ପାତ୍ର, ଡ. ଅନାମ ବେହେରାଙ୍କ ସମେତ ଇତିହାସ ପ୍ରତ୍ନତତ୍ତ୍ୱ ବିଭାଗ ଏବଂ ଓମେନ୍ସ ଷ୍ଟଡ଼ିଜର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



'ମନନ ନାଟ୍ୟ ସଂସ୍ଥା' ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ସୋମବାର ପରିବେଷିତ ନାଟକ 'ଟିଙ୍ଗା ବୁଢ଼ା'ର ଏକ ଦୃଶ୍ୟ।

# କାର୍ ଉପରେ ଚଢ଼ିଗଲା କାର୍, ଜଣେ ଆହତ



ଭୁବନେଶ୍ୱର,୧୯।୧(ତ୍ରିନାଥ ମହାନ୍ତି)

ହାଇ ସ୍ପିଡ୍ ଗାଡ଼ିଚାଳନା ହେଲା କାଳ। ଗାଡ଼ିର ଭାରସାମ୍ୟ ହରାଇ କାର୍ ଉପରେ ଚଢ଼ିଗଲା କାର୍। ଏଭଳି ଏକ ଦୁର୍ଘଟଣା ଘଟିଛି ମଞ୍ଚେଶ୍ୱର ଥାନା ପଳାଶୁଣୀ ଛକରେ। ଏଥିରେ ଜଣେ ଚାଳକ ଆହତ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କଟକରୁ ଆସୁଥିବା ଦ୍ରୁତଗାମୀ କାର୍ ଅନ୍ୟ ଏକ କାର୍ ଉପରେ ଚଢ଼ି ଯାଇଥିଲା। ଫଳରେ ପାଖାପାଖି ୩ଘଣ୍ଟା ଧରି ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଗାଡ଼ି ମୋଟର ଚଳାଚଳ ବ୍ୟାଘାତ ହୋଇଥିଲା। ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିବା ସହ କ୍ରେନ୍ ସାହାଯ୍ୟରେ ଦୁର୍ଘଟଣାଗ୍ରସ୍ତ କାର୍‌କୁ ରାସ୍ତାରୁ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି।

ସୂଚନା ଅନୁସାରେ, କଟକରୁ ଏକ କାର ଓଡି୦୨-ଡିଇ-୨୨୯୨ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ପଛରୁ ଦ୍ରୁତ ଗତିରେ ଆସୁଥିବା ଏକ ନାଲି ରଙ୍ଗର କାର୍(ଓଡି୦୫-ୟୁ-୨୦୦୩) ପଳାଶୁଣି ଛକରେ ଭାରସାମ୍ୟ ହରାଇ ଆଗ କାର୍ ଉପରେ ଚଢ଼ି ଯାଇଥିଲା। ଆଗ କାର୍‌ଟି ଧୀରେ ଧୀରେ ଯାଉଥିବାରୁ ବଡ଼ ଧରଣର ଅଘଟଣରୁ ବର୍ତ୍ତି ଯାଇଥିଲା। ପଛ କାର୍‌ର ଡ୍ରାଇଭର ଆହତ ହୋଇଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ସମସ୍ତ ଉଠାଦୋକାନ, ଭେଣ୍ଡିଂ ଜୋନ୍ ବନ୍ଦ ରହିବ

ଭୁବନେଶ୍ୱର, ୧୯।୧(ବନ୍ଦନା ସେଠୀ)

## ଆଜି ଜାତୀୟ ଉଠାଦୋକାନୀ ଦିବସ

ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂ ଜୋନ୍ ସୁରକ୍ଷା ଟ୍ରଷ୍ଟ ଏବଂ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଜାତୀୟ ଉଠାଦୋକାନୀ ଦିବସ ପାଳନ କରାଯିବ। ତେଣୁ ପ୍ରତ୍ୟେକ ଉଠାଦୋକାନ, ଭେଣ୍ଡିଂଜୋନ୍ ଏବଂ କିଓସ୍କୋଗୁଡ଼ିକ ବନ୍ଦ ରହିବ ବୋଲି ସଂଗଠନର ରାଜ୍ୟ ସଭାପତି ପ୍ରତାପ କୁମାର ସୂଚନା ଦେଇଛନ୍ତି। ଉଠାଦୋକାନୀମାନେ ସାଧାରଣତଃ ଗ୍ରାହକମାନଙ୍କୁ ମୌଳିକ ସେବା ଯୋଗାଇଥାନ୍ତି। ଉକ୍ତଦିନ ସେବା ଯୋଗାଇପାରୁ ନ ଥିବାରୁ ଖାଉଟିମାନେ ଅସନ୍ତୋଷ ନ ହେବା ପାଇଁ ସଭାପତି ଅନୁରୋଧ କରିଛନ୍ତି। ଏହି ଅବସରରେ ରାଜ୍ୟସ୍ତରୀୟ ମହାସମାବେଶ ପାଇଁ ଶୋଭାଯାତ୍ରା ରାଜମହଲ ଛକରୁ ବାହାରି ୟୁନିଟ-୧ ଫଳ ଭେଣ୍ଡିଂଜୋନ୍‌ଠାରେ ପହଞ୍ଚିବ ଏବଂ ସେଠାରେ ସାଧାରଣ ସଭା ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, କେନ୍ଦ୍ର ସରକାର ୨୦୧୪ ଜାନୁଆରୀ ୨୦ରେ ପାର୍ଲାମେଣ୍ଟରେ ଉଠାଦୋକାନୀଙ୍କ ପାଇଁ ଜାତୀୟ ଉଠାଦୋକାନ ନୀତି ପାରିତ କରିଥିଲେ। ଏହା ସାରା ଭାରତବର୍ଷରେ ଥିବା ୪ କୋଟି ଉଠାଦୋକାନୀ ଓ ସେମାନଙ୍କ ପରିବାରର ଜୀବନ ଜୀବିକା ପାଇଁ ପଥ ପରିଷ୍କାର କରିଥିଲା। ଉଠାଦୋକାନୀ ଆଇନରେ ଉଠାଦୋକାନୀଙ୍କ ଥଇଥାନ, ଟାଉନ ଭେଣ୍ଡିଂ କମିଟି ଗଠନ, ଉଠାଦୋକାନୀମାନଙ୍କୁ ପରିଚୟ ପତ୍ର ପ୍ରଦାନଠାରୁ ଆରମ୍ଭ କରି ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉଲ୍ଲେଖ କରାଯାଇଛି। ପାର୍ଲାମେଣ୍ଟରେ ଆଇନ ପାରିତ ହୋଇଥିବାରୁ ଏହି ଦିନଟିକୁ ମନେରଖିବା ପାଇଁ ପ୍ରତିବର୍ଷ ଜାତୀୟ ଉଠାଦୋକାନୀ ଦିବସ ପାଳନ କରାଯାଉଛି।

# ପୂଜା ପାଇବେ ୬୪ ଫୁଟ ଉଚ୍ଚର ସରସ୍ୱତୀ ମୂର୍ତ୍ତି

## ୟୁନିଟ୍-୯ ଚାରିଟେବୁଲ୍ ଟ୍ରଷ୍ଟ କ୍ଲବ୍: ୨୫ଲକ୍ଷ ଟଙ୍କାର ବ୍ୟୟବରାଦ



ଭୁବନେଶ୍ୱର,୧୯।୧ (ସୌମ୍ୟରଞ୍ଜନ ରାଉତ)

ପାଖେଇ ଆସୁଛି ମାଘ ଶୁକ୍ଳ ପଞ୍ଚମୀ ତିଥି। ଜଗତକୁ ଜ୍ଞାନରେ ପ୍ରକାଶିତ କରିବା ପାଇଁ ଧରାବତରଣ କରିବେ ମା' ବିଦ୍ୟାଦାତ୍ରୀ ସରସ୍ୱତୀ। ସରସ୍ୱତୀ ପୂଜା ପାଇଁ ରାଜଧାନୀ ଭୁବନେଶ୍ୱରର ସହରରୁ ଉପକଣ୍ଠ ଚଳଚଞ୍ଚଳ ହୋଇଥିବାବେଳେ ହଂସବାହିନୀଙ୍କ ଆବାହନ ପାଇଁ ଚାଲିଛି ବ୍ୟାପକ ପ୍ରସ୍ତୁତି। ସାମାଜିକ ସେବା କାର୍ଯ୍ୟ ଓ ପୂଜାପର୍ବ ଆୟୋଜନ କ୍ଷେତ୍ରରେ ପ୍ରସିଦ୍ଧ ୟୁନିଟ୍-୯ସ୍ଥିତ ଚାରିଟେବୁଲ୍ ଟ୍ରଷ୍ଟ କ୍ଲବ୍ ଚଳିତ ବର୍ଷ ନିଆରା ତଥା ଅଧିକ ଆକର୍ଷଣୀୟ ଭାବେ ସରସ୍ୱତୀ ପୂଜା ପାଇଁ ପ୍ରସ୍ତୁତି ଚଳାଇଛି। ଆକର୍ଷଣୀୟ ମେଢ଼ ସହ ୬୪ ଫୁଟ ଉଚ୍ଚର ସରସ୍ୱତୀ ମୂର୍ତ୍ତି ଓ ହଂସ ବାହନ ଝଲସିବ। ମା'ଙ୍କ ମେଢ ଗଢିବାକୁ କୋଲ୍‌କାତାରୁ ୧୫ଜଣ କାରିଗର ନିୟୋଜିତ ହୋଇଛନ୍ତି। ପ୍ରାୟ ଦେଢ ମାସ ଧରି କାରିଗରମାନେ ମୂର୍ତ୍ତି ତିଆରିରେ ଲାଗିପଡିଥିବାବେଳେ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ମଣ୍ଡପଠାରୁ ପାଖ ଅଞ୍ଚଳରେ ଶୋଭା ପାଇବ ରଙ୍ଗୀନ ଆଲୋକ ଗେଟ୍। ୭ରୁ ୧୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏଥିସହ ମିନା ବଜାରର ବ୍ୟବସ୍ଥା ହୋଇଥିବାବେଳେ ଭସାଣି ଉତ୍ସବକୁ ନିରାଡମ୍ବରରେ କରିବାକୁ କ୍ଲବ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପୂଜା ଖର୍ଚ୍ଚ ବାବଦକୁ ୨୦ରୁ ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ଭସାଣି ଉତ୍ସବ ନିରାଡମ୍ବର ହେବ ବୋଲି ସଭାପତି ଅଭିଷେକ ଦାସ ଓ ସମ୍ପାଦକ ଶୁଭକାନ୍ତ ସାହୁ ସୂଚନା ଦେଇଛନ୍ତି।

# ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର,୧୯।୧(ସୁଚିସ୍ମିତା ସାହୁ)

ଓଡିଶା ରାଜ୍ୟ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘ ବିସିଡିଡି-୧ର ୬୩ତମ ବାର୍ଷିକ ଡିଭିଜନ ସମ୍ପାଦକ ନିର୍ବାଚନ ସୋମବାର ସଂଘ ସଭାପତି ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ, ଉପସଭାପତି ନରେଶ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ଦିଲୀପ ସାହୁ, ମୁଖ୍ୟ ସଙ୍ଗଠନ ସମ୍ପାଦକ ବିପିନ ସେଠୀ, ଅକ୍ଷୟ କୁମାର ନାୟକ, ଧିରେନ ସାହୁ, ଅଜିତ କୁମାର ସାମନ୍ତ ରାୟ, ବିରଞ୍ଚି ନାରାୟଣ ସିଂ, ସର୍କଲ ସମ୍ପାଦକ ତ୍ରିଲୋଚନ ଓଝା ଶ୍ରମିକଙ୍କ ସମସ୍ୟା ଓ ଟେକ୍ନିକାଲ କର୍ମଚାରୀଙ୍କ ସମସ୍ୟା ଉପରେ ପ୍ରସ୍ତାବ ରଖିଥିଲେ। ସୂର୍ଯ୍ୟନାରାୟଣ ଦାସ ନୂତନ ଡିଭିଜନ ସମ୍ପାଦକ ଭାବେ ଅଜିତ କୁମାର ସାମନ୍ତରାୟଙ୍କ ନାମ ପ୍ରସ୍ତାବ ଦେବାପରେ ୧୩ଟି ସେକ୍ସନର ଅର୍ଗାନାଇଜର ତାହାକୁ ସମର୍ଥନ କରିଥିଲେ। ସାରଦା ପ୍ରସାଦ ସାମନ୍ତ ଓ ଜ୍ଞାନ ରଞ୍ଜନ ମହାନ୍ତି ସହସମ୍ପାଦକ ଏବଂ ମନୋଜ କୁମାର ବେହେରା ଡିଭିଜନ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ।

# ୩୦ରେ ମୁକ୍ତିଲାଭ କରିବ 'ପରୀ'

ଭୁବନେଶ୍ୱର,୧୯।୧ (ସୌମ୍ୟରଞ୍ଜନ ରାଉତ)



ଆସନ୍ତା ୩୦ ତାରିଖରେ ନୂଆ ଓଡିଆ ଚଳଚ୍ଚିତ୍ର 'ପରୀ' ବଡ଼ ପରଦାରେ ମୁକ୍ତିଲାଭ କରିବ। ଏନେଇ ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବଠାରେ ପରୀ ଟିମ୍ ପକ୍ଷରୁ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ମିଳନୀରେ ପ୍ରଯୋଜକ ସଞ୍ଜୟ ମହାନ୍ତି, ନିର୍ଦ୍ଦେଶକ ତ୍ରିପତି ସାହୁ, ସଂଳାପକାର ଡ. ରଜନୀ ରଞ୍ଜନ, ସଙ୍ଗୀତ ନିର୍ଦ୍ଦେଶକ ଜାପାନୀ ଭାଇ, ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ଟୁଟୁ ନାୟକ, ଟିକି ପଟ୍ଟନାୟକ, ଅଭିନେତା ଜ୍ୟୋତି ରଞ୍ଜନ ନାୟକ, ଅଭିନେତ୍ରୀ ଅନୁରାଧା ପାଣିଗ୍ରାହୀ, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, କଣ୍ଠଶିଳ୍ପୀ ରୁକୁ ସୁନା, ଡା. ରୋହନ ବିଶ୍ୱାଳ, କୋରିଓଗ୍ରାଫର ଅମିତ ନାୟକ, ଅଭିନେତା ନୀଳମଣି ସାହୁ, ନିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସମାଜରେ କ୍ରମାଗତ ଭାବରେ କୋମଳମତି ଶିଶୁଙ୍କ ଉପରେ ଯୌନ ନିର୍ଯାତନା ବଢ଼ିବାରେ ଲାଗିଛି। 'ପରୀ' ଏକ ନିରୀହ, କୋମଳ ଫୁଲ କଢି। ତାକୁ ନେଇ ଅନେକ ସ୍ୱପ୍ନ ଥିଲା ମାଆବାପାଙ୍କର। ମାତ୍ର ଅକାଳରେ ସେ ଝରି ପଡିଲା କିଛି ଯୌନ ରାକ୍ଷସଙ୍କ ଅତ୍ୟାଚାରରେ। ପଇସା, ପ୍ରତିଷ୍ଠା, ରାଜନୀତି ଆଗରେ କ୍ଷୀଣ ପଡିଯାଇଛନ୍ତି ବିଚରା ମାଆବାପା। ହେଲେ ପରିଶେଷରେ କ'ଣ ପରୀକୁ ନ୍ୟାୟ ମିଳିଛି ? ଏଭଳି ଏକ ସ୍ପର୍ଶକାତର କାହାଣୀ ଉପରେ ପରୀର କାହାଣୀ ଗତିଶୀଳ ବୋଲି ସମ୍ମିଳନୀରେ ଅତିଥିମାନେ ମତ ରଖିଥିଲେ। କାହାଣୀ ରଚନା ସହ ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି, ସହ ନିର୍ମାତା ରହିଛନ୍ତି ଚନ୍ଦନ ସ୍ୱାଇଁ ଓ ଅନିଲ୍ ବଳିୟାରସିଂହ। ସଂଳାପରେ ଡ. ରଜନୀ ରଞ୍ଜନ ରଚନା କରିଛନ୍ତି ଓ ଜାପାନୀ ଭାଇ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ସାରା ଓଡିଶାର ପୂର୍ଣ୍ଣ ପ୍ରେକ୍ଷାଳୟରେ ଦର୍ଶକ ଦେଖିବାକୁ ପାଇବେ ବୋଲି ପ୍ରଯୋଜନା ସଂସ୍ଥା ପ୍ରକାଶ କରିଛି।

# ଓଡ଼ିଶା ଗସ୍ତରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ପ୍ରତିନିଧି ଦଳ

## ପଞ୍ଚସଖା ଶିକ୍ଷା ସେତୁ କାର୍ଯ୍ୟକ୍ରମକୁ ପ୍ରଶଂସା କଲେ

ଭୁବନେଶ୍ୱର,୧୯।୧(ସୁଚିସ୍ମିତା ସାହୁ)



ପଞ୍ଚସଖା ଶିକ୍ଷା ସେତୁର କାର୍ଯ୍ୟାଳୟର ମୁଖ୍ୟ ପରିଚାଳନା ଅଧିକାରୀ ରାଜଲକ୍ଷ୍ମୀ ଦାଶ ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ମହାରାଷ୍ଟ୍ର ପ୍ରତିନିଧିଙ୍କୁ ବୁଝାଉଛନ୍ତି।

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ୫ ଜଣିଆ ପ୍ରତିନିଧି ଦଳ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଦଳରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଧିକାରୀ ପ୍ରିୟା ଖାନ୍, ପ୍ରଶାସନିକ ଅଧିକାରୀ (ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ) ରାହୁଲ ମାଡ୍ରେଙ୍କ ସମେତ ଆଉ ୩ଜଣ ରହିଛନ୍ତି। ସେମାନେ ପ୍ରଥମେ ପଞ୍ଚସଖା ଶିକ୍ଷା ସେତୁର କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ଗୋଷ୍ଠୀ ସମ୍ପ୍ରଦାୟ ସହଯୋଗରେ ବିଦ୍ୟାଳୟରେ ସର୍ବାଙ୍ଗୀନ ବିକାଶ କରାଯାଉଥିବାରୁ ଏହି କାର୍ଯ୍ୟକ୍ରମକୁ ପ୍ରତିନିଧିମାନେ ବେଶ୍ ପ୍ରଶଂସା କରିଛନ୍ତି। ଏଭଳି କାର୍ଯ୍ୟକ୍ରମ ଅନନ୍ୟ ଏବଂ ଏହା ବିଦ୍ୟାଳୟର ବିକାଶ ସହ ଶିକ୍ଷାର ଉନ୍ନତି ଦିଗରେ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ପ୍ରିୟା ଓ ରାହୁଲ ପ୍ରକାଶ କରିଛନ୍ତି। ଏହି ଅବସରରେ ଆୟୋଜିତ ବୈଠକରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ ଆଭାସୀ ଜରିଆରେ ପ୍ରତିନିଧିଙ୍କୁ ସ୍ୱାଗତ କରିବା ସହ ପୁରାତନ ଛାତ୍ରୀଛାତ୍ର ସଂଯୋଗ ସମ୍ପର୍କରେ ପ୍ରକାଶ କରିଥିଲେ। ସେହିପରି କାର୍ଯ୍ୟାଳୟର ମୁଖ୍ୟ ପରିଚାଳନା ଅଧିକାରୀ ରାଜଲକ୍ଷ୍ମୀ ଦାଶ ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କ ଅବଦାନରେ ବିଦ୍ୟାଳୟରେ ହେଉଥିବା ବିକାଶମୂଳକ ପରିବର୍ତ୍ତନ ବିଷୟରେ କହିଥିଲେ। ଏହାସହ ପଞ୍ଚସଖା ଶିକ୍ଷା ସେତୁ ଅଧୀନରେ କରାଯାଉଥିବା ସିଏସ୍‌ଆର୍ କାର୍ଯ୍ୟକ୍ରମ, ଐତିହ୍ୟ ବିଦ୍ୟାଳୟ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ବିଦ୍ୟାଳୟ ସୁରକ୍ଷା ଓ ରକ୍ଷଣାବେକ୍ଷଣ, ଆକାଂକ୍ଷୀ ପାଠ୍ୟକ୍ରମ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ ସେମାନଙ୍କୁ ବୁଝାଇଥିଲେ। ଏଥିସହ ମହାରାଷ୍ଟ୍ର ଏବଂ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଉପରେ ବହୁ ଆଲୋଚନ ହୋଇଥିଲା। ପରେ ପ୍ରତିନିଧି ଦଳ ବଡ଼ଗଡ଼ ଉଚ୍ଚ ବିଦ୍ୟାଳୟ ଓ ବନମାଳୀପୁରସ୍ଥିତ କୁଶଭଦ୍ରା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ପୁରାତନ ଛାତ୍ରୀଛାତ୍ରଙ୍କ ଅବଦାନରେ ବିଦ୍ୟାଳୟରେ ଆସିଥିବା ବିଭିନ୍ନ ପ୍ରକାରର ବିକାଶକୁ ଦେଖିଥିଲେ।

**ଦେଶୀମଦ ଜବତ, ଜଣେ ଗିରଫ**

ଚୌଦ୍ୱାର,(ଆଶୁତୋଷ ଦାସ): କଟକ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶରେ ଚୌଦ୍ୱାର ଅବକାରୀ ଥାନା ପକ୍ଷରୁ ଚୌଦ୍ୱାରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୬୦ ଲିଟର ଦେଶୀ ମହୁଲି ମଦ ସହିତ ୨ଟି ବାଇକ୍ ଜବତ କରାଯାଇଛି। ଏହି ଘଟଣାରେ ଆଠଗଡ଼ର ସୁଜିତ୍ କୁମାର ସାମଲଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। ଚୌଦ୍ୱାର ତଳବଜାର ଓ ଗାନ୍ଧୀଛକରେ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ଗ୍ରାମାଞ୍ଚଳ ଇନ୍ସପେକ୍ଟର ମାନସୀ ନାୟକ, ଅବକାରୀ ଇନ୍ସପେକ୍ଟର ଭକ୍ତବତ୍ସଳ ବର୍ମା, ଅକ୍ଷୟ କୁମାର ଜେନା, ଆଶୁତୋଷ ଜେନା, ଦେବବ୍ରତ ଓଝା, ବାଳକୃଷ୍ଣ ବିଶ୍ୱାଳ, ସୁନୀଲ ବଳ, ଲକ୍ଷ୍ମଣ ବେହେରା ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ୨୨ରେ ହେବ ବିଶାଳ ଧ୍ୱଜା ଯାତ୍ରା

କଟକ,୧୯।୧(ଶିଳ୍ପା ପ୍ରିୟଦର୍ଶିନୀ)

ଆସନ୍ତା ୨୨ରେ ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠା ଦିବସକୁ ଭାରତରେ ଉତ୍ସବ ରୂପେ ପାଳନ କରିବାକୁ ଯାଉଥିବାବେଳେ ଭାଜପା ପକ୍ଷରୁ ଦେଶସାରା ଏହି ଦିନ ଅନେକ କାର୍ଯ୍ୟକ୍ରମ କରାଯିବା ଯୋଜନା କରାଯାଇଛି। ଏହି ପରିପ୍ରେକ୍ଷୀରେ କଟକ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଏକ ବିଶାଳ ଧ୍ୱଜା ଯାତ୍ରା କରାଯିବ। ଏ ନେଇ ସୋମବାର ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ପ୍ରସ୍ତୁତି ବୈଠକ ସ୍ଥାନୀୟ ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ବାତାବରଣ ସହ ପାରମ୍ପରିକ ବାଦ୍ୟରେ ଏହି ଯାତ୍ରା ୨୨ ତାରିଖ ଅପରାହ୍ନ ୪ଟାରେ ମା'କଟକ ଚଣ୍ଡୀଙ୍କ ମନ୍ଦିର ସମ୍ମୁଖରୁ ଆରମ୍ଭ ହୋଇ ସେଖ୍ ବଜାର, ମହମ୍ମଦିଆ ବଜାର, ଚାନ୍ଦିନୀଚୌକ, ନିମଚୌଡ଼ି, ବାଲୁବଜାର, ଚୌଧୁରୀ ବଜାର, ସିଏମ୍‌ସି ଦେଇ ମାରୁତୀ ମଣ୍ଡପରେ ଶେଷ ହେବ। ଏଥିରେ ସମସ୍ତେ ଚାଲିଚାଲି ଯିବାପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିବାବେଳେ ସହରର ମୁରବି, ବୁଦ୍ଧିଜୀବୀ, ଯୁବ ଓ ଛାତ୍ରଙ୍କ ସମେତ ପୂଜା କମିଟି, ବଜାର କମିଟର ସଦସ୍ୟ ତଥା ବିଭିନ୍ନ ହିନ୍ଦୁ ସଙ୍ଗଠନକୁ ଯୋଗଦେବା ପାଇଁ ନିବେଦନ କରାଯାଇଛି। ଜିଲା ଉପସଭାପତି ସୁନୀଲ କୁମାର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ଉପସଭାପତି ବିଶ୍ୱରଞ୍ଜନ ମିଶ୍ର, ଜଗନ୍ନାଥ ପରିଡ଼ା, ଜିଲା ସାଧାରଣ ସମ୍ପାଦକ ସ୍ମୃତିରଞ୍ଜନ ମିଶ୍ର, ସମ୍ପାଦକ ସ୍ୱାଧୀନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ଅନ୍ୟତମ ଉପସଭାପତି ଦେବାଶିଷ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।

### ବୀର ବଜରଙ୍ଗୀ ମହାଯଜ୍ଞ ଆରମ୍ଭ

କଟକ ସଦର,୧୯।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଗତିରାଉତ ପାଟଣାସ୍ଥିତ ଦଶମ ବୀର ବଜରଙ୍ଗୀ ମହାଯଜ୍ଞ ଆରମ୍ଭ ହୋଇଯାଇଛି। ରବିବାର ମହାନଦୀ ତଅଁରପା ଘାଟରୁ ମହିଳାମାନେ ଜଳ ଉଠାଇ ଯଜ୍ଞସ୍ଥଳ ଅଭିମୁଖେ ଆସିଥିଲେ। ଯଜ୍ଞରେ କର୍ତ୍ତା ଦିଲ୍ଲୀପ ଦଳାଇ, କର୍ତ୍ତୀ ସ୍ମୃତିରେଖା ବେହେରା, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସାମାଜିକ କର୍ମୀ ବିକ୍ରମ ରାଉତ, କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ପ୍ରଫେସର ମନୋଜ କୁମାର ନାୟକଙ୍କ ସମେତ ଗତିରାଉତପାଟଣା ଗ୍ରାମବାସୀ ସାହାଯ୍ୟ କରିଛନ୍ତି। ଉଦ୍‌ଯାପନୀରେ ରାଜ୍ୟର ପ୍ରତିଷ୍ଠିତ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

### ୧୯୮୩ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

କଟକ ସଦର,୧୯।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତ ଭୁଟାନ ଗାଦିଙ୍କ ପୀଠରେ ରବିବାର କେଳିକଦମ୍ବ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୩ ମାଟ୍ରିକ୍ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ପ୍ରଦୂଷଣରୁ ସମାଜକୁ କିପରି ମୁକ୍ତ କରାଯାଇ ପାରିବ ତାହା ଉପରେ ଆୟୋଜିତ ସଭାରେ ଛାତ୍ରୀଛାତ୍ରମାନେ ମତବ୍ୟକ୍ତ କରିଥିଲେ। ଶିବପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଆଲୋକ ରଞ୍ଜନ ରାୟ, ବଳରାମ ସେଠୀ, ମମତା ପଟ୍ଟନାୟକ, ସୁପ୍ରଭା ପଣ୍ଡା, ସରସ୍ୱତୀ ପଣ୍ଡା, ଜାପାନୀ ସାହୁ, ଦୀପ୍ତି ମଞ୍ଜରୀ ମହାନ୍ତି, ପୁଷ୍ପଲତା ବିଶ୍ୱାଳ, ପ୍ରଭାତୀ ଦାସ, ବୈଜୟନ୍ତୀ ସାହୁ, ପ୍ରଶାନ୍ତ କୁମାର ରାୟ, ସାଗର କୁମାର ମିଶ୍ର, ଯୁଧିଷ୍ଠିର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁଚରଣ ପଣ୍ଡା, ସାଧୁ ଚରଣ ଜେନା, ନିରଞ୍ଜନ ସ୍ୱାଇଁ, ଧୀରେନ୍ଦ୍ର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଛାତ୍ରୀଛାତ୍ରଙ୍କ ପାଇଁ ସିଏମ୍‌ସିର ନୂଆ ପଦକ୍ଷେପ

## ଗୋଟିଏ ଦିନ କମିଶନରଙ୍କ ସହ କାର୍ଯ୍ୟକ୍ରମ ଆରମ୍ଭ

କଟକ,୧୯।୧(କାର୍ତ୍ତିକ ସାହୁ)



ଖବରଦାତା ସମ୍ମିଳନୀରେ ସିଏମ୍‌ସି କମିଶନର ସୂଚନା ଦେଉଛନ୍ତି।

ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେବା ଓ ଯୁବ ମାନସରେ ନେତୃତ୍ୱର ଭାବନା ଗଢ଼ିବା ଉଦ୍ଦେଶ୍ୟରେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଏକ ନୂଆ କାର୍ଯ୍ୟକ୍ରମ ଗୋଟିଏ ଦିନ କମିଶନରଙ୍କ ସହ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ କଟକ ମହାନଗର ନିଗମ ଅନ୍ତର୍ଗତ ଯେକୌଣସି ସ୍କୁଲର ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ର କଟକ ମହାନଗର ନିଗମର କମିଶନର ସୁଶ୍ରୀ କିରଣଦୀପ କୌର ସହୋତାଙ୍କ ସହିତ ଗୋଟିଏ ସମ୍ପୂର୍ଣ୍ଣ କାର୍ଯ୍ୟଦିନ କଟାଇବାର ସୁଯୋଗ ପାଇବେ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ଅଧୀନସ୍ଥ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିପାରିବେ। ଇଚ୍ଛୁକ ଛାତ୍ରଛାତ୍ରୀମାନେ କଟକ ମହାନଗର ନିଗମର ଆଧିକାରିକ ୱେବ୍‌ସାଇଟରେ ଉପଲବ୍ଧ ଗୁଗୁଲ ଫର୍ମ ମାଧ୍ୟମରେ ଆବେଦନ କରିପାରିବେ। ଆବେଦନ ସମ୍ପର୍କିତ ସମସ୍ତ ବିସ୍ତୃତ ସୂଚନା ଏହି ଫର୍ମରେ ଉଲ୍ଲେଖ ରହିଛି। ଆବେଦନର ସମୟସୀମା ଓ ଅନ୍ୟାନ୍ୟ ବିସ୍ତୃତ ସୂଚନା କଟକ ମହାନଗର ନିଗମର ଆଧିକାରିକ ୱେବ୍‌ସାଇଟ ଓ ସୋସିଆଲ ମିଡିଆ ମାଧ୍ୟମରେ ଜାଣିପାରିବେ ବୋଲି ସିଏମ୍‌ସି କମିଶନରଙ୍କ ସମ୍ମିଳନୀ କକ୍ଷରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କମିଶନର ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଚୟନ ପ୍ରକ୍ରିୟାର ଅଂଶ ଭାବେ ଛାତ୍ରୀଛାତ୍ରମାନେ ୫୦ ମାର୍କର ଏକ ଲିଖିତ ପରୀକ୍ଷା ଦେବେ। ଏଥିରେ ପ୍ରଦତ୍ତ ୫ଟି ବିଷୟ ମଧ୍ୟରୁ ଗୋଟିଏ ବିଷୟ ଚୟନ କରି ଓଡ଼ିଆ ଭାଷାରେ ୮୦୦ରୁ ୧୦୦୦ ଶବ୍ଦ ମଧ୍ୟରେ ଏକ ନିବନ୍ଧ ଲେଖିବାକୁ ପଡ଼ିବ। ସେହି ଲେଖାଟିକୁ ୧ ଏମ୍‌ବିରୁ କମ୍ ଆକାରରେ ଫାଇଲ ଭାବେ ୱେବ୍‌ସାଇଟରେ ଅପଲୋଡ୍ କରିବାକୁ ହେବ। ଏଥିସହ ଏନ୍‌ସିସି, ସ୍କାଉଟ୍ସ ଓ ଗାଇଡ୍ସ, ଜାତୀୟ ସେବା ଯୋଜନା, ସାମାଜିକ ସଚେତନତା କାର୍ଯ୍ୟରେ ଅଂଶଗ୍ରହଣ, ରେଡ୍‌କ୍ରସ, କ୍ରୀଡ଼ା କ୍ଷେତ୍ରରେ ଉପଲବ୍ଧି, ବିଜ୍ଞାନ ସମ୍ବନ୍ଧୀୟ ନୂଆ ପ୍ରକଳ୍ପ କିମ୍ବା ନୂଆ ପ୍ରଣାଳୀର ଆବିଷ୍କାର, ସାଂସ୍କୃତିକ ଓ ଅଭିନବ କାର୍ଯ୍ୟକଳାପ, ଡିଜିଟାଲ ସାକ୍ଷରତା ଓ ସାଇବର ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ, ବିପର୍ଯ୍ୟୟ ପରିଚାଳନା ସଚେତନତାରେ ଅଂଶଗ୍ରହଣ ଓ ପ୍ରାଥମିକ ଚିକିତ୍ସା ସମ୍ବନ୍ଧୀୟ କର୍ମଶାଳାରେ ଯୋଗଦାନ, ବକ୍ତୃତା, ସଙ୍ଗୀତ, ନୃତ୍ୟ, ଚିତ୍ରକଳା, ଅଭିନୟ, ଜାତୀୟ ସ୍ୱଚ୍ଛତା ଅଭିଯାନରେ ଅଂଶଗ୍ରହଣ, ଭୋଟର ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ, ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ, ସ୍କୁଲ କମିଟି କିମ୍ବା କ୍ଲବରେ ନେତୃତ୍ୱ ଆଦି ୧୦ଟି ବର୍ଗରେ ୫୦ ମାର୍କର ପ୍ରାବଧାନ ରହିଛି। ମନୋନୀତ ହୋଇଥିବା ଛାତ୍ରୀ କିମ୍ବା ଛାତ୍ର କମିଶନରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ନଗର ପରିଚାଳନା ଓ ପ୍ରଶାସନିକ କାର୍ଯ୍ୟ ପ୍ରଣାଳୀକୁ ନିକଟରୁ ଦେଖିବେ। ସେ ରିଭ୍ୟୁ ବୈଠକରେ ଅଂଶଗ୍ରହଣ କରିବେ, ସହର ପରିଚାଳନା ବିଷୟରେ ଅବଗତ ହେବେ ଓ ସ୍ୱଚ୍ଛତା ଓ ଅବଶିଷ୍ଟ ପରିଚାଳନା ସମ୍ପର୍କିତ କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରିବେ। ସମ୍ପୂର୍ଣ୍ଣ ଦିନ ସେ କମିଶନରଙ୍କ କାର୍ଯ୍ୟଦାୟିତ୍ୱକୁ ନିକଟରୁ ଅନୁଭବ କରିପାରିବେ। ଆଇଏଏସ ଅଧିକାରୀ ଭାବେ ସୁଶ୍ରୀ କିରଣଦୀପ କୌର ସହୋତା ଛାତ୍ରୀଛାତ୍ରଙ୍କ ସହିତ ସିଭିଲ ସର୍ଭିସ ପ୍ରସ୍ତୁତି, ନେତୃତ୍ୱ, ଶୃଙ୍ଖଳା ଓ ଲୋକସେବା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବେ। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ସ୍ୱପ୍ନ ଦେଖିବା, ଦାୟିତ୍ୱବୋଧ ଗଢ଼ିବା ଓ ପ୍ରଶାସନିକ ସେବା ପ୍ରତି ଆକର୍ଷିତ କରିବାରେ ସାହାଯ୍ୟ କରିବ ବୋଲି ଖବରଦାତା ସମ୍ମିଳନୀରେ କମିଶନର ସୂଚନା ଦେଇଛନ୍ତି।

# ଏସ୍‌ସିବି ସର୍ଜରି ବିଭାଗରେ ଖୋଲିବ ୨୦ ଶଯ୍ୟାର ଆଇସିୟୁ

କଟକ,୧୯।୧(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ସର୍ଜରି ବିଭାଗରେ ପ୍ରଥମ କରି ଖୋଲିବ ଆଇସିୟୁ। ୨୦ଟି ଶଯ୍ୟାବିଶିଷ୍ଟ ଆଇସିୟୁ ଖୋଲିବାକୁ ଥିବାବେଳେ ଏବେ ଏହାର କାର୍ଯ୍ୟ ଆରମ୍ଭ କରାଯାଇଛି। ଏପରିକି ସର୍ଜରି ବିଭାଗ ରୋଗୀ ଏବେ ଆଉ ସେଣ୍ଟ୍ରାଲ ଆଇସିୟୁ ଉପରେ ନିର୍ଭର କରିବେ ନାହିଁ। ତେବେ ମେଡିକାଲରେ ଆଇସିୟୁକୁ ଅପେକ୍ଷା କରି ରୋଗୀ ମୃତ୍ୟୁମୁଖକୁ ଯାଉଥିବାବେଳେ କର୍ତ୍ତୃପକ୍ଷ ଏଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି।

ମିଳିଥିବା ସୂଚନା ମୁତାବକ, ଏସ୍‌ସିବିର ଟ୍ରମା କାଜୁଆଲଟି ଉପର ମହଲାରେ ଥିବା ସେଣ୍ଟ୍ରାଲ ଆଇସିୟୁରେ ମେଡିକାଲର ବିଭିନ୍ନ ବିଭାଗର ଗୁରୁତର ରୋଗୀ ଭର୍ତ୍ତି ହୋଇଥାନ୍ତି। ସର୍ଜରି ବିଭାଗରେ ଆଇସିୟୁ ନ ଥିବାବେଳେ ଏଠାକାର ରୋଗୀ ମଧ୍ୟ ସେଣ୍ଟ୍ରାଲ ଆଇସିୟୁ ଉପରେ ନିର୍ଭର କରି ରହିଥାନ୍ତି। ସେଣ୍ଟ୍ରାଲ ଆଇସିୟୁରେ ମୋଟ୍ ୨୫ଟି ଶଯ୍ୟା କାର୍ଯ୍ୟ କରୁଛି। ଏହି ଆଇସିୟୁ ଭରସାରେ ଶତାଧିକ ଗୁରୁତର ରୋଗୀ ରହୁଥିବାବେଳେ ପ୍ରାୟତଃ ଆଇସିୟୁ ସୁବିଧା ନ ପାଇ ମୃତ୍ୟୁମୁହଁକୁ ଯାଇଥାନ୍ତି। ତେବେ ଏଭଳି କ୍ଷେତ୍ରରେ ରୋଗୀଙ୍କ ସୁବିଧାକୁ ନଜରରେ ମେଡିକାଲ କର୍ତ୍ତୃପକ୍ଷ ସର୍ଜରି ବିଭାଗରେ ପ୍ରଥମ କରି ୨୦ଟି ଶଯ୍ୟାବିଶିଷ୍ଟ ଆଇସିୟୁ ବେଡ୍‌ର ବ୍ୟବସ୍ଥା କରିଛନ୍ତି। ପରେ ଏହି ଶଯ୍ୟା ସଂଖ୍ୟାକୁ ବଢ଼ାଯିବ। ଏହି ଆଇସିୟୁ ସର୍ଜରି ବିଭାଗର ତଳ ମହଲାର ବହିର୍ବିଭାଗ ସମ୍ମୁଖରେ ଖୋଲାଯିବାକୁ ନିଷ୍ପତ୍ତି କରାଯାଇଛି। ଏଥିପାଇଁ ବିଭାଗର ତଳମହଲାରେ ଥିବା ରୋଗୀଙ୍କୁ ଅନ୍ୟ ବିଭାଗକୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରାଯାଇଛି। ଆସନ୍ତା ୩ ସପ୍ତାହ ମଧ୍ୟରେ ଏହାର କାମ ଶେଷ ହୋଇ ଏହାକୁ ଉଦ୍‌ଘାଟନ କରାଯିବ ବୋଲି ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକ ସୂଚନା ଦେଇଛନ୍ତି।

# ନିଃସ୍ୱାର୍ଥ ସେବାର ପ୍ରତୀକ ଥିଲେ ଲକ୍ଷ୍ମୀନାରାୟଣ ସାହୁ



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଚୌଦ୍ୱାର,୧୯।୧(ଆଶୁତୋଷ ଦାସ)

ମହାନ୍ ସେବକ ତଥା ସେବା ଅନୁଷ୍ଠାନ ହିନ୍ଦ୍ ସେବକ ସଂଘ ଓଡ଼ିଶା ଶାଖାର ପ୍ରତିଷ୍ଠାତା ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ୬୩ତମ ଶ୍ରାଦ୍ଧୋତ୍ସବ ତଥା ଶିଶୁ ସଦନର ୫୨ତମ ପ୍ରତିଷ୍ଠା ଉତ୍ସବ ଶିଶୁ ସଦନସ୍ଥିତ ଲକ୍ଷ୍ମୀନାରାୟଣ ସ୍ମୃତି ମଣ୍ଡପରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ସ୍ତ୍ରୀ ରୋଗ ବିଶେଷଜ୍ଞ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବିଶିଷ୍ଟ ଶିକ୍ଷାବିତ୍ ଡ.ଅଜୟ କୁମାର ମିଶ୍ର, ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ, ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ନିଃସ୍ୱାର୍ଥ ସେବାର ପ୍ରତୀକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅସହାୟ ଶିଶୁମାନଙ୍କ ସେବାକ୍ଷେତ୍ରରେ ଶିଶୁସଦନର ମୁଖ୍ୟ ଦାମୋଦର ସାହୁଙ୍କ ଉଲ୍ଲେଖନୀୟ ଅବଦାନକୁ ଅତିଥିମାନେ ପ୍ରଶଂସା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଙ୍ଗଠନର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ବିବରଣୀ ପାଠ କରିଥିଲେ ଏବଂ ବରିଷ୍ଠ ସଦସ୍ୟ ରମାକାନ୍ତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ଶିଶୁ ସମାରୋହକୁ କଟକ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ସୁଧାଂଶୁ ଶେଖର ସାହୁ ଓ ସୀମାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ଚୌଦ୍ୱାର କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ।

# ମୁକ୍ତିଲାଭ କଲା ଓଡ଼ିଆ ଫିଚର୍ ଫିଲ୍ମ 'ମୁରବି'ର ଟ୍ରେଲର



ବିଜୁ ପଟ୍ଟନାୟକ ଫିଲ୍ମ ଏବଂ ଟେଲିଭିଜନ ପ୍ରତିଷ୍ଠାନରେ ଚଳଚ୍ଚିତ୍ରର ଟ୍ରେଲର ଲଞ୍ଚିଂ ଉତ୍ସବରେ ଉପସ୍ଥିତ ଅତିଥି।

କଟକ,୧୯।୧(କାର୍ତ୍ତିକ ସାହୁ)

## ଏପ୍ରିଲ ୧୪ରେ ପରଦାକୁ ଆସିବ

ମେଣ୍ଟିସ ଫିଲ୍ମସ ପକ୍ଷରୁ ଓଡ଼ିଆ ଫିଚର୍ ଫିଲ୍ମ ମୁରବିର ଅଫିସିଆଲ ଟ୍ରେଲର ସୋମବାର ମୁକ୍ତିଲାଭ କରିଛି। ଗଭୀର ଆବେଦନଯୁକ୍ତ ତଥା ଭାବନାତ୍ମକ ଓ ପାରିବାରିକ କାହାଣୀ ଆଧାରିତ ଏହି ଚଳଚ୍ଚିତ୍ର ପିଢ଼ିଗତ ମୂଲ୍ୟବୋଧ, ନେତୃତ୍ୱ ଓ ପରିବାରର ଏକତାକୁ ବେଶ ପ୍ରଭାବୀ ଢଙ୍ଗରେ ଉପସ୍ଥାପନ କରୁଛି। ବିଜୁ ପଟ୍ଟନାୟକ ଫିଲ୍ମ ଏବଂ ଟେଲିଭିଜନ ପ୍ରତିଷ୍ଠାନରେ ଚଳଚ୍ଚିତ୍ରର ଟ୍ରେଲର ଲଞ୍ଚିଂ ଉତ୍ସବ ଅନୁଷ୍ଠିତ ହୋଇଛି। ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଗୌରବମୟ କରିଥିଲେ। ମୁରବୀ ହେଉଛନ୍ତି ପ୍ରତ୍ୟେକ ପରିବାରର ମୁଖ୍ୟ। ଅର୍ଥାତ୍ ପରିବାରକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ସହିତ ଅନୁଶାସନର ପାଠ ପଢ଼ାଉଥିବା ଜଣେ ସମ୍ମାନସ୍ପଦ ବ୍ୟକ୍ତି। ଏହି ଚଳଚ୍ଚିତ୍ର ସେପରି କାହାଣୀ ଉପରେ ଆଧାରିତ। ଚଳଚ୍ଚିତ୍ରରେ ଦୁଇଜଣ ପରିବାର ମୁଖ୍ୟଙ୍କ ବିପରୀତ ଚିନ୍ତାଧାରାକୁ ଦର୍ଶାଯାଇଛି। ଜଣେ କଠୋର ଶାସନ ଓ ନିୟମରେ ବିଶ୍ୱାସ କରୁଥିବାବେଳେ ଅନ୍ୟଜଣେ ସ୍ନେହ, ମମତା ଓ ସ୍ୱାଧୀନତା ମାଧ୍ୟମରେ ପରିବାରକୁ ମଜବୁତ ଭାବେ ଗଢ଼ିଛନ୍ତି। ଦୁଇ ପରିବାରର ସଂଘର୍ଷ ମାଧ୍ୟମରେ ସମ୍ପର୍କ ଓ ମୂଲ୍ୟବୋଧକୁ ନିଚ୍ଛକ ଭାବେ ଦର୍ଶାଯାଇଛି। ଚଳଚ୍ଚିତ୍ରଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ବିଶାଳ ମୌର୍ଯ୍ୟ ଓ ଦେବୀ ପ୍ରସାଦ ଲେଙ୍କାଙ୍କ ଦ୍ୱାରା ପ୍ରଯୋଜିତ ଓ ମେଣ୍ଟିସ ଫିଲ୍ମସ ବ୍ୟାନରରେ ନିର୍ମିତ ପ୍ରଥମ ଫିଚର୍ ଫିଲ୍ମ। ସହପ୍ରଯୋଜକ ଭାବେ ସୁମନ୍ତ ବୈରାଗୀ ଓ ଅଗ୍ନିମିତ୍ର ବେହେରା ଅଛନ୍ତି। ଚଳଚ୍ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ପିନାକୀ ସିଂହ ଓ ଶିଶିର କୁମାର ସାହୁ। ଗୀତ ସହିତ ସଂଳାପ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି ପି. ସନ୍ତୋଷ। ଗୀତଗୁଡ଼ିକର ସ୍ୱର କରିଛନ୍ତି ଅଗ୍ନିମିତ୍ର ବେହେରା। ମୁରବୀ ଚଳଚ୍ଚିତ୍ରରେ କୁନା ତ୍ରିପାଠୀ, ଜୟପ୍ରକାଶ ଦାସ, ବିଜୟନୀ ମିଶ୍ର, ଅଙ୍କିତା ମହାନ୍ତି, ବି.ଏମ. ବୈଶାଳୀ, ଉଦିତ ଗୁରୁ ଓ ପ୍ରସେନଜିତଙ୍କ ସମେତ ଅନେକ ପ୍ରତିଭାଶାଳୀ କଳାକାର ନିଜର ନିଖୁଣ ଅଭିନୟ ପ୍ରଦର୍ଶନ କରିଛନ୍ତି। ଏହି ଟ୍ରେଲରଟି ବର୍ତ୍ତମାନ ମେଣ୍ଟିସ ଫିଲ୍ମସର ୟୁ ଟ୍ୟୁବ ଚ୍ୟାନେଲରେ ଉପଲବ୍ଧ ହେବା ସହ ଦର୍ଶକମାନଙ୍କଠାରୁ ସକାରାତ୍ମକ ପ୍ରତିକ୍ରିୟା ପାଇ ଚାଲିଛି। ଉଲ୍ଲେଖଯୋଗ୍ୟ ଯେ, ମୁରବୀ ସିନେମା ଆସନ୍ତା ଏପ୍ରିଲ ୧୪ରେ ବିଭିନ୍ନ ସିନେମା ହଲରେ ଦର୍ଶକଙ୍କ ମନୋରଞ୍ଜନ କରିବା ପାଇଁ ପ୍ରସ୍ତୁତ ହେଉଛି।

# ୫୦ ଯକ୍ଷ୍ମା ରୋଗୀଙ୍କୁ ୬ ମାସ ପାଇଁ ପୋଷଣ ସହାୟତା ପ୍ରଦାନ

ଖୁଣ୍ଟୁଣୀ,୧୯।୧(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିହ୍ନଟ ୫୦ଜଣ ଯକ୍ଷ୍ମାରୋଗୀଙ୍କୁ ଆଦାନି ଫାଉଣ୍ଡେଶନ ପକ୍ଷରୁ ପୋଷଣ ସହାୟତା ଆକାରରେ ୩ଟି ଲେଖାଏ କିଟ୍ସ ପ୍ରଦାନ କରାଯାଇଛି। ଓଡ଼ିଶା ଥର୍ମାଲ ଏନର୍ଜି ଲିଃ କଟକ ଦ୍ୱାରା ପ୍ରାୟୋଜିତ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଖୁଣ୍ଟୁଣୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମ ଖୁଣ୍ଟୁଣୀ ଡାକ୍ତରଖାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆଠଗଡ଼ ଭାଜପା ନେତା ଅଭୟ କୁମାର ବାରିକ ଯୋଗଦେଇଥିଲେ। ଯକ୍ଷ୍ମାମୁକ୍ତ ଆହ୍ୱାନରେ ଆଦାନି ଫାଉଣ୍ଡେଶନ ସାମିଲ ହୋଇ ଆଠଗଡ଼ ଅଞ୍ଚଳର ୫୦ଜଣ ଯକ୍ଷ୍ମା ରୋଗୀଙ୍କୁ ୬ ମାସ ପାଇଁ ପୋଷଣ ସାମଗ୍ରୀ ପ୍ରଦାନ କରିଥିବାରୁ ବାରିକ୍ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଟିଗିରିଆଠାରେ ମଧ୍ୟ କରାଯିବାକୁ ଅଭୟ କଟକ ଆଦାନି ଫାଉଣ୍ଡେଶନ ପାରିପାର୍ଶ୍ୱିକ ଉନ୍ନୟନ ମୁଖ୍ୟ ପବିତ୍ର କୁମାର ମିଶ୍ରଙ୍କୁ ପରାମର୍ଶ ଦେଇଥିଲେ। ଡା. ପ୍ରମୋଦ ନନ୍ଦ ଯୋଗଦେଇ ଯକ୍ଷ୍ମା ରୋଗୀମାନେ ନିଜ ମନୋବଳ ଦୃଢ଼ କଲେ ଯକ୍ଷ୍ମା ହଟିବ ବୋଲି ପରାମର୍ଶ ଦେଇଥିଲେ। ଖୁଣ୍ଟୁଣୀ ଗ୍ରାମ ମୁରବି ତଥା ଆଠଗଡ଼ ଅଞ୍ଚଳର ବରିଷ୍ଠ ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା, କଟକ ଜିଲା ପ୍ରୋଗ୍ରାମ ସଂଯୋଜକ ବିଦ୍ୟୁତ୍‌ପ୍ରଭା ରାୟ, ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରଭାଇଜର ରଶ୍ମିରଞ୍ଜନ ଜେନା, ଖୁଣ୍ଟୁଣୀ ମେଡିକାଲ ଇନଚାର୍ଯ୍ୟ ପ୍ରଜ୍ଞାମୟୀ ସେଠୀ, ବରିଷ୍ଠ ଡା. ପ୍ରମୋଦ କୁମାର ନନ୍ଦ, ଖୁଣ୍ଟୁଣୀ ମଣ୍ଡଳ ଭାଜପା ସଭାପତି ଶୋଭମ ପ୍ରିୟଦର୍ଶୀ, ତପନ ପ୍ରଧାନ, ସସ୍ମିତା ମହାପାତ୍ର, ଆଦାନି ପକ୍ଷରୁ ପବିତ୍ର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ସମସ୍ତ ରୋଗୀଙ୍କୁ ମୁଖ୍ୟଅତିଥି ଓ ଅନ୍ୟମାନେ କିଟ୍ସ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଖୁଣ୍ଟୁଣୀ ଭାଜପାର କାର୍ଯ୍ୟକର୍ତ୍ତା ଉମେଶ ସାମଲ, ସୌମ୍ୟରଞ୍ଜନ ପଣ୍ଡା, ପରେଶ ସାହୁ, ପ୍ରଭାତ ଜେନା ଓ ଲିପୁନ ଦଳେଇ ପ୍ରମୁଖ ପରିଚାଳନା କରିଥିଲେ।

# ଡ୍ରିମ୍‌ସ ପଲିଟେକ୍‌ନିକ ବାର୍ଷିକ କ୍ରୀଡ଼ା


ଖେଳାଳିଙ୍କ ଗହଣରେ ଉପସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ।

କଟକ,୧୯।୧(କାର୍ତ୍ତିକ ସାହୁ)

ଏଆଇସିଟିଇ ଦ୍ୱାରା ରାଜ୍ୟର ପ୍ରଥମ ସ୍ୱୟଂଶାସିତ ମାନ୍ୟତା ପାଇଥିବା ଡ୍ରିମ୍‌ସ ପଲିଟେକ୍‌ନିକର ବାର୍ଷିକ କ୍ରୀଡ଼ା ସୋମବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ବର୍ଗରେ ଉଭୟ ବ୍ୟକ୍ତିଗତ ଦଳଗତ ଖେଳକୁଦ ସହ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କମ୍ପ୍ୟୁଟର ସାଇନ୍ସ ବିଭାଗ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ୍‌ରେ ୧୦୯ ରନ୍ କରିଥିଲା। ଏହା ବିପକ୍ଷରେ ଇଟିସି ୮ ଉଇକେଟ୍‌ରେ ୧୩୯ ରନ୍ କରି ବିଜୟୀ ହୋଇଥିଲା। ବାଳିକା ବର୍ଗର ପୂର୍ଣ୍ଣିମା ବେହେରା ଓ ବାଳକ ବର୍ଗରେ ଅରୁଣ କୁମାର ମହାନ୍ତ ଚାମ୍ପିୟନ୍ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ଚାମ୍ପିୟନ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପଲିଟେକ୍‌ନିକ୍ ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଂଜନ ମହାନ୍ତି ଏବଂ ଲୋକ ସଂପର୍କ ଅଧିକାରୀ ନିରକାର ସାହୁ କୃତୀ ଖେଳାଳିମାନଙ୍କୁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ସ୍ୱାଗତ ଭାଷଣ ଓ ପ୍ରାଧ୍ୟାପକ ଦେବବ୍ରତ ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ,୧୯।୧(କାର୍ତ୍ତିକ ସାହୁ)

କଟକ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସୱାନ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣିରେ ମୋଟ ୮୦ଟି ଅଭିଯୋଗ ହସ୍ତଗତ ହୋଇଥିଲା। ତନ୍ମଧ୍ୟରେ ୭୬ଟି ବ୍ୟକ୍ତିଗତ ଏବଂ ୪ଟି ସାମୂହିକ ଅଭିଯୋଗ ରହିଥିଲା। ଶିବିରରେ ୨ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ କମଳଜିତ ଦାସ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଆସନ୍ତା ୨୭ ତାରିଖରେ ନରସିଂହପୁର ବ୍ଲକଠାରେ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

# କୂଳସରିଚୁଆଁ ସମବାୟ ସମିତିର ନୂତନ ଗୃହ ଶିଳାନ୍ୟାସ

କଟକ ସଦର,୧୯।୧(ସୁଶାନ୍ତ କୁମାର ଜେନା)


କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ନୂତନ ଗୃହର ଶିଳାନ୍ୟାସ କରୁଛନ୍ତି।

୪୨ ମୌଜା ଅନ୍ତର୍ଗତ କୂଳସରିଚୁଆଁ ସମବାୟ ସମିତିର ନୂତନ ଗୃହର ଶିଳାନ୍ୟାସ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇଥିଲେ। ସମବାୟ ସମିତି ସଭାପତି ଦେବେନ୍ଦ୍ର କୁମାର ସ୍ୱାଇଁ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମବାୟ ସମିତି ମହେନ୍ଦ୍ର କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଡିଆର୍‌ସିଏସ ସୁଶ୍ରୀ ସୁପ୍ରିୟା ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସିସିବି ସମ୍ପାଦକ ଅନନ୍ତ କୁମାର ସାମଲ, ଏଆର୍‌ସିଏସ୍ ଶରତ ଚନ୍ଦ୍ର ମଲ୍ଲିକ, ଆମ୍ବା ସଭାପତି ରମା ପ୍ରସାଦ ବିଶ୍ୱାଳ, ସରପଞ୍ଚ ବନମାଳୀ ବିହାରୀ, ସମିତି ସଭ୍ୟ ଦିଲ୍ଲୀପ ବିହାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା ବିଜୟ ଭୂଷଣ ପତି କରିଥିଲେ। ୪୨ ମୌଜା ଭାଜପା ସଭାପତି ସୁଧାଂଶୁ ଶେଖର ଦାସଙ୍କ ସମେତ ସମିତିର ସମସ୍ତ ନିର୍ଦ୍ଦେଶିକା ଓ ନିର୍ଦ୍ଦେଶକ ଯୋଗଦେଇଥିଲେ। ସତ୍ୟରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଧାନ ମଣ୍ଡିକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ।

# ମୃତକଙ୍କ ପରିବାରକୁ ୫୬.୯ ଲକ୍ଷ କ୍ଷତିପୂରଣ ଆଦେଶ

କଟକ,୧୯।୧(କାର୍ତ୍ତିକ ସାହୁ)

## କଟକ ଖାଉଟି ଅଦାଲତ

■ ରୋଗଶଯ୍ୟାରେ ଥାଇ ଦେଇପାରି ନ ଥିଲେ ପ୍ରିମିୟମ

ରୋଗଶଯ୍ୟାରେ ଥାଇ ବୀମା ପ୍ରିମିୟମ ଦେଇପାରି ନ ଥିବା ବ୍ୟକ୍ତିଙ୍କ ମୃତ୍ୟୁ ଘଟଣାରେ ପରିବାର ପକ୍ଷରୁ ରୁଜୁ ମାମଲାର ବିଚାର କରି କଟକ ଜିଲା ଖାଉଟି ଅଦାଲତ ୫୬.୯ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସମ୍ପୃକ୍ତ ବୀମା କମ୍ପାନୀକୁ ଆଦେଶ ଦେଇଛନ୍ତି। ବ୍ୟକ୍ତିଙ୍କ ମୃତ୍ୟୁ ଦିନଠାରୁ କ୍ଷତିପୂରଣ ପ୍ରଦାନ ତାରିଖ ପର୍ଯ୍ୟନ୍ତ ୬% ସୁଧରେ କ୍ଷତିପୂରଣ ପ୍ରଦାନ କରିବାକୁ ଅଦାଲତ ସ୍ପଷ୍ଟ କରିଛନ୍ତି। ଏଥିସହ ମାମଲା ଖର୍ଚ୍ଚ ବାବଦରେ ୧୦,୦୦୦ ଟଙ୍କା ପ୍ରଦାନ କରିବେ ବୋଲି ଅଦାଲତଙ୍କ ଆଦେଶ ରହିଛି। ଅଦାଲତଙ୍କ ଆଦେଶନାମା ପାଇବାର ୩୦ ଦିନ ମଧ୍ୟରେ କାର୍ଯ୍ୟକାରୀ କରିବା ନିମନ୍ତେ ମଧ୍ୟ ଅଦାଲତ ଆଦେଶ ଦେଇଛନ୍ତି। କଟକ ବିଡ଼ାନାସୀ ନୂଆସାହିର ଗୀତାଞ୍ଜଳି ଦାଶଙ୍କ ପକ୍ଷରୁ ରୁଜୁ ମାମଲାର ବିଚାର କରି ଖାଉଟି ଅଦାଲତ ଉପରୋକ୍ତ ଆଦେଶ ଦେଇଛନ୍ତି। ଗୋଟିଏ ମାସ ପ୍ରିମିୟମ ଦେଇ ନ ପାରି କ୍ଷତିପୂରଣ ରାଶି ପାଇବା ଓଡ଼ିଶାରେ ପ୍ରଥମ ଥର ପାଇଁ ଅଦାଲତଙ୍କ ରାୟ ହୋଇଥିବା ଜଣାପଡ଼ିଛି।

ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରୀଙ୍କ ପୁଅ ସ୍ୱର୍ଗତ ସତ୍ୟମ କୁମାର ଦାଶ ୨୦୨୨ ସେପ୍ଟେମ୍ବର ୧୮ରେ ନିଜ ପାଇଁ ଏକ ଜୀବନ ବୀମା କ୍ରୟ କରିଥିଲେ। ସମ୍ପୃକ୍ତ ବୀମା କମ୍ପାନୀକୁ ସେ ୨୦୨୩ ମାର୍ଚ୍ଚ ୧୪ ତାରିଖ ପର୍ଯ୍ୟନ୍ତ ପ୍ରତି ମାସ ନିୟମିତ ପ୍ରିମିୟମ ପୈଠ କରିଛନ୍ତି। ମାତ୍ର ସେହି ମାର୍ଚ୍ଚ ୨୦ରେ ସେ ଗୁରୁତର ଅସୁସ୍ଥ ହୋଇ ରୋଗଶଯ୍ୟାରେ ପଡ଼ିଲେ। ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେବା ପରେ ବି ତାଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିଲା ନାହିଁ। ବରଂ ସେ ଅଧିକ ଗୁରୁତର ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ୨୦୨୩ ମେ' ୧୦ରେ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପରେ ପରିବାର ପକ୍ଷରୁ ବୀମା କମ୍ପାନୀ ନିକଟରେ କ୍ଷତିପୂରଣ ବୀମାରାଶି ପାଇବା ପାଇଁ ଆବେଦନ କରିଥିଲେ। ମାତ୍ର ରୋଗଶଯ୍ୟାରେ ଥିବା ବେଳେ ଗୋଟିଏ ମାସ ପ୍ରିମିୟମ ଦେଇପାରି ନ ଥିଲେ। ବୀମା କମ୍ପାନୀ ଏହି ପ୍ରିମିୟମ ପୈଠ ନ ହେବାକୁ କାରଣ ଦର୍ଶାଇ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ବୀମା କମ୍ପାନୀର ଏଭଳି କାର୍ଯ୍ୟ ବିରୋଧରେ ଅଭିଯୋଗ କରି କଟକ ଜିଲା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଖାଉଟି ଅଦାଲତ ସଭାପତି ଶିବାନନ୍ଦ ମହାନ୍ତି ଓ ସଦସ୍ୟା ଶୁଭଲକ୍ଷ୍ମୀ ତ୍ରିପାଠୀ ଆଦେଶରେ ଦର୍ଶାଇଛନ୍ତି ଯେ, ବୀମାଧାରୀ ଜଣକ ଅସୁସ୍ଥତା ଓ ପକ୍ଷାଘାତ ଯୋଗୁ ପ୍ରିମିୟମ ଦେବା ଅବସ୍ଥାରେ ନ ଥିଲେ। ଏହା ଜାଣିଶୁଣି କରାଯାଇଥିବା ତ୍ରୁଟି ନୁହେଁ। ବୀମା କମ୍ପାନୀ ପଲିସି ବନ୍ଦ ହେବା ନେଇ କୌଣସି ନୋଟିସ ପରିବାରକୁ ପଠାଇଥିବା ପ୍ରମାଣ ଦେଇପାରିନାହାନ୍ତି। ତେଣୁ ମାନବିକତା ଏବଂ ନ୍ୟାୟ ଦୃଷ୍ଟିରୁ ପରିବାରକୁ ବୀମା ରାଶି ମିଳିବା ଉଚିତ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରମାଶିଷ ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିଲେ।

# ନାଟକରେ ସଚେତନତା ବାର୍ତ୍ତା ଦେଲେ ଛାତ୍ରୀଛାତ୍ର

## ଜିଲାସ୍ତରୀୟ ପଲ୍ଲିଶ୍ରୀ ଏବଂ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା

- ପାଇକ ଆଖଡା, ମାଲଖମ୍ଭ ମୁଖ୍ୟ ଆକର୍ଷଣ
- ଚାଷୀ ପଢିଲେ ପାଠ, ଯନ୍ତ୍ରପାତି ବ୍ୟବହାର ଜାଣିଲେ



ଖୋର୍ଦ୍ଧା,୧୯।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବିଡିଏ ପଡିଆରେ ଚାଲିଛି ଜିଲାସ୍ତରୀୟ ପଲ୍ଲିଶ୍ରୀ ଏବଂ ପୁସ୍ତକ ମେଳା। ଏଥିସହିତ ଆୟୋଜନ ହୋଇଛି ସୁଭଦ୍ରା ଶକ୍ତି ମେଳା, କୃଷି ଓ ଯନ୍ତ୍ରପାତି ମେଳା ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା। ସୋମବାର ମେଳାର ତୃତୀୟ ସନ୍ଧ୍ୟାରେ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନୃତ୍ୟ, ସମରକଳା ପ୍ରଦର୍ଶନ କରିଥିଲେ। ଶ୍ରୀଅରବିନ୍ଦ ଶିକ୍ଷା କେନ୍ଦ୍ର ଖୋର୍ଦ୍ଧା, ବାବା ବାଲୁଙ୍କେଶ୍ୱର ନୃତ୍ୟ ମନ୍ଦିର ନିରାକାରପୁର, ବରୁଣେଇ ପାଇକ ଆଖଡ଼ା, ସାଂସ୍କୃତିକ ଅନୁଷ୍ଠାନ କଟକ, ପଲ୍ଲଭୀ ମୟୂରଭଞ୍ଜ ସମେତ ସ୍ଥାନୀୟ କଳା ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ, ଗୋଟିପୁଅ ନୃତ୍ୟ ପରିବେଷଣ ହୋଇଥିଲା। ଛାତ୍ରୀଛାତ୍ରମାନେ ନାଟକ ମାଧ୍ୟମରେ ବେଟି ବଚାଓ, ବେଟି ପଢାଅ, ଆସ ସ୍କୁଲ ଯିବା, ମହିଳା ସଶକ୍ତୀକରଣ ବାର୍ତ୍ତା ଦେଇଥିଲେ। କୁନି କଳାକାରମାନେ ପାଇକ ଆଖଡ଼ାରେ ପାଇକ ବୀରତ୍ୱ ଶୌର୍ଯ୍ୟର ଗାଥା ପ୍ରଦର୍ଶନ କରିଥିଲେ। ଏଥିସହିତ ମାର୍ସଲ ଆର୍ଟ ମାଲଖମ୍ଭ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବିଭିନ୍ନ ବ୍ଲକର ଚାଷୀମାନେ କୃଷି ଓ ଯନ୍ତ୍ରପାତି ମେଳା ବୁଲିବା ସହ କୃଷି ପାଠଶାଳାରେ ଯୋଗଦେଇଥିଲେ। ରୋଗପୋକ ନିୟନ୍ତ୍ରଣ, ସମନ୍ୱିତ ଚାଷ, ଜମିର ମାଟି ପରୀକ୍ଷା, ତଦନୁସାରେ ସାର ପ୍ରୟୋଗ, ଜୈବିକ ପଦ୍ଧତିରେ ଚାଷ, ଆଧୁନିକ ଜ୍ଞାନକୌଶଳରେ କୃଷିକାର୍ଯ୍ୟ, କୃଷି ଯନ୍ତ୍ରପାତିର ବ୍ୟବହାର, ସରକାରଙ୍କ ବିଭିନ୍ନ ଯୋଜନା, ସବ୍‌ସିଡି ସମ୍ପର୍କରେ ବିଶେଷଜ୍ଞମାନେ ଚାଷୀଙ୍କୁ ବୁଝାଇଥିଲେ। ପରେ ଚାଷୀମାନେ କୃଷି ଯନ୍ତ୍ରପାତି ମେଳାରେ ବିଭିନ୍ନ ଯନ୍ତ୍ରପାତିର ବ୍ୟବହାର, ସବ୍‌ସିଡି ସମ୍ପର୍କରେ ବିକ୍ରେତା ସଂସ୍ଥାଙ୍କ ସହ ଆଲୋଚନା କରିଥିଲେ। ଅନେକ ଚାଷୀ ଯନ୍ତ୍ରପାତି କ୍ରୟ ପାଇଁ ବୁକିଂ କରିଥିଲେ। ବିଶେଷକରି ଟ୍ରାକ୍ଟର, ପାୱାର ଟିଲର, ଧାନକଟା ମେଶିନ, ଧାନ ଝଡ଼ା ମେଶିନ, ପମ୍ପ ସେଟ, ସୋଲାର ଝଟକା ଆଦି ଅତ୍ୟାଧୁନିକ ଆବଶ୍ୟକ ଯନ୍ତ୍ରପାତି ରହିଛି। ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି ଜିଲାର ସମସ୍ତ ଆଗ୍ରହୀ ଚାଷୀ ଏହି ସାମୁହିକ ମେଳାକୁ ଆସି କୃଷି ଜ୍ଞାନ ଆହରଣ କରିବା ସହିତ ସରକାରଙ୍କ ରିହାତି ସୁବିଧା ସୁଯୋଗ ନେବାକୁ ପରାମର୍ଶ ଦେଇଛନ୍ତି। ଜିଲାର ସମସ୍ତ ବ୍ଲକର କୃଷି ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ସେହିପରି ମେଳାର ଅନ୍ୟତମ ଆକର୍ଷଣ ରହିଛି ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ। ଆଚାର, ବଡ଼ି, ପାମ୍ପଡ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଟେରାକୋଟା, ହସ୍ତତନ୍ତ, ହସ୍ତଶିଳ୍ପ, ନଡିଆ କତା, ଖୋଟ ମାଟିରୁ ପ୍ରସ୍ତୁତ ଘରୋଇ ସାଜସଜ୍ଜାର ବେଶ ଚାହିଦା ରହିଛି। ଜନସାଧାରଣ ମେଳାରେ କିଣାକିଣି କରିବା ସହ ବିଭିନ୍ନ ପ୍ରକାର ଖାଦ୍ୟର ସ୍ୱାଦ ନେଉଛନ୍ତି।

# ୨ ଅଭିଯୁକ୍ତଙ୍କୁ ୩ ମାସ ଜେଲ, ଜରିମାନା

## ସୁନାଅଳଙ୍କାର ଦୋକାନରୁ ଚୋରି ଉଦ୍ୟମ ମାମଲା

ବାଲୁଗାଁ,୧୯।୧(ସଂଗ୍ରାମ ପାଇକରାୟ)

ବାଲୁଗାଁ ଚିଲିକା ରୋଡ୍ ସ୍ଥିତ ଏକ ସୁନା ଅଳଙ୍କାର ଦୋକାନ ତାଲା ଭାଙ୍ଗି ଚୋରି ଉଦ୍ୟମ ମାମଲାର ଗତ ଶନିବାର ରାୟ ପ୍ରକାଶ ପାଇଛି। ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଯୁଧିଷ୍ଠିର ଦଳେଇ ସମସ୍ତ ସାକ୍ଷୀ ପ୍ରମାଣ ଆଧାରରେ ଏହି ମାମଲାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ବାଲୁଗାଁ ଅଞ୍ଚଳର କାଳିଆ ଦାସ ଏବଂ ରାହୁଲ ବିଶ୍ୱାସ। ଉଭୟଙ୍କୁ ୩ମାସ ଲେଖାଏ ଜେଲଦଣ୍ଡ ସହ ୨୫୦ ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୭ଦିନ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ସୂଚନାଥାଉ କି, ଗତ ଅକ୍ଟୋବର ୩୧ ରାତି ପ୍ରାୟ ୨ଟାରେ ବାଲୁଗାଁ ଚିଲିକା ରୋଡ୍ ସ୍ଥିତ ଶମ୍ଭୁ ଜୁଏଲାରୀ ଦୋକାନ ସଟର ତାଲା ଭାଙ୍ଗି କାଳିଆ ଏବଂ ରାହୁଲ ଚୋରି ଉଦ୍ୟମ କରୁଥିଲେ। ଖବରପାଇ ବାଲୁଗାଁ ପୋଲିସର ପାଟ୍ରୋଲିଂ ଟିମ୍ ଦୁଇ ଲୁଟେରାଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିଲା। ଏନେଇ ଦୋକାନ ମାଲିକଙ୍କ ଅଭିଯୋଗକ୍ରମେ ବାଲୁଗାଁ ପୋଲିସ ଏକ ମାମଲା (ନଂ.୩୫୮/୨୫) ରୁଜୁକରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରିଥିଲା। ବାଲୁଗାଁ ଥାନା ଏଏସ୍‌ଆଇ ସୁକାନ୍ତ କୁମାର ପଟ୍ଟନାୟକ ଉକ୍ତ ମାମଲାର ତଦନ୍ତ ଭାର ନେଇଥିଲେ। ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ ଏବଂ ହରେକୃଷ୍ଣ ଜଗଦେବ ମାମଲା ପରିଚାଳନା କରିଥିଲେ।

# ୧.୨୦ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ବେପାରୀ ଗିରଫ

ବେଗୁନିଆ,୧୯।୧
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)



ବେଗୁନିଆ ଥାନା ପୋଲିସ ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଗୋଡ଼ା ଗ୍ରାମର ସତ୍ୟାନନ୍ଦ ପାଟ୍ଟଶାଣୀ(୨୭)। ତାଙ୍କ ନିକଟରୁ ୧୨.୬୫ ଗ୍ରାମ ବ୍ରାଉନ୍‌ସୁଗାର, ବାଇକ୍ (ଓଡି ୩୩ଏଜି ୧୮୧୦), ମୋବାଇଲ ଫୋନ ଏବଂ ୧୫୦୦ ଟଙ୍କା ଜବତ କରାଯାଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୨/୨୬) ରୁଜୁକରି ତଦନ୍ତ ଚଳାଇଛି। ତେବେ ପଶ୍ଚିମବଙ୍ଗରୁ ବ୍ରାଉନ୍‌ସୁଗାର ଆଣି ବେଗୁନିଆ, ଖୋର୍ଦ୍ଧା ଏବଂ ବାଘମାରୀ ଥାନା ଅଞ୍ଚଳରେ ସତ୍ୟାନନ୍ଦ ବ୍ୟବସାୟ କରୁଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସୂଚନା ମୁତାବକ, ରାଉତପଡ଼ା ମାଙ୍କଡ଼ା ପଥର ଖଣି ନିକଟରେ ବ୍ରାଉନ୍‌ସୁଗାର କାରବାର ଚାଲିଥିବା ନେଇ ବେଗୁନିଆ ପୋଲିସକୁ ସୂଚନା ମିଳିଥିଲା। ଆଇଆଇସି କାହ୍ନୁଚରଣ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଥାନା ଅଧିକାରୀ ଅନିଲ କୁମାର ନାୟକ, ଏସ୍‌ଆଇ ଉମାକାନ୍ତ ବେହେରା, ସହକର୍ମୀ ପ୍ରଦୀପ ବେହେରା ଏବଂ ଶ୍ରୀନିବାସ ବାରିକଙ୍କୁ ନେଇ ଗଠିତ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରି ବ୍ରାଉନ୍‌ସୁଗାର ଜବତ କରିବା ସହ ସତ୍ୟାନନ୍ଦଙ୍କୁ ଧରିଥିଲେ।

# ବିଦ୍ୟାଳୟସ୍ତରୀୟ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ



ନିରାକାରପୁର,୧୯।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ବିଦ୍ୟାଳୟସ୍ତରୀୟ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୪ଟି ବିଭାଗର ମୋଟ ୧୧୧ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥିଭାବେ ଉଗ୍ରତାରା ଉଚ୍ଚବିଦ୍ୟାଳୟର ପୂର୍ବତନ ଶିକ୍ଷକ ଶିବପ୍ରସାଦ ମିଶ୍ର ଯୋଗଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଶିକ୍ଷା ସହ ସଂସ୍କାର ଗଠନରେ ପ୍ରଶ୍ନମଞ୍ଚର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଜନଶୀଳତା ଓ ସକାରାତ୍ମକ ଚିନ୍ତାଧାରା ବିକାଶରେ ଏପରି କାର୍ଯ୍ୟକ୍ରମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଆଚାର୍ଯ୍ୟ ନିହାର ରଞ୍ଜନ ସାମନ୍ତସିଂହାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗରକୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ବିନୋଦ ଗୁରୁଜୀ, ପବିତ୍ର ଗୁରୁଜୀ,ସନ୍ଧ୍ୟା ଗୁରୁମା, ରଶ୍ମି ପ୍ରଭା ଗୁରୁମା, ରୁବିନା ଗୁରୁମା, ପ୍ରମୋଦିନୀ ଗୁରୁମା, ଜିତେନ୍ଦ୍ର ଗୁରୁଜୀ,କୃଷ୍ଣ ଗୁରୁଜୀ ପ୍ରମୁଖ ସହଯୋଗ କରିଥିଲେ।

# ଆଜିଠୁ ଚିଲିକାରେ ଡଲ୍‌ଫିନ ଗଣନା

## ୧୮ ଦଳରେ ସାମିଲ ହେବେ ୧୩୦ ଗଣନାକାରୀ




ବାଲୁଗାଁ,୧୯।୧(ସଂଗ୍ରାମ ପାଇକରାୟ)

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାରଠାରୁ ଚିଲିକାରେ ଇରାୱାଡି ଏବଂ ହମ୍ପବ୍ୟାକ ପ୍ରଜାତିର ଡଲ୍‌ଫିନ ଗଣନା ହେବ। ଏହି ଗଣନା କାର୍ଯ୍ୟ ୩ଦିନ ଧରି ଜାରି ରହିବ। ଏଥିପାଇଁ ବିଭାଗ ପକ୍ଷରୁ ପ୍ରସ୍ତୁତି ସରିଛି। ମୋଟ୍ ୧୮ଟି ଦଳରେ ୧୩୦ଜଣ ଗଣନାକାରୀ ସାମିଲ ହେବେ। ଏହି ପରିପ୍ରେକ୍ଷୀରେ ସୋମବାର ବାଲୁଗାଁ ନିକଟ ବଡ଼କୁଳ ସ୍ଥିତ ସିଡିଏ ଆର୍ଦ୍ରଭୂମି ଗବେଷଣା କେନ୍ଦ୍ରଠାରେ ୧୦ଟି ଟିମ୍ ଏବଂ ସାତପଡ଼ା ବନ୍ୟପ୍ରାଣୀ ବିଭାଗ କାର୍ଯ୍ୟାଳୟ ପରିସରରେ ୮ଟି ଟିମ୍‌ଙ୍କୁ ପୃଥକ ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବାଲୁଗାଁଠାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ସିଡିଏର ସାଇଣ୍ଟିଷ୍ଟ ପ୍ରଦୀପ୍ତ ରଞ୍ଜନ ମୁଦୁଲି, ଡ.ରସ୍ତୋଗି, ଆର୍‌ସିସିଏଫ୍ ବିଭାଗ ଏସିଏଫ୍ ଶିଶିର ଝଙ୍କାର, ବନ୍ୟପ୍ରାଣୀ ବିଭାଗ ଏସିଏଫ୍ ସୌମ୍ୟରଞ୍ଜନ ସାହୁ, ରେଞ୍ଜର ରଶ୍ମିତା ଜେନା ପ୍ରମୁଖ ଯୋଗଦେଇ ନିର୍ଭୁଲ ଡଲ୍‌ଫିନ ଗଣନା ନିମନ୍ତେ ତାଲିମ ପ୍ରଦାନ କରିଥିଲେ।

ସେହିପରି ସାତପଡ଼ାଠାରେ ସିଡିଏର ସିନିୟର ସାଇଣ୍ଟିଷ୍ଟ ଆର୍.ଏନ୍.ସାମଲ, ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଡିଏଫ୍ଓ ଅମ୍ଲାନ୍ ନାୟକ ପ୍ରମୁଖ ଗଣନାକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଗଣନା କାର୍ଯ୍ୟରେ ସିଡିଏ ଓ ବନ କର୍ମଚାରୀ, ଓୟୁଏଟି, ୱାଇଲ୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ, ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟି, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର ଓ ଛାତ୍ରୀଛାତ୍ର ସାମିଲ ହେବେ। ପ୍ରତି ଦଳକୁ ରୁଟ୍ ମ୍ୟାପ, ବାଇନାକୁଲାର, ଜିପିଏସ୍, ନୋଟ୍‌ବୁକ ଆଦି ଯୋଗାଇ ଦିଆଯାଇଛି। ବାଲୁଗାଁ ଏବଂ ସାତପଡ଼ା ରେଞ୍ଜ ଅଧୀନ ଡଲ୍‌ଫିନ ଚଳପ୍ରଚଳ ଅଞ୍ଚଳକୁ ତିନିଟି ସେକ୍ଟରରେ ବିଭକ୍ତ କରାଯାଇ ଟ୍ରାଞ୍ଜାକ୍ଟ ଲାଇନ ମେଥଡ୍ ପ୍ରଣାଳୀରେ ଏହି ଗଣନା ହେବ। ଅର୍ଥାତ୍ ଡଲ୍‌ଫିନ ଦୃଷ୍ଟିଗୋଚର ହେଉଥିବା ଅଞ୍ଚଳରେ ଗଣନାକାରୀଙ୍କ ଡଙ୍ଗା ଏକ ସରଳରେଖା ଦେଇ ଗତି କରିବ। ଏହି ସମୟରେ ଉଭୟ ପାର୍ଶ୍ୱରେ ଯେତିକି ସଂଖ୍ୟକ ଡଲ୍‌ଫିନ ଦୃଷ୍ଟିଗୋଚର ହେବେ ତାହାକୁ ବାଇନାକୁଲାର ମାଧ୍ୟମରେ ସଂଖ୍ୟା ନିର୍ଦ୍ଧାରଣ କରାଯାଇଥାଏ। ଭୋର ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗଣନା ହେବ। ଡଲ୍‌ଫିନ ଅଭୟାରଣ୍ୟ କୁହାଯାଉଥିବା ସାତପଡ଼ା ଅଞ୍ଚଳ ତଥା ଜହ୍ନିକୁଦା, ଗୁରୁବାଇ, ବଡ଼ଗୋଠ, ମହିଷା, ବାଲିନାସି, ଗମ୍ଭାରୀ, ଅରଖକୁଦା ଓ ସିପକୁଦା ଅଞ୍ଚଳରେ ୮ଟି ଦଳ ନିୟୋଜିତ ହେବେ। ସେହିପରି ଆଉ ୧୦ଟି ଦଳ ବାଲୁଗାଁ, କାଳିଜାଇ, ନଳବଣ, କୃଷ୍ଣପ୍ରସାଦ, ପାରିକୁଦ ଓ ରମ୍ଭା ଅଞ୍ଚଳରେ ରହି ଗଣନା କରିବେ। ଗତ ବର୍ଷ ଚିଲିକାରେ ୧୭୪ଟି ଡଲ୍‌ଫିନଙ୍କୁ ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ ଇରାୱାଡି ପ୍ରଜାତିର ୧୫୯ ଏବଂ ହମ୍ପବ୍ୟାକ ପ୍ରଜାତିର ୧୫ଟି ଥିଲେ।

# ଡିପ୍ଲୋମା ଇଞ୍ଜିନିୟର ବିକଶିତ ଓଡ଼ିଶାର ଆଦ୍ୟ ବିନ୍ଧାଣି: ପୂର୍ବ ମନ୍ତ୍ରୀ

## ଇଂ. ଶ୍ରୀକାନ୍ତ ମହାପାତ୍ର ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ସଭାପତି

ଭୁବନେଶ୍ୱର, ୧୯।୧ (ବନ୍ଦନା ସେଠୀ)

ତୃଣମୂଳସ୍ତରରେ କ୍ଷେତ୍ର କର୍ମଚାରୀ ଭାବରେ ବିକଶିତ ଓଡ଼ିଶାର ଆଦ୍ୟ ବିନ୍ଧାଣୀ ହେଉଛନ୍ତି ଡିପ୍ଲୋମା ଇଞ୍ଜିନିୟର। ଏମାନେ ନିଷ୍ଠାର ସହ କାର୍ଯ୍ୟ କଲେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ସମ୍ଭବ ହେବ ବୋଲି ପୂର୍ବ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସୋମବାର ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ୮୦ତମ ବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କରି ମନ୍ତ୍ରୀ କହିଲେ, ନିର୍ମାଣ କ୍ଷେତ୍ରରେ ଡିପ୍ଲୋମା ଇଞ୍ଜିନିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ବିନା ସହଯୋଗରେ ରାଜ୍ୟର ପ୍ରଗତି ସମ୍ଭବପର ନୁହେଁ।

ଏହି ଅବସରରେ ସଂଘ ମୁଖପତ୍ର 'ଟେକ୍ନୋସ୍କ୍ରାଇବ୍'ର ସ୍ୱତନ୍ତ୍ର ସଂକଳନ ଉନ୍ମୋଚିତ ହୋଇଥିଲା। ଏଥିସହ ଆସନ୍ତା ୨ବର୍ଷ ପାଇଁ ସଂଘର କର୍ମକର୍ତ୍ତା ନିର୍ବାଚନ ଫଳାଫଳ ଘୋଷଣା ହୋଇଥିଲା। ଇଂ. ଶ୍ରୀକାନ୍ତ ମହାପାତ୍ର ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ଇଂ. ପ୍ରଭାତ କୁମାର ନାୟକ ସାଧାରଣ ସମ୍ପାଦକ, ଇଂ. ଶ୍ରୀଧର ବାରିକ ଉପଦେଷ୍ଟା, ଇଂ. ସୁଦର୍ଶନ ବେହେରା ଉପସଭାପତି, ଇଂ. ମହେନ୍ଦ୍ର ନାଥ ପ୍ରଧାନ ସଂଘର ଅତିରିକ୍ତ ସାଧାରଣ ସମ୍ପାଦକ ହୋଇଛନ୍ତି। ଦୁଇଦିନ ଧରି ଚାଲିବାକୁ ଥିବା ସମ୍ମିଳନୀରେ ରାଜ୍ୟର ସମସ୍ତ ଜିଲାରୁ ସଂଘ ସଦସ୍ୟଙ୍କ ସମେତ ଅବସରପ୍ରାପ୍ତ ସଦସ୍ୟ ଯୋଗଦେଇଛନ୍ତି। ଇଂ. ଶ୍ରୀକାନ୍ତ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଇଂ. ପ୍ରଭାତ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ଇଂ. ଶ୍ରୀଧର ବାରିକ ସ୍ୱାଗତ ଭାଷଣ ଏବଂ ଉପସଭାପତି ଇଂ. ସୁଦର୍ଶନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍ ସ୍ରୋୟା ଶ୍ୟାମରୂନ୍ ଜେନା ମନୋନୀତ

## ଜାତୀୟସ୍ତରୀୟ ନେଟ୍‌ବଲ (ଅଣ୍ଡର-୧୭) ପ୍ରତିଯୋଗିତା



ଟାଙ୍ଗୀ,୧୯।୧(ରଘୁନାଥ ସାହୁ)

ମହାରାଷ୍ଟ୍ର ନନ୍ଦେଡ଼ରେ ଚଳିତ ମାସ ଶେଷ ସପ୍ତାହରେ ହେବାକୁ ଥିବା ଜାତୀୟସ୍ତରୀୟ ନେଟ୍‌ବଲ (ଅଣ୍ଡର-୧୭) ପ୍ରତିଯୋଗିତାରେ ଭାଗ ନେବା ପାଇଁ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଏସ୍. ସ୍ରୋୟା ଶ୍ୟାମରୂନ୍ ଜେନା ମନୋନୀତ ହୋଇଛନ୍ତି। ନୟାଗଡ଼ ଜିଲା ରଣପୁରଠାରେ ଖେଳାଯାଇଥିବା ରାଜ୍ୟସ୍ତରୀୟ ନେଟ୍‌ବଲ ପ୍ରତିଯୋଗିତାରେ ସେ ଉନ୍ନତ ପ୍ରଦର୍ଶନ କରି ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷା ଭାଲେଣ୍ଟିନା ନାହକ, ଶାରିରୀକ ଶିକ୍ଷା ଶିକ୍ଷକ ପୁଣ୍ୟବ୍ରତ ମହାପାତ୍ର, ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରଜ୍ଞା ପାରମିତା ଜେନା, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଦିଲୀପ କୁମାର ମୁଦି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଭୂଷଣ୍ଡପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ସୁଶାନ୍ତ ଜେନାଙ୍କ ଝିଅ ସ୍ରୋୟାଙ୍କ ପିଲାଦିନୁ ଖେଳ ପ୍ରତି ଆଗ୍ରହ ରହିଥିଲା। ତାଙ୍କର ଏହି ସଫଳତାରେ ପରିବାରବର୍ଗ ଏବଂ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।

# କାଇପଦରକୁ ହରାଇ ରାମେଶ୍ୱର ଚାମ୍ପିୟନ

ଖୋର୍ଦ୍ଧା,୧୯।୧(ପ୍ରଭାତ ପାଣିଗ୍ରାହୀ)




ଖୋର୍ଦ୍ଧା ମା'ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଦିନିକିଆ ଟେନିସ ବଲ କ୍ରିକେଟ ଧମାକା ହାବେଳି ପଡ଼ିଆରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ୧୦ ଓଭର ବିଶିଷ୍ଟ ମ୍ୟାଚରେ କାଇପଦର, ବାଘମାରୀ, ଅତ୍ରି, ରାମେଶ୍ୱର, ପଟନିବର, ଗୋଳବାଇ, ଅର୍ଜୁନପୁର, ଝିଙ୍କିଝାରୀ ଏବଂ ସାରୁଅ ଅଞ୍ଚଳର ୮ଟି ଟିମ ଅଂଶଗ୍ରହଣ କରିଥିଲେ। ରାମେଶ୍ୱର ଓ କାଇପଦର ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ରାମେଶ୍ୱର ଟିମ୍ ଚାମ୍ପିୟନ ହୋଇଥିବା ବେଳେ କାଇପଦର ରନର୍ସଅପ୍ ହୋଇଛି। ଚାମ୍ପିୟନ ଟିମକୁ ଟ୍ରଫି ସହ ୨୫୦୦ଟଙ୍କା ଏବଂ ରନର୍ସଅପ୍ ଟିମକୁ ଟ୍ରଫି ସହ ୧୫୦୦ ଟଙ୍କା ପ୍ରଦାନ କରାଯାଇଛି। କାଉନ୍‌ସିଲର ସୁଶାନ୍ତ କୁମାର ଜେନା ଅତିଥିଭାବେ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, କନିଷ୍ଠ ଯନ୍ତ୍ରୀ ରଶ୍ମିତା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ବାଲୁଗାଁ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



ବାଲୁଗାଁ,୧୯।୧(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଯୁକ୍ତ ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଏବଂ ପ୍ରଶାସନିକ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା ଯୋଗଦେଇ ସୁସ୍ଥ ଶରୀର ପାଇଁ କ୍ରୀଡ଼ାର ଆବଶ୍ୟକତା ଏବଂ ଉପକାରିତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ପରିଷଦର ଉପାଧ୍ୟକ୍ଷ ମୃଡାଣୀ ଶଙ୍କର ପ୍ରସାଦ ମିଶ୍ର, ସୁବ୍ରତ କୁମାର ତ୍ରିପାଠୀ, ହିମାଂଶୁ କୁମାର ଦାଶ, ବାଳକୃଷ୍ଣ ପାଢ଼ୀ, ସ୍ୱାତି ସ୍ୱାଗତିକା ସାହୁ, ଉମାକାନ୍ତ ସାହୁ, ମନୋଜ ନାୟକ, ସ୍ନିଗ୍ଧାରାଣୀ ମୁଦୁଲି, ରୋଜାଲିନ ମିଶ୍ର, ପ୍ରିୟମ୍ବଦା ମହାପାତ୍ର ଏବଂ ଗୋଦାବରୀଶ ବିଦ୍ୟାପୀଠର କ୍ରୀଡ଼ା ଶିକ୍ଷକ ସିଦ୍ଧାନ୍ତ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ପ୍ରଥମ ଦିନରେ ପର୍ଯ୍ୟାୟକ୍ରମେ ଯୁକ୍ତ ୨ ଏବଂ ଯୁକ୍ତ ୩ର ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ମହାବିଦ୍ୟାଳୟର ପ୍ରତିଷ୍ଠାନ ଅଧିକାରୀ ସୁଧାକର ନାୟକ, ଅଧ୍ୟାପକ ପତିତପାବନ ପଣ୍ଡା, ଡ.ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ, ଧୋବିଚରଣ ପରିଡ଼ାଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ୨ ସୂଚନା ଫଳକରେ ସରପଞ୍ଚଙ୍କ ଭିନ୍ନ ନାମ

## ଅସନ୍ତୋଷ ପ୍ରକାଶ କଲେ ସରପଞ୍ଚ

ବେଗୁନିଆ,୧୯।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ହଜ ପଞ୍ଚାୟତରେ ଦୁଇ ସୂଚନା ଫଳକରେ ସରପଞ୍ଚଙ୍କ ନାମ ଭିନ୍ନଭାବେ ଉଲ୍ଲେଖକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଅନ୍ୟପଟେ ସୂଚନା ଫଳକରେ ଭିନ୍ନ ନାମକୁ ନେଇ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନାଥାଉ କି, ହଜ ପଞ୍ଚାୟତ ଅଞ୍ଚଳର ଜନସାଧାରଣଙ୍କ ସେବାରେ ଗତ ଶନିବାର ସରକାରଙ୍କ ପକ୍ଷରୁ ଦୁଇଟି ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ଚାଷୀଙ୍କ ହିତରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିଧିପୁର ସେବା ସମବାୟ ସମିତି ଲିଃର ନୂତନ କାର୍ଯ୍ୟାଳୟ ଓ ଗୋଦାମ ଗୃହ ଉଦଘାଟନ ହୋଇଥିଲା। ସେହିପରି ପ୍ରାୟ ସାଢେ ୩ କୋଟି ଟଙ୍କା ବ୍ୟୟ ବରାଦରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନୂତନ ରାସ୍ତା ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏମ୍‌ପି ଅପରାଜିତା ଷଡଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ ଏବଂ ଭିତ୍ତିପ୍ରସ୍ତର କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ବେଗୁନିଆ ବିଧାୟକ ପ୍ରଦୀପ ସାହୁଙ୍କ ସହିତ ସ୍ଥାନୀୟ ଅଞ୍ଚଳର ସରପଞ୍ଚ ଉପସ୍ଥିତ ଥିଲେ। ତେବେ ଉଭୟ ସୂଚନା ଫଳକରେ ଅତିଥିମାନଙ୍କ ନାମ ଠିକ ଥିବା ବେଳେ ସେବା ସମବାୟ ସମିତି ଲିଃର ଫଳକରେ ହଜ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ ବୋଲି ଉଲ୍ଲେଖ ରହିଛି। ମାତ୍ର ନୂତନ ରାସ୍ତା ଭିତ୍ତିପ୍ରସ୍ତର ଫଳକରେ ହଜ ସରପଞ୍ଚ ଜୟନ୍ତୀ ବଡ଼ଜେନା ବୋଲି ଉଲ୍ଲେଖ ରଖାଯାଇଛି। ଏଭଳି ତ୍ରୁଟିକୁ ନେଇ ସରପଞ୍ଚ ଅସନ୍ତୋଷ ପ୍ରକାଶ କରିବା ସହ ନାମ ସଂଶୋଧନ କରି ଆଉଥରେ ନିର୍ଭୁଲ ସୂଚନାଫଳକ ପୋତିବାକୁ କହିଥିଲେ।







ନୂତନ ରାସ୍ତା ଭିତ୍ତିପ୍ରସ୍ତର ଫଳକରେ ଜୟନ୍ତୀ ବଡ଼ଜେନା ଏବଂ ସମବାୟ ସମିତି ଫଳକରେ ଦମୟନ୍ତୀ ସାମନ୍ତରାୟ ଉଲ୍ଲେଖ ରହିଛି।

**ବାଲି ବୋଝେଇ ଟ୍ରକ ଜବତ, ଚାଳକ ଅଟକ**

ବଲଙ୍ଗା,(କେଦାରେଶ୍ୱର ନନ୍ଦ): ବେଆଇନ ବାଲି ପରିବହନ ଅଭିଯୋଗରେ ବଲଙ୍ଗା ପୋଲିସ ଗୃହଦେଈପୁର ପେଟ୍ରୋଲ ପମ୍ପ ନିକଟରେ ଚଢ଼ାଉ କରି ଏକ ବାଲି ବୋଝେଇ ଟ୍ରକ (ନଂ. ଓଡି ୦୪ ଜୁ ୧୫୬୬)କୁ ଜବତ କରିବା ସହ ଚାଳକ ଅଟକ ରଖିଛି। ଥାନା ଏସ୍‌ଆଇ ସଜ୍ଜିତା ବେହେରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବାବେଳେ ଉକ୍ତ ଟ୍ରକକୁ ଅଟକାଇ କାଗଜପତ୍ର ଯାଞ୍ଚ କରିବାରୁ ବେଆଇନ ଭାବେ ବାଲି ପରିବହନ ହେଉଥିବା ଜଣାପଡ଼ିଥିଲା।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୯।୧।୨୦୨୬

| | |
|---|---|
| ୬,୨୪,୫୬୩ ଟଙ୍କା | |
| ସୁନା | ୪୫୦ ମିଲିଗ୍ରାମ୍ |
| ରୁପା | ୮୪.୧୦୦ ଗ୍ରାମ୍ |

# ଖୋଲିନି ଧାନମଣ୍ଡି, ଚିନ୍ତାରେ ଚାଷୀ

କାକଟପୁର/ଅସ୍ତରଙ୍ଗ,୧୯।୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)



ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଞ୍ଚଳରେ ଏଯାଏଁ ଧାନମଣ୍ଡି ଖୋଲିନାହିଁ। ଜାନୁଆରୀ ୧୫ରୁ ୧୭ତାରିଖ ଭିତରେ ମଣ୍ଡି ଖୋଲାଯିବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଫଳରେ ଚାଷୀମାନେ ଉତ୍ସାହିତ ହୋଇପଡ଼ିଥିଲେ। ତେବେ ଅଦ୍ୟାବଧି ସ୍ୱଳ୍ପସଂଖ୍ୟକ ଚାଷୀ ଟୋକନ ମେସେଜ ପାଇଛନ୍ତି। କାକଟପୁର ବ୍ଲକର ୧୫ଟି ସେବା ସମବାୟ ସମିତିରେ ୨୦୨୪-୨୫ରେ ୩୨୧୮ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ଚଳିତ ବର୍ଷ ୩୭୬୪ ଜଣ ପଞ୍ଜୀକରଣ କରିଛନ୍ତି। ସେହିପରି ଅସ୍ତରଙ୍ଗ ବ୍ଲକର ୧୦ଟି ସେବା ସମବାୟ ସମିତିରେ ୨୦୨୪-୨୫ରେ ୨୭୧୩ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ଚଳିତ ବର୍ଷ ୩୨୫୪ଜଣ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ତୁଳନାରେ ଚଳିତବର୍ଷ ଶତ ପ୍ରତିଶତ ଧାନ ଉଠାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି। ତେବେ ଯେଉଁ ଚାଷୀଙ୍କ ପାଖକୁ ଟୋକନ ଆସିଛି, ତା'ର ସମୟସୀମା ଏକ ମାସ ରହିଥିବାବେଳେ ଇତିମଧ୍ୟରେ କିଛି ଦିନ ଅତିକ୍ରମ କରିଗଲାଣି। ମଣ୍ଡି ଖୋଲିବାରେ ବିଳମ୍ବ ହେଲେ ଟୋକନର ସମୟ ସୀମା ଅତିକ୍ରାନ୍ତ ହୋଇଯିବ। ତେଣୁ ଚାଷୀ ଚିନ୍ତାରେ ରହୁଛନ୍ତି। ସରକାରଙ୍କୁ ଧାନ ବିକି ଚାଷୀମାନେ ସାହୁକାର, ବ୍ୟାଙ୍କ, ସେବା ସମବାୟ ସମିତିରୁ ଆଣିଥିବା ଋଣ ଶୁଝିବା ପାଇଁ ମନସ୍ଥ କରିଥିଲେ। ହେଲେ ଏପର୍ଯ୍ୟନ୍ତ ମଣ୍ଡି ଖୋଲିନାହିଁ। ତେଣୁ ସେମାନେ ଶାଗ ମାଛ ଦରରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। କେତେଜଣ ଅସାଧୁ ବ୍ୟବସାୟୀ ଏହାର ଫାଇଦା ଉଠାଉଛନ୍ତି। ଚାଷୀଙ୍କଠାରୁ ବାହାର ବ୍ୟବସାୟୀ କୁଇଣ୍ଟାଲ ପିଛା ୧୭ଶହ ଓ ୧୯ଶହ ଟଙ୍କାରେ ଧାନ କିଣିନେଉଛନ୍ତି। ଅନ୍ୟପକ୍ଷରେ ଖୁବଶୀଘ୍ର ମଣ୍ଡି ଖୋଲିବ ବୋଲି ଜିଲା ସମବାୟ ସମିତିର ସହକାରୀ ପଞ୍ଜୀକରଣ ଅଧିକାରୀ ସରୋଜିନୀ ଜେନା କହିଛନ୍ତି।

# ପ୍ଲାଷ୍ଟିକ୍‌ମୁକ୍ତ ହେବ ବଣଭୋଜି ସ୍ଥଳ



ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆୟୋଜିତ ସଚେତନତା ଶୋଭାଯାତ୍ରା।

କାକଟପୁର/ଅସ୍ତରଙ୍ଗ,୧୯।୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

**ବନ ବିଭାଗ ପକ୍ଷରୁ ପ୍ଲାଷ୍ଟିକ୍‌ମୁକ୍ତ ସଚେତନତା**

ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ଟଭାଗୋଲରାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ବଣଭୋଜି କରିବାକୁ ଏଠାରେ ବର୍ଷସାରା ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଏହା ପ୍ଲାଷ୍ଟିକ୍‌ମୁକ୍ତ ଓ ସଫାସୁତରା ହେଲେ ପରିବେଶରେ ପର୍ଯ୍ୟଟକେ ଏକ ସୁଖଦ ଅନୁଭୂତି ନେଇ ଫେରିବେ। ସୋମବାର ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଛାତ୍ରୀଛାତ୍ର ଏବଂ ଯୁବପିଢ଼ିଙ୍କୁ ନେଇ ପ୍ଲାଷ୍ଟିକ୍‌ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ର ପ୍ଲା-କାର୍ଡ ଧରି ପ୍ଲାଷ୍ଟିକ୍‌ମୁକ୍ତ ସଚେତନତା ରାଲି କରିଥିଲେ। ବନାଞ୍ଚଳ ଅଧିକାରିଣୀ ମହାପାତ୍ର ଯୋଗଦେଇ ପ୍ଲାଷ୍ଟିକ୍‌ଠାରୁ ଦୂରେଇ ରହିବା ସହିତ ପରିବେଶକୁ ସୁରକ୍ଷିତ ରଖିବାକୁ କହିଥିଲେ। ପ୍ଲାଷ୍ଟିକ୍ ବ୍ୟବହାରଜନିତ ପରିବେଶ ଅବକ୍ଷୟ ଓ ତଜ୍ଜନିତ ଜୀବଜନ୍ତୁଙ୍କଠାରେ ସୃଷ୍ଟି ପ୍ରଭାବକୁ ଦୃଷ୍ଟିରେ ରଖି ବଣଭୋଜିରେ ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାରକୁ ବନ୍ଦ କରିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବନପାଳ କାଳୀଚରଣ ମହାନ୍ତି, ମାନସ ବେହେରା, ଟିକିନା ପ୍ରଧାନ, କୈଳାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଟଭାଗୋଲରା, ମା' ଗଙ୍ଗାଦେବୀ ପୀଠ, ପୀରଜାହାନିଆ, ମା' କେଲୁଣୀ ପୀଠ ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ବଣଭୋଜି ପାଇଁ ଜିଲା ତଥା ଜିଲା ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ବଣଭୋଜି ସମୟରେ ପ୍ଲାଷ୍ଟିକ୍ ଖଲି ଓ ଚଡ଼ପତି ବଦଳରେ ଦେଶୀପତ୍ର ତିଆରି ଖଲି ଓ ଚଡ଼ପତି ବ୍ୟବହାର ପାଇଁ ବନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।



ଶ୍ରୀମନ୍ଦିରରେ ସୋମବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସପରିବାର ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ୩୭୦ ବୋତଲ କଫ ସିରପ୍ ଜବତ, ୨ ଗିରଫ

ପୁରୀ,୧୯।୧(ଅଜିତ୍ କୁମାର ମହାନ୍ତି)

ଅପରେଶନ ଚକ୍ର ଅଧୀନରେ ପୁରୀ ଜିଲାରେ ବେଆଇନ କଫ ସିରପ୍ ବ୍ୟବସାୟୀଙ୍କ ବିରୋଧରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କୁମ୍ଭାରପଡ଼ା ପୋଲିସ ବେଆଇନ କଫ ସିରପ ବିକ୍ରି ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଗଜପତି ନଗରର ପ୍ରଭାତ ଜେନା ଓ ଅବକାଶ ଲେନ୍‌ର ପ୍ରତାପ କୁମାର ହାତୀ। ଏନେଇ କେସ୍ ନଂ.୩୫/୨୬ରୁଜୁ ହୋଇଛି। ଚଢ଼ାଉ ସମୟରେ ଦୁଇ ଅଭିଯୁକ୍ତଙ୍କ ପାଖରୁ ୩୭୦ ବୋତଲ କଫ ସିରପ୍, ୨ଟି ମୋବାଇଲ ଏବଂ ଗୋଟିଏ ବାଇକ୍ ଜବତ ହୋଇଥିଲା।

### ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସମ୍ମିଳନୀ

ପୁରୀ,୧୯।୧(ଅଜିତ୍ କୁମାର ମହାନ୍ତି)

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଓ ବ୍ୟବସାୟ ପରିଚାଳନା ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ଆଇଆର୍‌ଏଜେ ଇଣ୍ଟରନ୍ୟାଶନାଲ ଦ୍ୱାରା ଆୟୋଜିତ ହୋଇଥିଲା। ଏଥିରେ ୫୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେଇଥିବା ବେଳେ ଥାଇଲାଣ୍ଡ, ମାଲେସିଆ, ସିଙ୍ଗାପୁର, ଗ୍ରୀସ୍ ଓ ୟୁଏଇ ସମେତ ୧୫ରୁ ଅଧିକ ଦେଶରୁ ୧୪୦ରୁ ଅଧିକ ଛାତ୍ର, ଗବେଷକ ଏବଂ ଶିଳ୍ପ ବିଶେଷଜ୍ଞ ଭର୍ଚ୍ଚୁଆଲ୍‌ରେ ଯୋଗଦେଇଥିଲେ। ଏହି ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ତ୍ରିଲୋଚନ ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ପ୍ରଫେସର ଡ. ଶ୍ରୀନିବାସ ମହାପାତ୍ର, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ସିଏସ୍‌ଇର ସହକାରୀ ପ୍ରଫେସର ଡ. ଶଶିକାନ୍ତ ପୃଷ୍ଟି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ମାଧ୍ୟମରେ ବ୍ୟବସାୟର ଭବିଷ୍ୟତକୁ ରୂପ ଦେବା ଉପରେ ବକ୍ତବ୍ୟ ରଖିଥିଲେ। ଗବେଷକ ଡ. ରାନିଆ ଲାମ୍ପୌ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପ୍ରୋଜେକ୍ଟଗୁଡ଼ିକର ଷ୍ଟ୍ରାଟେଜିକ୍ ମ୍ୟାନେଜ୍‌ମେଣ୍ଟ ଉପରେ ମତବ୍ୟକ୍ତ କରିଥିଲେ। ଏସ୍.ପି ସ୍ୱାତୀ ଏବଂ ରୁଦ୍ରପ୍ରସାଦ ଚୌଧୁରୀ ଶ୍ରେଷ୍ଠ ପେପର ପୁରସ୍କାର ପାଇଥିଲେ। ମୁଖ୍ୟ ଅତିଥି ବିଜେତାମାନଙ୍କୁ ଶ୍ରେଷ୍ଠ ପେପର ପଦକ ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଆଇଆର୍‌ଏଜେ ଇଣ୍ଟରନ୍ୟାଶନାଲ ଏମ୍ ଡି ବିଜନ କୁମାର ଅତିଥିମାନଙ୍କୁ ସମ୍ମାନିତ କରିଥିଲେ।

### ବାଇକ୍ ସହ କଫ ସିରପ ଜବତ: ଅଭିଯୁକ୍ତ ଗିରଫ

ସାକ୍ଷୀଗୋପାଳ,୧୯।୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ ଭରତ ରାଉତ)

ସତ୍ୟବାଦୀ ଥାନା ପକ୍ଷରୁ ରବିବାର ରାତିରେ ଜାତୀୟ ରାଜପଥରେ ପାଟ୍ରୋଲିଂ ସମୟରେ ପଟ୍ଟନାୟକିଆ ଛକରୁ ଜଣେ ଯୁବକଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ବିପୁଳ ପରିମାଣର କଫ୍ ସିରପ ଜବତ କରାଯାଇଛି। ଏ ନେଇ ସତ୍ୟବାଦୀ ଥାନାରେ ଏକ ମାମଲା (ନଂ.୨୬/୨୬) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ପୁରୀ ବାସେଳିସାହି ଥାନା ଅନ୍ତର୍ଗତ ମାଟିତୋଟା ବାଲିସାହିର ରାଜେନ୍ଦ୍ର ଜେନାଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି ବୋଲି ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଲିକ କହିଛନ୍ତି। ସୂଚନା ଅନୁଯାୟୀ, ପାଟ୍ରୋଲିଂ ସମୟରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଏକ ବାଇକ (ନଂ. ଓଡି ୧୩ସି ୩୫୭୭)ରେ ଜଣେ ଯୁବକ ଦ୍ରୁତ ଗତିରେ ଆସୁଥିଲେ। ତେବେ ପୋଲିସର ସନ୍ଦେହ ହେବାରୁ ତାଙ୍କ ପିଛା କରିଥିଲା। ପୋଲିସକୁ ଦେଖି ସେ ଖସିଯିବାକୁ ଉଦ୍ୟମ କରିବା ସହ ପାଲଟା ଆକ୍ରମଣ ଓ ଗାଳିଗୁଲଜ କରିଥିଲେ। ତେବେ ପୋଲିସ ତାଙ୍କୁ କୌଶଳ କ୍ରମେ କାବୁ କରିଥିଲା। ତାଙ୍କ ବ୍ୟାଗରୁ ୨୮୦ଟି କଫସିରପ ବୋତଲ ମିଳିଥିଲା। ସେହିପରି ତାଙ୍କ ମୋବାଇଲ୍ ଫୋନ, ୩୨୦ ଟଙ୍କା ସହ ଉକ୍ତ ବାଇକ୍‌କୁ ପୋଲିସ ଜବତ କରିଛି।

# ଜୁଆ ଖେଳି ୧୬ ଗିରଫ

ପୁରୀ,୧୯।୧(ଅଜିତ୍ କୁମାର ମହାନ୍ତି)

**ଟଙ୍କା, ୧୫ ମୋବାଇଲ, ୮ ବାଇକ ଜବତ**

ପୁରୀ ସଦର ଥାନା ଅନ୍ତର୍ଗତ ଶ୍ରୀସେତୁ ପାଖ ଜଳଭଣ୍ଡାର ନିକଟରେ ଜୁଆଖେଳ ଚାଲିଥିବାବେଳେ ସଦର ଥାନା ପୋଲିସ ଚଢ଼ାଉ କରି ୧୬ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨୩ ହଜାର ୫ଶହ ଟଙ୍କା, ତାସ୍, ୧୫ଟି ମୋବାଇଲ ଫୋନ୍ ଓ ୮ଟି ମୋଟରସାଇକେଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଯୁଧିଷ୍ଠିର ବାରିକ, ନବଘନ ବେହେରା, ଗଣେଶ ସାହାଣୀ, ଫିରୋଜ କୁମାର ଦାସ, ରବିନ୍ଦ୍ର ନାୟକ, ସହଦେବ ପାଢୀ, ଆଲୋକ ପାଣି, ସଞ୍ଜୟ ବେହେରା, ଛବି ପ୍ରଧାନ, ନିରଞ୍ଜନ ମହାପାତ୍ର, ସୁଶାନ୍ତ ସାହୁ, ଭବାନୀଶଙ୍କର ମିଶ୍ର, ରଘୁନାଥ ରାୟ, ସରୋଜ କୁମାର ମହାପାତ୍ର, ସୁନିଲ୍ ନାୟକ ଏବଂ ସଞ୍ଜୟ କୁମାର ଦାସ। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ରବିବାର ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ଜୁଆ ଖେଳୁଥିବା ବେଳେ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରିଥିଲା। ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ପୋଲିସର ସ୍ୱତନ୍ତ୍ର ଅଭିଯାନ ଅପରେଶନ ଚକ୍ର ଜାରି ରହିଥିବା ବେଳେ ଆଗକୁ ମଧ୍ୟ ନିଶା କାରବାର, ଜୁଆ ଖେଳ, ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ ଓ ସଦର ଥାନା ଅଧିକାରୀ ସୁନିଲ ପ୍ରଧାନ କହିଛନ୍ତି।




ଶ୍ରମ କୋଡ୍ ବାତିଲ ଦାବିରେ ସୋମବାର ସିଆଇଟିୟୁ ଓ କୃଷକ ସଭା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ନବବିବାହିତାଙ୍କୁ ନିର୍ଯାତନା, ବାପାଙ୍କୁ ମାଡ଼

ବଲଙ୍ଗା,୧୯।୧(କେଦାରେଶ୍ୱର ନନ୍ଦ)

ଅଧିକ ଯୌତୁକ ଦାବିରେ ବଲଙ୍ଗା ଥାନା ଅଧୀନ ସମେଇପୁର ଗ୍ରାମରେ ଜଣେ ନବବିବାହିତାଙ୍କୁ ନିର୍ଯାତନା ଦିଆଯିବା ସହ ତାଙ୍କୁ ଓ ତାଙ୍କ ଦିବ୍ୟାଙ୍ଗ ବାପାକୁ ମାଡ଼ ମରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସମେଇପୁର ଗ୍ରାମର ସୁକାନ୍ତ ମୁଦୁଲିଙ୍କ ସ୍ତ୍ରୀ ସସ୍ମିତା ମୁଦୁଲିଙ୍କ ଅଭିଯୋଗ ଅନୁଯାୟୀ, ବର୍ଷକ ତଳେ ବୈଦିକ ରୀତିରେ ତାଙ୍କର ବିବାହ ହୋଇଥିଲା। ସେତେବେଳେ ଶାଶୁଘର ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ତେବେ ବିବାହର ୨ ମାସ ପରେ ସ୍ୱାମୀଙ୍କ ସମେତ ଶାଶୁଘର ଲୋକେ ଅଧିକ ଯୌତୁକ ପାଇଁ ତାଙ୍କୁ ନିର୍ଯାତନା ଦେବା ସହ ମାଡ଼ ମାରି ଘରୁ ବିଦା କରିଦେଇଥିଲେ। ଫଳରେ ସସ୍ମିତା ସେବେଠାରୁ ନିଜ ବାପଘରେ ରହୁଛନ୍ତି। ୪ଦିନ ତଳେ ସ୍ୱାମୀ, ଦିଅର ସେହି ଗ୍ରାମକୁ ଯାଇ ସସ୍ମିତା ଓ ତାଙ୍କ ବାପା କାହ୍ନୁଚରଣ ମୁଦୁଲିଙ୍କୁ ଗାଳିଗୁଲଜ କରି ମାଡ଼ ମାରିଥିଲେ।

## ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ: ୨ ଗୁରୁତର

ଯୋଗେଶ୍ୱରପୁର,୧୯।୧(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଦୁଇଜଣ ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ଦ୍ୱୟ ହେଲେ ଆମପଡ଼ା ଗ୍ରାମର ପବିତ୍ର ବିଶ୍ୱାଳ (୬୫) ଓ ଦେଶୁଣ୍ଡି ଗ୍ରାମର ସୁଜିତ କୁମାର ସ୍ୱାଇଁ(୪୮)। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଇଶାଣପୁର ପଞ୍ଚାୟତର ଦେଶୁଣ୍ଡି ଛକଠାରେ ରବିବାର ରାତି ୧୨ଟାରେ ସୁଜିତଙ୍କୁ ୬ଜଣ ବ୍ୟକ୍ତି ଆକ୍ରମଣ କରିବାରୁ ତାଙ୍କ ଡ଼ାହାଣ ଗୋଡ଼, ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସେ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ପବିତ୍ର ଅଭିଯୋଗ କରିଛନ୍ତି ଯେ, ତାଙ୍କ ଘର ନିକଟକୁ ରବିବାର ରାତିରେ ସୁଜିତ ଆସି ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିଲେ। ଏସମ୍ପର୍କରେ ଗୋପ ଥାନାରେ ୨ଟି ପୃଥକ ମାମଲା (ନଂ. ୨୧/୨୬ ଓ ୨୨/୨୬) ରୁଜୁ ହୋଇଛି। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଘଟଣାର ତଦନ୍ତ କରୁଛନ୍ତି।

## ଜାତୀୟ ମତଦାତା ଦିବସ ପ୍ରସ୍ତୁତି ବୈଠକ

ପୁରୀ,୧୯।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ଷୋଡ଼ଶ ଜାତୀୟ ମତଦାତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସୋମବାର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଆସନ୍ତା ୨୨ ତାରିଖରେ ଜାତୀୟ ମତଦାତା ଶପଥ ପାଠ ସମସ୍ତ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ ବୋଲି କହିଥିଲେ। ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୨୧ ତାରିଖରେ ବିବିଧ ପ୍ରତିଯୋଗିତା ହେବ। ୨୫ ତାରିଖରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସେହିପରି ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ଉତ୍କୃଷ୍ଟ କାର୍ଯ୍ୟପାଇଁ ବିଏଲ୍‌ଓ, ସୁପର୍‌ଭାଇଜରଙ୍କୁ ସମ୍ବର୍ଦ୍ଧିତ ସହ ନୂତନ ଭୋଟରଙ୍କୁ ପରିଚୟପତ୍ର ବଣ୍ଟାଯିବ। ୨୫ ତାରିଖ ପୂର୍ବାହ୍ନରେ ସଚେତନତା ଶୋଭାଯାତ୍ରା ଆୟୋଜନ ସହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟରଙ୍କୁ ସଚେତନ କରାଯିବ। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଉପଜିଲାପାଳ ରାଜକିଶୋର ଜେନା, ପୁରୀ ତହସିଲ୍‌ଦାର ଅଭିଶେକ ଦାଶ, ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଭାରତୀୟ ଷ୍ଟେଟବ୍ୟାଙ୍କର ମୁଖ୍ୟ ପରିଚାଳକ ହୃଷିକେଶ ତ୍ରିପାଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଧିକାରୀ ଗୋଲକ ବିହାରୀ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ ଧନ୍ୟବାଦ ଦେଇଥିଲେ।

## ମୋ ବିବାଦ କଥା ମହାପ୍ରଭୁ ବିଚାର କରିବେ:ପୀୟୂଷ

ପୁରୀ,୧୯।୧(ଅଜିତ୍ କୁମାର ମହାନ୍ତି)

ଯାତ୍ରା ଅଭିନେତା ପୀୟୂଷ ତ୍ରିପାଠୀ ସୋମବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସୂର୍ଯ୍ୟମନ୍ଦିର ଅନୁଷ୍ଠାନ ସହ ଚୁକ୍ତି ଖିଲାପ ଅଭିଯୋଗରେ ପୀୟୂଷଙ୍କ ଗୋଡ଼ରେ ଆଇନର ବେଡ଼ି ପଡ଼ିଛି। ପୀୟୂଷ ମଧ୍ୟ ଓକିଲଙ୍କ ଜରିଆରେ ନିଜ ପକ୍ଷ ରଖିଛନ୍ତି। ଆସନ୍ତା ଦିନରେ ଖଣ୍ଡଗିରି ଯାତ୍ରା ମଞ୍ଚରେ ପୀୟୂଷ ଚଢ଼ିପାରିବେ କି ନାହିଁ ସେନେଇ ଦର୍ଶକଙ୍କ ମନରେ ସସ୍‌ପେନ୍ସ ଲାଗିରହିଛି। ଏହାରି ଭିତରେ ସେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପରେ ପୀୟୂଷ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ କରି ସେ ବେଶ୍ ଖୁସି। ମୋତେ ନେଇ ଯେଉଁ ବିବାଦ ଉପୁଜିଛି, ତାହା ମହାପ୍ରଭୁ ବିଚାର କରିବେ। ମୁଁ ଧୈର୍ଯ୍ୟଧରି ଅପେକ୍ଷା କରିଛି। ଦର୍ଶକଙ୍କ ଭଲପାଇବା ଓ ଆଶୀର୍ବାଦ ରହିବ ଓ ମହାପ୍ରଭୁଙ୍କ ଆଶୀର୍ବାଦ ରହିବ। ମୁଁ ନିଶ୍ଚୟ ମଞ୍ଚ ଚଢ଼ିବି ବୋଲି କହିଛନ୍ତି ପୀୟୂଷ।

## ଶ୍ରୀଗୁରୁଦେବଙ୍କ ପୀଠରେ ସମୂହ ଗୀତା ପାଠ

ଚାରିଛକ,୧୯।୧(ଶିଶିର କୁମାର ସ୍ୱାଇଁ)

ପବିତ୍ର ତ୍ରିବେଣୀ ଅମାବାସ୍ୟା ଅବସରରେ ନିକଟସ୍ଥ ବଦେଶ୍ୱର ଗ୍ରାମସ୍ଥିତ ପ୍ରାଚୀ ଉପତ୍ୟକାର ଶ୍ରୀଗୁରୁଦେବ ପୀଠରେ ସମୂହ ଗୀତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତୁଳସୀପୁର ଗ୍ରାମର ଅବନିନ୍ଦ୍ର ତ୍ରିପାଠୀ କର୍ତ୍ତା ହୋଇଥିଲା। ପବିତ୍ର ପ୍ରାଚୀ ନଦୀରୁ କଳସରେ ଜଳ ଅଣାଯାଇ ସ୍ଥାପନା କରାଯିବା ପରେ ଠାକୁରଙ୍କ ସମ୍ମୁଖରେ ଘୃତଯଜ୍ଞ ଅନୁଷ୍ଠିତ ହେବା ସହିତ ଶ୍ରୀଗୁରୁଦେବ ଠାକୁରଙ୍କ ନିକଟରେ ଅନ୍ନ ପ୍ରସାଦ ଭୋଗ ଲାଗି କରାଯାଇଥିଲା। ଅମରେଶ୍ୱର ତ୍ରିପାଠୀ, ବନବିହାରୀ ଦାଶ, କ୍ଷମାନିଧି ତ୍ରିପାଠୀ, ନିରଞ୍ଜନ କର, ଆନନ୍ଦ ବେହେରା, ବିଚିତ୍ରାନନ୍ଦ ସେନ, ଚନ୍ଦ୍ରଶେଖର ମହାପାତ୍ର, ପ୍ରବୀର କୁମାର ଦାଶ, ବ୍ରଜବନ୍ଧୁ କର, ପ୍ରଦୀପ୍ତ କୁମାର ନାୟକ, ସନ୍ତୋଷ ଦାଶଙ୍କ ସମେତ ବହୁ ଭକ୍ତ ସାମୂହିକ ଭାବେ ଗୀତ ପାଠ କରିଥିଲେ।

## ଜେଜେବାପା, ଜେଜେମା' ସମ୍ମିଳନୀ

ପୁରୀ,୧୯।୧(ଅଜିତ୍ କୁମାର ମହାନ୍ତି)

ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେବାପା, ଜେଜେମା' ସମ୍ମିଳନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହିପ୍ରକାଶ ମଠର ଅନ୍ତେବାସୀ ତଥା ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଚୌଧୁରୀ ନବକିଶୋର ପ୍ରହରାଜ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଚାଳନା ସମିତି ଉପସଭାପତି ସ୍ୱର୍ଣ୍ଣଲତା ଦାସ ଉପସ୍ଥିତ ଥିଲେ। ଶିଶୁଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ, ବ୍ୟକ୍ତିଗତ ଗୀତ, ନୃତ୍ୟ ଓ ସଂସ୍କୃତିଭିତ୍ତିକ କାର୍ଯ୍ୟକ୍ରମ ପାଳା ପରିବେଷିତ ହୋଇଥିଲା। ଶିଶୁଙ୍କୁ ଗଢ଼ି ତୋଳିବାରେ ଜେଜେବାପା ଓ ଜେଜେମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟ ଅତିଥି କହିଥିଲେ। ସମିତିର ଉପସଭାପତି ଦାସ ଧନ୍ୟବାଦ ଦେଇଥିଲେ।



ସମ୍ମିଳନୀରେ ପିଲାମାନେ ସଙ୍ଗୀତ ପରିବେଷଣ କରୁଛନ୍ତି ।

# ମହାପ୍ରଭୁଙ୍କ ପଦ୍ମବେଶ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

ପୁରୀ,୧୯।୧(ଅଜିତ୍ କୁମାର ମହାନ୍ତି)

ଦୁର୍ଲ୍ଲଭ ପଦ୍ମବେଶରେ ସୁସଜ୍ଜିତ ହେବେ ଦାରୁବିଗ୍ରହ। ଚଳିତମାସ ୨୧ ତାରିଖ ବୁଧବାର ମହାପ୍ରଭୁଙ୍କ ଦୁର୍ଲ୍ଲଭ ପଦ୍ମବେଶ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ବେଶ ପାଇଁ ଶ୍ରୀମନ୍ଦିର ପ୍ରଶାସନଠାରୁ ସେବକ ଓ କଳାକାରଙ୍କ ପକ୍ଷରୁ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ପରମ୍ପରା ଅନୁଯାୟୀ, ମହାପ୍ରଭୁଙ୍କ ପଦ୍ମବେଶ ପାଇ ବଡ଼ଛତା ମଠ ସମସ୍ତ ସାମଗ୍ରୀ ଯୋଗାଇଥାଏ। ପରେ କାରିଗର, ଚିତ୍ରକରମାନେ ବେଶ୍ ନିଷ୍ଠାର ସହ ପ୍ରସ୍ତୁତ କରିଥାନ୍ତି। ପଣ୍ଟୁ ପୂର୍ଣ୍ଣିମାଠାରୁ ପଦ୍ମବେଶ ନେଇ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ପଦ୍ମବେଶ ଭକ୍ତର ଭକ୍ତି ଏବଂ ଭାବମୂଳକ ବେଶ ବୋଲି ବିବେଚନା କରାଯାଏ।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମାଘ ଅମାବାସ୍ୟାଠାରୁ ବସନ୍ତ ପଞ୍ଚମୀ ମଧ୍ୟରେ ପଡୁଥିବା ବୁଧବାର କିମ୍ବା ଶନିବାର ଶ୍ରୀବିଗ୍ରହଙ୍କୁ ଏହି ବେଶ କରାଯାଇଥାଏ। ଶ୍ରୀବିଗ୍ରହମାନେ ପ୍ରତିଦିନ ରାତିରେ ବଡ଼ସିଂହାର ବେଶରେ ପହୁଡ଼ ଯାଇଥାନ୍ତି, ମାତ୍ର ବର୍ଷକରେ କେବଳ ଏହି ଗୋଟିଏ ଦିନ ମହାପ୍ରଭୁ ପଦ୍ମବେଶରେ ହିଁ ପହୁଡ଼ ଯାଇଛନ୍ତି। ମହାପ୍ରଭୁଙ୍କ ପଦ୍ମବେଶକୁ ଆଉ ଅଳ୍ପଦିନ ବାକିଥିବା ବେଳେ ମହାପ୍ରଭୁଙ୍କ ବେଶ କାର୍ଯ୍ୟ ଜୋର୍‌ସୋରରେ ଆଗେଇ ଚାଲିଛି। ଶ୍ରୀବିଗ୍ରହଙ୍କ ନିମନ୍ତେ ଆବଶ୍ୟକ ଚୂଳ, ଶ୍ରୀମୁଖ ପଦ୍ମ, କରପଲ୍ଲବ, ପଦ୍ମ କଢ଼ି, ଗଛ, ଡାଳିଲତା, ଚୂଳଗୁଡ଼ିକ ସୋଲରେ ତିଆରି କରାଯାଇ ପଦ୍ମଫୁଲ ପ୍ରସ୍ତୁତ କରାଯାଉଛି।

ବେଶ ପ୍ରସ୍ତୁତିରେ ମୁଖ୍ୟତଃ ସୋଲ, କଇଁଥ ଅଠା, ଜରି, ବାଉଁଶ କାଠି, ରଙ୍ଗ ଏବଂ ପଟ ମାଧ୍ୟମରେ ପଦ୍ମବେଶ ପ୍ରସ୍ତୁତ କରାଯାଇଥାଏ। ମୁଖ୍ୟତଃ ୮୦ଟି ଛୋଟ ପଦ୍ମ, ୪ଟି ପଦ୍ମକଢ଼ି ବା କରପଲ୍ଲବ, ୪ଟି ହଂସ, ୭ଟିଗଛ ସହ ବିଭିନ୍ନ ପ୍ରକାର ଅଳଙ୍କାର ପ୍ରସ୍ତୁତ କରାଯାଇଥାଏ। ବେଶ ପ୍ରସ୍ତୁତି ପାଇଁ କାରିଗର ନିୟୋଜିତ ହୋଇଛନ୍ତି। ସମସ୍ତ କାରିଗର ଅରୁଆ ଭକ୍ଷଣ କରି ନିଷ୍ଠାର ସହ ମହାପ୍ରଭୁଙ୍କ ନିମନ୍ତେ ବେଶ ପ୍ରସ୍ତୁତି କରୁଛନ୍ତି।



କାରିଗର ଓ ଚିତ୍ରକରମାନେ ପଦ୍ମବେଶ ପ୍ରସ୍ତୁତ କରୁଛନ୍ତି ।

ପଦ୍ମବେଶ ପଛରେ ରହିଛି ଏକ ସୁନ୍ଦର ଲୋକକଥା। ଏକଦା ମନୋହର ଦାସ ନାମକ ଜଣେ ଭକ୍ତ ତଥା ସାଧୁ ପୁରୀକୁ ଆସୁଥିବା ବେଳେ ଏକ ପୋଖରୀରୁ କିଛି ପଦ୍ମଫୁଲ ମହାପ୍ରଭୁଙ୍କ ଲାଗି ଆଣିଥିଲେ। ଶ୍ରୀକ୍ଷେତ୍ର ପହଞ୍ଚିବା ପରେ ପଦ୍ମଫୁଲଟି ଶୁଖିଯାଇଥିଲା। ଫଳରେ ଶୁଖିଲା ଫୁଲକୁ ସେବକମାନେ ଗ୍ରହଣ କରି ନ ଥିଲେ, ତେବେ ସେହିଦିନ ରାତିରେ ମହାପ୍ରଭୁ ଗଜପତି ମହାରାଜାଙ୍କୁ ସ୍ୱପ୍ନାଦେଶ କରି ଉକ୍ତ ଫୁଲକୁ ଲାଗି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଗଜପତିଙ୍କ ନିର୍ଦ୍ଦେଶକ୍ରମେ ସାଧୁ ଆଣିଥିବା ପଦ୍ମଫୁଲରେ ମହାପ୍ରଭୁଙ୍କ ବେଶ ହୋଇଥିଲା। ସେହିପରି କେତେଜଣ ଗବେଷକଙ୍କ ମତରେ ଏହି ବେଶର ପ୍ରବର୍ତ୍ତକ ହେଉଛନ୍ତି ବଡ଼ଛତା ମଠର ସନ୍ଥ ରଘୁବର ଦାସ। ବେଶ ପରେ ଶ୍ରୀବିଗ୍ରହଙ୍କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଖିରି ଓ ଅମାଲୁ ଭୋଗ ଲାଗିହୁଏ।

# ଆୟୁଷ୍ମାନ୍ ଯୋଜନାରେ ଆୟୁଷ ଚିକିତ୍ସା ସାମିଲ ହେବା ଆବଶ୍ୟକ: ସ୍ୱାସ୍ଥ୍ୟମନ୍ତ୍ରୀ

## ପିଏମ୍-ଜେଏୱାଇ ଓ ଏବିଡିଏମ୍ ଚିନ୍ତନ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୧୯।୧(ବନ୍ଦନା ସେଠୀ)




ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ଆୟୁଷ ଚିକିତ୍ସା ପ୍ୟାକେଜଗୁଡ଼ିକୁ ସାମିଲ କରିବା ଉପରେ ବିଚାର କରାଯିବା ଉଚିତ। ଏହାଦ୍ୱାରା ଆଧୁନିକ ଔଷଧ ସହିତ ସମନ୍ୱୟ ସ୍ଥାପନ କରାଯାଇପାରିବ। ଏହି ସାମଗ୍ରିକ ଆଭିମୁଖ୍ୟ ଆୟୁଷ ଇକୋସିଷ୍ଟମକୁ ସଶକ୍ତ କରିବା ସହ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ତୃଣମୂଳସ୍ତରକୁ ବିସ୍ତାର କରିବ ଓ ଏକ ବିକଶିତ ଭାରତର ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ସ୍ଥାନୀୟ ଏକ ହୋଟେଲରେ ସୋମବାର ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା (ପିଏମ୍-ଜେଏୱାଇ) ଏବଂ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ (ଏବିଡିଏମ୍) ଉପରେ ଆୟୋଜିତ ଚିନ୍ତନ ଶିବିରକୁ ଉଦ୍‌ଘାଟନ କରି ସ୍ୱାସ୍ଥ୍ୟମନ୍ତ୍ରୀ କହିଲେ, ସମସ୍ତଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇବା ଓଡ଼ିଶା ସରକାରଙ୍କ ପାଇଁ ନିରନ୍ତର ପ୍ରାଥମିକତା ହୋଇଆସିଛି। ଦୁଇଦିନିଆ ଚିନ୍ତନ ଶିବିରରେ ଦେଶରୁ ଅନେକ ପଲିସି ମେକର, ସ୍ୱାସ୍ଥ୍ୟ ପ୍ରଶାସକ ଏବଂ ବିଷୟ ବିଶେଷଜ୍ଞମାନେ ଏକାଠି ହୋଇଛନ୍ତି। ଏଥିରେ ନବସୃଜନ, ଡିଜିଟାଲ ସମନ୍ୱୟ ଏବଂ ସ୍ୱାସ୍ଥ୍ୟସେବା ମାଧ୍ୟମରେ ଆୟୁଷ୍ମାନ ଭାରତକୁ ଆହୁରି ମଜଭୁତ କରିବା ଉପରେ ବିଚାରବିମର୍ଶ କରାଯିବ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ଅଶ୍ୱଥ୍ ଏସ. ସ୍ୱାଗତ ଭାଷଣ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ସୁନୀଲ କୁମାର ବର୍ଣ୍ଣୱାଲ ଚିନ୍ତନ ଶିବିର ସମ୍ପର୍କରେ କହିଥିଲେ। ଏହି ଅବସରରେ ଭାଷିନୀ, ଭାରତୀୟ ବିଜ୍ଞାନ ସଂସ୍ଥାନ ବେଙ୍ଗାଲୁରୁ ଏବଂ ରାଷ୍ଟ୍ରୀୟ ଆକ୍ରିଡିଟେଶନ ବୋର୍ଡ ଫର୍ ହସ୍ପିଟାଲ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଲାଭ ପ୍ୟାକେଜ୍ ମାନୁଆଲ- ଦ୍ୱିତୀୟ ଭାଗ, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ବେଷ୍ଟ ପ୍ରାକ୍ଟିସ ପୁସ୍ତକ ଉନ୍ମୋଚନ ହୋଇଥିଲା। ସେହିପରି ସ୍ୱାସ୍ଥ୍ୟସେବା ସୁବିଧା ପ୍ୟାକେଜ୍ ଏବଂ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶ୍ରେଷ୍ଠ ପ୍ରମାଣିତ ପଦ୍ଧତି ସମ୍ବଳିତ ପୁସ୍ତିକା ଉନ୍ମୋଚନ ହୋଇଥିଲା। ଶିବିରରେ ସମୁଦାୟ ୬ଟି ଅଧିବେଶନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସୂଚନା ଅନୁସାରେ, ଆୟୁଷ୍ମାନ ଭାରତ ଯୋଜନା ଏବଂ ଗୋପବନ୍ଧୁ ଯୋଜନାରେ ରାଜ୍ୟର ୩.୫୨ କୋଟି ଲୋକ ସାମିଲ ଅଛନ୍ତି। ଏଥିନିମନ୍ତେ ୩୨ ହଜାର ସରକାରୀ ଏବଂ ବେସରକାରୀ ମେଡିକାଲକୁ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ୨୨.୫୨ ଲକ୍ଷ ଲୋକ ସାମିଲ ହୋଇଛନ୍ତି।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବାଣପୁର, ୧୯।୧(ଦିଲୀପ କୁମାର ସ୍ୱାଇଁ)

ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ପରିସରରେ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଏସ.ପି.ଏନ.ଏସ.ବର୍ମା ଓଡ଼ିଶା ସରକାର ତଥା ଉଚ୍ଚ ଶିକ୍ଷାବିଭାଗର ଏଭଳି ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି କହିବା ସହ ଆତ୍ମରକ୍ଷାର ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ସୋନି ମୁଦୁଲି ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେବାର ଦାୟିତ୍ୱ ବହନ କରିଥିବା ବେଳେ ଜି.ସାବିତ୍ରୀ ଆଚାରୀ କାର୍ଯ୍ୟକ୍ରମର ସଂଯୋଜିକା ଭାବେ ଦାୟିତ୍ୱ ତୁଲାଇଥିଲେ। ଇଂଲିଶ ବିଭାଗର ଅଧ୍ୟାପିକା ମିକି ମନସ୍ୱିନୀ ସମସ୍ତ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

## ସଂକ୍ଷେପରେ

### ବିଧାୟକଙ୍କ ଦ୍ୱାରା ଧାନ ମଣ୍ଡି ଉଦ୍‌ଘାଟିତ

ବାଘମାରୀ, ୧୯।୧(ମିହିର ରଞ୍ଜନ ମହାପାତ୍ର): ବାଘମାରୀ ସେବା ସମବାୟ ସମିତିରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ପ୍ରଦୀପ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଖୋର୍ଦ୍ଧା ସମବାୟ ସମିତିର ସମୂହ ସର୍କଲର ସହକାରୀ ନିବନ୍ଧକ ଭଗବତ ମାରାଣ୍ଡି, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ବେଗୁନିଆ ଶାଖା ପରିଚାଳକ ପ୍ରଭାସିନୀ ସାମନ୍ତରାୟ, ସୁପରଭାଇଜର ଜୟନ୍ତ ଦାସ, ପରିଚାଳନା ପରିଷଦର ସଭାପତି ଦେବରାଜ ସାହୁ, ଉପସଭାପତି ଦ୍ରୌପଦୀ ପାଇକରାୟ, ବାଘମାରୀ ସରପଞ୍ଚ ମାନସ ବିଶ୍ୱାଳ, ନୋଡାଲ ଅଧିକାରୀ ଭକ୍ତବନ୍ଧୁ ଗୁରୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ସମିତି ସଭାପତି ପ୍ରଫୁଲ୍ଲ ସାମନ୍ତରାୟ, ମଧୁସୂଦନ ସୁବୁଦ୍ଧି, ଚକ୍ରଧର ପାଇକରାୟ, ପୁରୁଷୋତ୍ତମ ସାମନ୍ତରାୟଙ୍କ ସମେତ ପରିଚାଳନା ପରିଷଦର ସମସ୍ତ ସଦସ୍ୟ, ସୀତା ସାହୁ, ପ୍ରଦ୍ୟୁମ୍ନ ମହାନ୍ତି, ପ୍ରଫୁଲ୍ଲ ବାରିକ, ଗୌତମ ପୃଷ୍ଟି, ଦେବୀ ପ୍ରସାଦ ପଣ୍ଡାଙ୍କ ସହ ଅନ୍ୟ ଚାଷୀମାନେ ଉପସ୍ଥିତ ଥିଲେ। ସମିତିସମ୍ପାଦକ ମଦନ ମୋହନ ସାହୁ ପରିଚାଳନା କରିଥିଲେ। ସହସମ୍ପାଦକ ବ୍ରଜ କିଶୋର ଗୋଛି, ସଂଗ୍ରାମ ବାରିକ ସହଯୋଗ କରିଥିଲେ। ମହିଳା ଚାଷୀ ସୀତା ସାହୁ ପ୍ରଥମେ ଧାନ ବିକ୍ରି କରିଥିଲେ। ଟୋକନ ପାଇଥିବା ୨୮ ଚାଷୀଙ୍କର ଠାରୁ ୯ଶହ ୫୯ କୁଇଣ୍ଟାଲ ଧାନ ସାରୁଅସ୍ଥିତ ମିଲର ଏମ.କେ. ମିନେରାଲ ଆଣ୍ଡ ଲିମିଟେଡ କିଣିଥିବା ଜଣାପଡ଼ିଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ




## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଖୋର୍ଦ୍ଧା, ୧୯।୧(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ମିଡ୍ ଡେ ମିଲ୍ ୱାର୍କର୍ସ ୟୁନିୟନ, ସିଆଇଟିୟୁ, ଏଆଇକେଏସ୍ ଖୋର୍ଦ୍ଧା ମିଳିତ ଆନୁକୂଲ୍ୟରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ କରାଯାଇଛି। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପ୍ରତିବାଦ ସଭାରେ ଜିଲାର କୃଷକ ନେତା ଅନନ୍ତ ମଙ୍ଗରାଜ, ରାଜ୍ୟ କୃଷକ ନେତା ଅଭିରାମ ବେହେରା, ଶ୍ରମିକ ନେତା ଶୈଳେସ ବଳିୟାରସିଂହ, ଗିରିଶ ମହାରଣା, ପ୍ରଦୀପ ନାୟକ, କୃଷକନେତା ସାରଙ୍ଗଧର ବେହେରା, ଯୁବନେତା ବିଦ୍ୟୁତ୍ ଭୂଷଣ ମହାରଣା, ଆଦିବାସୀ ନେତା ଚମ୍ପରୁ ସୋରେନ, ଶିକ୍ଷକ ନେତା କିଶୋର ଚନ୍ଦ୍ର ପରମଗୁରୁ ପ୍ରମୁଖ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଶ୍ରମିକ ବିରୋଧୀ ଶ୍ରମକୋଡ୍ ତୁରନ୍ତ ବାତିଲ, ବିଦ୍ୟୁତ୍ ସଂଶୋଧନ ବିଲ୍-୨୦୨୫ ପ୍ରତ୍ୟାହାର, ଓଡ଼ିଶାରେ ଧନ କ୍ରୟ ସଙ୍କଟ ତୁରନ୍ତ ସମାଧାନ, ମଧ୍ୟାହ୍ନ ଭୋଜନ କର୍ମୀଙ୍କୁ ଶ୍ରମିକ ମାନ୍ୟତା ଓ ମାସିକ ୨୬ ହଜାର ଟଙ୍କା ବେତନ ଦାବି କରିଥିଲେ। କୃଷକ ନେତା ମଙ୍ଗରାଜ କହିଛନ୍ତି ଯେ, ଜାନୁଆରୀ ମାସର ଦୁଇ ସପ୍ତାହ ବିତିଲାଣି, ତଥାପି ଚାଷୀଙ୍କ ଟୋକନ ଆସିନି। ସରକାର ଏବଂ ମିଲର୍ସଙ୍କ ମଧ୍ୟରେ ଚାଲିଥିବା ଛକାପଞ୍ଝାରେ ଚାଷୀହଇରାଣ ହେଉଛନ୍ତି। ମଣ୍ଡି ସ୍ୱାଭାବିକ ହୋଇନାହିଁ। ଶୀତ କାକରରେ ଚାଷୀ ଧାନ ମଣ୍ଡିରେ ଜଗି ରହିଛି। ଚାଷୀଙ୍କୁ ସରକାର ଉପେକ୍ଷା କରୁଛନ୍ତି। ବାହାର ରାଜ୍ୟର ବେପାରୀ ଗାଁରେ ପଶି ବେପାରୀ ପହଞ୍ଚି କମ୍ ଦାମରେ ଧାନ କିଣି ନେଉଛନ୍ତି। ମଣ୍ଡିକୁ ଅପେକ୍ଷା କରି ଚାଷୀ ହତାଶ ହୋଇ ବସିଛି। ସେହିପରି ସିଆଇଟିୟୁ ଖୋର୍ଦ୍ଧା ଜିଲା ଉପସଭାପତି କହିଛନ୍ତି, ଟାଟା ପାୱାର ଦାରା ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଅତିରିକ୍ତ ସୁରକ୍ଷା ଦେୟ ମାଧ୍ୟମରେ ଜନସାଧାରଣଙ୍କୁ ସରକାର ଲୁଟ କରୁଛନ୍ତି। ସରକାରଙ୍କ ମନମୁଖୀ କାର୍ଯ୍ୟ ପ୍ରତିବାଦରେ ଆସନ୍ତା ଫେବୃଆରୀ ୧୨ରେ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ।

# ଖୋଲିଲା ଧାନମଣ୍ଡି

ଜଟଣୀ, ୧୯।୧(ରବୀନ୍ଦ୍ରନାଥ ମହାକୁଡ଼): ଜଟଣୀ ବ୍ଲକ ଅନ୍ତର୍ଗତ ଅବିଭକ୍ତ ବେଣାପଞ୍ଜରି ସ୍ଥିତ ସେବା ସମବାୟ ସମିତିର ଧାନ ମଣ୍ଡି ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ ଯୋଗଦେଇ ଏହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ବେଣାପଞ୍ଜରି ସୋସାଇଟି ସଭାପତି ପର୍ଶୁରାମ ହରିଚନ୍ଦନ, ବ୍ୟାଙ୍କ ଡାଇରେକ୍ଟର ରଞ୍ଜନ ଛୋଟରାୟ, ବେଣାପଞ୍ଜରି ସୋସାଇଟି ଉପସଭାପତି ତଥା ଡିରିମଲ ସରପଞ୍ଚ ପ୍ରସନ୍ନ ଛୋଟରାୟ, ଏରିଆ ଅଫିସର ଏଆରସିଏସ ଭୁବନେଶ୍ୱରର ପ୍ରଶାନ୍ତ କୁମାର ବରାଳ, ସୀତା ରାଣୀ ଚମ୍ପତି, ତ୍ରିଲୋକ ରାଜ ସିଂ, ସମ୍ପାଦକ ବିଶ୍ୱଜିତ୍ ଭଞ୍ଜ, ଅକ୍ଷୟ ମହାନ୍ତି, ଦିଲୀପ ବେହେରା, ନୀଳକଣ୍ଠ ଦଳେଇ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିବସରେ ୧୨ ଚାଷୀଙ୍କଠାରୁ ୪୦୦ କୁଇଣ୍ଟାଲ ଧାନ କିଣାଯାଇଛି।

## ନିରୁଦ୍ଦିଷ୍ଟ

ପ୍ରାଚୀ ରିସୋର୍ଟସ ପ୍ରାଇଭେଟ୍ ଲିମିଟେଡ୍, ୬, ଜନପଥ, ଭୁବନେଶ୍ୱର ସର୍ବସାଧାରଣଙ୍କ ଅବଗତି ପାଇଁ ଜଣାଉଛି ଯେ ଆମର ନିମ୍ନଲିଖିତ ଜମିର ମୂଳ କବଲା ଉଇ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦେଇଛି। କବଲା ସଂଖ୍ୟା-୪୯୨୯ ଏବଂ ୪୯୩୦, ତା-୨୭/୦୫/୧୯୭୨, ପ୍ଲଟ୍ ନଂ- ୬, ୭, ୧୮ ଏବଂ ୧୯, ରାଜସ୍ୱ ପ୍ଲଟ୍ ନଂ - ୩୮୦, ଖାତା ନଂ - ୨୯୮, କ୍ଷେତ୍ର - ୨.୩୩ ଏକର, ମୌଜା - ଖାରବେଳ ନଗର, ଭୁବନେଶ୍ୱର।

# ଧାନମଣ୍ଡି ଉଦ୍‌ଘାଟିତ

ବେଗୁନିଆ, ୧୯।୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାବିତ୍ ମନମୋହନ ସାମନ୍ତରାୟ, ସରପଞ୍ଚ ଲତା ସେଠୀ, ସମିତି ସଭ୍ୟ ଅଲେଖ ବେହେରା, ସେବା ସମବାୟ ସମିତି ସଭାପତି ସୁଦର୍ଶନ ମାଣିକ, ଉପସଭାପତି ସରୋଜିନୀ ପଣ୍ଡା,ସମ୍ପାଦକ ପ୍ରଭାତ ମହାନ୍ତି, ପୂର୍ବତନ ସମିତିସଭ୍ୟ ଧନେଶ୍ୱର ସାହୁ, ବାଉରୀ ଶ୍ରୀଚନ୍ଦନ, ହରେକୃଷ୍ଣ ପଣ୍ଡା, ନାରାୟଣ ମାଣିକ, ସୂର୍ଯ୍ୟ ନାରାୟଣ ମିଶ୍ର, ହୃଷିକେଶ ଜେନା, ବାମଦେବ ମହାପାତ୍ର, ସତ୍ୟବାଦୀ ଜେନା, ଆର୍‌ଏମସି ସୁପରଭାଇଜର ବିଶ୍ୱନାଥ ସାଇଁ ପ୍ରମୁଖ ଉପସ୍ଥିତ ଥିଲେ। ହୃଦାନନ୍ଦ ସାହୁ, ନୀଳକଣ୍ଠ ପଣ୍ଡା, ବ୍ରଜବନ୍ଧୁ ନାୟକ, ସୁରେଖା ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବଳିୟାରସିଂହ, ଜୟଦେବ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ରତିକାନ୍ତ ଯୋଗାଣିଆ, ଶାନ୍ତିଲତା ସେଠୀ, କାଞ୍ଚନବାଳା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଶ୍ୟାମ ସୁନ୍ଦର ତ୍ରିପାଠୀ ପୂଜାର୍ଚ୍ଚନା କରିବା ପରେ ୭ଜଣ ଚାଷୀଙ୍କ ମଧ୍ୟରୁ ପ୍ରଥମ ଚାଷୀଭାବେ ମାଗୁଣୀ ଚରଣ ପଣ୍ଡାଙ୍କଠାରୁ ୧୯ କୁଇଣ୍ଟାଲ ୫୭ କେଜି ଧାନ କ୍ରୟ କରାଯାଇଥିଲା।

**TENDER**
**EXTERIOR AND INTERIOR PAINTING.**

The "Z1RWA for their 'Adavit Complex', Bhubaneswar 751024" invites application from Reputed "Paint Manufcturers only" who are engaged in "Turn Key Painting job" to express their EOI (Expression Of Interest) to Paint both the "Exterior and Interior" walls of the complex comprising of apx "13,00,000 ( Thirteen Lakh) Sq ft area."
For more details, PROCEDURES and Avalabilty of Tender Papers, please connect with: Help Desk Z1- "**helpdesk@z1rwa.com** OR **+91 81051 30275**" within seven days from the date of publishing this notice .
**ESTATE MANAGER**

# ମାଟିଆପଡ଼ାକୁ ହରାଇ ବାଙ୍କୀ ସେମିଫାଇନାଲରେ

ବାଘମାରୀ, ୧୯।୧ (ମିହିର ରଞ୍ଜନ ମହାପାତ୍ର):

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଗ୍ରାମ ଖେଳପଡ଼ିଆରେ ମା'ଗମେହିଁ କ୍ରିକେଟ କ୍ଲବର ପଞ୍ଚମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୋମବାର ବାଙ୍କୀ ଏବଂ ମାଟିଆପଡ଼ା ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ବାଙ୍କୀ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୮ଉଇକେଟ ବିନିମୟରେ ୧୯୧ରନ ସଂଗ୍ରହ କରିଥିଲା। ଜବାବରେ ମାଟିଆପଡ଼ା କ୍ରିକେଟ କ୍ଲବ ୧୫.୫ ଓଭରରେ ସମସ୍ତ ଓଇକେଟ ବିନିମୟରେ ୭୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ବାଙ୍କୀ ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ବାଙ୍କୀ ଟିମ୍‌ର ବିଶ୍ୱରଞ୍ଜନ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜନାସ୍ମଲ୍ସ ଫାଇନାନ୍ସର ଶାଖା ପରିଚାଳକ ବିଦ୍ୟାଧର ପାତ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ନରେଶ ଜେନା ଏବଂ ଦୀପ୍ତି ମହାନ୍ତି ମ୍ୟାଚ ପରିଚାଳନା କରିଥିବା ବେଳେ ବିଶ୍ୱଜିତ ଓ ଦେବାଶିଷ ସ୍କୋର ଦାୟିତ୍ୱ ତୁଲାଇଥିଲେ। ସୋନୁ ଏବଂ ମୁନା ମ୍ୟାଚ୍‌ର ଧାରାବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ଗେଡିଆପଲ୍ଲୀ ଏବଂ ଡିଙ୍ଗର ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକ କ୍ଲବର ସଞ୍ଜୟ ପରିଡ଼ା ସୂଚନା ଦେଇଛନ୍ତି।

**Government of Odisha**
**Office of the Superintending Engineer**
**Rural Works Division-I, Nabarangpur**
e-mail - eerwngp@rediffmail.com
No.O-2086

Letter No. : 317 Date : 16.01.2026

**e-Procurement Notice**

Name of the work : Road Works, Total No. of works : 20 (Twenty) No's., Approx. Estimated Cost : Rs. 5.08 lakhs to Rs. 31.78 lakhs, Class of Contractor : "B", "C" & "D" Class Contractor, Period of completion : 1 (One) Calendar Month

| Procurement Officer | Bid Identification No. | No. of Works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | 4 | 5 | 6 | 7 |
| Rural Works Division-I, Nabarangpur | EERWNGP - Online-11/2025-26 | 20 (Twenty) No's | 22.01.2026 at 10.00 A.M. | 30.01.2026 up to 03.00 P.M. | 31.01.2026 at 11.00 A.M. | |

For details can be seen from the Government website www.tendersorissa.gov.in.
Sd./- Executive Engineer
Rural Works Division-I, Nabarangpur
OIPR-

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE : KEONJHAR**
email : se_nerwkjr@rediffmail.com
No.O-2058

eProcurement Notice for Road Works
**Bid Identification No. NCB-39 / RWCKJR / 2025-26**
No. 237 / Date : 15.01.2026

1. Name of the Work : **S/R to roads in the District of Keonjhar for the year 2025-26.** 2. No. of Work : **02 (Two) Nos.** 3. Estimated Cost : As per Annexure in NIT. 4. Class of Contractor (Eligible) : As per Annexure in NIT. 5. Period of Completion : As per Annexure in NIT. 6. Other details :

| Procurement Officer | Bid Identification No. | Availability of Tender On-line for Bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-39 / RWCKJR / 2025-26 | Dt.22.01.26 at 11.00 A.M. | Dt.05.02.26 up to 5.00 P.M. | Dt.04.02.26 up to 5.00 P.M. | Dt.06.02.26 at 11.00 A.M. | Will be intimated later |

• **Further details can be seen from the website : www.tendersorissa.gov.in**
Sd./- Chief Construction Engineer
R.W. Circle, Keonjhar
OIPR-

**DISTRICT PROJECT OFFICE**
**SAMAGRA SHIKSHA, SUNDARGARH, ODISHA**
In front of B.S. High School, At/PO/Dist - Sundargarh, PIN - 770001
Email - dpcsndgssa.opepa@nic.in Phone No. - 06622-273718

Letter No.162/PDG/Date : 19.01.2026

**NOTICE INVITING TENDER (NIT)**

Sealed tenders are invited from the reputed & credible printers/firms/agencies for printing & supply of "Question cum Answer Sheet, Answer key & Oral questions" for SA-II 2025-26 for Class-I to IV & Cl-VI & VII and Annual examination of V & VIII for General Students MLE students, Hindi/Urdu (Persian) medium students for the year 2025-26 of all Govt. & Govt. Aided Schools of Sundargarh district in two systems (Technical & Financial Bid) through Speed Post/Registered Post/Courier only as detailed below.

| Name of Tender | Bid processing fees | Amount of EMD | Last Date & time of receipt of Bid | Date & Time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II 2025-26 for Class-I to IV & VI & VII Annual Examination of V & VIII Students | Rs.2000/- | Rs.55000/- | 29.01.2026 (Upto 5.00 P.M.) | 30.01.2026 at 11.00 A.M. |

The detailed BID document is available in the website www.sundargarh.odisha.gov.in & www.osepa.odisha.gov.in. Intersted and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.
By the Order of Collector-cum-Chairperson, Sundargarh
Sd./-DEO-cum-DPC, SS Sundargarh

**OFFICE OF THE**
**SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
**Bid Identification No.S.E.E.C (R&B) 27/2025-26**
**No : 55/Date 06.01.2026/**

**No.B-953** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.22.01.2026 at 05.00 P.M. to dt.07.02.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.09.02.2026 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum / Corrigendum, if required, will be available only in the Website.
Sd./- Superintending Engineer
Electrical Circle (R&B), Odisha, BBSR
OIPR-

kotak **କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍**
ପଞ୍ଜୀକୃତ କାର୍ଯ୍ୟାଳୟ: ୨୭ ବିକେସି, ସି-୨୭, ଜି-ବ୍ଲକ୍, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂର୍ବ), ମୁମ୍ବାଇ-୪୦୦୦୫୧
ଶାଖା କାର୍ଯ୍ୟାଳୟ:- "ବ୍ଲକ୍ - ଏ, ୪ର୍ଥ ମହଲା, ୨୨ କାମାକ ଷ୍ଟ୍ରିଟ, କୋଲକାତା-୭୦୦୦୧୬"

ପରିଶିଷ୍ଟ IV [ନିୟମ ୮ (୧) ଦେଖନ୍ତୁ]
ଦଖଲ ନୋଟିସ (ସ୍ଥାବର ସମ୍ପତ୍ତି ନିମନ୍ତେ)

ଯେହେତୁ, ନିମ୍ନ ସ୍ୱାକ୍ଷରକାରୀ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍‌ର ପ୍ରାଧିକୃତ ଅଧିକାରୀ, ବ୍ୟାଙ୍କିଙ୍ଗ୍ ନିୟାମକ ଅଧିନିୟମ, ୧୯୪୯ର ଅର୍ଥ ମଧ୍ୟରେ ଥିବା ଏକ ବ୍ୟାଙ୍କିଙ୍ଗ୍ କମ୍ପାନୀ, ପଞ୍ଜୀକୃତ କାର୍ଯ୍ୟାଳୟ ସ୍ଥାନ: ୨୭ବିକେସି, ସି ୨୭, ଜି ବ୍ଲକ୍, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ଇ), ମୁମ୍ବାଇ - ୪୦୦୦୫୧ ଏବଂ ଶାଖା କାର୍ଯ୍ୟାଳୟ ସ୍ଥାନ ୪ର୍ଥ ମହଲା, ବ୍ଲକ୍-ଏ, ୨୨ କାମାକ୍ ଷ୍ଟ୍ରିଟ୍, କୋଲକାତା- ୭୦୦୦୧୬, ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ("ସରଫାଏସି ଅଧିନିୟମ") ଅଧୀନରେ ତଥା ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୧୩ (୧୨) ସହିତ ପଠନପୂର୍ବକ ନିୟମ ୩ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି **ତା୨୭।୧୨।୨୦୨୪ରିଖରେ ଋଣ ଖାତା ନଂ.- ୧୩୮୯୭୯୨୫** ନିମନ୍ତେ ଋଣଗ୍ରହୀତା/ଗଣ / ପକ୍ଷବୃନ୍ଦ **ମେସର୍ସ ଭାରତ ଟ୍ରେଡିଂ କୋ (ଋଣଗ୍ରହୀତା) କୌଶଲ୍ୟା ଦେବୀ ମୋଦି (ଗ୍ୟାରେଣ୍ଟିଦାତା), ପବନ କୁମାର ମୋଦି (ଗ୍ୟାରେଣ୍ଟିଦାତା), ସଞ୍ଜୟ କୁମାର ମୋଦି (ଗ୍ୟାରେଣ୍ଟିଦାତା ଓ ବନ୍ଧକଦାତା), ପ୍ରିୟଙ୍କା ମୋଦି (ଗ୍ୟାରେଣ୍ଟିଦାତା ଓ ବନ୍ଧକଦାତା)**ଙ୍କୁ ଏକ ଡିମାଣ୍ଡ ନୋଟିସ ଜାରି କରି ନୋଟିସରେ ଦର୍ଶିତ ଅର୍ଥରାଶି ଅର୍ଥାତ୍ **ଋଣ ଖାତା ନଂ. ୧୩୮୯୭୯୨୫ ଅଧୀନରେ ଟ.୨,୫୧,୮୦,୪୬୦.୮୭/- (ଟଙ୍କା ଦୁଇକୋଟି ଏକାବନ ଲକ୍ଷ ଅଶୀ ହଜାର ଚାରିଶହ ଷାଠିଏ ଏବଂ ସତାଅଶୀ ପଇସା ମାତ୍ର)** ଉକ୍ତ ଡିମାଣ୍ଡ ନୋଟିସ୍ ପ୍ରାପ୍ତିର ୬୦ ଦିନ ମଧ୍ୟରେ ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।
ଉପରୋକ୍ତ ଋଣଗ୍ରହୀତା/ଗଣ / ଗ୍ୟାରେଣ୍ଟିଦାତା/ଗଣ /ବନ୍ଧକଦାତା ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ଏତଦ୍ୱାରା ଋଣଗ୍ରହୀତା/ଗଣ / ଗ୍ୟାରେଣ୍ଟିଦାତା/ଗଣ /ବନ୍ଧକଦାତା ତଥା ସାଧାରଣ ଭାବେ ଜନସାଧାରଣଙ୍କୁ ନୋଟିସ ଦିଆଯାଉଛି ଯେ, ନିମ୍ନ ସ୍ୱାକ୍ଷରକାରୀ ଉପରୋକ୍ତ ନିୟମାବଳୀର ନିୟମ ୮ ସହିତ ପଠନପୂର୍ବକ ଉପରୋକ୍ତ ଅଧିନିୟମର ଧାରା ୧୩(୪) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି **ତା୧୬।୦୧।୨୦୨୬ରିଖ** ଦିନ ନିମ୍ନବର୍ଣ୍ଣିତ ସମ୍ପତ୍ତିର ବାସ୍ତବିକ ଦଖଲ ନେଇଛନ୍ତି ।
ବନ୍ଧକ ପରିସମ୍ପତ୍ତିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସଂକ୍ରାନ୍ତରେ ଅଧିନିୟମର ଧାରା ୧୩ର ଉପ-ଧାରା (୮)ର ପ୍ରାବଧାନ ପ୍ରତି ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି।
ଉପରେ ବିଶେଷ ଭାବେ ଦର୍ଶିତ ଋଣଗ୍ରହୀତା/ଗଣ / ଗ୍ୟାରେଣ୍ଟିଦାତା/ଗଣ /ବନ୍ଧକଦାତା ଏବଂ ସାଧାରଣ ଭାବେ ଜନସାଧାରଣଙ୍କୁ ଏତଦ୍ୱାରା ସମ୍ପତ୍ତି ସହିତ କୌଣସି କାରବାର ନ କରିବାକୁ ସତର୍କ କରିଦିଆଯାଉଛି ଏବଂ ସମ୍ପତ୍ତି ସହିତ କୌଣସି କାରବାର କରାଗଲେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍ ଦ୍ୱାରା **ତା୧୮।୧୨।୨୦୨୪ରିଖଠାରୁ ଋଣ ଖାତା ନଂ. ୧୩୮୯୭୯୨୫ ଅଧୀନରେ ଟ.୨,୫୧,୮୦,୪୬୦.୮୭/- (ଟଙ୍କା ଦୁଇକୋଟି ଏକାବନ ଲକ୍ଷ ଅଶୀ ହଜାର ଚାରିଶହ ଷାଠିଏ ଏବଂ ସତାଅଶୀ ପଇସା ମାତ୍ର)** ସମେତ ଚୁକ୍ତିମୂଳକ ହାରରେ ପରବର୍ତ୍ତୀ ସୁଧ ଏବଂ ବିକଳ୍ପ ସୁଧ, ଆନୁଷଙ୍ଗିକ ବ୍ୟୟ, ଖର୍ଚ୍ଚ ଓ ଶୁଳ୍କ ଆଦାୟ କରାଯିବ।

**ସ୍ଥାବର ସମ୍ପତ୍ତିର ବର୍ଣ୍ଣନା:**
ଜିଲ୍ଲା-କଟକ, ତହସିଲ- କଟକ, ଡିଏସ୍‌ଆରଓ- କଟକ, ଥାନା- ପୁରୀଘାଟ, ଥାନା ନଂ.୧, ୟୁନିଟ୍ ନଂ. ୧୬, କଟକ ସହର ମଧ୍ୟରେ ପ୍ଲଟ୍ ନଂ.୨୫୨୦/୪୨୫୧, ହାଲ ମ୍ୟୁଟେସନ ଖାତା ନଂ.୬୯୯/୨୩୫, ରକବା- ୦.୦୪୦ ଡିସିମିଲ, ଯାହା ହାଲ ବନ୍ଦୋବସ୍ତ ଖାତା ନଂ.୨୮, ପ୍ଲଟ୍ ନଂ. ୬୦୯/୨୫୨୦ ଅନୁରୂପ, ପୁନଶ୍ଚ ଯାହା ସାବିକ ମୌଜା- ଟାଉନ୍ ବିସିନାବର, ସାବିକ ଖାତା ନଂ. ୮୯୨ ଅନୁରୂପ, ପ୍ଲଟ୍ ନଂ. ୪୧୧ ଓ ପ୍ଲଟ୍ ନଂ. ୬୦୯/୨୯୬୨, ହାଲ ଦାଖଲ ଖାରଜ ଖାତା ନଂ. ୧୧, ରକବା- ୦.୦୪୨ ଡିସିମିଲ, ଯାହା ସାବିକ ମୌଜା- ଟାଉନ୍ ବିସିନାବର, ସାବିକ ଖାତା ନଂ. ୮୯୨ ଅନୁରୂପ, ପ୍ଲଟ୍ ନଂ. ୪୧୧ ଉପରେ ନିର୍ମିତ ସଂରଚନା ସହିତ ସମସ୍ତ ଭାଗ ଓ ଅଂଶବିଶେଷ । ଆବଦ୍ଧତା ଓ ଚଉହଦୀ: ଉତ୍ତର: ସାଇଟ୍ ଅନୁଯାୟୀ, ଦକ୍ଷିଣ: ସାଇଟ୍ ଅନୁଯାୟୀ, ପୂର୍ବ: ସାଇଟ୍ ଅନୁଯାୟୀ, ପଶ୍ଚିମ: ସାଇଟ୍ ଅନୁଯାୟୀ ।

ତାରିଖ: ୧୬।୦୧।୨୦୨୬ (ପ୍ରାଧିକୃତ ଅଧିକାରୀ)
ସ୍ଥାନ: କଟକ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ

**वरीय पुलिस अधीक्षक का कार्यालय, राँची**
**सर्वसाधारण के लिए सूचना**



नाम–सुभम कुमार पाण्डे, उम्र–26 वर्ष, उँचाई–5 फीट, 6 ईंच, रंग–साँवला, पहनावा–कथा रंग का फुल शर्ट एवं काला रंग का पैंट पहने हुए है।
उपरोक्त लापता व्यक्ति सुभम कुमार पाण्डे, उम्र–26 वर्ष, पिता–सुलखन लोहरा, सा0–मण्डाटाड मोराबादी, बरियातु, जिला–राँची जो दिनांक–24.12.2025 को अपने घर से बगैर बताए कहीं चले गए जो आजतक अपने घर वापस नहीं आए है। जिसके संबंध में बरियातु थाना सनहा संख्या–21/2025, दिनांक–24.12.2025 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।
अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें। **Email ID(rnc-dcb@jhpolice.gov.in)**
पुलिस उपाधीक्षक, सदर, राँची। –9431102090
थाना प्रभारी, बरियातु, राँची। –9431706170
वरीय पुलिस अधीक्षक, राँची
PR 371052 Police(25-26)#D

**वरीय पुलिस अधीक्षक का कार्यालय, राँची**
**सर्वसाधारण के लिए सूचना**



नाम–सरस्वती लोहार, उम्र–19 वर्ष, उँचाई–5 फीट, 2 ईंच, रंग–साँवला, पहनावा–बैंगनी रंग का सूट, भूरा रंग का पायजामा एवं भूरा रंग का स्वेटर पहनी हुई है।
उपरोक्त लापता महिला सरस्वती लोहार, पिता–विजय लोहार, वर्तमान पता–चन्दवे, थाना–पिठौरिया, जिला–राँची, स्थाई पता–हेसला करमाडीह, थाना–झालदा, जिला–पुरुलिया (पं0बंगाल) जो दिनांक–05.01.2025 को घर से बगैर बताए कहीं चली जो आजतक अपने घर वापस नहीं आई है। जिसके संबंध में पिठौरिया थाना सनहा संख्या–27/2026, दिनांक–07.01.2026 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।
अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।
**Email ID(rnc-dcb@jhpolice.gov.in)**
पुलिस उपाधीक्षक, मु0, प्रथम, राँची। –9431742777
थाना प्रभारी, पिठौरिया, राँची। –9431706157
वरीय पुलिस अधीक्षक, राँची
PR 371060 Police(25-26)#D

## ଏନ୍‌ଡିଆର୍‌ଏଫ୍ ପ୍ରତିଷ୍ଠା ଦିବସ

**ବାରଙ୍ଗ,୧୯।୧(ଲିଙ୍ଗରାଜ ରାଉତ)**

ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫ୍ ପରିସରରେ ୨୧ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ବାଟାଲିୟନ କ୍ୟାମ୍ପସ୍‌ରେ ଇନସ୍ପେକ୍ଟର ଏକ୍ସ ବରୁଣ କୁମାରଙ୍କ ନେତୃତ୍ୱରେ ଏକ ପରେଡ ଆୟୋଜନ କରାଯାଇଥିଲା। କମାଣ୍ଡାଣ୍ଟ ନଗେନ୍ଦ୍ର ଶର୍ମା ଓ ଧନଞ୍ଜୟ କୁମାର ଅତିଥି ଭାବେ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ଏହାପରେ ଅତିଥିମାନେ ଯବାନମାନଙ୍କ ଭୂମିକା ଏବଂ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ୧୯ ଜାନୁଆରୀ ୨୦୦୬ରେ ଏଠାରେ ପ୍ରତିଷ୍ଠା ଲାଭ କରି ୨୦୦୬ରେ ଓଡ଼ିଶା ସୁପର ସାଇକ୍ଲୋନ (୧୯୯୯), ଗୁଜରାଟ ଭୂମିକମ୍ପ (୨୦୦୧) ଏବଂ ଭାରତ ମହାସାଗର ସୁନାମି (୨୦୦୪) ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କ ସୁରକ୍ଷା ପାଇଁ ଯବାନମାନଙ୍କ ବିଭିନ୍ନ ପଦକ୍ଷେପ, ନିସ୍ୱାର୍ଥପର ସେବା ପାଇଁ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ଏକ ଭଲ ଖ୍ୟାତି ଅର୍ଜନ କରିପାରିଛି ବୋଲି ଅତିଥିମାନେ କହିଥିଲେ। କଟକ ଏସ୍‌ସିବି ହସ୍ପିଟାଲ ଡାକ୍ତର ଏବଂ କର୍ମଚାରୀଙ୍କ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

# ଆୟୁଷ୍ମାନରେ ଆୟୁଷ ଚିକିତ୍ସା ସାମିଲ ହେବା ଆବଶ୍ୟକ: ସ୍ୱାସ୍ଥ୍ୟମନ୍ତ୍ରୀ

### ପିଏମ୍-ଜେଏୱାଇ ଓ ଏବିଡିଏମ୍ ଚିନ୍ତନ ଶିବିର ଉଦ୍‌ଘାଟିତ

**ଭୁବନେଶ୍ୱର, ୧୯।୧(ବନ୍ଦନା ସେଠୀ)**

ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ଆୟୁଷ ଚିକିତ୍ସା ପ୍ୟାକେଜଗୁଡ଼ିକୁ ସାମିଲ କରିବା ଉପରେ ବିଚାର କରାଯିବା ଉଚିତ। ଏହାଦ୍ୱାରା ଆଧୁନିକ ଔଷଧ ସହିତ ସମନ୍ୱୟ ସ୍ଥାପନ କରାଯାଇପାରିବ। ଏହି ସାମଗ୍ରିକ ଆଭିମୁଖ୍ୟ ଆୟୁଷ ଇକୋସିଷ୍ଟମକୁ ସଶକ୍ତ କରିବା ସହ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ତୃଣମୂଳସ୍ତରକୁ ବିସ୍ତାର କରିବ ଓ ଏକ ବିକଶିତ ଭାରତର ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି।

ସ୍ଥାନୀୟ ଏକ ହୋଟେଲରେ ସୋମବାର ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା (ପିଏମ୍-ଜେଏୱାଇ) ଏବଂ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ (ଏବିଡିଏମ୍) ଉପରେ ଆୟୋଜିତ ଚିନ୍ତନ ଶିବିରକୁ ଉଦ୍‌ଘାଟନ କରି ସ୍ୱାସ୍ଥ୍ୟମନ୍ତ୍ରୀ କହିଲେ, ସମସ୍ତଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇବା ଓଡ଼ିଶା ସରକାରଙ୍କ ପାଇଁ ନିରନ୍ତର ପ୍ରାଥମିକତା ହୋଇଆସିଛି। ଦୁଇଦିନିଆ ଚିନ୍ତନ ଶିବିରରେ ଦେଶରୁ ଅନେକ ପଲିସି ମେକର, ସ୍ୱାସ୍ଥ୍ୟ ପ୍ରଶାସକ ଏବଂ ବିଷୟ ବିଶେଷଜ୍ଞମାନେ ଏକାଠି ହୋଇଛନ୍ତି। ଏଥିରେ ନବସୃଜନ, ଡିଜିଟାଲ ସମନ୍ୱୟ ଏବଂ ସ୍ୱାସ୍ଥ୍ୟସେବା ମାଧ୍ୟମରେ ଆୟୁଷ୍ମାନ ଭାରତକୁ ଆହୁରି ମଜଭୁତ କରିବା ଉପରେ ବିଚାରବିମର୍ଶ କରାଯିବ।



ଚିନ୍ତନ ଶିବିରରେ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହ ଅନ୍ୟ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ଅଶ୍ୱଥି ଏସ. ସ୍ୱାଗତ ଭାଷଣ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ସୁନୀଲ କୁମାର ବର୍ଣ୍ଣୱାଲ ଚିନ୍ତନ ଶିବିର ସମ୍ପର୍କରେ କହିଥିଲେ। ଏହି ଅବସରରେ ଭାଷିନୀ, ଭାରତୀୟ ବିଜ୍ଞାନ ସଂସ୍ଥାନ ବେଙ୍ଗାଲୁରୁ ଏବଂ ରାଷ୍ଟ୍ରୀୟ ଆକ୍ରିଡିଟେଶନ ବୋର୍ଡ ଫର୍ ହସ୍ପିଟାଲ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଲାଭ ପ୍ୟାକେଜ୍ ମାନୁଆଲ- ଦ୍ୱିତୀୟ ଭାଗ, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ବେଷ୍ଟ ପ୍ରାକ୍ଟିସ ପୁସ୍ତିକା ଉନ୍ମୋଚନ ହୋଇଥିଲା। ସେହିପରି ସ୍ୱାସ୍ଥ୍ୟସେବା ସୁବିଧା ପ୍ୟାକେଜ୍ ଏବଂ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶ୍ରେଷ୍ଠ ପ୍ରମାଣିତ ପଦ୍ଧତି ସମ୍ବଳିତ ପୁସ୍ତିକା ଉନ୍ମୋଚନ ହୋଇଥିଲା। ଶିବିରରେ ସମୁଦାୟ ୬ଟି ଅଧିବେଶନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସୂଚନା ଅନୁସାରେ, ଆୟୁଷ୍ମାନ ଭାରତ ଯୋଜନା ଏବଂ ଗୋପବନ୍ଧୁ ଯୋଜନାରେ ରାଜ୍ୟର ୩.୫୨ କୋଟି ଲୋକ ସାମିଲ ଅଛନ୍ତି। ଏଥିନିମନ୍ତେ ୩୨ ହଜାର ସରକାରୀ ଏବଂ ବେସରକାରୀ ମେଡିକାଲକୁ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ୨୨.୫୨ ଲକ୍ଷ ଲୋକ ସାମିଲ ହୋଇଛନ୍ତି।

# 'ବିକଶିତ ଓଡ଼ିଶା' ଲକ୍ଷ୍ୟ ମାନବ ସମ୍ବଳ ବିକାଶ ଉପରେ ଆଧାରିତ: ମନ୍ତ୍ରୀ



କାର୍ଯ୍ୟକ୍ରମରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସହ ଅନ୍ୟ ଅତିଥିମାନେ।

### ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋଶିପ୍ କାର୍ଯ୍ୟକ୍ରମର ତୃତୀୟ ଏକାଡେମିକ୍ ଫୋରମ

**ଭୁବନେଶ୍ୱର,୧୯।୧(ସୁଚିସ୍ମିତା ସାହୁ)**

ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋଶିପ କାର୍ଯ୍ୟକ୍ରମର ତୃତୀୟ ଏକାଡେମିକ ଫୋରମ ୱାର୍ଲ୍ଡ ସ୍କିଲ୍ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରି କହିଲେ, ୨୦୩୬ ମସିହାରେ ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ 'ବିକଶିତ ଓଡ଼ିଶା' ଗଠନ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହା ମୂଳତଃ ମାନବ ସମ୍ବଳ ବିକାଶ ଉପରେ ଆଧାରିତ। ଏହି ଯାତ୍ରାରେ ଦକ୍ଷତା ବିକାଶ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ପ୍ରତ୍ୟେକ ଯୁବକଙ୍କ ପାଖରେ ଦକ୍ଷତା ବିକାଶ, ନିଯୁକ୍ତି ଏବଂ ନିରନ୍ତର ଅଭିବୃଦ୍ଧିର ସୁଯୋଗ ରହିବା ଆବଶ୍ୟକ। କେବଳ ଯୋଜନା ଏବଂ ଭିତ୍ତିଭୂମି ଦ୍ୱାରା ଏହି ପରିବର୍ତ୍ତନ ସମ୍ଭବ ନୁହେଁ। ଏଥିପାଇଁ ପ୍ରତିବଦ୍ଧ ପେସାଦାରମାନଙ୍କ ଆବଶ୍ୟକତା ରହିଛି, ଯେଉଁମାନେ ସ୍ପଷ୍ଟ ଲକ୍ଷ୍ୟ ନେଇ କ୍ଷେତ୍ରସ୍ତରରେ କାର୍ଯ୍ୟ କରିବେ। ଏହି ଫେଲୋସିପ କାର୍ଯ୍ୟକ୍ରମ ଜିଲାସ୍ତରରେ ଯୁବ ପେସାଦାରମାନଙ୍କୁ ନିୟୋଜିତ କରି ବିକେନ୍ଦ୍ରୀକୃତ ଦକ୍ଷତା ଶାସନ ପ୍ରକ୍ରିୟାକୁ ଅଧିକ ଶକ୍ତିଶାଳୀ କରିଛି। ସରକାରୀ ନୀତି ଏବଂ ଏହାର କାର୍ଯ୍ୟକାରିତା ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବାରେ ସହାୟକ ହୋଇଛି। ସ୍ଥାନୀୟ ଆବଶ୍ୟକତା ଏବଂ ଶିଳ୍ପକ୍ଷେତ୍ରର ଚାହିଦା ଅନୁଯାୟୀ ଜିଲାଭିତ୍ତିକ ଦକ୍ଷତା ସମାଧାନ ପାଇଁ ଫେଲୋମାନଙ୍କର ଅଭିନବ କ୍ଷେତ୍ରସ୍ତରୀୟ ପଦକ୍ଷେପ ଏବଂ ଅବଦାନକୁ ସେ ପ୍ରଶଂସା କରିଥିଲେ। ୨୦୩୬ ସୁଦ୍ଧା 'ବିକଶିତ ଓଡ଼ିଶା' ଗଠନର ସ୍ୱପ୍ନକୁ ଦୋହରାଇ ସେ ଫେଲୋମାନଙ୍କୁ ଭବିଷ୍ୟତ-ଉପଯୋଗୀ ଦକ୍ଷତା ବିକାଶ, ସାମଗ୍ରିକ ଅଭିବୃଦ୍ଧି ସହିତ ସ୍ଥାନୀୟ ଅର୍ଥନୈତିକ ବିକାଶ ସହ ସମନ୍ୱୟ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ବିଭାଗର ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ, ଟାଟା ଷ୍ଟ୍ରାଇଭ୍‌ର ସିଓଓ ଅମେୟ ବଞ୍ଜାରୀ ଏବଂ ଆଇଏସ୍‌ବି ହାଇଦ୍ରାବାଦର ବରିଷ୍ଠ ନିର୍ଦ୍ଦେଶକ ଡି.ଏନ.ଭି. କୁମାର ଗୁରୁଙ୍କ ସମେତ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋମାନେ ଯୋଗଦେଇଥିଲେ।

## ଅରବିନ୍ଦ ଢାଲିଙ୍କ କୁଶପୁତ୍ତଳିକା ଦାହ

**ବାଲକାଟୀ,୧୯।୧(ମନୋଜ ମଣ୍ଡଳ)**

ଅନୁସୂଚିତ ଜାତି ଓ ଜନଜାତିର ଲୋକେ ବାଲକାଟୀ ବଜାରଠାରେ ସୋମବାର ସନ୍ଧ୍ୟାରେ ପୂର୍ବତନ ବିଧାୟକ ଅରବିନ୍ଦ ଢାଲିଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଏମ୍‌ୱାଇଏସ୍‌ଏଫ୍‌ର ରାଜ୍ୟ ସଭାପତି ବିଜୟ କୁମାର ଭୋଇ, ମିଡ଼ିଆ ସେଲ ଗଗନ ଭୋଇ, ବରିଷ୍ଠ କଂଗ୍ରେସ ନେତା ବେଣୁଧର ଭୋଇ, ପୂର୍ବତନ ଜିଲା ପରିଷଦ ସଭ୍ୟ କାହ୍ନୁ ଚରଣ ଦାସ, ଯୁବ ନେତା ବାସୁଦେବ ଭୋଇ, କାଳନ୍ଦୀ ସାମଲ, ସୁବାସ ଭୋଇ, ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ତିନିଦିନ ତଳେ ଢାଲି ସୋସିଆଲ ମିଡ଼ିଆରେ ଦଳିତଙ୍କ ସଂରକ୍ଷଣ ଉଠେଇ ଦେବା ଦରକାର ବୋଲି ମନ୍ତବ୍ୟ ଦେଇଥିଲେ। ଏନେଇ ଅସନ୍ତୋଷ ପ୍ରକାଶ ପାଇଥିଲା।

# ମିଳିଥିବା ଡିଗ୍ରୀ, ଜ୍ଞାନକୁ ସମାଜ ବିକାଶରେ ଲଗାନ୍ତୁ : ରାଜ୍ୟପାଳ




### ଓୟୁଟିଆର୍‌ର ତୃତୀୟ ସମାବର୍ତ୍ତନ ଉତ୍ସବ

### ୩୨ଜଣଙ୍କୁ ପଦକ, ୧୧୪୪ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ସାର୍ଟିଫିକେଟ ପ୍ରଦାନ

**ଭୁବନେଶ୍ୱର,୧୯।୧(ଅନୁରାଧା ମହାରଣା)**

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ର ତୃତୀୟ ସମାବର୍ତ୍ତନ ଉତ୍ସବ ଭୁବନେଶ୍ୱରସ୍ଥିତ ରେଲ ଅଡିଟୋରିୟମଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏଥିରେ ସଭାପତିତ୍ୱ କରି କହିଲେ, ଓୟୁଟିଆର୍ ପାଠପଢ଼ା ସହ ଗବେଷଣା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏଆଇ, ଡାଟା ସାଇନ୍ସ, ଅଟୋମେଶନ ରିନ୍ୟୁଏବଲ ଏନର୍ଜି ଓ ସ୍ପେଶ ଟେକ୍ନୋଲୋଜି ଆଉ ସ୍ୱପ୍ନ ନାହିଁ। ଏହା ଏବେ ଦୈନନ୍ଦିନ ଜୀବନର ଆବଶ୍ୟକ ହୋଇଗଲାଣି। ଛାତ୍ରୀଛାତ୍ରଙ୍କ ଜୀବନରେ ଆଜିଠାରୁ ଏକ ନୂଆ ଯାତ୍ରା ଆରମ୍ଭ ହେବ। ବିଶ୍ୱବିଦ୍ୟାଳୟରୁ ମିଳିଥିବା ଡିଗ୍ରୀ ଓ ଜ୍ଞାନକୁ ସମାଜର ବିକାଶ ସହ ବୃହତ୍ତର ସ୍ୱାର୍ଥରେ ଲଗାଇବା ଦରକାର। ଛାତ୍ରୀଛାତ୍ରମାନେ ବିକଶିତ ଓଡ଼ିଶା, ବିକଶିତ ଭାରତ ଗଠନ ଦିଗରେ ବଳିଷ୍ଠ ଯୋଗଦାନ ଦେବାକୁ ରାଜ୍ୟପାଳ ଆହ୍ୱାନ ଦେବା ସହ ସାହସ ଓ ଆତ୍ମବିଶ୍ୱାସ ରଖି ଏହି ଦିଗରେ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ।

ମୁଖ୍ୟ ଅତିଥି ଭାବେ ଭାରତୀୟ ପ୍ରଯୁକ୍ତି ସଂସ୍ଥାନ କାନପୁରର ପ୍ରଫେସର ମନିନ୍ଦ୍ର ଅଗ୍ରୱାଲ ଯୋଗଦେଇ ଡିଗ୍ରୀ ପାଉଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ପରିଶ୍ରମର ଫଳ ମିଳିଥିବା କହିଥିଲେ। ପ୍ରଯୁକ୍ତିବିଦ୍ୟା ଏବଂ ଅଭିନବୀକରଣକୁ ଗୁରୁତ୍ୱ ଦେଇ ଛାତ୍ରୀଛାତ୍ର ବିଶ୍ୱ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବା ଆବଶ୍ୟକ। କୁଳପତି ବିଭୂତି ଭୂଷଣ ବିଶ୍ୱାଳ ସ୍ୱାଗତ ଭାଷଣରେ କହିଲେ, ଶିକ୍ଷାର ସର୍ବୋଚ୍ଚ ଲକ୍ଷ୍ୟ କେବଳ ଡିଗ୍ରୀ କିମ୍ବା ଜୀବିକା ନୁହେଁ। ଡିଗ୍ରୀ ମନୁଷ୍ୟକୁ ଚାକିରି ଦେଇପାରେ, ପ୍ରଯୁକ୍ତି ତାକୁ ସଶକ୍ତ କରିପାରେ, ମାତ୍ର ମୂଲ୍ୟବୋଧ ମନୁଷ୍ୟକୁ ମହାନ୍ କରେ। ଏହି ଅବସରରେ ୭୩୯ଜଣଙ୍କୁ ସ୍ନାତକ, ୩୩୭ ଜଣଙ୍କୁ ସ୍ନାତକୋତ୍ତର, ୪ଜଣଙ୍କୁ ପ୍ରଥମଥର ପାଇଁ ପିଏଚ୍‌ଡି, ୬୪ଜଣଙ୍କୁ ବିଜ୍ଞାନରେ ସ୍ନାତକ ସହ ମୋଟ ୧୧୪୪ଜଣଙ୍କୁ ଡିଗ୍ରୀ ସାର୍ଟିଫିକେଟ ଦିଆଯାଇଥିଲା। ସେହିପରି ବିଶ୍ୱବିଦ୍ୟାଳୟର ଜଣଙ୍କୁ କୁଳପତି ପଦକ, ୨ଜଣଙ୍କୁ ସ୍ୱର୍ଣ୍ଣପଦକ ଓ ୨୯ଜଣଙ୍କୁ ରୌପ୍ୟ ପଦକ ମିଳିଥିଲା। ରେଜିଷ୍ଟ୍ରାର ପ୍ରଫେସର ମୀରା ବିଶ୍ୱବନ୍ଧ୍ୟା, ପ୍ରଫେସର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ, ପ୍ରଫେସର ରଞ୍ଜନ କୁମାର ଜେନା, ପ୍ରଫେସର ଅରୁଣା ତ୍ରିପାଠୀ ଉପସ୍ଥିତ ଥିଲେ।

### ନିରୁଦ୍ଦିଷ୍ଟ

ପ୍ରାଚୀ ରିସୋର୍ଟସ ପ୍ରାଇଭେଟ୍ **ଲିମିଟେଡ୍**, ୬, ଜନପଥ, ଭୁବନେଶ୍ୱର ସର୍ବସାଧାରଣଙ୍କ ଅବଗତି ପାଇଁ ଜଣାଉଛି ଯେ ଆମର ନିମ୍ନଲିଖିତ ଜମିର ମୂଳ କବଲା ଉଇ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦେଇଛି। କବଲା ସଂଖ୍ୟା-୪୯୨୯ ଏବଂ ୪୯୩୦, ତା-୨୭/୦୫/୧୯୭୨, ପ୍ଲଟ୍ ନଂ- ୬, ୭, ୧୮ ଏବଂ ୧୯, ରାଜସ୍ୱ ପ୍ଲଟ୍ ନଂ - ୩୮୦, ଖାତା ନଂ - ୨୯୮, କ୍ଷେତ୍ର - ୨.୩୩ ଏକର, ମୌଜା - ଖାରବେଳ ନଗର, ଭୁବନେଶ୍ୱର।

## ତ୍ରିବେଣୀ ମହୋତ୍ସବ ଉଦ୍‌ଘାଟିତ

**ବାଲିପାଟଣା,୧୯।୧(ଅଭିମନ୍ୟୁ ନାୟକ)**

ବାଲିପାଟଣା ବ୍ଲକ ଅନ୍ତର୍ବେଦୀ ପୀଠସ୍ଥିତ ତ୍ରିବେଣୀ ଯାତ୍ରା ପଡିଆରେ 'ଆମ ସଙ୍ଗଠନ' ଆନୁକୂଲ୍ୟରେ ସୋମବାର ତ୍ରିବେଣୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଆମ ସଙ୍ଗଠନ ମୁଖ୍ୟ କମଳ କୁମାର ପାତ୍ର ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ଯୋଗଦେଇ କହିଥିଲେ ଯେ, ପ୍ରାଚୀନ ପ୍ରାଚି ତଟରେ ତ୍ରିବେଣୀ ଯାତ୍ରାର ପୁନରୁଦ୍ଧାର ପାଇଁ ଆମ ସଙ୍ଗଠନର ପ୍ରୟାସ ଅଞ୍ଚଳରେ ଏକ ସାଂସ୍କୃତିକ ଓ ଆଧାତ୍ମିକ ଚେତନାର ବାସ୍ତବିକ ଚିତ୍ର। ଜିଲା ପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ, ପବିତ୍ର ମୋହନ ପଟେଲ, ସୁକନ୍ୟା ସେଠୀ, ବିଜେଡି ବ୍ଲକ ସଭାପତି କିଶୋର ଜେନା, ପ୍ରଦ୍ୟୁମ୍ନ ସେନାପତି, ହରମୋହନ ସ୍ୱାଇଁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ହରପ୍ରିୟା ଦାସ ଅତିଥିଭାବେ ଉପସ୍ଥିତ ଥିଲେ। ଶାରଳା ଘଣ୍ଟ ନୃତ୍ୟ, ଓଡ଼ିଶୀ ଏବଂ ଲିପ୍ସା ମହାପାତ୍ରଙ୍କ ମେଲୋଡି ଗ୍ରୁପ ଦର୍ଶକଙ୍କ ମନମୋହିଥିଲା।


ତ୍ରିବେଣୀ ମହୋତ୍ସବରେ ଅତିଥିଙ୍କ ସହ କଳାକାରମାନେ।

## ରାଜ୍ୟସ୍ତରୀୟ କ୍ରୀଡ଼ା ଉତ୍ସବ

**ବାଲିଅନ୍ତା,୧୯।୧(ନୀଳମାଧବ ସାହୁ)**

ଉତ୍କଳ ଶିକ୍ଷା ବିକାଶ ପରିଷଦ ଆନୁକୂଲ୍ୟରେ ସରସ୍ୱତୀ ଶିକ୍ଷା ମନ୍ଦିର ସହଯୋଗରେ ଦ୍ୱିତୀୟ ବାର୍ଷିକ ରାଜ୍ୟସ୍ତରୀୟ କ୍ରୀଡ଼ା ଉତ୍ସବ-୨୦୨୬ ନହରକଣ୍ଟାସ୍ଥିତ ଖେଳପଡ଼ିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପରିଷଦ ଅଧୀନ ବିଭିନ୍ନ ଜିଲାରୁ ୧୮ଟି ବିଦ୍ୟାଳୟର ୩୦୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସବ୍ ଜୁନିଅର, ଜୁନିଅର, ସିନିୟର୍-୧, ସିନିୟର-୨ ଗ୍ରୁପର ଉଭୟ ବାଳିକା ଓ ବାଳକ ବିଭାଗରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ଉତ୍କଳ ଶିକ୍ଷା ବିକାଶ ପରିଷଦ ସଭାପତି ମଙ୍ଗୁଳି ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଭାରତୀୟ ମହିଳା କ୍ରିକେଟ୍ ଖେଳାଳି କାଦମ୍ବିନୀ ମହାକୁଡ଼, ମୁଖ୍ୟବକ୍ତା ଭାବେ ପୂର୍ବତନ କ୍ରିକେଟର ତଥା କୋଚ୍ ଗିରିଶ ପ୍ରସାଦ ମହାପାତ୍ର, ସମ୍ମାନିତ ଅତିଥିଭାବେ ପରିଷଦର ବରିଷ୍ଠ ସଭ୍ୟ ଦୁର୍ଗା ପ୍ରସାଦ ତ୍ରିପାଠୀ, ଗୁଣନିଧି ମୁଦୁଲି, ସରୋଜ କୁମାର ରାଉତ, ଦାଶରଥି ମହାପାତ୍ର, ସୁମିତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୭୨ ଜଣ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଶିକ୍ଷା ବିକାଶ ପରିଷଦର ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିଶ୍ୱଭୂଷଣ ବାରିକ ପରିଚାଳନା କରିଥିଲେ।


**Government of Odisha**
**Office of the Superintending Engineer**
**Rural Works Division-I, Nabarangpur**
e-mail - eerwngp@rediffmail.com
No.O-2086

Letter No. : 317 Date : 16.01.2026

**e-Procurement Notice**

Name of the work : Road Works, Total No. of works : 20 (Twenty) No's., Approx. Estimated Cost : Rs. 5.08 lakhs to Rs. 31.78 lakhs, Class of Contractor : "B", "C" & "D" Class Contractor, Period of completion : 1 (One) Calendar Month

| Procurement Officer | Bid Identification No. | No. of Works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | 4 | 5 | 6 | 7 |
| Rural Works Division-I, Nabarangpur | EERWNGP - Online-11/2025-26 | 20 (Twenty) No's | 22.01.2026 at 10.00 A.M. | 30.01.2026 up to 03.00 P.M. | 31.01.2026 at 11.00 A.M. | |

For details can be seen from the Government website www.tendersorissa.gov.in.

Sd./- Executive Engineer
Rural Works Division-I, Nabarangpur
OIPR-

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE : KEONJHAR**
No.O-2058
email : se_nerwkjr@rediffmail.com

**eProcurement Notice for Road Works**

**Bid Identification No. NCB-39 / RWCKJR / 2025-26**
**No. 237 / Date : 15.01.2026**

1. Name of the Work : **S/R to roads in the District of Keonjhar for the year 2025-26.** 2. No. of Work : **02 (Two) Nos.** 3. Estimated Cost : As per Annexure in NIT. 4. Class of Contractor (Eligible) : As per Annexure in NIT. 5. Period of Completion : As per Annexure in NIT. 6. Other details :

| Procurement Officer | Bid Identification No. | Availability of Tender On-line for Bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-39 / RWCKJR / 2025-26 | Dt.22.01.26 at 11.00 A.M. | Dt.05.02.26 up to 5.00 P.M. | Dt.04.02.26 up to 5.00 P.M. | Dt.06.02.26 at 11.00 A.M. | Will be intimated later |

• **Further details can be seen from the website : www.tendersorissa.gov.in**

Sd./- Chief Construction Engineer
R.W. Circle, Keonjhar
OIPR-

**DISTRICT PROJECT OFFICE**
**SAMAGRA SHIKSHA, SUNDARGARH, ODISHA**
In front of B.S. High School, At/PO/Dist - Sundargarh, PIN - 770001
Email - dpcsndgssa.opepa@nic.in Phone No. - 06622-273718

Letter No.162/PDG/Date : 19.01.2026

**NOTICE INVITING TENDER (NIT)**

Sealed tenders are invited from the reputed & credible printers/firms/agencies for printing & supply of "Question cum Answer Sheet, Answer key & Oral questions" for SA-II 2025-26 for Class-I to IV & Cl-VI & VII and Annual examination of V & VIII for General Students MLE students, Hindi/Urdu (Persian) medium students for the year 2025-26 of all Govt. & Govt. Aided Schools of Sundargarh district in two systems (Technical & Financial Bid) through Speed Post/Registered Post/Courier only as detailed below.

| Name of Tender | Bid processing fees | Amount of EMD | Last Date & time of receipt of Bid | Date & Time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II 2025-26 for Class-I to IV & VI & VII Annual Examination of V & VIII Students | Rs.2000/- | Rs.55000/- | 29.01.2026 (Upto 5.00 P.M.) | 30.01.2026 at 11.00 A.M. |

The detailed BID document is available in the website www.sundargarh.odisha.gov.in & www.osepa.odisha.gov.in. Intersted and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.

By the Order of Collector-cum-Chairperson, Sundargarh
Sd./-DEO-cum-DPC, SS Sundargarh

**OFFICE OF THE**
**SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
**Bid Identification No.S.E.E.C (R&B) 27/2025-26**
**No : 55/Date 06.01.2026/**

**No.B-953** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.22.01.2026 at 05.00 P.M. to dt.07.02.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.09.02.2026 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B), Odisha, BBSR
OIPR-

**kotak କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍**
ପଞ୍ଜୀକୃତ କାର୍ଯ୍ୟାଳୟ: ୨୭ ବିକେସି, ସି-୨୭, ଜି-ବ୍ଲକ୍, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂର୍ବ), ମୁମ୍ବାଇ-୪୦୦୦୫୧
ଶାଖା କାର୍ଯ୍ୟାଳୟ:- "ବ୍ଲକ୍ - ଏ, ୪ର୍ଥ ମହଲା, ୨୨ କାମାକ ଷ୍ଟ୍ରିଟ, କୋଲକାତା-୭୦୦୦୧୬"

**ପରିଶିଷ୍ଟ IV [ନିୟମ ୮ (୧) ଦେଖନ୍ତୁ]**
**ଦଖଲ ନୋଟିସ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ଯେହେତୁ, ନିମ୍ନ ସ୍ୱାକ୍ଷରକାରୀ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍‌ର ପ୍ରାଧିକୃତ ଅଧିକାରୀ, ବ୍ୟାଙ୍କିଙ୍ଗ୍ ନିୟାମକ ଅଧିନିୟମ, ୧୯୪୯ର ଅର୍ଥ ମଧ୍ୟରେ ଥିବା ଏକ ବ୍ୟାଙ୍କିଙ୍ଗ୍ କମ୍ପାନୀ, ପଞ୍ଜୀକୃତ କାର୍ଯ୍ୟାଳୟ ସ୍ଥାନ: ୨୭ବିକେସି, ସି ୨୭, ଜି ବ୍ଲକ୍, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ଇ), ମୁମ୍ବାଇ - ୪୦୦୦୫୧ ଏବଂ ଶାଖା କାର୍ଯ୍ୟାଳୟ ସ୍ଥାନ ୪ର୍ଥ ମହଲା, ବ୍ଲକ୍-ଏ, ୨୨ କାମାକ୍ ଷ୍ଟ୍ରିଟ, କୋଲକାତା- ୭୦୦୦୧୬, ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ("ସରଫାଏସି ଅଧିନିୟମ") ଅଧୀନରେ ତଥା ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୧୩ (୧୨) ସହିତ ପଠନପୂର୍ବକ ନିୟମ ୩ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି **ତା୨୭।୧୨।୨୦୨୪ରିଖରେ ଋଣ ଖାତା ନଂ.- ୧୩୮୯୭୯୨୫** ନିମନ୍ତେ ଋଣଗ୍ରହୀତା/ଗଣ / ପକ୍ଷବୃନ୍ଦ **ମେସର୍ସ ଭାରତ ଟ୍ରେଡିଂ କୋ (ଋଣଗ୍ରହୀତା) କୌଶଲ୍ୟା ଦେବୀ ମୋଦି (ଗ୍ୟାରେଣ୍ଟିଦାତା), ପୱନ କୁମାର ମୋଦି (ଗ୍ୟାରେଣ୍ଟିଦାତା), ସଞ୍ଜୟ କୁମାର ମୋଦି (ଗ୍ୟାରେଣ୍ଟିଦାତା ଓ ବନ୍ଧକଦାତା), ପ୍ରିୟଙ୍କା ମୋଦି (ଗ୍ୟାରେଣ୍ଟିଦାତା ଓ ବନ୍ଧକଦାତା)**ଙ୍କୁ ଏକ ଡିମାଣ୍ଡ ନୋଟିସ ଜାରି କରି ନୋଟିସରେ ଦର୍ଶିତ ଅର୍ଥରାଶି ଅର୍ଥାତ୍ **ଋଣ ଖାତା ନଂ. ୧୩୮୯୭୯୨୫ ଅଧୀନରେ ଟ.୨,୫୧,୮୦,୪୬୦.୮୭/- (ଟଙ୍କା ଦୁଇକୋଟି ଏକାବନ ଲକ୍ଷ ଅଶୀ ହଜାର ଚାରିଶହ ଷାଠିଏ ଏବଂ ସତାଅଶୀ ପଇସା ମାତ୍ର)** ଉକ୍ତ ଡିମାଣ୍ଡ ନୋଟିସ୍ ପ୍ରାପ୍ତିର ୬୦ ଦିନ ମଧ୍ୟରେ ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଉପରୋକ୍ତ ଋଣଗ୍ରହୀତା/ଗଣ / ଗ୍ୟାରେଣ୍ଟିଦାତା/ଗଣ /ବନ୍ଧକଦାତା ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ଏତଦ୍ୱାରା ଋଣଗ୍ରହୀତା/ଗଣ / ଗ୍ୟାରେଣ୍ଟିଦାତା/ଗଣ /ବନ୍ଧକଦାତା ତଥା ସାଧାରଣ ଭାବେ ଜନସାଧାରଣଙ୍କୁ ନୋଟିସ ଦିଆଯାଉଛି ଯେ, ନିମ୍ନ ସ୍ୱାକ୍ଷରକାରୀ ଉପରୋକ୍ତ ନିୟମାବଳୀର ନିୟମ ୮ ସହିତ ପଠନପୂର୍ବକ ଉପରୋକ୍ତ ଅଧିନିୟମର ଧାରା ୧୩(୪) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି **ତା୧୬।୦୧।୨୦୨୬ରିଖ** ଦିନ ନିମ୍ନବର୍ଣ୍ଣିତ ସମ୍ପତ୍ତିର ବାସ୍ତବିକ ଦଖଲ ନେଇଛନ୍ତି ।

ବନ୍ଧକ ପରିସମ୍ପତ୍ତିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସଂକ୍ରାନ୍ତରେ ଅଧିନିୟମର ଧାରା ୧୩ର ଉପ-ଧାରା (୮)ର ପ୍ରାବଧାନ ପ୍ରତି ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି।

ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପକ୍ଷରୁ ଦିନିକିଆ ମଧ୍ୟ-ଶୀତକାଳୀନ ଜଳଚର ପକ୍ଷୀଗଣନା ସୋମବାର ଶେଷ ହୋଇଛି। ଗତବର୍ଷ ଅପେକ୍ଷା ଚଳିତବର୍ଷ ପକ୍ଷୀସଂଖ୍ୟା ବୃଦ୍ଧି ପାଇଛି। ଗଣନାରେ ୭୨ ପ୍ରଜାତିର ମୋଟ ୨,୭୨୭ ଜଳପକ୍ଷୀ ରେକର୍ଡ କରାଯାଇଛି। ପକ୍ଷୀଗଣନା ନିମନ୍ତେ ନନ୍ଦନକାନନ ପକ୍ଷରୁ ୯ଟି ସର୍ଭେ ଦଳ ଗଠନ କରାଯାଇଥିଲା। ଏଥିରେ ସମୁଦାୟ ୫୫ଜଣ ପକ୍ଷୀ ବିଶେଷଜ୍ଞ, ଛାତ୍ର ଏବଂ ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ। ଏହି ଦଳ ଅଭୟାରଣ୍ୟ ଏବଂ ଆଖପାଖରେ ଥିବା ଆର୍ଦ୍ରଭୂମି ଯେପରି କାଞ୍ଜିଆ ହ୍ରଦ, କିଆଖଣି ହ୍ରଦ, ବଡ଼ବାଙ୍କ ପାଟ, କଟୁରିଘସା ପାଟ, ଚୁଡ଼ଙ୍ଗ ଓ କୃଷ୍ଣନଗର ସଂରକ୍ଷିତ ଜଙ୍ଗଲରେ ଥିବା ଅନେକ ଛୋଟ ଏବଂ ବଡ଼ ଜଳାଶୟ ପାଖକୁ ଯାଇ ସର୍ଭେ କରିଥିଲେ। ଗତବର୍ଷ ଗଣନାରେ ୫୫ ପ୍ରଜାତିର ୧୬୦୨ ପକ୍ଷୀ ରେକର୍ଡ କରାଯାଇଛି। ଚଳିତ ବର୍ଷ ୧୭ ନୂଆ ପ୍ରଜାତିର ୧୧୨୫ଟି ଅଧିକ ଜଳଚର ପକ୍ଷୀ ଆସିଛନ୍ତି ବୋଲି ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

# ବାବାସାହେବଙ୍କୁ ଅସମ୍ମାନ ନେଇ ଥାନାରେ ଅଭିଯୋଗ

### ଅପଶବ୍ଦ ବ୍ୟବହାର କରି ସୋସିଆଲ ମିଡିଆରେ ପୋଷ୍ଟ

ଭୁବନେଶ୍ୱର,୧୯।୧(ତ୍ରିନାଥ ମହାନ୍ତି)

ବାବାସାହେବ ଆମ୍ବେଡକରଙ୍କ ପ୍ରତି ଅସମ୍ମାନ ଏବଂ ମାନହାନୀ ନେଇ ସୋସିଆଲ ମିଡିଆରେ ପୋଷ୍ଟ କରିବା ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଛି। ଆମ୍ବେଡକର ସମାଜସେବୀ ସଂଗଠନର ରାଜ୍ୟ ସଭାପତି ବୀରେନ୍ଦ୍ର ନାୟକ ଏନେଇ ଥାନାରେ ଅଭିଯୋଗ ହୋଇଛି। ବୀରେନ୍ଦ୍ରଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲାର ତଦନ୍ତ କରୁଛି।

ଅଭିଯୋଗ ଅନୁଯାୟୀ, ତପି ମିଶ୍ର ନାମକ ଯୁବକ ସୋସିଆଲ ମିଡିଆରେ ବାବାସାହେବଙ୍କ ପ୍ରତି ଅସମ୍ମାନ ଏବଂ ଅପଶବ୍ଦ ପ୍ରୟୋଗ କରିଛନ୍ତି। ସେ ବାରମ୍ବାର ଅପଶବ୍ଦ ବ୍ୟବହାର କରୁଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି, ଯେଉଁଥିପାଇଁ ତାଙ୍କର ସାହସ ବଢୁଛି। ଗତ ଡିସେମ୍ବରରେ ବାବାସାହେବଙ୍କୁ ଦିଆଯାଉଥିବା 'ଜୟ ଭୀମ' ନାରାକୁ କଟାକ୍ଷ କରିଥିବାରୁ ତାଙ୍କ ନାମରେ କ୍ୟାପିଟାଲ ଥାନାରେ ମାମଲା ହୋଇଥିଲା। ଏବେ ପୁଣି ବାବାସାହେବଙ୍କ ମୂର୍ତ୍ତି ଉପରେ କାଉ ମଳ ତ୍ୟାଗ କରିବାକୁ ନେଇ କଟାକ୍ଷ କରିଛନ୍ତି, ଯାହାକୁ ପରବର୍ତ୍ତୀ ସମୟରେ ସୋସିଆଲ ମିଡିଆରେ ଛାଡ଼ିଥିଲେ। ଫଳରେ ବାବାସାହେବଙ୍କୁ ଭଲ ପାଉଥିବା ପ୍ରତିଟି ଲୋକଙ୍କ ମନରେ ଆଘାତ ଲାଗିବା ସହ ସମାଜରେ ଅଶାନ୍ତ ଏବଂ ହିଂସା ଘଟିବାର ଆଶଙ୍କା ରହିଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

# ୨୧ରୁ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା'

### ଯୋଗଦେବେ ୮୧୬୪ ଜଣ ମତ୍ସ୍ୟଚାଷୀ, ପ୍ରାଣିପାଳକ

- ଚାଷୀଙ୍କ ପ୍ରଶ୍ନର ଉତ୍ତର ରଖିବେ ମନ୍ତ୍ରୀ
- ଆକର୍ଷଣ ସାଜିବ ହରିୟାଣା ମଇଁଷି ସୁର୍‌ବୀର, ଷଣ୍ଢ ଇନ୍ଦର
- ମନ ଜିଣିବ ଡଗ୍ ଶୋ, ପେଟ୍ ଫ୍ୟାଶନ ଶୋ



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମାବେଶ ସମ୍ପର୍କରେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର,୧୯।୧(ଅନୁରାଧା ମହାରଣା)

ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ ଜନତା ମଇଦାନରେ ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ। ଏହା ୨୩ ପର୍ଯ୍ୟନ୍ତ ଚାଲିବ ବୋଲି ଓୟୁଏଟି ଭେଟେରିନାରି କଲେଜ ଅଡିଟୋରିୟମରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଲେ, କ୍ଷୀର, ମାଂସ, ଅଣ୍ଡା ଓ ମାଛ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳ ହେବ। ଏକ୍ଷେତ୍ରରେ ଚାଷୀଙ୍କୁ ଉତ୍ସାହିତ କରିବା ସହ ବଜାର ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏହି ସମାବେଶକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ସେହିପରି ଉଦ୍‌ଯାପନୀ ସମାରୋହରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଉପସ୍ଥିତ ରହିବେ। ଚଳିତ ବର୍ଷର ଥିମ୍ ରହିଛି 'ମତ୍ସ୍ୟ-ପ୍ରାଣୀ ଏବେ ନୂତନ ଦିଶା ; ବିକଶିତ ହେବ ଆମ ଓଡ଼ିଶା'। ସମାବେଶରେ ପ୍ରତି ବ୍ଲକରୁ ୨୬ଜଣ ଲେଖାଏ ମୋଟ ୮୧୬୪ ଜଣ ମତ୍ସ୍ୟଚାଷୀ ଓ ପ୍ରାଣିପାଳକ ଯୋଗଦେବେ। ପ୍ରତ୍ୟେକ ଉପଖଣ୍ଡରୁ ୬ଜଣ ସଫଳ ପ୍ରାଣିପାଳକ ଓ ମତ୍ସ୍ୟଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ବିଭାଗ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୦ଜଣ ଶ୍ରେଷ୍ଠ ଅଧିକାରୀ ଏବଂ ବକ୍ତୃତା ଓ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ।

୨୧ ତାରିଖ ସକାଳେ କଳିଙ୍ଗ ଷ୍ଟାଡିୟମରୁ ଜନତା ମଇଦାନ ପର୍ଯ୍ୟନ୍ତ ଏକ ୱାକାଥନ ଆୟୋଜିତ ହେବ। ସମାବେଶରେ ୧୨ଟି ଇଣ୍ଟରାକ୍ଟିଭ ପ୍ୟାନେଲ ଆଲୋଚନାଚକ୍ର ଅନୁଷ୍ଠିତ ହେବ। 'ମନ୍ତ୍ରୀଙ୍କୁ ପଚାରନ୍ତୁ' କାର୍ଯ୍ୟକ୍ରମରେ ଚାଷୀଙ୍କ ପ୍ରଶ୍ନର ସିଧାସଳଖ ଉତ୍ତର ରଖିବେ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ୩ଟି ହ୍ୟାଙ୍ଗର୍‌ରେ ପ୍ରାୟ ୨୦୮ ଷ୍ଟଲ୍‌ରେ ମତ୍ସ୍ୟ, ପ୍ରାଣିପାଳନ, ବିଭିନ୍ନ ବିଭାଗ ଓ କମ୍ପାନୀର ଉତ୍ପାଦ ପ୍ରଦର୍ଶିତ ହେବ। ସେହିପରି ୨ଟି ଖୋଲା ହ୍ୟାଙ୍ଗରରେ ମତ୍ସ୍ୟ ଓ ପ୍ରାଣୀ ଲାଇଭ୍ ଡେମନଷ୍ଟ୍ରେଶନ କରାଯିବ। ପ୍ରତି ସନ୍ଧ୍ୟାରେ ଲୋକନୃତ୍ୟ ଏବଂ ଶାସ୍ତ୍ରୀୟ ନୃତ୍ୟ ସମ୍ବଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସମାବେଶକୁ ଅଧିକ ଆକର୍ଷଣୀୟ କରିବା ପାଇଁ ହରିୟାଣାର ଦୁଇଟି ମଇଁଷି ଷଣ୍ଢ ସୁରବୀର ଏବଂ ଇନ୍ଦର, ଆନ୍ଧ୍ରପ୍ରଦେଶର ଛୋଟ ପ୍ରଜାତିର ପୁଙ୍ଗାନୁର ଗାଈ ଓ ଗୁଜରାଟରୁ କାଙ୍କରେଜ ଷଣ୍ଢ ଆସୁଛି। ୨୩ ତାରିଖ ସକାଳ ୮ଟା ୩୦ରେ ଡଗ ଶୋ ଓ ସନ୍ଧ୍ୟା ୬ଟା ୩୦ରେ ପେଟ୍ ଫ୍ୟାଶନ ଶୋ ହେବ। ଲାଇଭ ସି ଫୁଡ୍ କିଚେନ, ଭର୍ଚୁଆଲ ରିଅଲିଟି ଫାର୍ମ ଟୁର୍, ଡ୍ରୋନ୍ ଶୋ, ଲେଜର୍ ଶୋ, ଚିତ୍ରକଳା ପ୍ରଦର୍ଶନୀ, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଗଣଙ୍କ ସହ ସେଲ୍‌ଫି ଜୋନ ଆଦି ଆକର୍ଷଣ ସାଜିବ। ଖବରଦାତା ସମ୍ମିଳନୀରେ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ପ୍ରାଣିପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ ଆଲମ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଫତାବ


@ ଅରୁଣ


@ ବୁବୁ


@ ପବିତ୍ର


@ ପ୍ରଦୀପ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସିଡିଏରେ ଗ୍ୟାସ୍ ପାଇପ୍ ଲାଇନ ଲିକ୍

କଟକ,୧୯।୧(କାର୍ତ୍ତିକ ସାହୁ)

ନିର୍ମାଣ ପାଇଁ ରାସ୍ତା ଖୋଳାଯାଉଥିବା ବେଳେ ଗ୍ୟାସ୍ ପାଇପ ଲାଇନ ଫାଟିବାରୁ ଗ୍ୟାସ୍ ଲିକ୍ ହୋଇଯାଇଥିଲା। ଫଳରେ ସିଡିଏ ସେକ୍ଟର ୯ର ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ସୋମବାର ପୂର୍ବାହ୍ନରେ ଘଟିଥିଲା ଏହି ଘଟଣା। ତେବେ ଲିକେଜକୁ ଠିକ ସମୟରେ ନିୟନ୍ତ୍ରଣ କରାଯାଇଥିବାରୁ ବଡ଼ ଅଘଟଣ ଟଳିଯାଇଛି। ପାଖରେ ପେଟ୍ରୋଲ ପମ୍ପ ଥିବାରୁ ବିପଦର ଆଶଙ୍କା ରହିଥିଲା। ମାତ୍ର ଖବର ପାଇ ପୋଲିସ, ଅଗ୍ନିଶମ ବାହିନୀ ଓ ଗେଲ୍ କମ୍ପାନୀର ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା କରିଥିଲେ। ବଡ଼ ବଡ଼ ମେଶିନରେ ରାସ୍ତା ଖୋଳାଯିବା ସହ ଗ୍ୟାସ୍ ପାଇପ ଲାଇନ ପ୍ରତି ସତର୍କ ଦୃଷ୍ଟି ନ ରହିବାରୁ ଏଭଳି ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।



ଗ୍ୟାସ୍ ପାଇପ ଲାଇନ ଫାଟିବା ପରେ ପୋଲିସ, ଅଗ୍ନିଶମ ବାହିନୀ ଓ କମ୍ପାନୀର ଅଧିକାରୀମାନେ ପ୍ରତିଷେଧକ ବ୍ୟବସ୍ଥା କରୁଛନ୍ତି।

**କାବୁଲ୍‌ରେ ବିସ୍ଫୋରଣ ୭ ମୃତ, ୧୩ ଆହତ**
ଆଫଗାନିସ୍ତାନ ରାଜଧାନୀ କାବୁଲରେ ସୋମବାର ଅପରାହ୍ନରେ ବିସ୍ଫୋରଣ ଘଟି ଅନ୍ୟୂନ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୧୩ ଆହତ ହୋଇଛନ୍ତି। ଶହର-ଇ-ନଏରେ ଏକ ହୋଟେଲକୁ ଟାର୍ଗେଟ କରି ଏହି ବିସ୍ଫୋରଣ ଘଟାଯାଇଥିଲା। ବିସ୍ଫୋରଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି।





ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ବିରୋଧ କରି ସୋମବାର କୋଲକାତାରେ ମୁସଲମାନ ସମ୍ପ୍ରଦାୟର ସଦସ୍ୟମାନେ ବିକ୍ଷୋଭରେ ସାମିଲ ହୋଇଛନ୍ତି।

# ତାର୍କିକ ଅସଙ୍ଗତି ତାଲିକାରେ ଥିବା ଲୋକଙ୍କ ନାଁ ପ୍ରକାଶ କର

**ପଶ୍ଚିମବଙ୍ଗ ଏସ୍‌ଆଇଆର୍ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୧୯।୧(ପି.ଟି.)

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାବେଳେ ଯେଉଁମାନଙ୍କ ନାମ ତାର୍କିକ ଅସଙ୍ଗତି ତାଲିକାରେ ରହିଛି, ସେଗୁଡ଼ିକୁ ଗ୍ରାମପଞ୍ଚାୟତ ଭବନ, ବ୍ଲକ୍ ଅଫିସ ଓ ୱାର୍ଡ ଅଫିସ୍‌ରେ ପ୍ରଦର୍ଶିତ କରିବା ପାଇଁ ସୁପ୍ରିମକୋର୍ଟ ସୋମବାର ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ୧.୨୫ କୋଟି ଭୋଟର ଉକ୍ତ ତାଲିକାରେ ରହିଥିବା ଜଣାପଡ଼ିଛି। ୨୦୦୨ର ଭୋଟର ତାଲିକା ସହ ସନ୍ତାନଙ୍କୁ ନେଇ ତାର୍କିକ ବିସଙ୍ଗତି ରହିଛି। ଉଦାହରଣ ସ୍ୱରୂପ ମାତାପିତାଙ୍କ ନାମରେ ମେଳ ରହୁ ନ ଥିବାବେଳେ କେଉଁଠି ଭୋଟର ଏବଂ ସେମାନଙ୍କ ମାତାପିତାଙ୍କ ବୟସ ମଧ୍ୟରେ ୧୫ ବର୍ଷରୁ କମ୍ କିମ୍ବା ୫୦ ବର୍ଷରୁ ଅଧିକ ବ୍ୟବଧାନ ରହୁଛି। ବର୍ତ୍ତମାନର ଭୋଟର ତାଲିକା ସଂଶୋଧନ ଦ୍ୱାରା ପ୍ରଭାବିତ ହେବା ସମ୍ଭାବନା ଥିବା ଲୋକମାନେ ସେମାନଙ୍କ ଦସ୍ତାବିଜ୍ ଓ ଆପତ୍ତି ଅଭିଯୋଗ ଦାଖଲ ପାଇଁ ଅନୁମତି ଦେବାକୁ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଜୟମାଲ୍ୟ



ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ଏଥିପାଇଁ ପ୍ରତି ପଞ୍ଚାୟତ କିମ୍ବା ବ୍ଲକ୍ ଅଫିସରେ ଦସ୍ତାବିଜ୍ ଓ ଆପତ୍ତି ଦାଖଲ ପାଇଁ ଅଫିସ ଖୋଲିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏଥିପାଇଁ ପଞ୍ଚାୟତ ଭବନ ଓ ବ୍ଲକ୍ ଅଫିସ ପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ଲୋକ ନିୟୋଜିତ କରିବେ। ରାଜ୍ୟରେ ଯେପରି ଆଇନ ଶୃଙ୍ଖଳା ସମସ୍ୟା ସୃଷ୍ଟି ନ ହୁଏ ଏବଂ ସବୁ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୁଏ, ତାହା ସୁନିଶ୍ଚିତ କରିବାକୁ ଅଦାଲତ ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଦଣ୍ଡ ସ୍ଥଗିତ ରଖିବା ଲାଗି ସେନ୍‌ଗାରଙ୍କ ଆବେଦନ ଖାରଜ

**ଉନ୍ନାଓ ବଳାତ୍କାର ମାମଲା**

ନୂଆଦିଲ୍ଲୀ,୧୯।୧(ପି.ଟି.)

ଉତ୍ତରପ୍ରଦେଶର ଉନ୍ନାଓ ବଳାତ୍କାର ମାମଲାରେ ପୀଡ଼ିତାଙ୍କ ବାପାଙ୍କର ହାଜତ ମୃତ୍ୟୁ ଘଟଣାରେ ଭାଜପାର ବହିଷ୍କୃତ ନେତା କୁଲଦୀପ ସିଂ ସେନ୍‌ଗାର ୧୦ ବର୍ଷ ଜେଲ ଦଣ୍ଡାଦେଶକୁ ସ୍ଥଗିତ ରଖିବା ପାଇଁ କରିଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ବିଚାର ପ୍ରକ୍ରିୟା ବିଳମ୍ବ ହେଉଥିବା ଦର୍ଶାଇ ସେନ୍‌ଗାର ଦଣ୍ଡ ସ୍ଥଗିତ ରଖିବା ପାଇଁ ଆବେଦନ କରିଥିଲେ। କେବଳ ବିଳମ୍ବ କାରଣକୁ ନେଇ ଦଣ୍ଡ ସ୍ଥଗିତ ରଖାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ରବିନ୍ଦର ଦୁଦେଜା କହିବା ସହ ପରବର୍ତ୍ତୀ ଶୁଣାଣି ଫେବୃଆରୀ ୩କୁ ଧାର୍ଯ୍ୟ କରିଛନ୍ତି। ସେନ୍‌ଗାର ଦଣ୍ଡ ସ୍ଥଗିତ ରଖିବା ଏବଂ ଜାମିନ ସମୟ ବଢ଼ାଇବା ପାଇଁ ବାରମ୍ବାର ଆବେଦନ କରିଆସୁଛନ୍ତି। କୋର୍ଟଙ୍କ ରାୟକୁ ନେଇ ଉନ୍ନାଓ ପୀଡ଼ିତା ସନ୍ତୋଷ ବ୍ୟକ୍ତ କରିଛନ୍ତି।

୨୦୧୭ରେ ଉନ୍ନାଓ ନାବାଳିକାଙ୍କୁ ସେନ୍‌ଗାର ଅପହରଣ କରିନେଇ ବଳାତ୍କାର କରିଥିଲେ। ଏହା ପରେ ପୀଡ଼ିତାଙ୍କ ବାପାଙ୍କୁ ଅସ୍ତ୍ରଶସ୍ତ୍ର ଆଇନରେ ଗିରଫ କରାଯାଇଥିଲା ଏବଂ ୨୦୧୮ ଏପ୍ରିଲ ୯ରେ ହାଜତରେ ତାଙ୍କର ମୃତ୍ୟୁ ଘଟିଥିଲା। ପୀଡ଼ିତାଙ୍କ ବାପାଙ୍କୁ ହତ୍ୟା ମାମଲାରେ ତଳକୋର୍ଟ ୨୦୨୦ ମାର୍ଚ୍ଚ ୧୩ରେ ସେନ୍‌ଗାରଙ୍କୁ ୧୦ ବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ ସହ ୧୦ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଥିଲେ। ହାଜତ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ସେନ୍‌ଗାରଙ୍କ ଭାଇ ଅତୁଲ ସିଂ ସେନ୍‌ଗାର ଓ ଅନ୍ୟ ୫ ଜଣଙ୍କୁ ମଧ୍ୟ ୧୦ ବର୍ଷ ଲେଖାଏ ଜେଲଦଣ୍ଡ ହୋଇଥିଲା।

**ଖାତରେ କାର୍ ଖସି ଇଞ୍ଜିନିୟରଙ୍କ ମୃତ୍ୟୁ ଘଟଣା**

# ନଏଡ଼ା ସିଇଓ ବହିଷ୍କୃତ

ଲକ୍ଷ୍ନୌ,୧୯।୧(ପି.ଟି.)

ନଏଡ଼ା ସେକ୍ଟର ୧୫୦ସ୍ଥିତ ଏକ ନିର୍ମାଣ ସ୍ଥଳରେ ଜଳଭର୍ତ୍ତି ଗର୍ତ୍ତ ମଧ୍ୟକୁ କାର୍ ଖସି ୨୭ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟରଙ୍କ ମୃତ୍ୟୁ ଘଟଣାରେ ନଏଡ଼ା ଅଥରିଟିର ସିଇଓ ଏମ୍. ଲୋକେଶଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରାଯାଇଛି। ଇଞ୍ଜିନିୟରଙ୍କ ମୃତ୍ୟୁକୁ ନେଇ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଉତ୍ତରପ୍ରଦେଶ ସରକାର ସୋମବାର ଆଇଏଏସ୍ ଅଫିସର ଲୋକେଶଙ୍କ ବିରୋଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତାଙ୍କୁ ପ୍ରତୀକ୍ଷା ତାଲିକାରେ ରଖିଛନ୍ତି। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ରିଅଲ ଇଷ୍ଟେଟ୍ ଡେଭେଲପରମାନଙ୍କ


ଯୁବରାଜ ମେହେଟ୍ଟା


ସିଇଓ ଏମ୍. ଲୋକେଶ

ଅବହେଳାରୁ ସଫ୍ଟୱେର ଇଞ୍ଜିନିୟର ଯୁବରାଜ ମେହେଟ୍ଟାଙ୍କ ମୃତ୍ୟୁ ଘଟିଲା ବୋଲି ତାଙ୍କ ପରିବାର ଏବଂ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏହା ବିରୋଧରେ ସେମାନେ ବିକ୍ଷୋଭ ଶୋଭାଯାତ୍ରା କରିଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣାକୁ ବିଚାରକୁ ନେଇ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଘଟଣାର ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ନଏଡ଼ା ଅଥରିଟି ସିଇଓ ଲୋକେଶ ହେଉଛନ୍ତି ୨୦୦୩ ବ୍ୟାଚ୍‌ର ଆଇଏଏସ୍ ଅଫିସର। ସେ ନଏଡ଼ା ମେଟ୍ରୋ ରେଳ କର୍ପୋରେଶନ (ଏନ୍‌ଏମ୍‌ଆରସି)ର ପରିଚାଳନା ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ କରୁଥିଲେ।

ଯୁବରାଜଙ୍କର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରେ ଉଲ୍ଲେଖ ରହିଛି। ଏହା ବ୍ୟତୀତ ହୃଦ୍‌ଘାତ ମାମଲା ସମ୍ପର୍କରେ ମଧ୍ୟ ରିପୋର୍ଟରେ କୁହାଯାଇଛି। ଶୁକ୍ରବାର ରାତିରେ ଘନ କୁହୁଡ଼ି ମଧ୍ୟରେ ଯୁବରାଜ କାର୍ ଚଳାଇ ଘରକୁ ଫେରୁଥିବାବେଳେ ଜଳଭର୍ତ୍ତି ଖାତରେ ଖସିପଡ଼ିଥିଲେ। ସାହାଯ୍ୟ ପାଇଁ ସେ ବାରମ୍ବାର ଚିତ୍କାର କରିଥିଲେ ମଧ୍ୟ ତୁରନ୍ତ କୌଣସି ସହାୟତା ମିଳି ନ ଥିଲା। କାର୍ ଓଲଟି ପଡ଼ି ପାଣିରେ ଭାସୁଥିବାବେଳେ ଯୁବରାଜ କୌଣସି ପ୍ରକାରେ ସେଥିରୁ ବାହାରି ଆସି ବାପା ରାଜକୁମାରଙ୍କୁ ଫୋନ୍ କରି ଦୁର୍ଘଟଣା ସମ୍ପର୍କରେ ଜଣାଇଥିଲେ ଓ ସେ ମରିବାକୁ ଚାହାନ୍ତି ନାହିଁ ବୋଲି କହିଥିଲେ। ତାଙ୍କ ବାପା ତୁରନ୍ତ ୧୧୨କୁ ଡାଏଲ କରିବା ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଅନ୍ଧକାର, ଘନ କୁହୁଡ଼ି ଏବଂ ସ୍ୱଳ୍ପ ଦୃଶ୍ୟମାନ୍ୟତା ଯୋଗୁ ଉଦ୍ଧାର କାର୍ଯ୍ୟ ପ୍ରଭାବିତ ହୋଇଥିଲା। ପାଣି ବରଫ ଭଳି ଥଣ୍ଡା ଥିବାରୁ ପୋଲିସ ଓ ଅଗ୍ନିଶମ କର୍ମଚାରୀ ସେଥିରେ ପ୍ରବେଶ କରିପାରି ନ ଥିଲେ। ବେସ୍‌ମେଣ୍ଟର ନିର୍ମାଣାଧୀନ ସ୍ତମ୍ଭଗୁଡ଼ିକରୁ ମଧ୍ୟ ବିପଦ ଆଶଙ୍କା କରାଯାଇଥିଲା। ରାତି ୧ଟା ୪୫ ବେଳକୁ ଯୁବରାଜ ଓ ତାଙ୍କ କାର୍ ସମ୍ପୂର୍ଣ୍ଣ ବୁଡ଼ିଯାଇଥିଲା।

**ଗଣବଳାତ୍କାର ପୀଡ଼ିତାଙ୍କ ମୃତ୍ୟୁ**

## ନ୍ୟାୟ ଦାବିରେ କୁକି ମହିଳାଙ୍କ ବିକ୍ଷୋଭ

ନୂଆଦିଲ୍ଲୀ,୧୯।୧

ମଣିପୁରରେ ୨୦୨୩ ଜାତିଆଣ ହିଂସା ସମୟରେ ଗଣବଳାତ୍କାରର ଶିକାର ହୋଇଥିବା ଜଣେ ମହିଳା ଗଭୀର ମାନସିକ ଆଘାତ ଯୋଗୁ ୨ ବର୍ଷ ଅସୁସ୍ଥ ରହିବା ପରେ ପ୍ରାଣ ହରାଇଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ରାଜ୍ୟର ଅନେକ ସଂଗଠନ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଚୁରାଚାନ୍ଦପୁର ଏବଂ ଦିଲ୍ଲୀରେ ଥିବା କୁକି ସଂଗଠନ କହିଛି, ମହିଳାଙ୍କୁ ଇମ୍ଫାଲରୁ ଅପହରଣ କରିନିଆଯାଇ ଗଣବଳାତ୍କାର କରାଯାଇଥିଲା। ସେ ଅପରାଧୀଙ୍କ କବଳରୁ ଖସିଆସିଥିଲେ ମଧ୍ୟ ମାନସିକ ଆଘାତରୁ ସମ୍ପୂର୍ଣ୍ଣ ଭଲ ହୋଇପାରି ନ ଥିଲେ। ଗୁଆହାଟୀଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୦ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। କୁକିମାନଙ୍କ ପାଇଁ ସେମାନେ ସ୍ୱତନ୍ତ୍ର ପ୍ରଶାସନ ଦାବି କରିଛନ୍ତି।

# ଦ୍ରୁତ ହ୍ରାସ ପାଉଛି ଚାଇନା ଜନସଂଖ୍ୟା

**ଶିଶୁ ଜନ୍ମହାର ୧୭ ପ୍ରତିଶତ ହ୍ରାସ**

ବେଜିଂ,୧୯।୧(ପି.ଟି.)

୨୦୨୫ରେ ଚାଇନାରେ ଜନ୍ମହାର ୧୦ ବର୍ଷ ପୂର୍ବ ତୁଳନାରେ ୧୦ ନିୟୁତ ହ୍ରାସ ପାଇଥିବାବେଳେ କ୍ରମାଗତ ଚତୁର୍ଥ ବର୍ଷ ପାଇଁ ଜନସଂଖ୍ୟା ହ୍ରାସ ପାଇଛି। ପୂର୍ବରୁ ଦେଶରେ ଲାଗୁ ହୋଇଥିବା ଏକ-ସନ୍ତାନ ନୀତିର ଦୀର୍ଘମିଆଦୀ ପ୍ରଭାବକୁ ଏଥିପାଇଁ ଦାୟୀ କରାଯାଇଛି।

ଜାତୀୟ ପରିସଂଖ୍ୟାନ ବ୍ୟୁରୋ (ଏନ୍‌ବିଏସ୍) ତଥ୍ୟ ଅନୁଯାୟୀ, ୨୦୨୫ରେ ୭.୯୨ ନିୟୁତ ପିଲା ଜନ୍ମହୋଇଛନ୍ତି, ଯାହାକି ୨୦୨୪ରେ ୯.୫୪ ନିୟୁତ ଥିଲା। ଅର୍ଥାତ ବର୍ଷକ ମଧ୍ୟରେ ଶିଶୁ ଜନ୍ମହାର ୧୭ ପ୍ରତିଶତ ହ୍ରାସ ପାଇଛି। ୧୯୪୯ରୁ ଦେଶରେ ଜନ୍ମହାର ଲିପିବଦ୍ଧ ହେବା ପରଠାରୁ ଏହା ସର୍ବନିମ୍ନ। ୨୦୨୩ରେ ଜନ୍ମହାର ଯଥେଷ୍ଟ କମିଥିଲାବେଳେ ଗତବର୍ଷ ଏହା ଉକ୍ତ ରେକର୍ଡକୁ ଭାଙ୍ଗିଦେଇଛି। ଜନସଂଖ୍ୟାରେ ଭାରତ ୨୦୨୩ରେ ଚାଇନାକୁ ଅତିକ୍ରମ କରିଥିବା ଜାତିସଂଘ ରିପୋର୍ଟରେ କୁହାଯାଇଥିଲା। ବର୍ତ୍ତମାନର ପ୍ରଜନନ ହାର ଆଧାରରେ ଚାଇନାର ଲୋକସଂଖ୍ୟା ୨୧୦୦ ସୁଦ୍ଧା ୬୩.୩ କୋଟିକୁ ହ୍ରାସ ପାଇବ ବୋଲି ଜାତିସଂଘର ଅର୍ଥନୀତି ଓ ସାମାଜିକ ବ୍ୟାପାର ବିଭାଗ (ଡିଇଏସ୍‌ଏ) ଆକଳନ କରିଛି। ସୋମବାର ପ୍ରକାଶିତ ଏନ୍‌ବିଏସ୍ ତଥ୍ୟ ଅନୁଯାୟୀ, ଚାଇନାର ଲୋକସଂଖ୍ୟା ୨୦୨୫ରେ ୩.୩୯ ନିୟୁତ ହ୍ରାସ ପାଇ ୧୪୦.୪୯ କୋଟିରେ ପହଞ୍ଚିଥିଲା। ଏହା ପୂର୍ବବର୍ଷ ଲୋକସଂଖ୍ୟା ୧୪୦.୮୩ କୋଟି ଥିଲା।

ଦ୍ରୁତ ବୃଦ୍ଧି ପାଉଥିବା ବରିଷ୍ଠ ଲୋକଙ୍କୁ ନେଇ ଚାଇନା ସମସ୍ୟାର ସମ୍ମୁଖୀନ ହୋଇଛି। ସରକାରୀ ତଥ୍ୟ ଅନୁଯାୟୀ, ୨୦୨୪ ଶେଷଭାଗରେ ଦେଶର ବରିଷ୍ଠ ନାଗରିକଙ୍କ ସଂଖ୍ୟା ୩୧୦ ନିୟୁତରେ ପହଞ୍ଚିଥିଲ। ୨୦୨୫ ବେଳକୁ ଏହି ସଂଖ୍ୟା ୪୦୦ ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ୧୯୫୯ ଏବଂ ୧୯୬୧ର ପ୍ରଳୟଙ୍କର ଦୁର୍ଭିକ୍ଷ ବାଦ୍ ଗତବର୍ଷ ଚାଇନାରେ ସର୍ବାଧିକ ଜନସଂଖ୍ୟା ହ୍ରାସ ପାଇଥିଲା ବୋଲି ସାଉଥ୍ ଚାଇନା ମର୍ନିଂ ପୋଷ୍ଟ ରିପୋର୍ଟରେ କୁହାଯାଇଛି। ଇତିମଧ୍ୟରେ ଗତବର୍ଷ ପ୍ରାୟ ୧୧.୩୧ ନିୟୁତ ଲୋକଙ୍କ ମୃତ୍ୟୁ ଘଟିଛି, ଯାହାକି ୫ ଦଶନ୍ଧି ମଧ୍ୟରେ ସର୍ବାଧିକ। ଜନସାଂଖ୍ୟିକ ସଙ୍କଟ ଅର୍ଥନୀତିକୁ ଗମ୍ଭୀର ଭାବେ ପ୍ରଭାବିତ କରିବ ବୋଲି ସତର୍କ କରାଇ ଦିଆଯାଇଥିବାବେଳେ ବେଜିଂ ୨୦୧୬ରେ ଏକ ସନ୍ତାନ ନୀତିକୁ ଉଚ୍ଛେଦ କରି ଦମ୍ପତିମାନଙ୍କୁ ୨ ସନ୍ତାନ ଜନ୍ମ ପାଇଁ ଅନୁମତି ଦେଇଥିଲା। ଏହା ଫଳପ୍ରଦ ନ ହେବାରୁ ୨୦୨୧ରେ ଦମ୍ପତିଙ୍କୁ ୩ଟି ସନ୍ତାନ ଜନ୍ମ ଅନୁମତି ମିଳିଥିଲା।

## ଭାରତ, ୟୁଏଇ ମଧ୍ୟରେ ଏଲ୍‌ଏନ୍‌ଜି ଚୁକ୍ତି

ନୂଆଦିଲ୍ଲୀ,୧୯।୧


ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନହ୍ୟାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ଭାରତ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ସେମାନଙ୍କ ରଣନୈତିକ ସମ୍ପର୍କ ବଢ଼ାଇବା ପାଇଁ ସୋମବାର ସହମତ ହୋଇଛନ୍ତି। ଆଗାମୀ ୬ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରି ୨୦୦ ବିଲିୟନ ଡଲାରରେ ପହଞ୍ଚାଇବା ପାଇଁ ଉଭୟ ଲକ୍ଷ୍ୟଧାର୍ଯ୍ୟ କରିଛି। ୨ ଦେଶ ମଧ୍ୟରେ ଏଲ୍‌ଏନ୍‌ଜି ଚୁକ୍ତି ସ୍ୱାକ୍ଷରିତ ହୋଇଥିବାବେଳେ ଆନୁଷ୍ଠାନିକ ରଣନୀତିକ ପ୍ରତିରକ୍ଷା ସହଯୋଗିତା ଚୁକ୍ତି ଖୁବ୍‌ଶୀଘ୍ର ସ୍ୱାକ୍ଷରିତ ହେବାକୁ ଯାଉଛି। ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନହ୍ୟାନ ସୋମବାର ନୂଆଦିଲ୍ଲୀ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

**ଫୁରସତ୍**

# ଜନ୍ମ, ମୃତ୍ୟୁକୁ ଅନୁମତି ନ ଥିବା ଅଜବ ଗାଁ

ବିଶ୍ୱରେ ୧୯୫ଟି ଦେଶ ଅଛି। ପ୍ରତ୍ୟେକ ସ୍ଥାନର ନିଜସ୍ୱ ସ୍ୱତନ୍ତ୍ର ପରିଚୟ ଅଛି। ଏଗୁଡ଼ିକ ମଧ୍ୟରେ ଏପରି ଏକ ସ୍ଥାନ ଅଛି ଯେଉଁଠାରେ ନା କୌଣସି ଶିଶୁକୁ ଜନ୍ମ ନେବାକୁ କିମ୍ବା କୌଣସି ବ୍ୟକ୍ତିକୁ ମରିବାକୁ ଅନୁମତି ଦିଆଯାଇଛି। ଏହା ଶୁଣି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ, କିନ୍ତୁ ଏହା ସତ୍ୟ। ଲୋକଙ୍କ ଚିନ୍ତାଧାରାଠାରୁ ଏହି ଗାଁ ସମ୍ପୂର୍ଣ୍ଣ ଭିନ୍ନ ନିୟମ ଅନୁଯାୟୀ ଚାଲେ। ଏହାର ବ୍ୟବସ୍ଥା ଏବଂ ଜୀବନଶୈଳୀକୁ ବିଶ୍ୱର ଅନ୍ୟ ଦେଶଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ବିବେଚନା କରାଯାଏ। ଏହି କାରଣରୁ ଉକ୍ତ ସ୍ଥାନଟି ପ୍ରାୟତଃ ଚର୍ଚ୍ଚାରେ ରହିଥାଏ।

ଉତ୍ତର ମେରୁରୁ ପ୍ରାୟ ୧୩୦୦ କିଲୋମିଟର ଦୂରରେ ସ୍ୱାଲବାର୍ଡ ନାମକ ଏକ ନରୱେଜିଆନ ଦ୍ୱୀପପୁଞ୍ଜ ଅବସ୍ଥିତ। ଏହି ସ୍ଥାନଟି ନରୱେର ଅଂଶ, କିନ୍ତୁ ଭିଜା ବିନା ଯାତ୍ରା ସମ୍ଭବ। ସେଠାରେ ପହଞ୍ଚିବା ସହଜ ହେଲେ, ସେଠାରେ ଜନ୍ମଦେବା ଏବଂ ମରିବା ପ୍ରାୟ ଅସମ୍ଭବ। ଏହି ସ୍ଥାନକୁ ବିଶ୍ୱର



ସବୁଠାରୁ ଅଜବ ଗାଁ ବୋଲି କୁହାଯାଏ।

ସ୍ୱାଲବାର୍ଡରେ କୌଣସି ଡାକ୍ତରଖାନା ନାହିଁ ଏବଂ ଏହା ଅତ୍ୟନ୍ତ ଥଣ୍ଡା। ଏଠାର ଭୂମି ପର୍ମାଫ୍ରୋଷ୍ଟ, ଅର୍ଥାତ୍ ଏହା ବର୍ଷସାରା ଜମାଟ ବାନ୍ଧି ରହିଥାଏ। ଏହା ସେଠାରେ ପୋତାଯାଇଥିବା ମୃତଦେହଗୁଡ଼ିକୁ ପଚିଯିବାରୁ ରୋକିଥାଏ। ଏହା ପୂର୍ବରୁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥିଲା, ଫଳରେ କବର ଦେବା ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ଯଦି କେହି ଗୁରୁତର ଅସୁସ୍ଥ କିମ୍ବା ଅତ୍ୟଧିକ ବୃଦ୍ଧ ହୁଅନ୍ତି, ତେବେ ସେମାନଙ୍କୁ ଦ୍ୱୀପ ଛାଡ଼ି ମୁଖ୍ୟ ଭୂମି ନରୱେକୁ ଯିବାକୁ ପଡ଼ିବ। ଉନ୍ନତ ଚିକିତ୍ସା ସୁବିଧା ଅଭାବରୁ ଗର୍ଭବତୀ ମହିଳାଙ୍କୁ ପ୍ରସବ ପୂର୍ବରୁ ବିଦାକରି ଦିଆଯାଏ। କାରଣ ଏଠାରେ କୌଣସି ଉନ୍ନତମାନର ମେଡିକାଲ ନାହିଁ। ସ୍ୱାଲବାର୍ଡ ମଧ୍ୟରାତ୍ରି ସୂର୍ଯ୍ୟର ଦେଶ ଭାବରେ ମଧ୍ୟ ଜଣାଶୁଣା। ଶୀତଦିନେ ମାସ ମାସ ଧରି ସୂର୍ଯ୍ୟ ଉଦୟ ହୁଏ ନାହିଁ ଏବଂ ଗ୍ରୀଷ୍ମଦିନେ ସୂର୍ଯ୍ୟ ଅସ୍ତ ହୁଏ ନାହିଁ। ଏଠାରେ ପ୍ରାୟ ୨୫୦୦ରୁ ୩୦୦୦ ଲୋକ ବାସ କରନ୍ତି ଏବଂ ୫୦ରୁ ଅଧିକ ଦେଶର ନାଗରିକ ଭିଜା ବିନା ଏକାଠି ରୁହନ୍ତି। ମଣିଷ ଅପେକ୍ଷା ମେରୁ ଭାଲୁଙ୍କ ସଂଖ୍ୟା ଅଧିକ। ତେଣୁ ରାଇଫଲ ବିନା ବାହାରକୁ ବାହାରିବା ବେଆଇନ। ଏଠାରେ ଅପରାଧ ବହୁତ କମ୍ ଏବଂ ଲୋକମାନେ ସେମାନଙ୍କର ଦ୍ୱାର ବନ୍ଦ ମଧ୍ୟ କରନ୍ତି ନାହିଁ। ଅଜବ ନିୟମ ସତ୍ତ୍ୱେ ଏହି ଭିନ୍ନତା ଉକ୍ତ ଗାଁକୁ ବିଶ୍ୱରେ ଅନନ୍ୟ କରିଥାଏ।


ନେହା କକ୍କର

# ବ୍ରେକ୍ ନେଲେ ନେହା

ମୁମ୍ବାଇ

ଗାୟିକା ନେହା କକ୍କର ନିଜ ସଙ୍ଗୀତ କ୍ୟାରିୟରରୁ ବ୍ରେକ୍ ନେଇଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ ଏନେଇ ସୂଚନା ଦେଇଛନ୍ତି। ନେହା ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଦାୟିତ୍ୱ, ସମ୍ପର୍କ, କାମ ଏବଂ ଅନ୍ୟ ସବୁକିଛିରୁ ବିରତି ନେବାର ସମୟ ଆସିଛି। ଜାଣିନାହିଁ ମୁଁ ଫେରିବି କି ନାହିଁ। ଆଶା କରୁଛି ମୋ ଗୋପନୀୟତାକୁ ସମ୍ମାନ ଦେବା ସହ ଏହି ଦୁନିଆରେ ମୁକ୍ତ ଭାବରେ ବଞ୍ଚିବାକୁ ଦେବେ। ଏହା ସହ ନେହା ଫଟୋଗ୍ରାଫର ଏବଂ ପ୍ରଶଂସକମାନଙ୍କୁ ଫଟୋ ନ ଉଠାଇବାକୁ ଅନୁରୋଧ କରିଛନ୍ତି। ନେହା କକ୍କର ପ୍ରାୟତଃ କୌଣସି ନା କୌଣସି କାରଣରୁ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ତାଙ୍କର ‘କ୍ୟାଣ୍ଡି ସପ୍’ ଗୀତ ରିଲିଜ ହୋଇଥିଲା। ଏହି ଗୀତଟି ତାଙ୍କ ଭାଇ ଟୋନି କକ୍କରଙ୍କ ଦ୍ୱାରା ରଚିତ । ଏହି ଗୀତ ପାଇଁ ନେହାଙ୍କୁ ଟ୍ରୋଲ୍‌ର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତାଙ୍କର ଡ୍ୟାନ୍ସ ଷ୍ଟେପ୍ ପସନ୍ଦ କରାଯାଇ ନ ଥିଲା। ନେହା ପ୍ରାୟତଃ ତାଙ୍କ ଭାଇ ଟୋନିଙ୍କ ସହ ମ୍ୟୁଜିକ ଭିଡିଓ ତିଆରି କରନ୍ତି। ସେମାନଙ୍କର ମ୍ୟୁଜିକ୍ ଭିଡିଓ ସବୁବେଳେ ଚର୍ଚ୍ଚାରେ ରହିଥାଏ। ତାଙ୍କ ବ୍ୟକ୍ତିଗତ ଜୀବନରେ ନେହା ପଞ୍ଜାବୀ ସଙ୍ଗୀତ କଳାକାର ରୋହନ ପ୍ରୀତ ସିଂହଙ୍କୁ ବିବାହ କରିଛନ୍ତି। ସେମାନଙ୍କର ବିବାହ ୨୦୨୦ଅକ୍ଟୋବରରେ ହୋଇଥିଲା। ସେମାନଙ୍କ ବିବାହ ବିଷୟ ନେଇ ସେତେବେଳେ ଢେର ଚର୍ଚ୍ଚା ହୋଇଥିଲା। ୨୦୨୫ରେ ନେହାଙ୍କ ଭଉଣୀ ସୋନୁ କକ୍କର ନେହା ଏବଂ ଟୋନିଙ୍କଠାରୁ ଅଲଗା ହେବାର ଘୋଷଣା କରିଥିଲେ।

# ୫ ବର୍ଷରେ ୪୭ରୁ ଅଧିକ ବଡ଼ ବ୍ୟାଙ୍କ ଡକାୟତି

**ଖଣି, ଶିଳ୍ପାନୁଷ୍ଠାନ ଅଞ୍ଚଳରେ ଥିବା ବ୍ୟାଙ୍କ ଉପରେ ଡକାୟତଙ୍କ ନଜର**

- ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଥିବା ବ୍ୟାଙ୍କରୁ ଅଧିକ ଲୁଟ୍
- ସବୁ ବ୍ୟାଙ୍କରେ ସୁରକ୍ଷା ବଢ଼ାଇବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ: ଡିଜିପି
- ସୁରକ୍ଷା ଢିଲା ଥିଲେ ଏସପିଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୯।୧(ତ୍ରିନାଥ ମହାନ୍ତି)

କେନ୍ଦୁଝରର ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରୁ ସୋମବାର ଡକାୟତମାନେ ସାଢ଼େ ୭କୋଟି ଟଙ୍କାର ସୁନାଗହଣା ଏବଂ ୪.୩୪ଲକ୍ଷ ଟଙ୍କାର ନଗଦ ଟଙ୍କା ଲୁଟି ନେଇଛନ୍ତି। ଏହି ଘଟଣା ପରେ ରାଜ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ଲୁଟି ନେଇଥିବା ୬ ଡକାୟତ ଯେପରି ରାଜ୍ୟ ବାହାରକୁ ଯାଇ ନ ପାରିବେ, କେନ୍ଦୁଝରେ ଏବଂ ଅନ୍ୟ ସହରରେ ସିଲ୍ କରାଯାଇଛି। ଏହି ଡକାୟତି ପଛରେ ସ୍ଥାନୀୟ କେତେଜଣ ଅପରାଧୀ ଏବଂ ଆନ୍ତଃରାଜ୍ୟ ଅପରାଧୀ ଥିବା ପୋଲିସ ଜାଣିବାକୁ ପାଇଛି। ଏହି ବ୍ୟାଙ୍କ୍ ଲୁଟ୍ ଓଡ଼ିଶାରେ ପ୍ରଥମ ନୁହେଁ। ବିଗତ ୫ବର୍ଷରେ ୪୭ରୁ ଅଧିକ ବ୍ୟାଙ୍କ୍ ଲୁଟ୍ ହୋଇଥିବା



ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ଡକାୟତି ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ପୋଲିସ ନିକଟରୁ ସୂଚନା ମିଳିଛି। କେବଳ ବ୍ୟାଙ୍କ୍ ଲୁଟ୍ ନୁହେଁ, ୫ ବର୍ଷରେ ୭୯ ଏଟିଏମ୍ ମଧ୍ୟ ଲୁଟ୍ ହୋଇଥିବା ଜଣାପଡ଼ିଛି।

୨୦୨୫ ଜୁଲାଇ ୪ରେ ନୟାଗଡ଼ ଜିଲା ରାଜପାଟଣା ଇଣ୍ଡିଆନ୍ ବ୍ୟାଙ୍କରୁ ୨୭ ଲକ୍ଷ ଟଙ୍କା ଡକାୟତି ହୋଇଥିଲା। ସେହିପରି ୨୦୨୫ ଜୁନ ୧୧ରେ ଭଦ୍ରକ ତିହିଡ଼ି ମାର୍କେଟରେ ଥିବା ଏକ ବ୍ୟାଙ୍କରୁ ଡକାୟତି ହୋଇଥିଲା। ଦୁଇ ଅଭିଯୁକ୍ତ ବ୍ୟାଙ୍କ୍ ଭିତରକୁ ଗ୍ରାହକ ହୋଇ ଯାଇଥିଲେ। ବ୍ୟାଙ୍କ୍ ମ୍ୟାନେଜରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୧୦ଲକ୍ଷ ଟଙ୍କା ଲୁଟ୍‌ପାଟ କରି ନେଇଥିଲେ। ୨୦୨୫ ଡିସେମ୍ବର ୨୩ରେ ବାଲେଶ୍ୱର ବାଲିଆପାଳ ୟୁକୋ ବ୍ୟାଙ୍କରୁ ଲୁଟ୍‌ପାଟ ହୋଇଥିଲା। ରାତିରେ ବ୍ୟାଙ୍କର ଗ୍ରିଲ୍ କାଟି ସୁନାଗହଣା ଏବଂ ଟଙ୍କା ଲୁଟ୍‌ପାଟ ହୋଇଥିଲା। ୨୦୨୩ ଏପ୍ରିଲ ୨୬ରେ ବାଲେଶ୍ୱର ଚନ୍ଦନେଶ୍ୱର ୟୁନିୟନ୍ ବ୍ୟାଙ୍କରୁ ୪୯ ଲକ୍ଷ ଲୁଟ୍‌ପାଟ ହୋଇଥିଲା। ଦୁର୍ବୃତ୍ତମାନେ ବ୍ୟାଙ୍କ୍ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୪୯ ଲକ୍ଷ ଟଙ୍କା ଏବଂ ୮୫୪ ଗ୍ରାମର ସୁନାଗହଣା ଲୁଟି ନେଇଥିଲେ। ସେହିପରି ୨୦୨୨ରେ ଢେଙ୍କାନାଳ ରାସଳ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍ ଶାଖାରୁ ଲୁଟ୍‌ପାଟ ହୋଇଥିଲା। ୬ଜଣ ଅଭିଯୁକ୍ତ ବ୍ୟାଙ୍କ୍ ଭିତରକୁ ପଶି ବନ୍ଧୁକ ଦେଖାଇ ୭ କେଜି ସୁନାଗହଣା ଏବଂ ୧୬ ଲକ୍ଷରୁ ଅଧିକ ଟଙ୍କା ଲୁଟ୍‌ପାଟ ହୋଇଥିଲା। ସେହିପରି ୨୦୨୨ରେ କୋରାପୁଟ, ଲକ୍ଷ୍ମୀପୁର ଏସ୍‌ବିଆଇ ଶାଖାରୁ ସୁନାଗହଣା ଏବଂ ଟଙ୍କା ଲୁଟ୍‌ପାଟ ହୋଇଥିଲା। କିଛି ମାସ ତଳେ ଭୁବନେଶ୍ୱର ବରିମୁଣ୍ଡ ଅଞ୍ଚଳରେ ଥିବା ବିଓଆଇ ବ୍ୟାଙ୍କରେ ମଧ୍ୟ ଲୁଟ୍ ହୋଇଥିଲା। ଦୁଇ ଜଣ ଯୁବକ ବ୍ୟାଙ୍କରେ ପଶି ବନ୍ଧୁକ ଦେଖାଇ ୧୦ ଲକ୍ଷ ଟଙ୍କା ଲୁଟି ନେଇ ଚମ୍ପଟ ମାରିଥିଲେ।

ବ୍ୟାଙ୍କକୁ ସୁରକ୍ଷିତ ଭାବି ଲୋକେ ଲକର ଏବଂ ଷ୍ଟ୍ରଙ୍ଗରୁମ୍‌ରେ ସୁନାଗହଣା ରଖୁଛନ୍ତି। ହେଲେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ସୁରକ୍ଷାରେ ଢିଲା କରୁଛନ୍ତି, ଯେଉଁଥିପାଇଁ ଗୋଟିଏ ପରେ ଗୋଟିଏ ଲୁଟ୍ ହେଉଛି। ଅଧିକାଂଶ ଲୁଟ୍ ଗ୍ରାମାଞ୍ଚଳର ବ୍ୟାଙ୍କରେ ହେଉଛି। ଆହୁରି ମଧ୍ୟ ଖଣି ଏବଂ ଶିଳ୍ପାଞ୍ଚଳରେ ଥିବା ବ୍ୟାଙ୍କରେ ଲୁଟ୍‌ପାଟ ହେଉଛି। ତେଣୁ ଏହିସବୁ ଅଞ୍ଚଳରେ ଥିବା ବ୍ୟାଙ୍କ୍‌ରେ ସୁରକ୍ଷା ବଢାଇବାକୁ ଡିଜିପି ଗୁରୁତ୍ୱ ଦେଇଛନ୍ତି। ସମସ୍ତ ବ୍ୟାଙ୍କକୁ ହାଇ ସିକ୍ୟୁରିଟ୍ କ୍ୟାମେରା ଏବଂ ଆଲାର୍ମ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ବ୍ୟାଙ୍କ୍ ସୁରକ୍ଷାରେ ଢିଲା କରିଥିବ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ଡିଜିପି ସବୁ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଡିଜିପି ୱାଇ.ବି ଖୁରାନିଆ କହିଛନ୍ତି, ବଡ଼ବିଲରୁ ହୋଇଥିବା ଲୁଟ୍ ସମ୍ପର୍କରେ ଏସ୍‌ପିଙ୍କୁ ରିପୋର୍ଟ ମଗାଯାଇଛି। ବିଭିନ୍ନ ଜିଲାରେ ନାକାବନ୍ଦୀ କରାଯାଇ ଯାଞ୍ଚ କରାଯାଉଛି। ଅଭିଯୁକ୍ତ ଯେପରି ରାଜ୍ୟ ବାହାରକୁ ଯାଇପାରିବେ ନାହିଁ ତାହାର ବ୍ୟବସ୍ଥା ହୋଇଛି। ପୋଲିସ ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରିବ। ଆହୁରି ମଧ୍ୟ ଖଣି ଏବଂ ଶିଳ୍ପାଞ୍ଚଳରେ ଥିବା ବ୍ୟାଙ୍କ୍‌ରେ ସୁରକ୍ଷା ବଢାଇବାକୁ ବ୍ୟାଙ୍କ୍‌କୁ କୁହାଯାଇଛି। ଖୁବ୍‌ଶୀଘ୍ର ବ୍ୟାଙ୍କ୍ ଅଧିକାରୀଙ୍କୁ ନେଇ ଏକ ବୈଠକ କରାଯାଇ ସୁରକ୍ଷା ବିଷୟରେ କଡ଼ା ନିର୍ଦ୍ଦେଶ ଦିଆଯିବ ବୋଲି ଡିଜିପି କହିଛନ୍ତି।

# ବଳରାମଙ୍କୁ ହତ୍ୟା ପରେ ଗଞ୍ଜାମରେ ପୋତିଥିଲେ

ଭୁବନେଶ୍ୱର,୧୯।୧(ତ୍ରିନାଥ ମହାନ୍ତି)

- ଅଭିଯୁକ୍ତା ପ୍ରେମିକାଙ୍କୁ ନେଇ ଗଞ୍ଜାମରେ ଶବ ଖୋଜୁଛି ପୋଲିସ
- ୭ ବର୍ଷ ତଳେ ହତ୍ୟା କରିଥିବାରୁ ପ୍ରମାଣ ମିଳିବା କଷ୍ଟକର ହେଉଛି
- ନିଶା କାରବାରକୁ ନେଇ ହତ୍ୟା କରିଥିବା ପ୍ରେମିକାଙ୍କ ସ୍ୱୀକାର

ବ୍ୟବସାୟୀ ବଳରାମ ସାହାଣି ନିଖୋଜ ରହସ୍ୟ ଉପରୁ ପରଦା ହଟୁଛି। ଚନ୍ଦକା ପୋଲିସ ବଳରାମଙ୍କ ପ୍ରେମିକା ରଶ୍ମିତା ସ୍ୱାଇଁଙ୍କୁ ୨ ଦିନିଆ ରିମାଣ୍ଡରେ ନେଇ ପଚରାଉଚରା କରିବା ପରେ ସେ ସତ ଓଗାଳିଛନ୍ତି। ନିଶା କାରବାରକୁ କେନ୍ଦ୍ରକରି ବଳରାମଙ୍କୁ ହତ୍ୟା କରିଥିବା ରଶ୍ମିତା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ହେଲେ ପୋଲିସକୁ ମୃତଦେହ କିମ୍ବା କଙ୍କାଳ ନ ମିଳିବା ପର୍ଯ୍ୟନ୍ତ ହତ୍ୟା ବୋଲି ପ୍ରମାଣ କରିବା ପୋଲିସ ପକ୍ଷେ କଷ୍ଟକର ହେଉଛି। ପୋଲିସ ଏହି ମାମଲା ଉପରୁ ପରଦା ହଟାଇବା ପାଇଁ ସବୁ ଆଡୁ ଲାଗି ପଡ଼ିଛି। ରଶ୍ମିତା ରାଜଧାନୀରେ ବଳରାମଙ୍କୁ ପିଟି ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ଗଞ୍ଜାମକୁ ନେଇଥିଲା। ତାଙ୍କୁ ୨ଜଣ ସମ୍ପର୍କୀୟ ମୃତଦେହ ନେବାରେ ସହଯୋଗ କରିଥିଲେ। କାର୍‌ରେ ମୃତଦେହ ନେଇ ଗଞ୍ଜାମର ଏକ ଜଙ୍ଗଲ ଭିତରେ ଗାତ ଖୋଳି ପୋତି ଦେଇଥିବା ପୋଲିସ ଆଗରେ ରଶ୍ମିତା କହିଛନ୍ତି। ତେଣୁ ପୋଲିସ ରଶ୍ମିତାଙ୍କୁ ରବିବାର ରାତିରେ ଗଞ୍ଜାମ ନେଇ ମୃତଦେହ ଫିଙ୍ଗିଥିବା ସ୍ଥାନକୁ ଚିହ୍ନଟ କରୁଛି। ଇତିମଧ୍ୟରେ ୭ବର୍ଷ ବିତିଯାଇଥିବାରୁ ମୃତଦେହ ପୋତା ଯାଇଥିବା ସ୍ଥାନକୁ ଅଭିଯୁକ୍ତା ଚିହ୍ନଟ କରିବାରେ ବିଫଳ ହୋଇଛନ୍ତି। ଏହାସତ୍ତ୍ୱେ ପୋଲିସ ତାଙ୍କୁ ସାଥିରେ ଧରି ଗଞ୍ଜାମର ଏକାଧିକ ସ୍ଥାନରେ ବୁଲି ମୃତଦେହ ଜବତ କରିବାରେ ଲାଗିଛି।

ମୃତଦେହ ଠାବ ନ ହେଲେ ମଙ୍ଗଳବାର ରଶ୍ମିତାଙ୍କୁ କୋର୍ଟରେ ହାଜର କରି ପୁଣି ରିମାଣ୍ଡରେ ଅଣାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି।

ବଳରାମଙ୍କ ଘର ପାରାଦୀପ ଅଞ୍ଚଳରେ ହୋଇଥିବାବେଳେ ସେ ପରିବାର ସହ ଏସ୍‌ଓଜି କ୍ୟାମ୍ପ ନିକଟରେ ରହୁଥିଲେ। ଗଞ୍ଜାମର ରଶ୍ମିତା ଡେଲ୍‌ଟା ଛକ ନିକଟରେ ଘର ଭଡ଼ା ନେଇ ରହିବା ସହ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ଏଥିସହ ରଶ୍ମିତା ଗଞ୍ଜେଇ ମାଫିଆଙ୍କ ସହ ମିଶି ନିଶା କାରବାର ମଧ୍ୟ କରୁଥିଲେ। ବଳରାମଙ୍କ ସହ ରଶ୍ମିତାଙ୍କ ପରିଚୟ ହେବା ପରେ ଉଭୟ ଭଲ ପାଇ ବସିଥିଲେ। ୨୦୧୯ରେ ବଳରାମ ଆଉ ଏସ୍‌ଓଜି କ୍ୟାମ୍ପ ନିକଟରେ ଥିବା ଘରକୁ ନ ଯାଇ ରଶ୍ମିତାଙ୍କ ଡେଲଟାରେ ଥିବା ଘରେ ରହୁଥିଲେ। ଘରକୁ ନ ଆସିବା ପରେ ପରିବାର ଲୋକ ଡେଲଟାସ୍ଥିତ ରଶ୍ମିତାଙ୍କ ଘରକୁ ଯାଇ ଖୋଜିଥିଲେ ମଧ୍ୟ ଘରେ ତାଲା ପଡ଼ିଥିଲା। ବଳରାମଙ୍କ ଭାଇ ଶେଷରେ ଚନ୍ଦକା ଥାନାରେ ଏକ ଅପହରଣ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ରଶ୍ମିତାଙ୍କ ଫୋନ୍ ନମ୍ବର ଟ୍ରାକ୍ କରିବା ପରେ ସତ ଜଣାପଡ଼ିଥିଲା। ରଶ୍ମିତା ଏକାଧିକ ଗଞ୍ଜେଇ ବେପାରୀଙ୍କ ସହ ଲିଙ୍କ୍ ଥିବା ସ୍ପଷ୍ଟ ହେଲା। ପୋଲିସ ତାଙ୍କୁ ଗିରଫ କରିବା ପାଇଁ ଏକାଧିକ ସ୍ଥାନରେ ଚଢ଼ାଉ କରିଥିଲେ ମଧ୍ୟ ସେ ରାଜ୍ୟ ବାହାରକୁ ପଳାଇଥିଲେ। ୨୦୧୯ରେ ପୂର୍ବତନ ଥାନା ଅଧିକାରୀ ବଦଳିବା ପରେ ମାମଲା ଭୁଲି ଯାଇଥିଲେ। ହେଲେ ୨୦୨୫ ଡିସେମ୍ବରରେ ପୁରୁଣା ମାମଲା ବନ୍ଦ କରିବାକୁ ଡିସିପି ଚନ୍ଦକା ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ମାମଲା ବନ୍ଦ ସମୟରେ ବଳରାମଙ୍କ ଅପହରଣ ମାମଲା ଆସିଥିଲା। ପୋଲିସ ତଦନ୍ତ କରିବା ସହ ବଳରାମଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରିଥିଲା। ହେଲେ ଆଜି ପର୍ଯ୍ୟନ୍ତ ବଳରାମ ଘରକୁ ଫେରି ନ ଥିବା କହିଥିଲେ। ପୋଲିସ ଏହା ଶୁଣିବା ପରେ ରଶ୍ମିତାଙ୍କୁ ଟ୍ରାକ୍ କରିବା ପରେ ଗଞ୍ଜାମରୁ ତାଙ୍କୁ ଗିରଫ କରିଥିଲା। ଆଉ ଏବେ ରିମାଣ୍ଡରେ ନେଇ ପଚରାଉଚରା କରାଯିବା ପରେ ବଳରାମଙ୍କ ଅପହରଣର ରହସ୍ୟ ଖୋଲିଛି। ନିଶା କାରବାର ନ କରି ବିବାହ କରି ରହିବାକୁ ବଳରାମ କହିଥିଲେ ମଧ୍ୟ ରଶ୍ମିତା ଶୁଣି ନ ଥିଲେ, ଯେଉଁଥିପାଇଁ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ ରଶ୍ମିତା ତାଙ୍କ ମୁଣ୍ଡକୁ ପିଟି ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

# ଲିଜ୍‌ରେ କାର୍ ନେଇ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୯।୧(ସତ୍ୟଜିତ ରାଉତ)

ଲିଜ୍‌ରେ କାର୍ ନେଇ ଠକେଇ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଅଞ୍ଚଳର ଚନ୍ଦନ ଓରଫ ତ୍ରିନାଥ ମହାରଣା (୨୬)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କଠାରୁ ଉକ୍ତ କାର୍ ଜବତ କରାଯାଇଛି।

ମିଳିଥିବା ସୂଚନାନୁସାରେ ଅଭିଯୋଗକାରୀ ବଟକୃଷ୍ଣ ସେନାପତି ପାଞ୍ଚବର୍ଷ ହେବ ସମେଇଗାଡ଼ିଆ ଅଞ୍ଚଳରେ ରହୁଛନ୍ତି। ସେଠାରେ ତ୍ରିନାଥଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ବଟକୃଷ୍ଣଙ୍କ କାର୍‌କୁ ଛଅ ମାସ ଲାଗି ତ୍ରିନାଥ ଲିଜ୍‌ରେ ନେଇଥିଲେ। ଚୁକ୍ତି ଅନୁଯାୟୀ ତ୍ରିନାଥ ପ୍ରଥମ ଦୁଇ ମାସର ଅଗ୍ରିମ ବାବଦକୁ ୩୬ ହଜାର ଟଙ୍କା ଦେଇଥିଲେ। ହେଲେ ନିର୍ଦ୍ଧାରିତ ସମୟରେ ଦେବାକୁ ଥିବା କିସ୍ତି ଆଉ ପରେ ଦେଇ ନ ଥିଲେ। ତେବେ ଲିଜ୍‌ରେ ଦେଇଥିବା କାର୍‌ଟିକୁ କ୍ଷତିଗ୍ରସ୍ତ ଅବସ୍ଥାରେ ଫୁଲବାଣୀର ଏକ ଗ୍ୟାରେଜରେ ପଡ଼ିଥିବା ବଟକୃଷ୍ଣ ଜାଣିବାକୁ ପାଇଥିଲେ। ଏପରି କି ତ୍ରିନାଥ କିଛି ଟଙ୍କା ନେଇ ଉକ୍ତ କାର୍‌କୁ ଅନ୍ୟ ଜଣଙ୍କୁ ଦେଇଥିବା ଜଣାପଡ଼ିଥିଲା। ଘଟଣା ସମ୍ପର୍କରେ ଆଲୋଚନା ପାଇଁ ତ୍ରିନାଥଙ୍କୁ ଘରକୁ ଡାକି ବଟକୃଷ୍ଣ ପଚରାଉଚରା କରିବାବେଳେ ସେ ଲୁହା ଛଡ଼ରେ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗକ୍ରମେ ମଞ୍ଚେଶ୍ୱର ଥାନା ସେପ୍ଟେମ୍ବର ୨୫ରେ ମାମଲା (ନଂ.୬୧୧/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ବିଡିଓଙ୍କୁ ମାଡ଼ ମାରି ଯୁବକ ଗିରଫ

**ପ୍ରତିବାଦରେ ଲୋକପ୍ରତିନିଧି, କର୍ମଚାରୀଙ୍କ ଆନ୍ଦୋଳନ**

ନୂଆପଡ଼ା,୧୯।୧
(ମକାରୁ ବେମାଲ)

ନୂଆପଡ଼ା ଜିଲା ସଦର ବ୍ଲକ ବିଡିଓ ରୋହିତ ଭୋଇଙ୍କୁ ସୋମବାର ଜୋଙ୍କ ଥାନା ଭଇଁଷାତାଲ ପଞ୍ଚାୟତ ମୁଡେଲା ଗାଁର ହେମନାଥ ବଞ୍ଜାରା (୩୫) ମାଡ଼ ମାରିଥିବା ସଦର ଥାନାରେ ଅଭିଯୋଗ ହୋଇଛି। ବିଡିଓ ଭୋଇ ନିଜ ବାସଭବନରୁ ଖଇରାନୀ ପଞ୍ଚାୟତଠାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଉଥିବା ବେଳେ ଭଇଁଷାତାଲ



ଘଟଣାସ୍ଥଳରେ ଏସ୍‌ଡିପିଓ ତଦନ୍ତ କରୁଛନ୍ତି।

ପଞ୍ଚାୟତର କେତେଜଣ ଲୋକ ଆସି ବିଡିଓଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଏହି ସମୟରେ ହେମନାଥ ଆମ ସହ ଖେଳ ଖେଳୁଛ ବୋଲି କହି ବିଡିଓଙ୍କ ବାମ ଗାଲରେ ଶକ୍ତ ଚାପୁଡ଼ା ମାରିଥିଲେ। ଏ ନେଇ ବିଡିଓଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୧/୨୬) ରୁଜୁକରି ଅଭିଯୁକ୍ତ ହେମନାଥଙ୍କୁ ଗିରଫ କରିଛି। ବିଡିଓଙ୍କୁ ମାଡ଼ ପ୍ରତିବାଦରେ ନିର୍ବାଚିତ ପ୍ରତିନିଧି ଓ କର୍ମଚାରୀମାନେ ବ୍ଲକ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ବ୍ଲକ କର୍ମଚାରୀମାନେ ମଧ୍ୟ କଲମ ଛାଡ ଆନ୍ଦୋଳନ କରିଥିଲେ।

## Business

# ରୁପା କେଜି ୩ ଲକ୍ଷ

**ସୁନା ଭରି ୧ଲକ୍ଷ ୪୮ହଜାର ଟପିଲା**

ଭୁବନେଶ୍ୱର,୧୯।୧
(ଅନୁରାଧା ମହାରଣା)

ଗ୍ରୀନ୍‌ଲାଣ୍ଡକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁରୋପୀୟ ସଂଘ ମଧ୍ୟରେ ବୃଦ୍ଧି ପାଉଥିବା ଶୁଳ୍କ ଯୁଦ୍ଧ ଯୋଗୁ ସୋମବାର ସୁନା ଓ ରୁପା ମୂଲ୍ୟ ସର୍ବକାଳୀନ ସ୍ତରରେ ପହଞ୍ଚିଛି। ରୁପା ଦର କିଲୋଗ୍ରାମ ପ୍ରତି ୧୦,୦୦୦ ଟଙ୍କା ବୃଦ୍ଧି ପାଇ ୩,୦୨,୬୦୦ରେ ପହଞ୍ଚିଛି। ସେହିପରି ସୁନା ମଧ୍ୟ ୧,୯୦୦ ଟଙ୍କା ବୃଦ୍ଧି ପାଇବାରୁ ପ୍ରତି ୧୦ ଗ୍ରାମ(ଭରି) ମୂଲ୍ୟ ୧,୪୮,୧୦୦ ଟଙ୍କା ସହ ନୂଆ ରେକର୍ଡ ସ୍ତରରେ ପହଞ୍ଚିଛି।



ବିଶେଷଜ୍ଞଙ୍କ ମତାନୁସାରେ, ଘରୋଇ ଏବଂ ବିଶ୍ୱ ବଜାରରେ ପ୍ରବଳ ଚାହିଦା ଯୋଗୁ ରୁପା ମୂଲ୍ୟରେ ତୀବ୍ର ବୃଦ୍ଧି ହୋଇଛି। ରୁପା ୨୦୨୫ ମସିହାର ଗତି ବଜାୟ ରଖିବା ସହ ପ୍ରାୟ ୩୦% ରିଟର୍ନ ପ୍ରଦାନ କରୁଛି। ଗତ ଡିସେମ୍ବରରେ ଏହାର ମୂଲ୍ୟ ପ୍ରତି କିଲୋଗ୍ରାମ ୨,୩୫,୭୦୧ ଟଙ୍କା ରହିଥିଲା। ଚଳିତ ମାସର ଗତ ସପ୍ତାହରେ ରୁପା ଫ୍ୟୁଚର୍ସ ପ୍ରାୟ ୧୪% ବୃଦ୍ଧି ପାଇଥିଲା। ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ମାର୍ଚ୍ଚ ମାସରେ ଡେଲିଭରି ପାଇଁ ରୁପା ଫ୍ୟୁଚର୍ସ ପ୍ରାୟ ୬% ବୃଦ୍ଧି ପାଇ ଏବେ ପ୍ରତି କିଲୋଗ୍ରାମ ୩,୦୬,୩୬୭ରେ ପହଞ୍ଚିଛି। ସେହିପରି ସୁନା ଫ୍ୟୁଚର୍ସରେ ମଧ୍ୟ ପ୍ରବଳ ବୃଦ୍ଧି ଦେଖିବାକୁ ମିଳିଛି।ଗତ ସପ୍ତାହରେ ସୁନା ମୂଲ୍ୟରେ ୨.୭% ବୃଦ୍ଧି ପାଇଛି। ସୁନା ଏବଂ ରୁପା ମୂଲ୍ୟ ବୃଦ୍ଧି ପଛରେ ବିଶ୍ୱ କାରକ ରହିଛି। ମୂଲ୍ୟବାନ୍ ଧାତୁର ଚାହିଦା ବୃଦ୍ଧି ଏବଂ ବିଶ୍ୱ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ନିବେଶକମାନେ ସୁରକ୍ଷିତ ନିବେଶ ଆଡ଼କୁ ମୁହାଁଇଛନ୍ତି, ଯାହା ଫଳରେ ସୁନା ଓ ରୁପା ମୂଲ୍ୟରେ ନିରନ୍ତର ବୃଦ୍ଧି ଘଟିଛି।

ଅନ୍ତର୍ଜାତୀୟ ଅନିଶ୍ଚିତତା, ବାଣିଜ୍ୟ ଯୁଦ୍ଧ ଭୟ ଏବଂ ଭୂ-ରାଜନୈତିକ ଉତ୍ତେଜନା ନିବେଶକମାନଙ୍କୁ ନିରାପଦ ସ୍ଥାନ ଆଡ଼କୁ ଟାଣିଛି। ଏହା ବ୍ୟତୀତ ଅନେକ କେନ୍ଦ୍ରୀୟ ବ୍ୟାଙ୍କ ସୁନା କ୍ରୟ ବୃଦ୍ଧି କରୁଛନ୍ତି। ସୌର, ଇଲେକ୍ଟ୍ରୋନିକ୍ସ ଏବଂ ବୈଦ୍ୟୁତିକ ଯାନବାହନ କ୍ଷେତ୍ରରେ ରୁପା ଚାହିଦା ବୃଦ୍ଧି ପାଇଛି, ଯାହା ମୂଲ୍ୟ ବୃଦ୍ଧିର ଆଉ ଏକ କାରଣ ବୋଲି କୁହାଯାଉଛି।

# ୨୪ରୁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୧୯।୧(ଅନୁରାଧା ମହାରଣା)

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍ ଓ ସାଇ ଇଣ୍ଟର ନ୍ୟାଶନାଲ୍ ସ୍କୁଲର ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଚତୁର୍ଥ ଶ୍ରେଣୀରୁ ନବମ ଶ୍ରେଣୀରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ସାଇ ଏଣ୍ଟ୍ରାନ୍ସ ଟେଷ୍ଟ (ଏସ୍‌ଇଟି) ଜାନୁଆରୀ ୨୪ ଓ ୨୫ରେ ଅନୁଷ୍ଠିତ ହେବ। ସୂଚନା ଥାଉକି, ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ସିବିଏସ୍‌ଇ ଓ କେମ୍ବ୍ରିଜ ବୋର୍ଡ ସହ ଅନୁବନ୍ଧିତ । ଉଭୟ ସ୍କୁଲରେ ଏକାଦଶ ଶ୍ରେଣୀର ବିଜ୍ଞାନ, ବାଣିଜ୍ୟ ଓ ହ୍ୟୁମାନିଟି ଷ୍ଟ୍ରିମ୍‌ରେ ଛାତ୍ରୀଛାତ୍ରମାନେ ପାଠପଢନ୍ତି। ଏଠାରେ ଇଞ୍ଜିନିୟରିଂ, ମେଡିସିନ୍, ଲ, ସିୟୁଇଟି ଓ ଅନ୍ୟ କ୍ୟାରିୟର ପ୍ରବେଶିକା ପରୀକ୍ଷା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଏ। ପ୍ରତିବର୍ଷ ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ ୩୦୦୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥାନ୍ତି । ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ତରଫରୁ ବୃତ୍ତି ମଧ୍ୟ ପ୍ରଦାନ କରାଯାଇଥାଏ । ଏହି ପ୍ରବେଶିକା ପରୀକ୍ଷାରେ ଭାଗ ନେବା ପାଇଁ ସ୍କୁଲ ୱେବସାଇଟ୍‌ରେ ପ୍ରବେଶ କରି ନାମ ପଞ୍ଜୀକରଣ କରିପାରିବେ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ମୌନି ଅମାବାସ୍ୟା ସମୟରେ ଗଡ଼ିଲା ୨୪୪ଟି ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୧୯।୧(ଅନୁରାଧା ମହାରଣା)

ଭାରତୀୟ ରେଳପଥ ମୌନି ଅମାବାସ୍ୟା ସମୟରେ ରେଳ ଯାତ୍ରାକୁ ସଫଳତାର ସହ ପରିଚାଳନା କରିଥିଲା। ଜାନୁଆରୀ ୩ଠାରୁ ସାରା ଦେଶରେ ୨୪୪ଟି ସ୍ୱତନ୍ତ୍ର ଟ୍ରେନ୍ ପରିଚାଳନା କରି ଭକ୍ତମାନଙ୍କ ପାଇଁ ସୁଗମ ଏବଂ ସୁବିଧାଜନକ ଯାତ୍ରା ସୁନିଶ୍ଚିତ କରିଥିଲା। ଉତ୍ତର ରେଳପଥ (ଏନ୍‌ଆର୍)ର ୩୧ଟି ଟ୍ରେନ୍, ଉତ୍ତର କେନ୍ଦ୍ରୀୟ ରେଳପଥ(ଏନ୍‌ସିଆର୍)ର ୧୫୮ଟି ଟ୍ରେନ୍ ଏବଂ ଉତ୍ତର-ପୂର୍ବ ରେଳପଥ(ଏନ୍‌ଇଆର୍)ର ୫୫ଟି ଟ୍ରେନ୍ ପାଖାପାଖି ୪.୫ ଲକ୍ଷ ଯାତ୍ରୀଙ୍କୁ ସେବା ପ୍ରଦାନ କରିଥିଲା। ଉତ୍ସବ ସମୟରେ ବାଧାମୁକ୍ତ ଏବଂ ନିରାପଦ ଯାତ୍ରାକୁ ସୁଗମ କରିବା ନିମନ୍ତେ ସ୍ୱତନ୍ତ୍ର ସେବା ଯୋଜନା କରାଯାଇଥିଲା ଏବଂ ଯତ୍ନର ସହ ପରିଚାଳନା କରାଯାଇଥିଲା । ଜାନୁଆରୀ ୧୮ରେ ପ୍ରୟାଗରାଜରେ ୪୦ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିଥିଲା, ଯେଉଁଥିରେ ଏନ୍‌ଆର୍‌ର ୧୧ଟି ଟ୍ରେନ୍, ଏନ୍‌ସିଆର୍‌ର ୨୨ଟି ଟ୍ରେନ୍ ଏବଂ ଏନ୍‌ଇଆର୍‌ର ୭ଟି ଟ୍ରେନ୍ ଅନ୍ତର୍ଭୁକ୍ତ ଥିଲା, ଏଥିରେ ପାଖାପାଖି ୧ ଲକ୍ଷ ଯାତ୍ରୀ ଯାତ୍ରା କରିଥିଲେ।

# ଅର୍ଥନୈତିକ ଅଭିବୃଦ୍ଧି ହାର ୭.୩% ଆକଳନ

ଭୁବନେଶ୍ୱର,୧୯।୧

ରେଟିଂ ଏଜେନ୍ସି ମୁଡିଜ ଚଳିତ ଆର୍ଥିକ ବର୍ଷରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୩% ରହିବ ବୋଲି ଆକଳନ କରିଛି। ଏଜେନ୍ସି ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ଅର୍ଥନୀତି ୭.୩% ହାରରେ ଅଭିବୃଦ୍ଧି ହେବ, ଯାହା ପୂର୍ବ ଆର୍ଥିକ ବର୍ଷର ୬.୫% ଅଭିବୃଦ୍ଧି ହାର ଅପେକ୍ଷା ଅଧିକ। ଏହା ହାରାହାରି ଆୟ ବୃଦ୍ଧି କରିବ ଏବଂ ବୀମା ଉତ୍ପାଦର ଚାହିଦାକୁ ଦୃଢ଼ କରିବ। ଆର୍ଥିକ ବର୍ଷ ୨୦୨୪-୨୫ରେ ପ୍ରତି ମୁଣ୍ଡପିଛା ଜିଡିପି ବର୍ଷସାରା ୮.୨% ବୃଦ୍ଧି ପାଇ ୧୧,୧୭୬ ଆମେରିକୀୟ ଡଲାରରେ ପହଞ୍ଚିଛି, ଯେତେବେଳେ ସାମଗ୍ରିକ ଜିଡିପି ଅଭିବୃଦ୍ଧି ୬.୫ ପ୍ରତିଶତ ଥିଲା। ମୁଡିଜ୍ ତଥ୍ୟ ଅନୁଯାୟୀ, ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି ଯୋଗୁ ଭାରତରେ ମୋଟ ବୀମା ପ୍ରିମିୟମ ରାଜସ୍ୱ ୧୭% ବୃଦ୍ଧି ପାଇ ୧୦.୯ ଲକ୍ଷ କୋଟିରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ୧୪% ବୃଦ୍ଧି ପାଇଛି, ଯେତେବେଳେ ନୂତନ ଜୀବନ ବୀମା ପ୍ରିମିୟମ ୨୦% ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ବହୁତ ଦ୍ରୁତ ଥିବାବେଳେ ମୋଟ ପ୍ରିମିୟମ ରାଜସ୍ୱ ମାତ୍ର ୭% ବୃଦ୍ଧି ପାଇ ୧୧.୯ ଲକ୍ଷ କୋଟିରେ ପହଞ୍ଚିଛି।

# 'ରାହୁ କେତୁ' ସହ 'ପେଟ୍ ସଫା'ର ସହଭାଗିତା

ଭୁବନେଶ୍ୱର,୧୯।୧

ପ୍ରସିଦ୍ଧ ଲେଖକ ଏବଂ ନିର୍ଦ୍ଦେଶକ ବିପୁଲ ଭିଜଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ଜୀ ଷ୍ଟୁଡିଓ ଏବଂ ବ୍ଲାଇଭ ପ୍ରଡକସନ୍ସ ବ୍ୟାନରରେ ନିର୍ମିତ ହିନ୍ଦୀ କମେଡି ଚଳଚ୍ଚିତ୍ର 'ରାହୁ କେତୁ' ସହ 'ପେଟ୍ ସଫା' ସହଭାଗିତା କରିଛି। ଏହି ଚଳଚ୍ଚିତ୍ରରେ ପୁଲକିତ ସମ୍ରାଟ, ବରୁଣ ଶର୍ମା, ଶାଲିନୀ ପାଣ୍ଡେ ଏବଂ ଚଙ୍କି ପାଣ୍ଡେ ପ୍ରମୁଖ ଭୂମିକାରେ ଅଛନ୍ତି। ଉଦ୍ୟୋଗୀ ଡ. ସଞ୍ଜୀବ ଜୁନେଜା ରାହୁ କେତୁ ଚଳଚ୍ଚିତ୍ରର ସଫଳତା ପାଇଁ ସମଗ୍ର ଦଳକୁ ତାଙ୍କର ଶୁଭକାମନା ଜଣାଇଛନ୍ତି। ଡିଭିସା ହର୍ବାଲ୍ସ ପ୍ରାଇଭେଟ ଲିମିଟେଡର ମୁଖପାତ୍ର କହିଛନ୍ତି ଯେ, ରାହୁ କେତୁ ଚଳଚ୍ଚିତ୍ରର




ସକାରାତ୍ମକ ଶକ୍ତି ଏବଂ ଦର୍ଶକଙ୍କ ସହିତ ଏହାର ଦୃଢ଼ ସମ୍ପର୍କକୁ ବିଚାର କରି, ସେ ତାଙ୍କର ପ୍ରିମିୟମ ଉତ୍ପାଦ ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ ଟ୍ୟାବଲେଟ୍ସକୁ ଫିଲ୍ମର ପ୍ରଚାର ପାଇଁ ବାଛିଛନ୍ତି। ଆୟୁର୍ବେଦିକ ପେଟ ସଫା କୋଷ୍ଠକାଠିନ୍ୟ, ଗ୍ୟାସ ଏବଂ ଏସିଡିଟି ଭଳି ସାଧାରଣ ପାଚନ ସମସ୍ୟାରୁ ମୁକ୍ତି ଦେବାରେ ସାହାଯ୍ୟ କରେ, ଯାହା ପୀଡ଼ିତଙ୍କୁ ଆରାମ ଏବଂ ଖୁସିରେ ଜୀବନକୁ ଉପଭୋଗ କରିବାକୁ ସୁଯୋଗ ଦିଏ। ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ ଟ୍ୟାବଲେଟ୍ସ ୧୬ଟି ଆୟୁର୍ବେଦିକ ଔଷଧିର ମିଶ୍ରଣରେ ତିଆରି କରାଯାଏ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଚିଲିକାରେ ପ୍ରଥମ ରାଜଦଳ କ୍ରାଫ୍ଟ ଇକୋ-ସୁଭେନିର ସପ୍

ଭୁବନେଶ୍ୱର,୧୯।୧(ଅନୁରାଧା ମହାରଣା)

ଫିଶିଂ କ୍ୟାଟ ପ୍ରୋଜେକ୍ଟ ଓ ହ୍ୟୁମାନ ଆଣ୍ଡ ଏନଭାଇରନମେଣ୍ଟ ଆଲାଏନ୍ସ ଲିଗ (ହିଲ) ଏବଂ ଦି ହ୍ୟାବିଟାଟ୍ସ ଟ୍ରଷ୍ଟ ଓ ଭୁବନେଶ୍ୱର ରାଉଣ୍ଡ ଟେବୁଲ ୫୩ର ସହଯୋଗରେ ଓଡ଼ିଶାରେ ପ୍ରଥମ ଥର ପାଇଁ ଏକ ଅଭିନବ ଉଦ୍ୟମ ଆରମ୍ଭ ହୋଇଛି। ଚିଲିକା ହ୍ରଦରୁ ସଂଗ୍ରହ କରାଯାଇଥିବା ଜଳହାଇସିନ୍ଥ (ରାଜଦଳ)ରୁ ତିଆରି କ୍ରାଫ୍ଟ ଏବେ ଟାଙ୍ଗୀ ସହରରେ (ମଙ୍ଗଳାଯୋଡ଼ି ଯାତ୍ରାପଥରେ) ଏକ ଇକୋ-ସୁଭେନିର ଦୋକାନରେ ପ୍ରଦର୍ଶନ ଓ ବିକ୍ରି ପାଇଁ ଉପଲବ୍ଧ। ଏହି ଉଦ୍ଭିଦ ହ୍ରଦରେ ମାଛ ପଥ ବନ୍ଦ କରି ମତ୍ସ୍ୟଜୀବୀମାନଙ୍କୁ କ୍ଷତି ପହଞ୍ଚାଇଥାଏ। କେନ୍ୟାର ଲେକ ଭିକ୍ଟୋରିଆରେ ମହିଳାମାନେ ଏହି ରାଜଦଳରୁ କ୍ରାଫ୍ଟ, ଆସବାବପତ୍ର, କାଗଜ ଓ ବାୟୋ-ଫୁଏଲ ତିଆରି କରି ଆୟ କରୁଛନ୍ତି। ଏହାରି ପ୍ରେରଣାରେ ଚିଲିକାରେ ଏହି ପ୍ରୋଜେକ୍ଟ ଆରମ୍ଭ ହୋଇଛି। ଫିଶିଂ



କ୍ୟାଟ ପ୍ରୋଜେକ୍ଟର ସହ-ପ୍ରତିଷ୍ଠାତା ତିଆସା ଆଧ୍ୟା କହିଛନ୍ତି ଯେ, ଆସାମ ଓ ବଙ୍ଗରୁ ଟ୍ରେନର୍ ଆଣି ଖୋର୍ଦ୍ଧା ଜିଲାର ହାଟବରଡ଼ି ଗ୍ରାମର ୧୨ ଜଣ ମତ୍ସ୍ୟଜୀବୀ ମହିଳାଙ୍କୁ ତାଲିମ ଦିଆଯାଇଛି। ହିଲର ପ୍ରୋଜେକ୍ଟ ଅଫିସର ଆର୍ଯ୍ୟ ସ୍ୱାଇଁ ଓ ରବି ଶଙ୍କରନ-ଇନଲାକ୍ସ ଫେଲୋ ଇପ୍ସିତା ଶାମୁନ ନେଶା ମଧ୍ୟ ଏହି ଗୋଷ୍ଠୀକୁ ମାର୍ଗଦର୍ଶନ ଦେଉଛନ୍ତି। ସ୍ଥାନୀୟ ପର୍ଯ୍ୟଟନ ସ୍ଥଳୀ ଓ ଗ୍ରାମ ମେଳାରେ ସେମାନେ ନିଜ ଉତ୍ପାଦ ବିକ୍ରି କରିପାରୁଛନ୍ତି। ଭୁବନେଶ୍ୱର ରାଉଣ୍ଡ ଟେବୁଲ ୫୩ର ଚେୟାରମ୍ୟାନ ସଂଯୋଗ ସାହୁ କହିଛନ୍ତି, ହାଟବରଡ଼ିର ମହିଳାମାନଙ୍କର ନିଷ୍ଠା ଓ ନିପୁଣତା ପ୍ରଶଂସନୀୟ। ଏବେ ସରକାରୀ ସଂସ୍ଥାମାନେ ଅନ୍ୟ ଗୋଷ୍ଠୀକୁ ତାଲିମ ପାଇଁ ସେମାନଙ୍କୁ ନିମନ୍ତ୍ରଣ କରୁଛନ୍ତି। ମହିଳା ଗୋଷ୍ଠୀ ନେତ୍ରୀ ଉର୍ମିଳା ବେହେରା କହିଛନ୍ତି ଯେ ସେମାନେ ସ୍ଥାନୀୟ ମେଳା, ପର୍ଯ୍ୟଟକ ଓ ବ୍ୟବସାୟୀଙ୍କଠାରୁ ବରାଦ ପାଉଛନ୍ତି।

# 'ସ୍କୁଲ୍ ୟୁଥ୍ ଆଇଡିଆଥନ୍'ରେ ଓଡିଏମ୍ ଓଡ଼ିଶାରେ ପ୍ରଥମ

ଭୁବନେଶ୍ୱର,୧୯।୧(ଅନୁରାଧା ମହାରଣା)

ଭାରତର ଶିକ୍ଷାକ୍ଷେତ୍ରରେ ଓଡ଼ିଶା ପାଇଁ ଗର୍ବର ମୁହୂର୍ତ୍ତ ସୃଷ୍ଟି କରିଛି ଭୁବନେଶ୍ୱରସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍ । 'ସ୍କୁଲ୍ ୟୁଥ୍ ଆଇଡିଆଥନ୍-୨୦୨୫' (ଇନ୍‌ଷ୍ଟିଚ୍ୟୁଶନାଲ୍ ଲିଡରଶିପ୍ ଇନ୍ ଏଣ୍ଟ୍ରେପ୍ରିନଓରଶିପ୍ ଏବଂ ଇନୋଭେଶନ୍)ର ଗ୍ରାଣ୍ଡ ଫାଇନାଲ୍‌ରେ ସାରା ଭାରତର ୧୩୦୦୦ ସ୍କୁଲ୍ ଭାଗ ନେଇଥିଲା ବେଳେ ସର୍ବଶ୍ରେଷ୍ଠ ୧୦ଟି ବିଦ୍ୟାଳୟ ମଧ୍ୟରୁ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ତୃତୀୟ ସ୍ଥାନ ଅଧିକାର କରିଛି । ସୂଚନା ଥାଉ କି, ଏହି ପ୍ରତିଯୋଗିତାରେ ସମଗ୍ର ଓଡ଼ିଶାରୁ ଭାଗନେଇଥିବା ସ୍କୁଲଗୁଡ଼ିକ ଭିତରୁ ମଧ୍ୟ ଓଡିଏମ୍ ହିଁ ଏକମାତ୍ର ସ୍କୁଲ୍, ଯାହାକୁ ଏହି ସଫଳତା ମିଳିଛି। ଏହି ଉପଲକ୍ଷେ ଜାନୁଆରୀ ୧୮ରେ ନୂଆଦିଲ୍ଲୀସ୍ଥିତ ଆଇ.ଆଇ.ଟି. ଦିଲ୍ଲୀରେ ଆୟୋଜିତ ଭବ୍ୟ ସମ୍ମାନ ସମାରୋହରେ ଓଡିଏମ୍ ଶିକ୍ଷାସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କୁ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି । ଏହି ସଫଳତା ସମ୍ପର୍କରେ ମତ ପ୍ରକାଶ କରି ଡ. ମୀନକେତନ କହିଛନ୍ତି ଯେ, ଏହି ଗରିମାମୟ ସଫଳତାର ସମ୍ପୂର୍ଣ୍ଣ ଶ୍ରେୟ 'ଆଇଡିଆଥନ୍'ରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର, ତାଙ୍କର ଶିକ୍ଷକ-ଶିକ୍ଷୟିତ୍ରୀଗଣ ଓ ଅଭିଭାବକମାନଙ୍କୁ ଯାଉଛି । ସେ ଓଡିଏମ୍‌ରେ ଛାତ୍ରୀ-ଛାତ୍ରମାନଙ୍କ ମଧ୍ୟରେ ସୃଜନଶୀଳତା, ନବୋନ୍ମେଷ ଓ ଉଦ୍ୟମଶୀଳତାକୁ ପ୍ରୋତ୍ସାହନ ଦେବା ପ୍ରତି ଓଡିଏମ୍‌ର ଦୃଢ଼ ସଙ୍କଳ୍ପକୁ ପୁନଃପ୍ରକାଶ କରିଛନ୍ତି ।

# ଜିଡିପି ଅଭିବୃଦ୍ଧି ୭.୩% ହେବ

**ଆଇଏମ୍ଏଫ୍‌ର ଆକଳନ**

ନୂଆଦିଲ୍ଲୀ,୧୯।୧(ପି.ଟି.)

୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ଆର୍ଥିକ ଅଭିବୃଦ୍ଧି ୭.୩ ପ୍ରତିଶତ ରହିବ ବୋଲି ସୋମବାର ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ଆକଳନ କରିଛି, ଯାହାକି ଏହାର ଅକ୍ଟୋବର ମାସର ପୂର୍ବାନୁମାନ ତୁଳନାରେ ୦.୭ ପ୍ରତିଶତ ଅଧିକ। ବହୁପାକ୍ଷିକ ଋଣ ପ୍ରଦାନକାରୀ ସଂସ୍ଥା ଆଇଏମ୍ଏଫ୍‌ର ସଂଶୋଧିତ ଆକଳନ ଅନୁଯାୟୀ ଆଗାମୀ ଏପ୍ରିଲ ୧ରୁ ଆରମ୍ଭ ହେବାକୁ ଯାଉଥିବା ୨୦୨୬-୨୭ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୪ ପ୍ରତିଶତ ରହିବ। ପୂର୍ବରୁ ଆଇଏମ୍ଏଫ୍ ଏହି ଅଭିବୃଦ୍ଧି ହାର ୬.୨ ପ୍ରତିଶତ ରହିବ ବୋଲି ଆକଳନ କରିଥିଲା। ଅଭିବୃଦ୍ଧି ହାର ପୂର୍ବାନୁମାନଠାରୁ ଅଧିକ ହେବ ବୋଲି ଅନୁମାନ କରାଯାଇଛି। ଚଳିତ ବର୍ଷର ତୃତୀୟ ତ୍ରୈମାସିକରେ ଅଭିବୃଦ୍ଧି ଆଶାତୀତ ହେବ ବୋଲି ଆଇଏମ୍ଏଫ୍ ଏହାର ବିଶ୍ୱ ଅର୍ଥନୈତିକ ଲୁକ୍ ଆଉଟ୍‌ରେ ଉଲ୍ଲେଖ କରାଯାଇଛି। ଭାରତର ପରିସଂଖ୍ୟାନ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ସେପ୍ଟେମ୍ବର ମାସରେ ଜିଡିପି ଅଭିବୃଦ୍ଧି ୮ ପ୍ରତିଶତ ଥିଲା। ଜୁଲାଇ-ସେପ୍ଟେମ୍ବରରେ ଅଭିବୃଦ୍ଧି ୮.୨ ପ୍ରତିଶତ ରହିଥିଲା।

# ୯୧କୁ ଖସିଲା ଟଙ୍କା



ମୁମ୍ବାଇ,୧୯।୧(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସୋମବାର ୯୧ ଅତିକ୍ରମ କରିବା ପରେ ପୂର୍ବଦିନ ତୁଳନାରେ ୧୪ ପଇସା ହ୍ରାସ ପାଇ ୯୦.୯୨ରେ ସ୍ଥିର ରହିଛି। ଡଲାର ତୁଳନାରେ ଟଙ୍କା ୯୧ ମାର୍କ ଟପିବା ମାସକ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ବିଶ୍ୱ ବାଣିଜ୍ୟକୁ ନେଇ ଅନିଶ୍ଚିତତା ଯୋଗୁ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ବଢ଼ିଚାଲିଥିବାବେଳେ ଟଙ୍କା ନିମ୍ନଗାମୀ ହେବାରେ ଲାଗିଛି। ଆମେରିକୀୟ ମୁଦ୍ରା ଦୁର୍ବଳ ଏବଂ ଅଶୋଧିତ ତୈଳ ଦର ହ୍ରାସ ସତ୍ତ୍ୱେ ଘରୋଇ ଷ୍ଟକ ବଜାରରେ ବିକ୍ରି ଚାପ ଯୋଗୁ ଭାରତୀୟ ମୁଦ୍ରା ନିମ୍ନଗାମୀ ହେଉଥିବା ଫରେକ୍ସ ବିଶେଷଜ୍ଞମାନେ କହିଛନ୍ତି। ଆମେରିକାର ଗ୍ରୀନ୍‌ଲାଣ୍ଡ ଅକ୍ତିଆର ଯୋଜନାକୁ ବିରୋଧ କରୁଥିବା ୟୁରୋପୀୟ ଦେଶଗୁଡ଼ିକ ଉପରେ ୧୦ ପ୍ରତିଶତ ଟାରିଫ୍ ଲଗାଇବେ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିବାରୁ ନିବେଶକମାନେ ଚିନ୍ତିତ ହୋଇପଡ଼ିଛନ୍ତି।

ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଟଙ୍କା ମୂଲ୍ୟ ୯୦.୬୮ରୁ ଆରମ୍ଭ ହୋଇ ସର୍ବନିମ୍ନ ୯୧.୦୧ରେ ପହଞ୍ଚିଥିଲା ଅର୍ଥାତ ୧ ଡଲାର ୯୧ ଟଙ୍କା ୧ ପଇସା ହୋଇଥିଲା। ଶେଷରେ ଏହା ପୂର୍ବଦିନ ତୁଳନାରେ ୧୪ ପଇସା ହ୍ରାସ ପାଇ ୯୦.୯୨ରେ ସ୍ଥିର ରହିଛି। ଗତ ଡିସେମ୍ବର ୧୬ରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବାଧିକ ୯୧.୧୪କୁ ହ୍ରାସ ପାଇ ଦିବସର କାରବାର ଶେଷ ସୁଦ୍ଧା ୯୦.୯୩ ରହିଥିଲା। ଗତ ଶୁକ୍ରବାର ଟଙ୍କା ମୂଲ୍ୟ ୪୪ ପଇସା ହ୍ରାସ ପାଇ ୯୦.୭୮ ରହିଥିଲା।

# ଭୋଜି ଖାଇ ୧୨୫ ଅସୁସ୍ଥ

**ଠାଣେ,୧୯।୧:** ମହାରାଷ୍ଟ୍ରର ଠାଣେ ଜିଲାରେ ବିବାହ ଉତ୍ସବ ପୂର୍ବ ହଳଦୀ କାର୍ଯ୍ୟକ୍ରମରେ ପରିବେଷିତ ଖାଦ୍ୟର ବିଷକ୍ରିୟା ଯୋଗୁ ୧୨୫ ଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ରବିବାର କଲ୍ୟାଣ ସହରର ଏକ ହାଉସିଂ କମ୍ପ୍ଲେକ୍ସରେ ଅନୁଷ୍ଠିତ ହଳଦୀ ଉତ୍ସବରେ ଖାଦ୍ୟ ଖାଇବା ପରେ ସେମାନଙ୍କର ବାନ୍ତି ହେବାରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।


## ସୁବର୍ଣ୍ଣ ସୁଯୋଗ
## ବିଶେଷ ରିହାତି

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ
ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ଏବଂ
No.n- ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ, ବାଲେଶ୍ୱରଙ୍କ ଦ୍ୱାରା ଆୟୋଜିତ

## ଜିଲ୍ଲାସ୍ତରୀୟ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ

ସ୍ଥାନ- ନେହେରୁ ଷ୍ଟାଡିୟମ, ଭଦ୍ରକ, ଭଦ୍ରାୟଣୀ (ଭଦ୍ରକ ଜିଲ୍ଲା ମହୋତ୍ସବ-୨୦୨୬)
ତା.୧୮.୦୧.୨୦୨୬ ରିଖ ଠାରୁ ୨୫.୦୧.୨୦୨୬ ରିଖ ପର୍ଯ୍ୟନ୍ତ

ଓଡ଼ିଶାର ସୁପ୍ରସିଦ୍ଧ କୁଶଳୀ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଖଣ୍ଡୁଆ ପାଟ, ବମକାଇ ପାଟ, ମାକିଡିଆ ଓ ଗୋପାଳପୁରର ଟସର ବସ୍ତ୍ର, ବାଲେଶ୍ୱର ଓ ଭଦ୍ରକର ତନ୍ତବୁଣା ଶାଢ଼ି, ଲୁଙ୍ଗି, ଗାମୁଛା ତଥା ସମ୍ବଲପୁରୀ ଶାଢ଼ି ଓ ଅନ୍ୟାନ୍ୟ ହସ୍ତତନ୍ତ ବସ୍ତ୍ରର ଅପୂର୍ବ ସମାହାର

୧୦% ବିଶେଷ ରିହାତି

ଆପଣଙ୍କ ପ୍ରିୟ ଭଦ୍ରକ ସହରରେ ସୀମିତ ସମୟ ପାଇଁ ଆଜିହିଁ ପଦାର୍ପଣ କରନ୍ତୁ
ଏବଂ ବିଶେଷ ରିହାତିର ସୁଯୋଗ ପାଇବା ସହିତ
OIPR- ଓଡ଼ିଶାର ବୁଣାକାରଙ୍କୁ ସହଯୋଗ ଓ ତନ୍ତ କଳାକୁ ଉତ୍ସାହିତ କରନ୍ତୁ ।


# ପଡ଼ୋଶୀଙ୍କ ଆତଙ୍କବାଦ ଭିତ୍ତିଭୂମିକୁ ସହାୟତା କରନାହିଁ

**ପୋଲାଣ୍ଡକୁ ଜୟଶଙ୍କରଙ୍କ କଡ଼ା ବାର୍ତ୍ତା**

ନୂଆଦିଲ୍ଲୀ,୧୯।୧(ପି.ଟି.)

ପୋଲାଣ୍ଡ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ପ୍ରଦର୍ଶନ ସହ ଭାରତର ପଡ଼ୋଶୀ ଦେଶରେ ଆତଙ୍କବାଦ ଭିତ୍ତିଭୂମିକୁ ସହାୟତା ବନ୍ଦ କରୁ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ତାଙ୍କ ପୋଲାଣ୍ଡ ପ୍ରତିପକ୍ଷ ରାଡୋସ୍ଲ ସିକୋର୍ସ୍କିଙ୍କୁ କହିଛନ୍ତି। ଅକ୍ଟୋବରରେ ପୋଲାଣ୍ଡ-ପାକିସ୍ତାନ ମିଳିତ ବାର୍ତ୍ତାରେ କଶ୍ମୀର ପ୍ରସଙ୍ଗ ସ୍ଥାନ ପାଇଥିବାରୁ ଜୟଶଙ୍କର ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ୟୁକ୍ରେନ୍ ଯୁଦ୍ଧକୁ ନେଇ ଭାରତକୁ ଅନ୍ୟାୟପୂର୍ଣ୍ଣ ଓ ଅନୁଚିତ ଟାର୍ଗେଟ କରାଯାଉଥିବାରୁ ଜୟଶଙ୍କର କ୍ଷୋଭ ପ୍ରକାଶ କରିଛନ୍ତି। ରୁଷିଆ ସହ ତୈଳ କାରବାରକୁ ନେଇ ନୂଆଦିଲ୍ଲୀକୁ ପାଶ୍ଚାତ୍ୟ ଦେଶଗୁଡ଼ିକର ସମାଲୋଚନା ପରିପ୍ରେକ୍ଷୀରେ ବହିର୍ବ୍ୟାପାର ମନ୍ତ୍ରୀ ଏହା କହିଛନ୍ତି।

## OFFICE OF THE COLLECTOR & DISTRICT MAGISTRATE, SUNDARGARH
### (Culture Section)

E-mail id: dcosng@gmail.com/ Office Phone No.06622-274130
Letter No. 35 Dated: 19.01.26

**INVITATION OF THE TENDER**

**No.RR-43 : Selection of Event Management Agency for Sundargarh Zilla Mahotsav "Jatara-2026" in Sundargarh, Odisha**
District Culture Officer, Sundargarh under the Odia Language, Literature & Culture Department, Government of Odisha (The Client) invites sealed proposals (under two bid systems) from the eligible bidders through tender process for **"Selection of Event Management Agency for Sundargarh Zilla Mahotsav "Jatara-2026" in Sundargarh, Odisha"**. Bidders fulfilling the prescribed eligibility criteria of the tender can access and download the complete the tender Document and other details from sundargarh.odisha.gov.in

OIPR-
Sd./- District Culture Officer, Sundargarh

## OFFICE OF THE NOTIFIED AREA COUNCIL, KHARIAR

AT/PO-KHARIAR, Dist-NUAPADA, PIN-766107
e-mail:khariarn.hud@ori.nic.in, khariarnac@gmail.com
Letter No.207/NAC KHR Dated 17.01.2026

**1st Corrigendum**

**No.C-2127:** Due to some typographical error the following changes have been made to Tender Call Notice No.134, Dt.13.01.2026.
1. Work Sl.No. 29 of DTCN the Cost of Tender Paper i.e. column No.05 may read as Rs.2000/- instead of Rs.4000/-.
All other terms & condition of above Tender Call Notice are remain unaltered.

OIPR-
Sd./- Executive Officer
NAC, Khariar

## OFFICE OF THE CHIEF CONSTRUCTION ENGINEER DHENKANAL (R&B) CIRCLE, DHENKANAL

**Corrigendum to bid identification No.C.C.E.DKL(R&B)15/2025-26**

**No.B-997:** The bid invited vide Bid Identificaiton No. C.C.E.DKL(R&B) 15/2025-26 vide letter No.83, dt.08.01.2026 has been modified as follows.
1. The Bid document for the above notice will be available in the website: www.tendersodisha.gov.in from Dt.28.01.2026 to 5.00 P.M. of Dt.11.02.2026 for online bidding and shall be opened at 11.00 AM on Dt.12.02.2026.
All other terms and conditions of the above tender call notice will remain unchanged.

OIPR-
Sd./- C.C.E., Dhenkanal (R&B) Circle, Dhenkanal

## OFFICE OF THE PANCHAYAT SAMITI, GAISILET

AT/PO/PS : Gaisilet, Dist. : Bargarh (Odisha), PIN : 768037
E_Mail ID : ori-gaisilet@od.gov.in
No.209/Dt.17.01.2026

**"e"-procurement Notice**
**Bid Identification No. BDO/Gaisilet/03/2025-26**

**No.i-483** : Bid docuemnts consistig of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. www.tendersodisha.gov.in

1. Nature of work : Civil works
2. No. of works : 2
3. Estimated cost : As per NIT
4. Period of completion : As per NIT
5. Date and time of availability of the Documents in the Portal : From 21.01.2026, 11.00 A.M. to 04.02.2026, 5.00 P.M.
6. Last date/time for receipt of Bids in the portal : Dt.04.02.2026 up to 5.00 P.M.
7. Bids received online shall be opened on : Dt.05.02.2026 at 11 A.M.
8. Name and address of the Officer inviting Bid : Block Development Officer, Gaisilet

Further the details can be seen from the procurement Portal www.tendersodisha.gov.in

OIPR-
Sd./- Block Development Officer
Gaisilet

Modal Bidding Document
Government of Odisha
Health and Family Welfare Department,Odisha

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KANDHAMAL

**QUOTATION/TENDER CALL NOTICE**

**Advt. No. 557/2026** **Dated : 17.01.2026**

**No.E-683** : Sealed quotation /tenders are invited from interested reputed Travel Agency/Tour Operator/Private individuals for providing 2(No's) of AC Petrol/ Diesel driven vehicles having sitting capacity not more than 5(five) including driver. Which shall conform to the Terms and Condition (Annexure-I & A) for official use in DHH and SDH of monthly rent basis. The application form of quotation/tender containing general Bid information & Terms and condition for Hiring Vehicles etc.will be available with website (https://kandhamal.odisha.gov.in, the Quotation completed in all respect should reach the undersigned on or before **10.02.2026** by the **5.00 P.M.** through speed post/courier and shall be opened on **12.02.2026 at 11.00 A.M.** in presence of bidder or authorized representatives. The undersigned reserves the right to reject any or all the tender(s) without assigning any reason thereof.

OIPR-
sd./- S.K. Padhi
Chief District Medical & PHO, Kandhamal

## ODISHA HYDRO POWER CORPORATION LTD.

O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA - 768017, DISTRICT : SAMBALPUR (ODISHA)
PHONE : 0663-2950721 (O), 2950765 (R), E-Mail : srgmhps_burla@yahoo.co.in
CIN : U40101OR1995SGC003963
No. HHEP/Tech-WK-121 (Vol-II)/428 Date : 17.01.2026

**TENDER CALL NOTICE NO. HHEP-08/2026**

**No.CAD-3060** : Sealed tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturers/Authorized Dealers / Authorized Distributors / Channel partner only for supply of the following materials as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply of LED Tube Lights and LED Street light fittings to HHEP, Burla as per Tender Specification | Rs. 7080/- (Rs. 6000 + GST @ 18%) | 11020/- |

- Sale of tender paper : **21.01.2026 (10.00AM) to 02.02.2026 upto 05.30PM**
- Receipt of tender paper : **03.02.2026 upto 03.30PM**
- Date & time of opening of tender : **03.02.2026 at 04.00PM**
- Further details like tender documents / terms & conditions (corrigendum / erratum / addendum, if any), please visit our official website www.ohpcltd.com

OIPR-
Sd./- C & P Head,
HHEP, Burla

No.D-

## ODISHA PUBLIC SERVICE COMMISSION, CUTTACK

**1st Corrigendum to Advertisement No.03 of 2025-26 for Recruitment to the Post of Assistant Professor (Broad Speciality) of Government MCHs in the rank of Group-A, under Health & Family welfare Department**

1. The portion of the Advertisement relating to recruitment of **Radio Therapy (MKCG) (01-Post)** and **Radiation Oncology (01-Post)** is hereby cancelled. All the applications with respect to these **02 Disciplines** are also cancelled.
2. **Revised Vacancy Position :**
The revised vacancy position for **22 Disciplines** providing reservation to PwDs is as follows :

| Sl. No. | Name of the Discipline | Bench-mark disabilities that can be included | Total Vacancies | Posts to be reserved for PwD categories |
|---|---|---|---|---|
| (1) | (2) | (3) | (4) | (5) |
| 1. | Anaesthesiology | OL, LC, AAV WITH FULL FUCTIONAL HANDS | 25 | 1 |
| 2. | Anatomy | HH, OL, LC, AAV WITH FULL FUCTIONAL HANDS | 20 | 1 |
| 3. | Bio-chemistry | HH, OL, LC, AAV WITH FULL FUCTIONAL HANDS | 14 | 1 |
| 4. | E.N.T. | OL, LC, AAV WITH FULL FUCTIONAL HANDS | 4 | NIL |
| 5. | F.M. & T | HH, OL, LC, AAV WITH FULL FUCTIONAL HANDS | 5 | NIL |
| 6. | General Medicine | OL, LC, AAV WITH FULL FUCTIONAL HANDS | 21 | 1 |
| 7. | Microbiology | HH, OL, LC, AAV WITH FULL FUCTIONAL HANDS | 11 | NIL |
| 8. | O & G | OL, LC, AAV WITH FULL FUCTIONAL HANDS | 9 | NIL |
| 9. | Ophthalmology | OL, LC, AAV WITH FULL FUCTIONAL HANDS | 12 | NIL |
| 10. | Orthopaedic Surgery | HH | 12 | NIL |
| 11. | Paediatrics | OL, LC, AAV WITH FULL FUCTIONAL HANDS | 16 | 1 |
| 12. | Pathology | HH, OL, LC, AAV WITH FULL FUCTIONAL HANDS | 29 | 2 |
| 13. | Pharmacology | HH, OL, LC, AAV WITH FULL FUCTIONAL HANDS | 13 | 1 |
| 14. | Physiology | HH, OL, LC, AAV WITH FULL FUCTIONAL HANDS | 9 | NIL |
| 15. | Psychiatry | HH, OL, LC, AAV WITH FULL FUCTIONAL HANDS | 8 | NIL |
| 16. | Radio-diagnosis | HH, OL, LC, AAV WITH FULL FUCTIONAL HANDS | 10 | NIL |
| 17. | Community Medicine | HH, OL, LC, AAV WITH FULL FUCTIONAL HANDS | 33 | 2 |
| 18. | Dermatology | HH, OL, LC, AAV WITH FULL FUCTIONAL HANDS | 7 | NIL |
| 19. | General Surgery | OL, LC, AAV WITH FULL FUCTIONAL HANDS | 32 | 2 |
| 20. | T.B. & C.D. | OL, LC, AAV WITH FULL FUCTIONAL HANDS | 6 | NIL |
| 21. | Emergency Medicine | | 11 | NIL |
| 22. | Phy. Medicine & Rehabilitation | | 5 | NIL |
| | | Total | 312 | 12 |

3. The reservation of 12 vacancies in different Disciplines as above are reserved for the candidates having **Permanent Disability of 40% and above**.
4. The vacancies relating to UR, SEBC, SC, ST and Women categories remain unchanged as per Para-02 of the original advertisement.
5. The candidates belonging to Persons with Disabilities shall be adjusted against the categories to which they belong.
6. **Online Applications are invited ONLY from the PwD candidates who were eligible in terms of Age and Educational Qualification as per Para-3 & 4 of the original advertisement as on the last date of submission of Online Application of the said advertisement i.e. 26.06.2025. No application of any other candidates will be entertained and will be outrightly rejected.**
7. The PwD Candidates who have already applied earlier need not apply again.
8. **WRITTEN EXAMINATION:** The Written Examination for all the Disciplines will be held on **22.02.2026 (Sunday)**. The detailed scheduled and examination centres will be notified in due course.
9. All other terms and conditions of Advertisement No. 03 of 2025-26 shall remain unchanged.
10. The link for submission of Online Application shall be available on the website from **27.01.2026 to 03.02.2026 till 05:00 P.M. [ 03.02.2026, 05:00 P.M. is the deadline for submission of Registered Online Application]**.
11. Candidates are advised to visit official website of OPSC for further updates in this regard.

OIPR-
Sd./- Secretary

## DISTRICT PROJECT OFFICE SAMAGRA SIKSHA, MAYURBHANJ

**TENDER CALL NOTICE**

No: 167 Dated: 13.1.2026

**FOR PRINTING OF QUESTION-CUM- ANSWER SHEET, ORAL QUESTION, SCORING KEYS FOR SUMMATIVE ASSESSMENT-II FOR CLASSES -I TO IV AND VI, VII & ANNUAL EXAMINATION FOR CLASSES – V & VIII 2025-26.**

**No.n-237** : Sealed Quotations under two bid systems are invited from registered Offset Printers/firms for Printing, Packing and Supply of Summative Assessment -II (SA-II) for Classes I to IV and VI, VII & Annual Examination for Classes - V & VIII 2026 for Mayurbhanj District. The tender papers/bid documents containing detailed specification with terms and conditions in 2 part bidding ie., application of Technical Bid & application of Financial Bid & the tender paper can be downloaded in the website at www.osepa.odisha.gov.in and www.mayurbhanj.nic.in. Cost Tender processing fees Rs.4000.00 (Rupees Four Thousand) Only (Non-Refundable). The last date & time for submission of sealed tender is 30.01.2026 at 2 pm and the tech bid will be opened on 31.01.2026.

OIPR-
Sd./- Collector-cum-Chairman
SS, Mayurbhanj

## PANCHAYAT SAMITI, BARKOTE : DIST-DEOGARH

No. 259 /Dev. Date 17.01.2026

**TENDER CALL NOTICE**

**No.i-481** : The Block Development Officer, Barkote on behalf of Govt. of Odisha invites sealed tenders for 05 (Five) Nos of work under Panchayat Samiti, Barkote in percentage rate basis (P1). The contractors registered with Government of Odisha/Central Govt. or Contractors equivalent to grade "B", "C" & "D" class of P.W.D. (R&B)/ Water Resource/Rural Works/M.I./C.P.W.D. are eligible to submit the tender paper for following works eventually to be drawn up in P.W.D. F2 form of agreement in conformity with the detailed Tender call Notice.

The other details can be downloaded from district website, i.e. **https://deogarh.odisha.gov.in/**

OIPR-
Sd./- Block Development Officer
Barkote

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE

Order No. 288 Date. 16.01.2026

**Quotation Call Notice No. CCEEC-01/2025-26**

**No.B-996** : The Chief Construction Engineer, Eastern Circle (R&B), Balasore on behalf of the Governor of Odisha invites quotation in single cover (online mode) from the eligible reputed firms/ agencies/ Proprietor for the District level Subhadra Shakti Mela along with Meghasani Music Festival 2026 to be held at Chhau Ground, Baripada from 02.02.2026 to 08.02.2026 ( for 7 days). The interested organizations can download in the e- procurement website i.e.: https://tendersodisha.gov.in and submit their bid documents through online mode only. The details of bid documents will be available in the above website from 11.00 A.M. of 20.01.2026 to 4.00 P.M of 27.01.2026. The bidders must possess compatible Digital Signature Certificate of Class II or III. Quotations received online shall be opened at **4.30 PM of 27.01.2026** in the Office of the Chief Construction Engineer, Eastern Circle (R&B), Balasore. Further details can be seen from the e-procurement portal www.tendersodisha.gov.in.
Any addendum / corrigendum / cancelation of tender can also be seen in the said website only.
The authority reserves the right to cancel the tender/quotation at any time without assigning any reason.

OIPR-
Sd./- Chief Construction Engineer,
